ISSN 2583-9543
VOL. NO. 01, ISSUE NO. 05

REFEREED PEER-REVIEWED JOURNAL

# ବାଗୀଶ

BAGEESHA ● ସେପ୍ଟେମ୍ବର- ଅକ୍ଟୋବର ୨୦୨୩



# ବାଗୀଶ


BAGEESHA

ସମାଲୋଚନାଧର୍ମୀ ପତ୍ରିକା

ISSN 2583-9543 (ONLINE)

ପ୍ରଥମ ବର୍ଷ, ପଞ୍ଚମ ସଂଖ୍ୟା

ସେପ୍ଟେମ୍ବର - ଅକ୍ଟୋବର ୨୦୨୩

Volume No. 01

Issue No. 05

September - October 2023



ଯୋଗାଯୋଗ

ବି.କେ ହାଉସ, ଗ୍ରାଉଣ୍ଡ ଫ୍ଲୋର୍,

ମହିଳା ମହାବିଦ୍ୟାଳୟ ଲେନ୍, ନୟାଗଡ଼

E-mail :

bageesha.magazine@gmail.com

Phone No. 9337166172

Visit Us : www.bageesha.in




॥ ଓମ୍ ଗଣନାଥାୟ ନମଃ ॥

---


ପ୍ରତିଷ୍ଠାତା-ସଂପାଦକ

**ବିକେଶ ସାହୁ**

---

Founder & Editor

**Bikesh Sahu**

Edited and Published

By

**Bikesh Sahu**

At - Bhuslad, Po - Dedhagaon,

P.S - Sindhekela

Dist - Balangir - 767035

## BOARD OF PEERS

**Prof. Das Benhur**
Retired Principal,
S.C.S (Autonomous) College,
Puri

**Prof. B.N Pattnaik**
Retired Prof. of English &
Linguistics,
IIT, Kanpur, India

**Prof. Satya P. Mohanty**
Prof., Department of
English Cornell University,
United States

**Dr. Satyapriya Mahalik**
Associate Professor
Jamshedpur Workers' College
Jamshedpur, Jharkhand

**Dr. Gopinath Bag**
Asst. Professor, Dept. of Odia
Samabalpur University,
Jyoti Vihar, Burla

**Dr. Bijayalaxmi Dash**
Asst. Professor, Dept. of Odia
Revenshaw University,
Cuttack

**Dr. Rabindra Kumar Das**
Asst. Professor, Dept. of Odia
Visva Bharati University,
Shantiniketan


## ABOUT US

- 'Bageesh' is a bi-monthly research and discussion ISSN recognized refereed peer-reviewed journal.
- The special research section of 'Bageesha' publishes research discussions on literature, society, culture, art, history, anthropology, philosophy, science, etc.
- 'Bageesha' has been successful in recent years with a unique approach to make the youth research minded and has also prepared a new framework for the future.
- 'Bageesha' is rich in the following directed sections:

  Essay and Discussion Section: You can submit any basic essay and discussion for this section.
  New Book: For this section, a copy of a recently published book should be sent to our address by the author or publisher. A short informative summary of the received book will be presented in the journal. For this section we have reserved one page of the magazine for each book.
  'Bageesha' Barenya: An interview with a senior critic is published by the editorial team in each issue.

Note: Text must be typed in Odia Unicode. Author's name, full address, e-mail, brief introduction of the author (within 4-5 lines), summary of the article (within 7-8 lines), full text MS-Word File (within 12 characters and 10 pages) etc. through our website. To be sent.

Visit our website www.bageesha.in for details on sending articles and books.

## ସମୀକ୍ଷକ ମଣ୍ଡଳୀ

**ପ୍ରଫେସର ଦାସ ବେନହୁର**
ଅବସରପ୍ରାପ୍ତ ଅଧ୍ୟକ୍ଷ,
ସାମନ୍ତ ଚନ୍ଦ୍ର ଶେଖର (ସ୍ୱ.ଶା) ମହାବିଦ୍ୟାଳୟ,
ପୁରୀ

**ପ୍ରଫେସର ବିବୁଧେନ୍ଦ୍ର ନାରାୟଣ ପଟ୍ଟନାୟକ**
ଅବସରପ୍ରାପ୍ତ ପ୍ରଫେସର, ଇଂରାଜୀ ଓ ଭାଷା
ବିଜ୍ଞାନ ବିଭାଗ, ଆଇ.ଆଇ.ଟି,
କାନପୁର

**ପ୍ରଫେସର ସତ୍ୟ ପ୍ରକାଶ ମହାନ୍ତି**
ପ୍ରଫେସର, ଇଂରାଜୀ ସାହିତ୍ୟ ବିଭାଗ,
କର୍ଣ୍ଣେଲ ବିଶ୍ୱବିଦ୍ୟାଳୟ,
ଆମେରିକା

**ଡ. ସତ୍ୟପ୍ରିୟ ମହାଲିକ**
ସହଯୋଗୀ ପ୍ରଫେସର, ଓଡ଼ିଆ ବିଭାଗ
ଜାମସେଦପୁର ମହିଳା ମହାବିଦ୍ୟାଳୟ,
ଜାମସେଦପୁର, ଝାଡ଼ଖଣ୍ଡ

**ଡ. ଗୋପୀନାଥ ବାଗ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ସମ୍ବଲପୁର ବିଶ୍ୱବିଦ୍ୟାଳୟ,
ବୁର୍ଲା

**ଡ. ବିଜୟଲକ୍ଷ୍ମୀ ଦାଶ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ,
କଟକ

**ଡ. ରବୀନ୍ଦ୍ର କୁମାର ଦାସ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ,
ଶାନ୍ତିନିକେତନ


## ଆମ କଥା

- 'ବାଗୀଶ' ଏକ ଦ୍ୱି-ମାସିକ ଗବେଷଣା ଓ ଆଲୋଚନାଧର୍ମୀ ISSN ସ୍ୱୀକୃତ ରେଫରିଡ୍ ପିଅର ରିଭିଉଡ ଜର୍ଣ୍ଣାଲ (Refereed Peer-Reviewed Jornal) ।
- 'ବାଗୀଶ'ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ, ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ଆଲୋଚନା ପ୍ରକାଶିତ ହୋଇଥାଏ।
- 'ବାଗୀଶ' ଯୁବପିଢ଼ିଙ୍କୁ ଗବେଷଣାମନସ୍କ କରିବା ନିମନ୍ତେ ପ୍ରୟାସ କରିବା ସହ ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି।
- 'ବାଗୀଶ' ନିମ୍ନ ନିର୍ଦ୍ଦେଶିତ ବିଭାଗଗୁଡ଼ିକରେ ସମୃଦ୍ଧ :

**ପ୍ରବନ୍ଧ ଓ ଆଲୋଚନା ବିଭାଗ** : ଏହି ବିଭାଗ ନିମନ୍ତେ ଆପଣ ଯେକୌଣସି ମୌଳିକ ପ୍ରବନ୍ଧ ଓ ଆଲୋଚନା ଦେଇପାରିବେ ।

**ନୂଆ ବହି** : ଏହି ବିଭାଗ ପାଇଁ ସଦ୍ୟ ପ୍ରକାଶିତ ପୁସ୍ତକ ଖଣ୍ଡିଏ ଲେଖକ କିମ୍ବା ପ୍ରକାଶକ ଆମ ଠିକଣାରେ ପଠେଇବାକୁ ହେବ। ପ୍ରାପ୍ତ ପୁସ୍ତକର ଏକ କ୍ଷୁଦ୍ର ସୂଚନାତ୍ମକ ବିବରଣୀ ସହ ଏହାକୁ ପତ୍ରିକାରେ ଉପସ୍ଥାପନ କରାଯିବ। ଏହି ବିଭାଗ ନିମନ୍ତେ ପ୍ରତି ବହି ପାଇଁ ପତ୍ରିକାର ଗୋଟିଏ ଫର୍ଦ୍ଦ ଆମେ ସଂରକ୍ଷିତ ରଖିଛୁ।

**'ବାଗୀଶ' ବରେଣ୍ୟ** : ପ୍ରତି ସଂଖ୍ୟାରେ ସଂପାଦନା ମଣ୍ଡଳୀଙ୍କ ଦ୍ୱାରା ଜଣେ ବରିଷ୍ଠ ସମାଲୋଚକଙ୍କ ସହ ସାକ୍ଷାତକାର ପ୍ରକାଶିତ ହୁଏ।

**ଦ୍ରଷ୍ଟବ୍ୟ** : ଲେଖାଟି ଓଡ଼ିଆ ୟୁନିକୋଡ଼ରେ ଡ଼ିଟିପି ହୋଇଥିବା ଆବଶ୍ୟକ। ଲେଖକ ନାମ, ସଂପୂର୍ଣ୍ଣ ଠିକଣା, ଇ-ମେଲ, ଲେଖକଙ୍କ ସଂକ୍ଷିପ୍ତ ପରିଚୟ ( ୪-୫ ଧାଡ଼ି ଭିତରେ), ଲେଖାର ସାରାଂଶ ( ୭-୮ ଧାଡ଼ି ଭିତରେ ), ସଂପୂର୍ଣ୍ଣ ଲେଖା MS-Word File( ଅକ୍ଷର ଆକାର ୧୨ ଥାଇ ୧୦ ପୃଷ୍ଠା ଭିତରେ ) ଆଦି ଆମକୁ ୱେବସାଇଟ୍ ମାଧ୍ୟମରେ ପଠାଇବାକୁ ହେବ।

ଲେଖା ଓ ବହି ପଠେଇବା ନିମନ୍ତେ ସବିଶେଷ ବିବରଣୀ ପାଇଁ ଆମ ୱେବସାଇଟ୍ www.bageesha.in ପରିଦର୍ଶନ କରନ୍ତୁ।

# ସଂପାଦନା ମଣ୍ଡଳୀ
## EDITORIAL BOARD

ସହ-ସଂପାଦକ
**କନକ ବର୍ଦ୍ଧନ ସାହୁ**

କାର୍ଯ୍ୟନିର୍ବାହୀ ସଂପାଦକ
**ରିତମ୍ ମିଶ୍ର**

### ସଂପାଦନା ଓ କ୍ଷେତ୍ରୀୟ ସଂଯୋଜନା

**ଡ. ବିନ୍ଦୁଲତା ଷଣ୍ଢ**
ଓଡ଼ିଆ ଅଧ୍ୟାପିକା, ନୟାଗଡ଼(ସ୍ୱ.ଶା) ମହାବିଦ୍ୟାଳୟ, ନୟାଗଡ଼

**ସୁଜାତା ସାହାଣି**
ଓଡ଼ିଆ ଅଧ୍ୟାପିକା, ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ, କଟକ

**ତୃପ୍ତିମୟୀ ଭୋଇ**
ଓଡ଼ିଆ ଅଧ୍ୟାପିକା, ଶ୍ରୀଶ୍ରୀଜଗନ୍ନାଥ ମହାବିଦ୍ୟାଳୟ, କୃଷ୍ଣଚନ୍ଦ୍ରପୁର, ଜଗତସିଂହପୁର

**ସଙ୍ଘମିତ୍ରା ଦାସ**
ଓଡ଼ିଆ ଅଧ୍ୟାପିକା, ଚୌଦ୍ୱାର ମହାବିଦ୍ୟାଳୟ, ଚୌଦ୍ୱାର, କଟକ

**ସୁବାସ ଚନ୍ଦ୍ର ଭୋଇ**
ଗବେଷକ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ, କଲିକତା

**ପ୍ରଭାସ ଚନ୍ଦ୍ର ଟୋଲଟିଆ**
ଗବେଷକ, କଳାହାଣ୍ଡି ବିଶ୍ୱବିଦ୍ୟାଳୟ, ଭବାନୀପାଟଣା


# ଆପଣଙ୍କ ଚିଠି

'ବାଗୀଶ'ର ବିଗତ ସଂଖ୍ୟା ବହୁତ ସୁନ୍ଦର ହୋଇଥିଲା। ଏହାର ଲେଖା ଚୟନ ଓ ବିଭାଗ ସଜ୍ଜୀକରଣ ସମକାଳୀନ ଓଡ଼ିଆ ପତ୍ରିକାମାନଙ୍କ ମଧ୍ୟରେ ସ୍ୱତନ୍ତ୍ର। ପତ୍ରିକାଟି ISSN ସ୍ୱୀକୃତ ହୋଇଥିବାରୁ ବାଗୀଶ ପରିବାରକୁ ମୋର ଆନ୍ତରିକ ଶୁଭେଚ୍ଛା। ଏହି ସଂଖ୍ୟାରେ ସ୍ଥାନିତ ସବୁ ଆଲୋଚନା ମୋତେ ଖୁବ୍ ଭଲ ଲାଗିଥିଲା। ଆଲୋଚକମାନଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା। ବିଶେଷ କରି ଏହି ସଂଖ୍ୟାରେ ସ୍ଥାନିତ ପ୍ରଫେସର ନାରାୟଣ ସାହୁଙ୍କ ସାକ୍ଷାତକାର ଖୁବ୍ ହୃଦୟସ୍ପର୍ଶୀ।

ଆଗାମୀ ଦିନମାନଙ୍କରେ ଏହା ଆହୁରି ସମୃଦ୍ଧ ହେବ ଏହି ବିଶ୍ୱାସ ମୋର ଅଛି। ସଂପାଦକଙ୍କୁ ବହୁତ ଶୁଭେଚ୍ଛା।

**--- ସବ୍ୟସାଚୀ ସାହୁ, ଗବେଷକ**

ଅନ୍ୟ ସମସ୍ତ ସଂଖ୍ୟା ଅପେକ୍ଷା ବିଗତ ସଂଖ୍ୟା ମୋତେ ବହୁତ ହୃଦୟସ୍ପର୍ଶୀ ମନେହୋଇଛି। ଏହି ସଂଖ୍ୟାରେ ଲେଖା ସବୁ ବହୁତ ଉପାଦେୟ। ଏହା ସହ 'ନିନାଦ' ବିଭାଗରେ ଉପସ୍ଥାପିତ କବୀ ସଙ୍ଘମିତ୍ରା ଭୁତିଆଙ୍କ କବିତା ବହୁତ ସୁନ୍ଦର ହୋଇଛି। ଏହାର ସବୁ ବିଭାଗ ମୋର ପସନ୍ଦ ହୋଇଛି। ଆଗାମୀ ଦିନରେ ଏହା ଆହୁରି ଭଲ କରିବ ବୋଲି ମୋର ଆଶା।

ଉତ୍ତୋରୋତ୍ତର ଉନ୍ନତି କାମନା ସହ ପୁଣିଥରେ ଶୁଭେଚ୍ଛା ଜଣାଉଛି।

--- ସହଦେବ ବେହେରା, ଅଧ୍ୟାପକ, ନୟାଗଡ଼

ନିଜର ସୁଚିନ୍ତିତ ମତାମତ ଆମକୁ ନିମ୍ନ ଠିକଣାରେ ପଠେଇପାରିବେ।



ମତାମତ ଓ ଯୋଗାଯୋଗ ଦେବାପାଇଁ ଇ-ମେଲ: bageesha.magazine@gmail.com । ବହି ପଠେଇବା ପାଇଁ ଠିକଣା :ବିକେଶ ସାହୁ, ସଂପାଦକ 'ବାଗୀଶ', ବି.କେ ହାଉସ, ଗ୍ରାଉଣ୍ଡ ଫ୍ଲୋର୍, ମହିଳା ମହାବିଦ୍ୟାଳୟ ଲେନ୍, ନୟାଗଡ଼ - ୭୫୨୦୬୯ ।

# ସମ୍ପାଦକୀୟ

ସୁଧୀ ସର୍ଜନମଣ୍ଡଳୀ!  କିଛିକଥା କହିଲେ, କୁଳକୁଟୁମ୍ବକୁ ଲାଜ ଆଉ ନ କହିଲେ କୁଳ ଭାସିଯାଉଛି। 'ବାଗୀଶ'ର ସଂପାଦନା ପରଠାରୁ ମନ ଭିତରର କିଛି କୋହ ଅବଶ୍ୟ ଆପଣମାନଙ୍କୁ କହି ନିଜକୁ କିଛିମାତ୍ରାରେ ଆଶ୍ୱସ୍ତ କରିପାରୁଛି କହିଲେ କଥା ଭୁଲ୍ ହେବ ନାହିଁ। ମୋ ଭଳି ଶିଶୁବୁଦ୍ଧିର ବାଚଳାମିକୁ ସହ୍ୟ କରୁଥିବାରୁ ସମସ୍ତଙ୍କୁ ମୋର ହୃଦୟରୁ କୃତଜ୍ଞତା ଜଣାଉଛି। ଆପଣମାନଙ୍କ ଆଶୀର୍ବାଦ ଓ ଦିଗଦର୍ଶନ ଯୋଗୁଁ ବାଗୀଶ ଆଜି କେଇ ପାଦ ଆଗେଇଛି। ଏ ଯାତ୍ରା ଆହୁରି ଅନେକ ଦୂର, ତେଣୁ ସର୍ବଦା ଆପଣ ସମସ୍ତଙ୍କ ଅନୁରୂପ ସ୍ନେହ ହିଁ ମୋର ଚିରବାଞ୍ଛିତ।

ବନ୍ଧୁଗଣ! କଥାଟି ଛୋଟ।  କିଛିଦିନ ତଳେ ମୋର ଜଣେ ବନ୍ଧୁ ମୋତେ ଫୋନକରି ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ପ୍ରସ୍ତୁତି ହେତୁ କିଛି ପୁସ୍ତକର ପ୍ରସ୍ତାବ ଦେବାପାଇଁ ଅନୁରୋଧ କରିଥିଲେ। ମୁଁ ମଧ୍ୟ ତାଙ୍କ ଅନୁରୋଧ ମୁତାବକ କିଛି ପୁସ୍ତକ ତାଙ୍କ ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ପ୍ରସ୍ତାବ ଦେଇଥିଲି। କାହିଁକି ନା ସେଇ ସବୁ ପୁସ୍ତକ ମୋ ପାଖରେ ପୂର୍ବରୁ ଉପଲବ୍ଧ ଥିଲା। କିଛିଦିନ ପରେ ବନ୍ଧୁ ଜଣକ ମୋତେ ଫୋନ କରି କହିଲେ, ମୋର ପ୍ରସ୍ତାବିତ ବହି ସବୁର ଦାମ ଅଧିକ ହେତୁ ସେ କିଛି ନିତାନ୍ତ ଆବଶ୍ୟକ  ପୁସ୍ତକ କ୍ରୟ କରିପାରିନାହାନ୍ତି। ବନ୍ଧୁଙ୍କ କଥା ଶୁଣି ମୁଁ ପ୍ରଥମେ ଆଶ୍ଚର୍ଯ୍ୟ ହେଲି। କାହିଁକି ନା ସେ ଯେଉଁଯେଉଁ ପୁସ୍ତକର ଦର ଅଧିକ ବୋଲି କହିଥିଲେ ସେଇସବୁ ପୁସ୍ତକ ମୁଁ ଗୋଟିଏ ବର୍ଷ ପୂର୍ବରୁ ହିଁ କିଣିଥିଲି। କିନ୍ତୁ ବନ୍ଧୁ ଜଣକ କହିଥିବା ମୂଲ୍ୟ  ଆଉ ମୋ ପାଖରେ ଉପଲବ୍ଧ ଥିବା ପୁସ୍ତକର ମୂଲ୍ୟ ମଧ୍ୟରେ ୫୦-୧୦୦ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇଥିବା ଲକ୍ଷ୍ୟ କରାଯାଇପାରେ। ଯାହା ଫଳରେ ବନ୍ଧୁ ଜଣକ ପୁସ୍ତକ ନ କିଣି ଫେରି ଆସିଥିବା ମୋତେ ଅତ୍ୟନ୍ତ ଦୁଃଖର ସହ ପ୍ରକାଶ କଲେ। ଅବଶ୍ୟ ଏ ସମସ୍ୟା କେବଳ ତାଙ୍କ ସହ ନୁହେଁ, ଅନେକଙ୍କର। ଅନୁରୂପ ସମସ୍ୟା ନିକଟରେ ମୋର ଜଣେ ଛାତ୍ରୀଙ୍କ ସହ ମଧ୍ୟ ଘଟିଛି। ଯାହା ଶୁଣିବା ପରଠୁ  କିଛିଦିନ ହେବ ମୋ ମନରେ ବାରମ୍ବାର ସେଇ ଗୋଟିଏ ପ୍ରଶ୍ନ ପ୍ରତିଧ୍ୱନିତ ହେଉଛି। ଏମିତି କାର୍ପଣ୍ୟ କାହିଁକି? ଯେଉଁ ବହି ସବୁ ବିଶେଷଭାବେ ଛାତ୍ର ଓ ଗବେଷକଙ୍କ ପାଇଁ ଆବଶ୍ୟକ ସେହି ସବୁ ପୁସ୍ତକର ମୂଲ୍ୟ ନିର୍ଦ୍ଧାରଣରେ ପ୍ରକାଶକମାନଙ୍କ କାହିଁକି ଏ ମନମୁଖୀ ନୀତି? କାହିଁକି ସେଇ ଗୋଟିଏ ପୁସ୍ତକକୁ ବିଭିନ୍ନ ପ୍ରକାଶକ ବିବିଧ ଆଳ ଦେଖାଇ ଚଢ଼ା ଦରରେ ବିକ୍ରି କରୁଛନ୍ତି? ଏ ସବୁ କାହା ସ୍ୱାର୍ଥରେ? ଛାତ୍ରଜୀବନରୁ ଅଦ୍ୟାବଧି ମୁଁ ମଧ୍ୟ ଏମିତି ଅନେକ ସମସ୍ୟାର ସମ୍ମୁଖୀନ ହୋଇଛି। ଯେଉଁ ସବୁ ପୁସ୍ତକ ଶ୍ରେଣୀ ପାଠ୍ୟକ୍ରମ କିମ୍ବା କୌଣସି ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ଉଦ୍ଦିଷ୍ଟ ସେସବୁ ପୁସ୍ତକର ଦରଦାମରେ କାହିଁକି ପ୍ରକାଶକମାନେ ଲଗାମବିହୀନ ହୋଇଯାଆନ୍ତି। ଅବଶ୍ୟ ବର୍ତ୍ତମାନ ପରିସ୍ଥିତିରେ ଉପକରଣମାନଙ୍କର ଦରଦାମରେ ଯଦିଓ କିଛିକାଂଶରେ ବୃଦ୍ଧି ଘଟିଛି।  ଏହା ମୁଁ ସ୍ୱୀକାର କରୁଛି। ତଥାପି ଏ କ୍ଷେତ୍ରରେ ପ୍ରକାଶକମାନେ ଉଦାର ନହେଲେ ଦିନ ଆସିବ ଅନେକ ଛାତ୍ର ମୂଳ ବହିର ମୁହଁ ଦେଖିବାରୁ ବଞ୍ଚିତ ହେବେ।  ତେଣୁ ଏହାର ଏକ ବିହିତ ସମାଧାନ ଯଦି ନିର୍ଣ୍ଣୟ କରା ନଯାଏ ତେବେ ପରିଣାମ ସମ୍ପର୍କରେ  ଆପଣ ସମସ୍ତେ ବେଶ୍ ଭଲ ଭାବେ ଅବଗତ। ତେଣୁ  ଏ କ୍ଷେତ୍ରରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି।

ଶେଷରେ ଆମର ଅନୁରୋଧ ରକ୍ଷା କରି ବରେଣ୍ୟ ସାରସ୍ୱତସାଧକ ତଥା ସମାଲୋଚକ ପ୍ରଫେସର ନଟବର ଶତପଥୀ ମହୋଦୟ 'ବରେଣ୍ୟ ବାଗୀଶ'ର ସାକ୍ଷାତକାର୍ ନିମନ୍ତେ ସଦୟ ଅନୁମତି ଦେଇ କୃତାର୍ଥ କରିଥିବାରୁ ତାଙ୍କୁ ବିଶେଷ କୃତଜ୍ଞତା ଜଣାଉଛି। ଏହି ସଂଖ୍ୟାକୁ ସମୃଦ୍ଧ କରିଥିବା ସମସ୍ତ ବରେଣ୍ୟଙ୍କୁ ଅଭିନନ୍ଦନ ଜଣାଇ ଶୁଭେଚ୍ଛାର ସହ 'ବାଗୀଶ'ର ପଞ୍ଚମ ସଂଖ୍ୟା ଆପଣଙ୍କ ହାତରେ ନିବେଦନ କଲି।




ସଂପାଦକ

BAGEESHA
ବାଗୀଶ

ପ୍ରଥମ ବର୍ଷ, ସଂଖ୍ୟା - ୦୫। ସେପ୍ଟେମ୍ବର-ଅକ୍ଟୋବର ୨୦୨୩
Volume No. 01| Issue No. 05| Sep - Oct 2023
Refereed Peer-Reviewed Jornal

# ଏଇ ସଂଖ୍ୟାରେ




ପ୍ରଚ୍ଛଦ : ବିକେଶ ସାହୁ

[ଚଳିତ ସଂଖ୍ୟା ପ୍ରଚ୍ଛଦର ଚିତ୍ରଶିଳ୍ପୀ ହେଉଛନ୍ତି ସୁଶ୍ରୀ ସିପ୍ରା ମହାପାତ୍ର]



## ପ୍ରବନ୍ଧ ଓ ଆଲୋଚନା

୦୮ ।। ପଦ୍ମଜ ପାଳଙ୍କ ଉପନ୍ୟାସରେ ଭାବଗତ ନୂତନତା
- ଭରଦ୍ୱାଜ ସାହୁ

୧୭ ।। ଓଡ଼ିଆ କବିତାରେ ଆଦିବାସୀ ଜୀବନଚିତ୍ର
- ସୌମ୍ୟଜିତ୍ ପଣ୍ଡା

୨୪ ।। ରାଜନୀତିକ ପୃଷ୍ଠା ଉନ୍ମୋଚନରେ ଓଡ଼ିଆ ଆତ୍ମଜୀବନୀର ଭୂମିକା
- ଡ. ରବୀନ୍ଦ୍ର କୁମାର ପଣ୍ଡା

୩୪ ।। ଓଡ଼ିଆ ସାହିତ୍ୟରେ ଜରାନିବାସର ଭାବାଭାସ
- ଅମିତ କୁମାର ପ୍ରଧାନ

୪୫ ।। 'ପରିକ୍ରମା'ର ପରିଧିରେ ଜୀବନର ଜୟଯାତ୍ରା
- ସ୍ମିତିରଞ୍ଜନ ସେଠୀ

## ସମାଲୋଚନା : ନୂଆ ଫର୍ଦ୍ଦ

୪୯ ।। ୟୁଟୋପିଆବାଦ- "ଡେଷ୍ଟୋପିଆବାଦ" ବନାମ ଶାନ୍ତିବାଦ- ଯୁଦ୍ଧବାଦ ବନାମ ମନୋରଞ୍ଜନ ଦାସଙ୍କ 'ନନ୍ଦିକା କେଶରୀ'
- ଡ. ରବୀନ୍ଦ୍ର କୁମାର ଦାସ

## ସମାଲୋଚନା : ପ୍ରସଙ୍ଗ ନୂଆ

୫୬ ।। 'ଶବ୍ଦସିନ୍ଧୁ' : ଏକ ଆକଳନ
- ଡ. ବିଜୟଲକ୍ଷ୍ମୀ ଦାଶ

## ବାଗୀଶ ବରେଣ୍ୟ

୬୦ ।। ପ୍ରଫେସର ନଟବର ଶତପଥୀଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର

## ବହିକଥା

୬୪ ।। ସୁବ୍ରତ କୁମାର ସେନାପତିଙ୍କ 'କଦମ୍ବବନ'

BAGEESHA
ବାଗୀଶ
ପ୍ରଥମ ବର୍ଷ, ସଂଖ୍ୟା - ୦୫। ସେପ୍ଟେମ୍ବର-ଅକ୍ଟୋବର ୨୦୨୩
Volume No. 01I Issue No. 05I Sep - Oct 2023
Refereed Peer-Reviewed Jornal

# ପଦ୍ମଜ ପାଳଙ୍କ ଉପନ୍ୟାସରେ ଭାବଗତ ନୂତନତା

OPEN ACCESS
https://bageesha.in

■ ଭରଦ୍ୱାଜ ସାହୁ
ଗବେଷକ, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତି ବିହାର, ବୁର୍ଲା

Article Received : 02.09.2023 | Accepted : 25.09.2023 | Published : 25.10.2023

**ସାରାଂଶ**

୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ ଧାରାରେ ଔପନ୍ୟାସିକ ପଦ୍ମଜ ପାଳ ଜଣେ ଅବିସ୍ମରଣୀୟ ପ୍ରତିଭା। ଉଭୟ ଆଙ୍ଗିକ ଓ ଆତ୍ମିକ ଦିଗରୁ ତାଙ୍କ ଉପନ୍ୟାସ ସାହିତ୍ୟର ବିଶେଷ ଖ୍ୟାତି ରହିଛି। ସାମାଜିକ ବାସ୍ତବତା, ପ୍ରେମ, ମନସ୍ତତ୍ତ୍ୱ, ଯୌନ ବାସ୍ତବତା, ରାଜନୀତି, ଶିକ୍ଷା, ଜୀବନ ଦର୍ଶନ, ବୈପ୍ଳବିକ ଚିନ୍ତାଧାରା, ଅସ୍ତିତ୍ୱବାଦୀ ଭାବଧାରା, ମୃତ୍ୟୁ ପ୍ରତି ଦୃଷ୍ଟିଭଙ୍ଗୀ ଆଦି ତାଙ୍କ ଉପନ୍ୟାସର ବିଶିଷ୍ଟ ଦିଗ। ବିଷୟବସ୍ତୁ ଚୟନରେ, ଚରିତ୍ର ଚିତ୍ରଣରେ, ପରିବେଶ ପରିକଳ୍ପନାରେ ତାଙ୍କ ଉପନ୍ୟାସ ସାହିତ୍ୟ ପାଠକକୁ ବାନ୍ଧି ରଖିଥାଏ। ସମାଜର ଜୀବନ ସହିତ ବିବିଧ ସମସ୍ୟାର ସମାଧାନ ତାଙ୍କ ଉପନ୍ୟାସ ସାହିତ୍ୟରେ ଫୁଟି ଉଠିଥାଏ। ଏଣୁ ତାଙ୍କ ସାହିତ୍ୟକୁ ପଠନ କଲେ ଜୀବନକୁ ଜାଣିହୁଏ, ଆଗକୁ ଜୀବନ ବଞ୍ଚିବାର ମାର୍ଗଦର୍ଶନ ମିଳେ ।

୧୯୮୦ ପରବର୍ତ୍ତୀ କଥା ସାହିତ୍ୟ ଜଗତରେ ପଦ୍ମଜ ପାଳ ଜଣେ ଅବିସ୍ମରଣୀୟ ପ୍ରତିଭା। ତାଙ୍କ ସମଗ୍ର ବୃତ୍ତିଗତ ଜୀବନ ଶିକ୍ଷା କ୍ଷେତ୍ରରେ ଦର୍ଶନ ବିଭାଗର ଅଧ୍ୟାପକ ଭାବରେ ଅତିବାହିତ ହୋଇଥିଲେ ବି କଳା, ସାହିତ୍ୟ ପ୍ରତି ଥିଲା ତାଙ୍କର ବିଶେଷ ଆକର୍ଷଣ। ଗଳ୍ପ ଅପେକ୍ଷା ଉପନ୍ୟାସ କ୍ଷେତ୍ରରେ ତାଙ୍କର ସିଦ୍ଧି ଓ ସାଧନା ଅଧିକ ପ୍ରଶଂସନୀୟ। ଅଦ୍ୟାବଧି ତାଙ୍କର ୧୮ ଗୋଟି ଉପନ୍ୟାସ ପ୍ରକାଶିତ ହୋଇଅଛି ଯଥା: 'ଦୁର୍ଗ ପତନର ବେଳ', ' ଆମ ସମୟର ଦୁଃଖ', 'ଯିବୁ କି ଥିବୁ', 'ପାପ ପରି ନିଜର', 'ଜରା ନିବାସ' 'ଛାଇ ଲେଉଟାଣି', 'ଗଣ୍ଡ ଭୈରବ', 'ପଣ୍ଡୁରଙ୍ଗୀ ନିବାସ', 'ଓୟେ ପୁଅମା', 'ମାମୁଁଘର ଚଉଁରୀ', 'ଅପଦେବତା', 'ଗହ୍ୱର', 'ଆକ୍ରାନ୍ତ ୩୪", 'ମୁହୂର୍ତ୍ତେ ମାତ୍ର', 'ଯାତ୍ରା ଡ଼ଟ୍ କମ୍", 'ଗାନ୍ଧି ଛକରୁ ଟିକିଏ ଆଗକୁ', 'ପ୍ରତିଦ୍ୱନ୍ଦ୍ୱୀ', 'ହାଏ ମୁନି, କେମିତି ଅଛ' ଇତ୍ୟାଦି। ମଣିଷର ଦୈନନ୍ଦିନ ଜୀବନରେ ଘଟୁଥିବା ଘଟଣା, ସାମ୍ନା କରୁଥିବା ସମସ୍ୟାକୁ ନେଇ ତାଙ୍କ ଉପନ୍ୟାସର କଥାବସ୍ତୁ ପରିକଳ୍ପିତ। ସମାଜରେ ପ୍ରଚଳିତ ବିବିଧ ପ୍ରଥା : ପରଂପରା, ଅନ୍ଧବିଶ୍ୱାସ, କୁସଂସ୍କାର ତଥା ସ୍ୱାସ୍ଥ୍ୟ, ଶିକ୍ଷା, ସଂସ୍କୃତି, କୃଷି-କୃଷକ ସମସ୍ୟା, ବେକାରୀ ସମସ୍ୟା, କଳୁଷିତ ରାଜନୀତିର ଅକପଟ ଚିତ୍ର ଆଦି ତାଙ୍କ ଉପନ୍ୟାସକୁ ଜୀବନ୍ତ କରିଛି। ସାଂପ୍ରତିକ ମଣିଷର ଯୌନ ପ୍ରବଣତା ଓ ଅସ୍ତିତ୍ୱବାଦୀ ଦର୍ଶନ ସହିତ ସାମାଜିକ ବାସ୍ତବତା, ପ୍ରେମତତ୍ତ୍ୱ, ମନସ୍ତତ୍ତ୍ୱ, ମୃତ୍ୟୁଚେତନା ପ୍ରଭୃତି ତାଙ୍କ ଉପନ୍ୟାସର ବିଶିଷ୍ଟ ଦିଗ। ବିଷୟବସ୍ତୁ ଚୟନରେ ଚମତ୍କାରିତା, ଚରିତ୍ର ଚିତ୍ରଣରେ ସ୍ୱାଭାବିକତା, ଗ୍ରାମ-ସହର ଭିତ୍ତିକ ପରିବେଶ ଓ ମାର୍ଜିତ ଭାଷାଶୈଳୀ ଯୋଗୁଁ ତାଙ୍କ ଉପନ୍ୟାସଗୁଡ଼ିକ ବେଶ୍ ପ୍ରସିଦ୍ଧ। ସୁତରାଂ ତାଙ୍କ ପରି ଜଣେ କ୍ରାନ୍ତିକାରୀ ସ୍ରଷ୍ଟାଙ୍କର ଉପନ୍ୟାସ ସାହିତ୍ୟକୁ ଆଲୋଚନାର ପରିସରଭୁକ୍ତ କରାଯାଇପାରେ ।

'ଦୁର୍ଗ ପତନର ବେଳ'(୧୯୮୮) ଉପନ୍ୟାସଟି କଥାକାର ପଦ୍ମଜ ପାଳଙ୍କ ପ୍ରଥମ ତଥା ସଫଳ ସାମାଜିକ ଉପନ୍ୟାସ। କୃଷି ଭିତ୍ତିକ, ରାଜନୈତିକ ତଥା ପଲ୍ଲୀ ଜୀବନର ପରିବେଶକୁ ଆଧାର କରି ଉପନ୍ୟାସଟି ଗତିଶୀଳ। ଯେଉଁଥିରେ ଗରିବ କୃଷକମାନଙ୍କର ଦୁର୍ଦ୍ଦଶା, ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତି, ରାଜନୈତିକ କଳହ ଆଦି ଯୋଗୁଁ ସରଳ ଗ୍ରାମ୍ୟ ଜୀବନ ଭୁଷୁଡ଼ି ପଡୁଥିବାର ଚିତ୍ର ବର୍ଣ୍ଣିତ ହୋଇଛି। ଔପନ୍ୟାସିକ ଉପନ୍ୟାସ ସଂପର୍କରେ ଏହି ପ୍ରସଂଗରେ ସ୍ୱୟଂ ମତ ଦେଇ ଲେଖିଛନ୍ତି – "ଏହା ମୋର ପ୍ରଥମ

ଉପନ୍ୟାସ। ଲେଖିବାକୁ ଅନେକ ସମୟ ନେଇଛି, ଏହାର କାହାଣୀ, କାହାଣୀକୁ ବହନ କରିଚାଲିଥିବା ମଣିଷମାନେ ସମସ୍ତେ ମୋ ଆଖି ଆଗର, ମୋ ପ୍ରତ୍ୟକ୍ଷ ଅନୁଭୂତିର ଅନ୍ତରଙ୍ଗ ପରିଜନ ଓ ପରିପ୍ରକାଶ। ମୁଁ ସେମାନଙ୍କୁ ରଙ୍ଗୀନ କରିନି – ସେମାନେ ସେମାନଙ୍କ ସ୍ୱାଭାବିକ ଛନ୍ଦରେ ଏଠି ଆବଦ୍ଧ। କାହାଣୀ ପାଇଁ ବି ମୁଁ ତାଙ୍କୁ ବିକଳାଙ୍ଗ ବା ପୂର୍ଣ୍ଣାଙ୍ଗ କରିବାକୁ ଚେଷ୍ଟା କରିନି। କେବଳ ପରଂପରା ତଥା ରାଜନୀତିକ ଧାରା ଭିତରେ ଯେତିକି ଅସହାୟ, ଶୋଷିତ ସେତିକି ଦେଖାଇବାକୁ ଚେଷ୍ଟା କରିଛି। ସେମାନଙ୍କୁ ଭଲପାଇ ସମ୍ବେଦନଶୀଳ ହୋଇ ସେମାନଙ୍କ ଜୀବନର ବିକାଶ ଓ ଉନ୍ନତି କାମନା କରିଛି ମାତ୍ର ।"(୧) ଦୁର୍ଗ ପତନର ବେଳ ଉପନ୍ୟାସଟିରେ ବୈପ୍ଳବିକ ଚିନ୍ତାଧାରା ଫୁଟି ଉଠିଛି। ଯେଉଁଥିରେ ନାୟକ ସତ୍ୟ ଚରିତ୍ର ଏକ ସାମାଜିକ ଶକ୍ତି। ସତ୍ୟ ଚରିତ୍ର ମାଧ୍ୟମରେ କିଛି ଶିକ୍ଷିତ ଯୁବକ ଓ ଯୁବତୀମାନଙ୍କୁ ନେଇ ସମାଜରେ ସଂକୀର୍ଣ୍ଣ ବିଚାରବୋଧର ପରିସମାପ୍ତି ପାଇଁ ଜାତି ପ୍ରଥା, ଯୌତୁକ ପ୍ରଥା ଓ ଅନ୍ଧବିଶ୍ୱାସ କୁସଂସ୍କାର ଆଦି ପାରମ୍ପରିକ ପ୍ରଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରାଯାଇଛି ଦ୍ୱିତୀୟ ପର୍ଯ୍ୟାୟରେ କୃଷକ ଓ ଶ୍ରମିକର ନ୍ୟାୟ ପାଇଁ ଚାଷୀ-ମୂଲିଆ –ମୁକ୍ତି –ଦିଶା ନାମକ ସଂଗଠନ ଜରିଆରେ କୃଷକ ଓ ଶ୍ରମିକମାନଙ୍କ ଅଧିକାରକୁ ଫେରାଇ ଆଣିବା ପାଇଁ ସ୍ୱର ଉତ୍ତୋଳନ କରି ଚାଷୀକୁ ଜାତୀୟକରଣ କରିବାର ପ୍ରୟାସ କରାଯାଇଛି। ଜିତେନ୍ଦ୍ର ନାରାୟଣ ପଟ୍ଟନାୟକଙ୍କ ମନ୍ତବ୍ୟକୁ ଉଦ୍ଧାର କରାଯାଇପାରେ "ପଦ୍ମଜ ପାଳ ଜଣେ ପ୍ରମୁଖ ସମସାମୟିକ ଓଡ଼ିଆ ଔପନ୍ୟାସିକ ଭାବରେ ପରିଗଣିତ। ୧୯୮୮ରେ ପ୍ରକାଶିତ ତାଙ୍କର ପ୍ରଥମ ଉପନ୍ୟାସ 'ଦୁର୍ଗ ପତନର ବେଳ'ରେ ଲେଖକଙ୍କ ଦୃଷ୍ଟିରେ ଏକ ଆଦର୍ଶ ସମାଜର ଚିତ୍ର ଅଙ୍କିତ ହୋଇଛି। ଯେଉଁଠି କୃଷକ ତା'ର ହକ୍ ପାଉଥିବ, ରାଜନୀତିଜ୍ଞମାନେ ଛଳନା ଓ ଦୁର୍ନୀତି ମୁକ୍ତ ହୋଇଥିବେ, ନାରୀମାନେ ଉତ୍ପୀଡ଼ନ କବଳରୁ ମୁକ୍ତ ଥିବେ। ଉପନ୍ୟାସର ନାୟକ ସତ୍ୟ ମିଶ୍ର କୃଷକମାନଙ୍କର ଏକ ସଂଗଠନ ପ୍ରତିଷ୍ଠାକରି ଶୋଷଣ ବିରୁଦ୍ଧରେ ଲଢ଼େଇ କରେ। ଏହି କାହାଣୀରେ ଦୁର୍ଗ ହେଉଛି ଉତ୍ପୀଡ଼ନ ଏବଂ ସାମାଜିକ ବିଭେଦର ପ୍ରତୀକ। ସତ୍ୟ ଏହି ଦୁର୍ଗ ଅଧିକାର ଲାଗି ଚେଷ୍ଟା କରେ। ଉପନ୍ୟାସର ପ୍ରଥମ ଭାଗରେ ସୁମନପୁର ଗ୍ରାମବାସୀଙ୍କର ଦାରିଦ୍ର୍ୟ ଓ ଦୁର୍ଦ୍ଦଶା ବର୍ଣ୍ଣିତ ଏବଂ ଦ୍ୱିତୀୟ ଭାଗରେ ପ୍ରତିରୋଧର ରାଜନୀତି ସ୍ଥାନ ପାଇଛି ।"(୨)

ପଦ୍ମଜ ପାଳଙ୍କ ରଚିତ 'ଆମ ସମୟରେ ଦୁଃଖ'(୧୯୮୯) ଦ୍ୱିତୀୟ ସଫଳ ସାମାଜିକ ଉପନ୍ୟାସ। ଉପନ୍ୟାସଟିରେ ସାମ୍ପ୍ରତିକ ସମାଜରେ ପ୍ରେମ, ବେକାରୀ, ଦୁର୍ନୀତି ଓ ରାଜନୀତି ବଡ଼ ସମସ୍ୟା ରୂପେ ପ୍ରକଟିତ ହୋଇଛି। ଏହି ସାଂପ୍ରତିକ ମଣିଷର ଚିନ୍ତା ଚେତନା, ପରସ୍ପର ମଧ୍ୟରେ ବନ୍ଧୁତା ଥିବା ସତ୍ତ୍ୱେ ସ୍ୱାଧୀନକାମୀ ଯୁବକଙ୍କ ସଂପର୍କହୀନତା ପରି ବିଷୟକୁ ନେଇ ଉପନ୍ୟାସଟି ରଚିତ। ଏହି ଉପନ୍ୟାସରେ ଚାରି ବନ୍ଧୁ, ଅଥଚ ସଂପର୍କହୀନ ଚାରୋଟି ମଣିଷ। ପ୍ରକୃତରେ ଏହି ଛଳନାତ୍ମକ ସଂପର୍କ ହିଁ ସାଂପ୍ରତିକ ସମୟର ଦୁଃଖ। ବୈଷ୍ଣବ ଚରଣ ସାମଲଙ୍କ ମତରେ 'ଆମ ସମୟର ଦୁଃଖ ହିଁ କାହାରିକୁ ବିଶ୍ୱାସ ନ କରିବାର ଯନ୍ତ୍ରଣା, କାହାରି ଉପରେ ନିର୍ଭରକରି ନ ପାରିବାର ଶୋଚନୀୟତା। ଏହି ସଂପର୍କହୀନତା ଜୀବନର ଚିତ୍ର ଓ ସମୂହ ଜୀବନ ଧାରାରୁ ବିଚ୍ଛିନ୍ନହୋଇ ପଡୁଥିବା ମଣିଷର ବ୍ୟଥା ଓ ବ୍ୟର୍ଥତା ଏବଂ ତଜ୍ଜନିତ ଉତ୍‌କ୍ଷିପ୍ତତା ୧୯୭୫ ମସିହା ପରବର୍ତ୍ତୀ ପ୍ରାୟ ପଚିଶ ବର୍ଷର ଉପନ୍ୟାସରେ ଉପଲବ୍ଧ।"(୩) ଔପନ୍ୟାସିକ ଉପନ୍ୟାସଟିରେ ଚରିତ୍ରମାନଙ୍କୁ ସାମାଜିକ ନିୟମ ବନ୍ଧନଦ୍ୱାରା ବାନ୍ଧିନାହାନ୍ତି। ସମାଜର ପାରମ୍ପରିକ ରକ୍ଷଣଶୀଳତାର ଗତାନୁଗତିକ ଧାରାରୁ ବାହାରି ନିଜସ୍ୱ ଅନୁଭବ ଓ ଅନୁଭୂତିରୁ ଚରିତ୍ରର ଚାରିତ୍ରିକ ବିଶ୍ଳେଷଣ କରିଛନ୍ତି। ଉପନ୍ୟାସରେ ଚାରି ବନ୍ଧୁ ଯଦୁ, ମଧୁ, ରାମ, ଶ୍ୟାମା ଭିତରେ ବିରୋଧାଭାସ ଦେଖିବାକୁ ମିଳେ। ଭିନ୍ନ-ଭିନ୍ନ ପଥର ଅନୁଗାମୀ ଚାରି ବନ୍ଧୁ ସମାଜର ଲୋକନିନ୍ଦା ଅପବାଦକୁ ଖାତିର ନ କରି ଅପଥେ ଯାଇ ହୀନ ବାସ୍ତବତାର ଶିକାର ହୋଇଛନ୍ତି। ଯଦୁନାଥ ଏବଂ ମଞ୍ଜୁଙ୍କର ପ୍ରେମ ଜାତିଗତ ପ୍ରଭେଦ ହେତୁ ସାମାଜିକ ସ୍ୱୀକୃତି ନ ମିଳିବା ଓ ଯେଉଁ ସାଙ୍ଗମାନେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ, ସେମାନେ ମଞ୍ଜୁକୁ ଅତ୍ୟାଚାର କରିଛନ୍ତି। ସେହିପରି ମଧୁ ପଣ୍ଡା ଜଣେ କପଡ଼ା ବ୍ୟବସାୟୀ। ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ନିଜ ଭାଉଜ ଓ ଭାଇଙ୍କ ଠାରୁ ଦୂରରେ ରହି, ନିଜର ବେହିସାବୀ ଖେୟାଲି ଯୋଗୁଁ ପିତୃଦତ୍ତ କଟ ପିସ୍ ଦୋକାନଟିକୁ ହରାଇ, ବୃହତ୍ ଶିଳ୍ପ ପ୍ରତିଷ୍ଠାର ସ୍ୱପ୍ନ ଦେଖି , ଶେଷରେ ନୈରାଶ୍ୟ ଜନକ ଭାବେ ବିଫଳ ହୋଇଛି। ରାମ ମହାନ୍ତି ଜଣେ ଅଶ୍ଳୀଳ ସିନେମା କ୍ୟାସେଟର ଚୋରା ବେପାରୀ। ବାପା ନିରଞ୍ଜନ ମହାନ୍ତି ଜଣେ ଏକଜିକ୍ୟୁଟିଭ୍ ଇଂଜିନିୟର ସମାଜରେ ଯାହାର ସମ୍ମାନ ଅଛି ଅଥଚ ପୁଅ ରାମ ମହାନ୍ତି ପିତା-ମାତାର ପ୍ରେମହୀନ ଦେହ କ୍ଷୁଧାର ପାଗଳାମି ଭିତରୁ ଜନ୍ମ ହୋଇ କଳା ଟଙ୍କାଦ୍ୱାରା

ଲାଳିତ-ପାଳିତ ବୋଲି କହି ବାରମ୍ବାର ଦୋଷ ଦେଉଛି ନିଜ ପାରିବାରିକ ପରିବେଶକୁ। ବ୍ଲୁ ଫିଲ୍ମ କାରବାରରେ ଲିପ୍ତ ହୋଇ କଳୁଷିତ ବୃତ୍ତିରେ ଦିଗଭ୍ରାନ୍ତ କରୁଛି ଯୁବ ସମାଜକୁ। ସ୍ୱାଧୀନତା ସଂଗ୍ରାମୀଙ୍କ ପୁଅ ଶ୍ୟାମାକାନ୍ତି ଦାସ ରାଜନୀତି ପ୍ରତି ଅନୁରାଗୀ ଆଦର୍ଶବାଦୀ ଯୁବକ। ସମାଜରେ ଅବହେଳିତ ଗୋଷ୍ଠୀଙ୍କ ସେବାରେ ନିଜକୁ ଉତ୍ସର୍ଗ କରିବାକୁ ଚାହୁଁଥିବା ଶ୍ୟାମାର ମୋହଭଙ୍ଗ ଘଟିଛି ଯେତେବେଳେ ତା'ର ବାପା ତା'ର ରାଜନୈତିକ ଭବିଷ୍ୟତ ଲାଗି ନୈତିକ ମୂଲ୍ୟବୋଧ ସହିତ ସାଲିସ କରିଛନ୍ତି। 'ଆମ ସମୟର ଦୁଃଖ ଏକ ବାସ୍ତବବାଦୀ ଉପନ୍ୟାସ ଯେଉଁଥିରେ ସାମ୍ପ୍ରତିକ ଯୁବ ସମାଜ ଭିତରେ ମୂଲ୍ୟବୋଧର ଚରମ ଅବକ୍ଷୟ ତଥା ଅର୍ଥ ଏବଂ କ୍ଷମତା ପ୍ରତି ମୋହଗ୍ରସ୍ତତାର ଜୀବନ ଚିତ୍ର ଉପସ୍ଥାପିତ ହୋଇଛି। ଯେପରି ଏମାନେ ମଣିଷ ଜୀବନର କାହାଣୀ ଓ ବଞ୍ଚି ରହିବାର ନିରର୍ଥକତାର ଇତିବୃତ୍ତ। ଜୀବନକୁ ଏକ ଚ୍ୟାଲେଞ୍ଜ ଭାବରେ ଗ୍ରହଣ କରି ପୃଥିବୀର ନିଷିଦ୍ଧ ଫଳ ଖାଇବା ପାଇଁ ସତେ ଯେମିତି ଏମାନେ ଶପଥ ନେଇଛନ୍ତି। ଲେଖକଙ୍କ ଭାଷାରେ "ରାସ୍ତା ଉପରେ ହାତେ ମାପି ଚାଖଣ୍ଡେ ଚାଲୁଥିବା ଲୋକମାନଙ୍କ ପାଇଁ– ସେମାନେ ଥିଲେ ଗୋଟିଏ ଗୋଟିଏ ବ୍ୟତିକ୍ରମ। ବୁଦ୍ଧିଜୀବୀମାନେ ସେମାନଙ୍କୁ କହୁଥିଲେ ବିଶୃଙ୍ଖଳିତ ଯୁବ ଶକ୍ତି। ମହାଚେତା ଧାର୍ମିକ ସଂପ୍ରଦାୟ ଆକ୍ଷେପ କରୁଥିଲା – ବର୍ଣ୍ଣ ଶଙ୍କର ଏମାନେ। ସମାଜ କହୁଥିଲା ଅସାମାଜିକ।"(୪)

'ଯିବୁ କି ଥିବୁ'(୧୯୯୪) ଏକ ଜୀବନ ଦର୍ଶନ ସମ୍ପର୍କିତ ଉପନ୍ୟାସ। ଜୀବନକୁ ଖୋଜିବାପଣ ଓ ଜୀବନ ଅନ୍ୱେଷଣ ଏହାର ମୁଖ୍ୟ ପ୍ରସଙ୍ଗ। ଉପନ୍ୟାସର କେନ୍ଦ୍ରିୟ ଚରିତ୍ର ଶମ୍ଭୁ ଜଣେ ଭାରାକ୍ରାନ୍ତ ମଣିଷ। ପ୍ରଫେସର ମନୋରଞ୍ଜନ ପ୍ରଧାନଙ୍କ ମତରେ "ଯିବୁ କି ଥିବୁ' ଉପନ୍ୟାସଟି ଜଣେ ଭାରାକ୍ରାନ୍ତ ମଣିଷର କାହାଣୀ। ଉପନ୍ୟାସର ନାୟକ ଶମ୍ଭୁ ପିଲା ଦିନରୁ ଅସ୍ଥିର, ଉଦ୍ବେଳିତ ଜୀବନ ବିତାଇ ଆସିଛି। ସବୁବେଳେ ତା'ର କେଉଁ ଅଜଣା ଇଲାକାକୁ ପଳେଇବାକୁ ଇଚ୍ଛା। ଯେଉଁଠି ସେ ଖୋଜି ପାଇବ ଜୀବନର ମୂଲ୍ୟବୋଧ, ଜୀବନ ସଂକ୍ରାନ୍ତୀୟ କିଛି ପ୍ରଶ୍ନର ଉତ୍ତର। ଶମ୍ଭୁ ଜୀବନରେ ଘଟଣା ଚକ୍ରରେ ଆସିଛନ୍ତି ତିନିଜଣ ନାରୀ ଚରିତ୍ର ଏମାନଙ୍କୁ ଉପନ୍ୟାସର ନାୟିକା ଭାବରେ ଗ୍ରହଣ କରାଯାଇପାରେ। ମଞ୍ଜରୀ, ସରସ୍ୱତୀ, ଈଶା ତିନିହେଁ ଶମ୍ଭୁଙ୍କୁ ବିଭିନ୍ନ ସମୟରେ ଭଲପାଇଛନ୍ତି। କେବଳ ଭଲପାଇଛନ୍ତି ତାହା ନୁହେଁ ଶମ୍ଭୁ କିପରି ସୁନ୍ଦର ସାଂସାରିକ ଜୀବନ ବିତାଇ ପାରିବ, ସେଥିପାଇଁ ପରାମର୍ଶ ମଧ୍ୟ ଦେଇଛନ୍ତି ।"(୫) ସାଙ୍ଗ ହାତରେ ଗର୍ଭବତୀ ପତ୍ନୀର ଦାୟିତ୍ୱ ଦେଇ ସଂସାର ବିମୁଖ ଶମ୍ଭୁ ଚାଲିଯାଉଛି ଘରଛାଡ଼ି। ତା' ମାଧ୍ୟମରେ ଔପନ୍ୟାସିକ ବାର୍ତ୍ତା ଦେବାକୁ ଚାହିଁଛନ୍ତି ଯେ - ଯିବି। ଥିବି ପାଇଁ ଏ ପୃଥିବୀଟା ନୁହେଁ। ଥିବାଟା ଅଳ୍ପ ସମୟ ପାଇଁ। ଯିବାରେ ଯେଉଁ ବ୍ୟାପ୍ତିର ସମ୍ଭାବନା ଅଛି, ଥିବାରେ ଅଛି କି ?"(୬) - ତାହା ହିଁ ଉପନ୍ୟାସର ମୁଖ୍ୟ ଥିମ୍ ।

'ପାପ ପରି ନିଜର'(୧୯୯୫) ପଦ୍ମଜ ପାଳଙ୍କ ଏକ ଯୌନତତ୍ତ୍ୱ ଆଧାରିତ ମନସ୍ତାତ୍ତ୍ୱିକ ଉପନ୍ୟାସ। ସୁବର୍ଣ୍ଣ ମେହେଟ୍ଟା ଓ ସୋମନାଥ ମିଶ୍ର ଉଭୟଙ୍କ ଯୌନ ଜୀବନ ସମ୍ପର୍କିତ ମନସ୍ତତ୍ତ୍ୱ ହିଁ ଉପନ୍ୟାସଟିର ବର୍ଣ୍ଣିତ ବିଷୟ। ଉପନ୍ୟାସର ନାୟିକା ସୁବର୍ଣ୍ଣ ଜଣେ ବିଦେଶିନୀ। ସେ ଅନୁଭବ କରିଛି ଯେ ଯୌନତାକୁ ଛାଡ଼ିଦେଲେ ମଣିଷ ସମାଜକୁ ବୁଝିହେବ ନାହିଁ ଏବଂ ମଣିଷ ଜୀବନ ଅଧିକ କ୍ଷତିଗ୍ରସ୍ତ ହେବ। ଏଥିପାଇଁ ଉପନ୍ୟାସରେ ସୁବର୍ଣ୍ଣ ଯୌନତାକୁ ନେଇ ଆମ ଭିତରେ ଥିବା ସଂକୁଚିତ ଚିନ୍ତାଧାରାକୁ ମୁକ୍ତ କରିବା ପାଇଁ ଚାହିଁଛି। କାରଣ ପାପ ପରି ଯୌନତା ମଧ୍ୟ ଆପଣାର ବିଷୟଟି। ଯୌନତାର ଜୀବନ ପରିପୂର୍ଣ୍ଣର ଜୀବନ। ଏଥିରୁ କେହି ନିସ୍ତାର ପାଇ ପାରି ନାହାଁନ୍ତି। ହିଂସା, ଦ୍ୱେଷ, ପାପବୋଧ ତଥା ସମସ୍ତ ନକାରାତ୍ମକ ଓ ପ୍ରତିକୂଳ ବ୍ୟବସ୍ଥା ସତ୍ତ୍ୱେ ମଣିଷ ନିଜ ଇଚ୍ଛାରେ ଜୀବନଟିଏ ବଂଚିବାକୁ ଚାହେଁ। ଏହି ମର୍ମରେ ଶିକ୍ଷିତ ଯୁବକ ସୋମନାଥ ମିଶ୍ର ଓ ଯୁବତୀ ସୁବର୍ଣ୍ଣ ମେହେଟ୍ଟାଙ୍କ ଜୀବନ କାହାଣୀ ହିଁ 'ପାପ ପରି ନିଜର'। ସେମାନଙ୍କ ଉଭଟ ଚିନ୍ତା ଚେତନା ସାଂପ୍ରତିକ ଯୁବପିଢ଼ିର କାର୍ଯ୍ୟକଳାପର ପ୍ରତିନିଧିତ୍ୱ କରେ। ଉପନ୍ୟାସର କାହାଣୀ ଏହିପରି ଦିଲ୍ଲୀରୁ ଆସି ଓଡ଼ିଶାରେ ଫଟୋ ଉଠେଇଥିବା ଜର୍ନାଲିଷ୍ଟ ମେହେଟ୍ଟା ଆକସ୍ମିକ ଭାବରେ ହରିଶଙ୍କର ପାହାଡ଼ ପାଖରେ ସୋମନାଥକୁ ଆବିଷ୍କାର କରି, ତା ସହିତ ସମ୍ପର୍କ ବଢ଼ାଇଛି। ପରେ ସୋମନାଥକୁ ସଂକେତ ନାଚୁରା ଭାବରେ ପୁରୀ ସମୁଦ୍ର କୂଳରେ ଉଲଗ୍ନ ଫଟୋ ଉଠାଇ ପ୍ରସିଦ୍ଧ ମିସେଲଫ ପତ୍ରିକାରେ ପ୍ରକାଶ କରିଛି। ଏଇ ଅବସରରେ ସୋମନାଥ ସୁବର୍ଣ୍ଣକୁ କରିଛି ଧର୍ଷଣ। ସୁବର୍ଣ୍ଣ ଏହାକୁ ଆନନ୍ଦରେ ଗ୍ରହଣ କରି ହୋଇଛି ଗର୍ଭବତୀ। ଏହି ଘଟଣା ପରେ ସୋମନାଥ ନିଜର ଅସ୍ତିତ୍ୱ ହଜାଇ ସଂପୂର୍ଣ୍ଣ ଭାବରେ ପାଲଟି ଯାଇଛି ସଂକେତ ନାଚୁରା। ଗୋଟିଏ ଛୋଟ ଝିଅକୁ ଧର୍ଷଣ କରି ଜେଲ ଯାଇଛି। ପରିଶେଷରେ ସୁବର୍ଣ୍ଣ ତା ପାଇଁ ଦୁଃଖ କରିଛି ଏବଂ ଉପଲବ୍ଧି କରିଛି ଯେ ସେ ତା ନିଜର ପାପ ଭଳି ଅନ୍ତରଂଗ। ସୋମନାଥର

ଭୟଙ୍କର ରୂପ ଦେଖି ସୁବର୍ଣ୍ଣ ଚିତ୍କାର କରି କହୁଛି – "ମୋତେ ଛାଡ଼ିଦିଅ ସଂକେତ ନାଚୁରା ପାଖରେ। ତାକୁ ଛାଡ଼ି ମୁଁ ବଞ୍ଚିପାରିବି ନାହିଁ। ସେ ମୋର ନିଜ ରୂପ। ମଣିଷର ପାପ ରୂପ। ତାକୁ ଛାଡ଼ି କେହି ବି ବଞ୍ଚି ପାରିବେ ନାହିଁ ।"(୭) ବାସ୍ତବରେ ନାରୀ ପୁରୁଷ ମଧ୍ୟରେ ଯେଉଁ ଉଚ୍ଚାଟ ଯୌନ ଆକର୍ଷଣ ସୃଷ୍ଟି ହୁଏ ତାହାର ଏକ କଳାତ୍ମକ ଉପସ୍ଥାପନା ହେଉଛି 'ପାପ ପରି ନିଜର' ଉପନ୍ୟାସ।

'ଗଣ୍ଡ-ଭୈରବ'(୧୯୯୮)ର କଥାବସ୍ତୁ ହରିପ୍ରିୟା ଓ ନିତ୍ୟାନନ୍ଦ ମଧ୍ୟରେ ପୁତ୍ରକୁ ନେଇ ଘଟୁଥିବା ମାନସିକ ପ୍ରକ୍ରିୟାକୁ ନେଇ ରଚିତ। ଏଠି ପୁତ୍ରର ମୃତ୍ୟୁର କାରଣ ସ୍ୱାମୀ। ଏକଥା ହରିପ୍ରିୟାର ମାନସିକତାକୁ ଦୋହଲାଇ ଦେଉଥିଲା ଏବଂ ପତ୍ନୀର ବିରାଗ ଭାବରେ ନିତ୍ୟାନନ୍ଦ ଭାଙ୍ଗି ପଡ଼ିଥିଲେ। ଦ୍ୱୈତଭାବ ମଣିଷ ମନକୁ କରିଦିଏ ଅସ୍ଥିର। ସ୍ୱାମୀ ଓ ପୁତ୍ର ମଧ୍ୟରୁ ଜଣେ ବଞ୍ଚିଲେ ଆର ଜଣଙ୍କର ମୃତ୍ୟୁ ହେବ- ଏଭଳି ଏକ ଜଟିଳ ପରିସ୍ଥିତିରେ ପଡ଼ିଥିବା ହରିପ୍ରିୟାର କାହାଣୀ ହିଁ 'ଗଣ୍ଡଭୈରବ। ଲେଖକଙ୍କ ଏହା ଉତ୍କଣ୍ଠାପୂର୍ଣ୍ଣ ଉପନ୍ୟାସ।

ପ୍ରେମର ମହନୀୟ ରୂପକୁ ନେଇ 'ପଣ୍ଡୁରଙ୍ଗୀ ନିବାସ' (୨୦୦୪) ଓ 'ଓୟେ ପୁଅମା'(୨୦୦୨) ଉପନ୍ୟାସ ଦ୍ୱୟ ରଚିତ। ଉଭୟ ଉପନ୍ୟାସରେ ମୁଖ୍ୟ ନାୟକ ନାୟିକା ଚରିତ୍ରମାନଙ୍କ ଭିତରେ ପ୍ରେମ ସମ୍ପର୍କ ଗଢ଼ିଉଠିଛି, ସଂଘର୍ଷ ହୋଇଛି ଓ ପ୍ରମାଣିତ ହୋଇଛି ଯେ ପ୍ରେମ ଜାତି, ଧର୍ମ, ବର୍ଣ୍ଣ, ଗୋତ୍ର କିଛି ଦେଖେନାହିଁ। ପ୍ରେମ ହେଉଛି ଚିରନ୍ତନ ଓ ଶାଶ୍ୱତ। ଜାତିଭେଦକୁ ନେଇ ପାଳଙ୍କ ଉଭୟ ବାସ୍ତବବାଦୀ ପ୍ରେମ-ପ୍ରଣୟ ମୂଳକ ଉପନ୍ୟାସ ରଚିତ ହୋଇଛି। 'ପଣ୍ଡୁରଙ୍ଗୀ ନିବାସ' ଉପନ୍ୟାସଟିରେ ପଣ୍ଡୁ ଓ ରଙ୍ଗୀ ଦୁଇଜଣ ଭିନ୍ନ ଜାତିର ହେଲେ ବି ଉଭୟଙ୍କ ଭିତରେ ପ୍ରେମ ଗଢ଼ି ଉଠିଥିଲା। ଉକ୍ତ ଉପନ୍ୟାସର ମୁଖବନ୍ଧରେ ଲେଖକ ଲେଖିଛନ୍ତି - " ପଣ୍ଡୁରଙ୍ଗୀ ଉପନ୍ୟାସଟି ପରସ୍ପରକୁ ଅନ୍ତରଙ୍ଗ ଭାବେ ଭଲ ପାଉଥିବା ଦୁଇଟି ଜୀବନର ସଂଘର୍ଷପୂର୍ଣ୍ଣ କାହାଣୀ। ମିଳିତ ଭାବେ ସ୍ୱପ୍ନ ଦେଖୁଥିବା ଚାରିଟି ଆଖିର କାହାଣୀ। ଏକାଠି ବସା ବାନ୍ଧିବା ପାଇଁ ଦିନ-ରାତି ଏକାଠି କରି ନୀଡ଼ଟିଏ ତିଆରି କରିସାରିବା ପରେ ପୁଣି ସ୍ୱପ୍ନ ଭଙ୍ଗର ଜ୍ୱାଳାରେ ଜଳିଯାଉଥିବା ଦୁଇଟି ଆତ୍ମାର କାହାଣୀ ।"(୮) ପଣ୍ଡୁ ଓ ରଙ୍ଗୀ ସମାଜ ଓ ପରିବାର ବିରୁଦ୍ଧରେ ବିପ୍ଳବ କରି ନପାରି, ପରସ୍ପରକୁ ଆପଣାଇ ନ ପାରି ଉଭୟେ ପ୍ରେମରେ ଆତ୍ମହୂତି ଦେଇଛନ୍ତି। ଅନ୍ୟ ପଟରେ 'ଓୟେ ପୁଅମା' ଉପନ୍ୟାସରେ ନାଗା ଓ ସୋରୀ ପରସ୍ପରକୁ ପାଇବା ପାଇଁ ଜାତି, ପରିବାର ଓ ସମାଜର ପ୍ରତିବନ୍ଧକକୁ ଏଡ଼େଇ ଦେଇ ଗାଁ ଛାଡ଼ି ସହରରେ ରହିଛନ୍ତି। ଜାତି ପ୍ରସଂଗ ଉଠିବା ପରେ ସୋରୀର ବିଦ୍ରୋହାତ୍ମକ ଚିନ୍ତାଧାରା ଫୁଟି ଉଠିଛି - "ଭଲ ପାଇବାରେ ତୁମେ କେଉଁ ଜାତିର ଭୟ ଦେଖାଉଛ ବେହେରା ରାଜା। କି ଜାତି ବା ମାଂଗାତା ଜାତି କାଜୁଆ ଜାତି। ତୁମେ ମଣିଷକୁ ଜାତିରୁ ବାହାର କରିଦେଇପାର ହେଲେ ତା'ର ଭଲ ପାଇବାର ଅଧିକାରରୁ ତା'କୁ ତୁମେ ବାହାର କରି ଦେଇପାରିବ ? ନାଗା ତ ମୋର ମନରେ, ମୋର ଆତ୍ମାରେ ଛାଇ ଭଳି ରହିଛି। ମନେ ହେଉଛି – ଯେମିତି ସବୁବେଳେ ମୁଁ ତା ପାଖେ - ପାଖେ ଅଛି। ଯେଉଁଠି ଆଉ କେହି ନାହାନ୍ତି, ସେ ଅଛି ତା ପାଖରୁ ମୋତେ ଅଲଗା କରିବୁ କ'ଣ ? * ପ୍ରେମକୁ ପାଇବା ପାଇଁ ସୋରୀର ବିଦ୍ରୋହାତ୍ମକ ସ୍ୱର ବେଶ୍ ପ୍ରତିପାଦିତ। ଏଇ ଦୁଇ ଉପନ୍ୟାସର ବିଷୟବସ୍ତୁ ଗାଉଁଲି ପରିବେଶକୁ ସୃଷ୍ଟି ହୋଇଥିଲେ ବି ବଳିଷ୍ଠ କାହାଣୀ ଓ ଭାଷାର ଜୀବନ୍ତ ପ୍ରୟୋଗ ପାଇଁ ଖୁବ୍ ଆତ୍ମୀୟ ମନେହୁଏ ଏବଂ ଆତ୍ମୀୟତାର ଏହି ଅନୁଭବ ଚିରନ୍ତନ ବି।"(୯)

'ଆକ୍ରାନ୍ତ- ୩/୪'(୨୦୦୭)ଉପନ୍ୟାସଟି ଶିକ୍ଷା ଅନୁଷ୍ଠାନ ଆଧାରିତ ଉପନ୍ୟାସ। ଶିକ୍ଷା ବ୍ୟବସ୍ଥାରେ ତତ୍କାଳୀନ ବହୁ ସମସ୍ୟା ମଣିଷକୁ କିପରି ଆକ୍ରାନ୍ତ କରିପକାଉଛି ତାହା ଉକ୍ତ ଉପନ୍ୟାସର ମୁଖ୍ୟ ପ୍ରସଙ୍ଗ। ଏହା କଲେଜ କ୍ୟାମ୍ପସର ଘଟଣାବଳୀକୁ ନେଇ ଏକ ଚମତ୍କାର ଉପନ୍ୟାସ। ବିଭିନ୍ନ ଅବ୍ୟବସ୍ଥାକୁ ନେଇ ଛାତ୍ର ଆନ୍ଦୋଳନ, ଅଧ୍ୟାପକ ଅଶାନ୍ତି, ସରକାରଙ୍କ ଅଜବ ନୀତିକୁ କେନ୍ଦ୍ରକରି ଉପନ୍ୟାସଟି ରଚିତ। ସାଂପ୍ରତିକ କଲେଜର ସ୍ଥିତି, ସରକାରଙ୍କ ଅବହେଳା, ଅଧ୍ୟକ୍ଷଙ୍କୁ କଲେଜ ବାହାରର କାମରେ ନିଯୁକ୍ତ କରାଯିବା ପରି ବିଭିନ୍ନ ବିଷୟ ଏଥିରେ ଦର୍ଶାଯାଇଛି। ପଦ୍ମଜ ପାଳଙ୍କ ମତରେ "ଶିକ୍ଷା ବିଭାଗ ଥିଲା ମୋର କର୍ମକ୍ଷେତ୍ର। ସେଠି ପ୍ରାୟ ଷୋହଳରୁ ଏକୋଇଶି ବର୍ଷ ବୟସ୍କ ଉଚ୍ଛଳ , ସ୍ପର୍ଦ୍ଧିତ ତଥା ସ୍ୱପ୍ନାଚ୍ଛନ୍ନ ଜୀବନକାଳର ଯୁବକ ଯୁବତୀମାନଙ୍କ ସହ କଟିଗଲା ମୋର ଯୌବନ, ପ୍ରୌଢ଼ବସ୍ଥା। ପରିଣତ ବୟସରେ ଅବସର ନେଲାବେଳକୁ ପଛରେ ତେତିଶ ବର୍ଷର ଚାକିରି। ମନେହେଲା ଏତେ ବର୍ଷର ଜୀବନ। କେମିତି କଟିଗଲା? ଲାଗୁଛି, ଏହା ଯେପରି ତେତିଶ ବର୍ଷର ଚାକିରିକାଳ ନୁହେଁ ବୋଧେ ତିନି ମାସ ତିନି ଦିନର ସମୟ। ଏଇ ଦୀର୍ଘ ସମୟ ଅବଧି ଭିତରେ ମୁଁ ଯୁବକ - ଯୁବତୀମାନଙ୍କ ସହ ବିଭିନ୍ନ ସଂପର୍କରେ ସଂପର୍କିତ ହୋଇ ରହିଥିଲି। ଶିକ୍ଷକତା ମୋ ପାଇଁ ଥିଲା କ୍ଲାସରୁମ୍ ଭିତରେ ଗୁରୁତ୍ୱପୂର୍ଣ୍ଣ ଛାତ୍ରଛାତ୍ରୀମାନେ ପାଳଟି ଯାଉଥିଲେ ମୋର

ସାଥି, ବନ୍ଧୁ। ଏଇ ସମ୍ପର୍କରେ ମୁଁ ସେମାନଙ୍କୁ ଭଲପାଉଥିଲି। ମାନସିକ ସ୍ତରରେ ସେମାନଙ୍କ ନିକଟରେ ରହୁଥିଲି ତାଙ୍କ ଭଲପାଇବା ମୋର ଥିଲା ନିସର୍ଗ ।** ମୁଁ ସେମାନଙ୍କ ଭିତରର ମଣିଷଟିକୁ, ତା'ର ଚିନ୍ତା ଚେତନାକୁ, ତା'ର ସ୍ୱପ୍ନ ସମ୍ଭାବନାକୁ, ତା'ର ଦୁଃଖକୁ, ଦୈନ୍ୟତା ଓ ବିଫଳତାକୁ ବୁଝିପାରୁଥିଲି ଓ ତଦନୁଯାୟୀ ତାଙ୍କ ସହ ଇଣ୍ଟରଆକ୍ସନ୍ କରୁଥିଲି। "(୧୦)

ପଦ୍ମଜ ପାଳଙ୍କ ବହୁ ଚର୍ଚ୍ଚିତ ଉପନ୍ୟାସ 'ମାମୁଁଘର ଚଉଁରୀ'(୨୦୦୬)ରେ ବଦଳି ଯାଉଥିବା ଗ୍ରାମ୍ୟ ପରିବେଶର ଏକ ଚାରି ପୁରୁଷ ଧରି ପରମ୍ପରାନୁକ୍ରମେ ଚାଲି ଆସୁଥିବା ଘର କେମିତି ଉଜୁଡ଼ି ଯାଉଛି, ସେଇ କଥା ଚିତ୍ରିତ। ସ୍ୱାର୍ଥ ଓ ଅହଂକାରରେ କବଳିତ ହୋଇ, ଶତ୍ରୁ ପ୍ରତିପକ୍ଷ ପାଲଟି ଯାଇଛନ୍ତି। ପରିବାରରେ ସମସ୍ତେ ଆତ୍ମ କଳହରେ ମଗ୍ନ। ପରିବାର ଭିତରେ ନୈତିକତାର ଅଭାବ ଯୋଗୁଁ ଯୌଥ ପରିବାରର ବିଲୋପ ଘଟିଛି। ଉପନ୍ୟାସର ନାୟକ ରାଜୁ ଯିଏକି ୧୬, ୧୭ ବର୍ଷ ପରେ ମାମୁଁଘରକୁ ଯାଇଛି। ସେଠି ମନେ ପକାଉଛି ଅତୀତରେ ଘଟଣାଗୁଡ଼ିକ। ଦେଖୁଛି ଦିନ ଥିଲା ଯେଉଁଠି, ଅଜା-ଆଈ ମାମୁଁମାନେ ସମସ୍ତେ ଏକାଠି ରହୁଥିଲେ। ସେମାନଙ୍କର ଭିତରେ ଥିଲା ଭଲପାଇବା, ତ୍ୟାଗ ଓ ଉଦାରତା ମାତ୍ର ଆଜି ମାମୁଁମାନେ ସମସ୍ତେ ଅଲଗା ହୋଇଯାଇଛନ୍ତି। ମାଇଁମାନେ କେହି କାହାର ଦ୍ୱାର ମାଡୁ ନାହାନ୍ତି। ପରସ୍ପର ମଧ୍ୟରେ କଳି-ଝଗଡ଼ା ଲାଗିରହିଛି। ରାଜୁ ନିଜେ ଅନୁଭବ କରିଛି – "ଯେଉଁ ମାମୁଁ ଘରେ ମୋର ବାଲ୍ୟକାଳ କଟିଥିଲା, ଯେଉଁଠି ମାମୁଁ-ମାଉସୀ, ଅଜା-ଆଈ ଯେଉଁଭଳି ଗୋଟିଏ କୁକୁଡ଼ା ଓ ତା'ର ଛୁଆ ପାଖାପାଖି ଲାଗି ରହୁଥିଲେ – ସେ ଅବସ୍ଥା ନାହିଁ। ଅଛି ପରସ୍ପର ପ୍ରତି ବିଦ୍ୱେଷ, ହିଂସା, ଅସହଣି ଭାବ। ସେ ଭାବ ଏତେ ତୀବ୍ର ଯେ କେହି ଶିରୀ ଦେଖିପାରନ୍ତି ନାହିଁ। କଥାବାର୍ତ୍ତା ହୁଅନ୍ତି ନାହିଁ। ଯା ମୁହଁ ଆଡ଼କୁ ତା' ମୁହଁ ସାଡ଼କୁ।"(୧୧) " ଦେବରାଜ ପରିବାର ପ୍ରତ୍ୟେକଟି ମଣିଷ ଥିଲେ ମୋ ସତେଜ ଯେପରି। ମୁଁ ସେଠି ଖେଳି ବୁଲିଥିଲି। କେବେ ଦିନେ ବି ସ୍ୱପ୍ନରେ ମୋ ମନରେ ନଥିଲା – ଏମିତି ଏକ ଦିନ ଆସିବ ସମସ୍ତେ କାମୁକ ପାଲଟି ଯିବେ। ଫଣା ଟେକିଥି ପରସ୍ପରକୁ ଦଂଶନ କରିବାକୁ ।"(୧୨) ସଂପ୍ରତି ସମାଜରେ ଦେଖାଯାଉଥିବା ପରିବାର ଭିତରେ ମୂଲ୍ୟବୋଧର ଅବକ୍ଷୟକୁ ଔପନ୍ୟାସିକ ପଦ୍ମଜ ପାଳ ଉକ୍ତ ଉପନ୍ୟାସରେ ଗଭୀର ଦୃଷ୍ଟିଭଙ୍ଗୀ ନେଇ ବିଚାର କରିଛନ୍ତି।

ଶିଳ୍ପୀ ପଦ୍ମଜ ପାଳଙ୍କ 'ଛାଇ ଲେଉଟାଣି'(୨୦୧୦) ରେ ଏକାକୀ ଜୀବନର ମୁକ୍ତିପାଇଁ ଆଉ ଜଣଙ୍କ ସାଙ୍ଗରେ ପ୍ରେମ ସଂପର୍କ ରଖିବା କେତେ ଜରୁରୀ ତାର ଆବଶ୍ୟକତାକୁ ଉପନ୍ୟାସରେ ଚିତ୍ରିତ କରିଛନ୍ତି। କରୁଣ ଅସହାୟତାର ଆର୍ତ୍ତନାଦ ହେଉଛି ଛାଇ ଲେଉଟାଣି ଉପନ୍ୟାସର ଭାବ। ଏହି ଭାବ ବୃଦ୍ଧ ବିକ୍ରମ ସେନାପତି, କାଜଲ ଓ ନନ୍ଦାଦିଦି ତିନୋଟି ଚରିତ୍ର ଭିତରେ ଫୁଟି ଉଠିଛି। ବିବାହ ଏକ ଧର୍ମଭିତ୍ତିକ ସାମାଜିକ ଅନୁଷ୍ଠାନ। ଏହା ସାର୍ଥକ ହେଲେ ଯାଇ ଜୀବନ ସୁନ୍ଦର ହୁଏ। ବିବାହର ସଫଳତା ହିଁ ଜୀବନର ସଫଳତା, ଯାହା ଉପନ୍ୟାସର ମୁଖ୍ୟ ପ୍ରସଙ୍ଗ। ଏହାର ବ୍ୟର୍ଥତାରେ ହୁଏ ଜୀବନର ବିପର୍ଯ୍ୟୟ। ମଣିଷ ଅନେକ ସମୟରେ ବିବାହ ନ କରି ଯୌନଚର୍ଯ୍ୟାରୁ ବଞ୍ଚିତ ହୁଏ, ଯାହାକି ପରବର୍ତ୍ତୀ ଅନୁଶୋଚନା ତାଙ୍କୁ ବ୍ୟତିବ୍ୟସ୍ତ କରିପକାଏ। ଉପନ୍ୟାସରେ କାଜଲ ରେ ଓ ନନ୍ଦାଦିଦି ଅଧ୍ୟାପିକା ହେଲେହେଁ ଅବିବାହିତ ଦେହର ଯନ୍ତ୍ରଣା, ମାତୃତ୍ୱ ନ ପାଇବାର ନିଃସଂଗତାକୁ ଉପଲବ୍ଧି କରିପାରିଛନ୍ତି। ଅନ୍ୟ ପକ୍ଷରେ ପତ୍ନୀଙ୍କୁ ହରାଇଥିବା ଓ ପୁଅ-ଝିଅଠାରୁ ଦୂରରେ ରହୁଥିବା ଅସହାୟ ବିକ୍ରମ ସେନାପତିଙ୍କ କରୁଣ ଜୀବନ କାହାଣୀ ଉପନ୍ୟାସଟିରେ ଚିତ୍ରିତ ହୋଇଛି।

ବରିଷ୍ଠକଥାକାରପଦ୍ମଜପାଳ'ଅପଦେବତା'(୨୦୧୦) ଉପନ୍ୟାସଟିକୁ ସ୍ମୃତିକଥା ଶୈଳୀରେ ଲେଖିଛନ୍ତି। ଗ୍ରାମୀଣ ପରିବେଶରେ ବଢ଼ିଥିବା ବିଜୁଭାଇ ସମୟକ୍ରମେ କେମିତି ବିର୍ଜୁ ମହାରାଜରେ ପରିଣତ ହୋଇଛନ୍ତି, ତାର ଚମତ୍କାର କାହାଣୀ ହେଉଛି ଏହାର ମୁଖ୍ୟ ପ୍ରସଂଗ। 'ଅପଦେବତା'ରେ ବିଜୁଭାଇ ବିର୍ଜୁ ମହାରାଜ ହେବା ପ୍ରସଙ୍ଗ କୌତୂହଳପ୍ରଦ ହେଲେ ମଧ୍ୟ ତତ୍କାଳୀନ ସମାଜର ପାଠ ବ୍ୟବସ୍ଥା, ଦଣ୍ଡ ବ୍ୟବସ୍ଥା ଆଦିର ଅକପଟ ଚିତ୍ର ରୂପାୟିତ। ଏଠି ଗ୍ରାମ୍ୟ ସଂସ୍କୃତିର ରୂପରେଖ ଉଦ୍‌ଘାଟିତ ହୋଇଛି। ଯିଏ ଯେଭଳି କାର୍ଯ୍ୟ କରିବ, ସିଏ ସେଭଳି ଫଳ ପାଇବ- ଏଇ ମର୍ମରେ ରଚିତ ବିଶିଷ୍ଟ କଥାକାର ପଦ୍ମଜ ପାଳଙ୍କ ଏହି ଉପନ୍ୟାସଟି ନିଶ୍ଚିତ ଭାବରେ ହୃଦୟରେ ମନ୍ଥନ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ।

ଘରୁ ବିତାଡ଼ିତ ହୋଇ ଜରା ନିବାସକୁ ଆସିଥିବା ବୟସ୍କ – ବୟସ୍କାମାନଙ୍କ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ନେଇ 'ଜରା ନିବାସ'(୨୦୧୦) ଉପନ୍ୟାସ ରଚିତ। ଜରା ନିବାସର ପରିଚାଳକଙ୍କ ପରିଚାଳନା ଏବଂ ଅନ୍ତେବାସୀଙ୍କ ବ୍ୟକ୍ତିଗତ ଜୀବନର ଅସହାୟତା ଭିତରେ ଗଢ଼ି ଉଠିଥିବା ପ୍ରେମ ସଂପର୍କ ହିଁ ଉପନ୍ୟାସଟିକୁ ହୃଦୟସ୍ପର୍ଶୀ କରି ଗଢ଼ି ତୋଳିଛି। ଔପନ୍ୟାସିକ ପଦ୍ମଜ ପାଳଙ୍କ ମତରେ- "ଧୀରେ ଧୀରେ ଆମ ସାମାଜିକ ଧାରା ବଦଳି ଯାଉଛି। ସମୟ

ଥିଲା, ଯେତେବେଳେ ବାପା ମା' ଦେବତା ପରି ଘରେ ପୂଜା ପାଉଥିଲେ। ରୋଗରେ ପଡ଼ି ସେମାନେ ପଚିସଡ଼ି ଗଲେ ବି, ପୁଅ ବୋହୂ ତାଙ୍କ ସେବାକୁ ଜୀବନର ଧର୍ମବୋଲି ମାନୁଥିଲେ। ସେ ବିଶ୍ୱାସ ବଦଳିଗଲା। ବୃଦ୍ଧ ପିତାମାତାଙ୍କୁ ଜରା ନିବାସ ପଠାଇ ଦିଆଗଲା। ଆମେମାନେ ଲେଖାରେ ଏହାର ପ୍ରତିବାଦ କଲେ। ଏବେ ପୁଣି ସେ ସାମାଜିକ ଧାରା ବଦଳିଗଲାଣି। ଜରା ନିବାସରେ ରହୁଥିବା ବୁଢ଼ାବୁଢ଼ୀମାନେ କହୁଛନ୍ତି; ଆମେ ଆଉ ପୁଅ ବୋହୂଙ୍କ ଉପରେ ବୋଝ ନ ହୋଇ ନିଜ ଇଚ୍ଛାରେ ବଞ୍ଚିବାକୁ ଏଇ ଜରା ନିବାସକୁ ଆସୁଛୁ ।"(୧୩)

ପଦ୍ମଜ ପାଳଙ୍କ 'ମୁହୂର୍ତ୍ତେ ମାତ୍ର' (୨୦୧୧) ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ। ଉପନ୍ୟାସଟି ଚେତନା ପ୍ରବାହ ଧାରାର ଏକ ସ୍ଥିତିବାଦୀ ଦର୍ଶନ ଉପରେ ଅଧାରିତ। ଫ୍ଲାସବେକ ବା ଆତ୍ମକଥନ ଶୈଳୀରେ ଉପନ୍ୟାସଟି ରଚିତ ହୋଇଛି। ଉପନ୍ୟାସରେ ମୁହୂର୍ତ୍ତ ମଧ୍ୟରେ ବଦଳି ଯାଉଥିବା ଚେତନାଗତ ପରିପ୍ରକାଶ ହିଁ ଏହାର ମୁଖ୍ୟ କଥାବସ୍ତୁ। ଉପନ୍ୟାସର କେନ୍ଦ୍ରିୟ ଚରିତ୍ର ସୋ ଥିଲା 'ସୋ' 'ସୋହମ। ତା'ର ଆତ୍ମା ନୁହେଁ କି ଦେହ ନୁହେଁ କେବଳ ଗୋଟିଏ ଛାଇ। ଔପନ୍ୟାସିକ ମଣିଷର ମନ ଭିତରେ ଲୁଚିଥିବାର ବିକାଶ ଓ ଦିନେଶର ଦ୍ୱେତସତ୍ତାକୁ ସୋ ଚରିତ୍ର ମାଧ୍ୟମରେ ଖୁବ ନିଖୁଣ ଭାବେ ବର୍ଣ୍ଣନା କରିଛନ୍ତି। ଏଠି ସୋ ସବୁବେଳେ ଭାବୁଥିଲା ଦିନେଶ ସାଉର କଥା। ଚାହୁଁଥିଲା ଦିନେଶ ସାଉ ହିସାବରେ ବଞ୍ଚିବା ପାଇଁ। ମାତ୍ର ବିକାଶ ଚରିତ୍ର ରୂପରେ ବାରମ୍ବାର ଅତୀତର ସ୍ମୃତି ମନେ ପଡ଼ିଯାଉଥିଲା। ନାୟକ ସୋ ବିକାଶ ମାଧ୍ୟମରେ ଜୀବନ ବଞ୍ଚି ରହିବାର ପ୍ରୟାସ ନିରର୍ଥକ ହେଲେ ବି ନୂଆଁ ଜୀବନର ସ୍ୱପ୍ନ ସମ୍ଭାବନା ନେଇ ଦିନେଶ ସାଉର ରୂପରେ ବଞ୍ଚିବାପାଇଁ ଅବ୍ୟାହତ ରହେ। ଆଧୁନିକ ଜୀବନ ଦୃଷ୍ଟି ପରିଲକ୍ଷିତ ନାରୀ ଜୀବନର ଅସହାୟତା ଓ ପୁରୁଷର ନିର୍ମମତାକୁ ଅତି ଦକ୍ଷତାର ସହିତ ଔପନ୍ୟାସିକ ଏଥିରେ ଦେଖାଇଛନ୍ତି। ବିକାଶ ଦେହକୁ ନେଇ ବଞ୍ଚୁଥିବା ନାୟକଟିଏ ରୁତୁକୁ ପାଇବା ପାଇଁ ତା ସହ ରତିକ୍ରୀଡ଼ା କରିଛି। ତା ଉଲଗ୍ନ ଦେହର ଆତୁର କାମ ମନସ୍କତାର ଫଟୋ ଉଠାଇ ସବୁଦିନ ପାଇଁ ଆପଣାଇ ନେବାର ପ୍ରୟାସ କରିଛି। ଏହା ଜାଣି ପାରି ରୁତୁ ଜୀବନରେ ଆସିଛି ଝଡ଼। ଏ ଘଟଣା ରୁତୁକୁ ବିଷାଦ ଗ୍ରସ୍ତକରି ପକାଇଛି। ବିକାଶକୁ ଧମକ ଦେଇଛି। ପୋଲିସ୍ ଆଗରେ କମପ୍ଲେନ କରିବା ପାଇଁ। ବିକାଶକୁ ରୋକଠୋକ୍ ଶୁଣାଇ ଦେଇଛି। ଆଜିଠାରୁ ତୁମକୁ ମୁଁ ସମ୍ପୂର୍ଣ୍ଣ ଭୁଲିଯିବି। କୌଣସି ସମ୍ପର୍କ ହିଁ ଆଉ ତମ ସହ ରହିବ ନାହିଁ। ଏ ତିନିଟା ସାମ୍ପଲ୍ କପି ଫଟୋକୁ ମୁଁ ନେଇ ଯାଉଛି। ଅନ୍ୟ କପି ଗୁଡ଼ିକ ସହ ତମେ କ'ଣ କରିବ କରିପାର। ମୁଁ ଦେଖିବି "ଏହା ପରେପରେ ବିକାଶ ସାଉ ପାଲଟି ଗଲା ଜିଅନ୍ତା ଶବ। ଯିଏ ଆଖି ଆଗରେ ପଡ଼ିଲା ସେ ବିକାଶ ସାଉ ନ ଥିଲା ।"(୧୪) ପଦ୍ମଜ ପାଳଙ୍କ ମତରେ – "ଗୋଟିଏ ମୁହୂର୍ତ୍ତରେ ମଣିଷ ଜଣକୁ ପ୍ରେମ କରିଛି ତ ସେଇ ଗୋଟିଏ ମୁହୂର୍ତ୍ତରେ ଜଣକୁ ହତ୍ୟା କରିଛି। ଜୀବନ ଓ ମୃତ୍ୟୁ ସବୁ ଗୋଟିଏ ମୁହୂର୍ତ୍ତରେ ହିଁ ଘଟେ। "ଜୀବନର ଉପଲବ୍ଧିକୁ ଚିନ୍ତା କଲେ ହେବ ନାହିଁ ; ସେ ଆସେ ଗୋଟିଏ ମୁହୂର୍ତ୍ତରେ ସେ ମୁହୂର୍ତ୍ତକୁ ଧରି ରଖି ଜୀବନକୁ ଆଗେଇ ନେବାକୁ ହୁଏ ।"(୧୫) 'ମୁହୂର୍ତ୍ତେ ମାତ୍ର' ଉପନ୍ୟାସର ବିକାଶ ସାଉ ଜୀବନର ଖଣ୍ଡିତ ଅଂଶକୁ ମନୋବିଶ୍ଳେଷଣ ମାଧ୍ୟମରେ ତା'ର ଅତୀତ ଅନ୍ୱେଷଣ ଓ ତା' ଜୀବନର କ୍ରିୟା ପ୍ରତିକ୍ରିୟା ବିଶ୍ଳେଷଣ ଏହି ଉପନ୍ୟାସର ମୁଖ୍ୟ କଥା। ପ୍ରକୃତରେ 'ମୁହୂର୍ତ୍ତେ ମାତ୍ର' ଏଭଳି ଏକ ବାସ୍ତବବାଦୀ ଉପନ୍ୟାସ ଯାହା ମନସ୍ତତ୍ତ୍ୱ ଉପରେ ଆଧାରିତ !

'ଗହ୍ୱର'(୨୦୧୧)କୁ ଏକ ମନସ୍ତାତ୍ତ୍ୱିକ ଉପନ୍ୟାସ କୁହାଯାଇପାରେ। ମଣିଷର ମନୋବିଶ୍ଳେଷଣ ପୂର୍ବକ ତା'ର କ୍ରିୟାକଳାପ ବିଶ୍ଳେଷଣ ଏଥିରେ କରାଯାଇଛି। ଏହି ଉପନ୍ୟାସର ନାୟିକା ଜିଗୀଷା ବିଷୋୟୀର ମନୋବିଶ୍ଳେଷଣ ଏଥିରେ ବଡ଼ କଥା। ବିଭିନ୍ନ ପରିବେଶରେ ମାନସିକ ଅବସ୍ଥାର ଚିତ୍ର ଏଥିରେ ବେଶ୍ ସୁଲଭ। ଜିଗୀଷା ବିଷୋୟୀର ଶାଶୁଘର ଅବସ୍ଥାନକାଳୀନ ମାନସିକ ଅବସ୍ଥା, ମାଁ ଘରଠାରୁ ଭିନ୍ନ। ପୁନଶ୍ଚ ଜୁଲି ସାମନ୍ତରୁ ଜିଗୀଷା ବିଷୋୟୀ ନାମରେ ରୂପାନ୍ତର ଘଟିବା ପଛରେ ବଡ଼ କାହାଣୀ ରହିଛି, ତାହା ଆହୁରି ଅଲଗା। ନିଜ ଭିଣୋଇ ଓ ଭଉଣୀ ଘରେ ସମୟ ଅତିବାହିତ ପରିବେଶ ଭିତରେ ଜୁଲି ସାମନ୍ତ ପରି ଝିଅର ନିଜ ଭିଣୋଇ ସହ ଅବୈଧ ସଂପର୍କ ରଖି ଗର୍ଭପାତ କରାଇବା ଏ କଥା ପରିବାରରେ ଚହଳ ସୃଷ୍ଟି ହେବା। ପୁନଶ୍ଚ ନିଜ ଆତ୍ମୀୟ ଲୋକଙ୍କଠୁ ସ୍ନେହ, ପ୍ରେମରୁ ବଞ୍ଚିତ ହୋଇଯିବା, ପରିବାର ଲୋକେ ତାକୁ ବିବାହ କରାଇଦେବା ଆଦି ଜୁଲି ସାମନ୍ତରୁ ଜିଗୀଷା ବିଷୋୟୀ ହେବାର ସଫର ଓ ପରବର୍ତ୍ତୀ ସମୟରେ ଉପନ୍ୟାସର ଦ୍ୱିତୀୟ ପର୍ଯ୍ୟାୟରେ ବିବାହିତା ଜିଗୀଷା ବିଷୋୟୀର ଜୀବନରେ ଅତୀତର ଘଟଣାକୁ ନେଇ ଗୋଟିଏ ସ୍ୱର୍ଶ କେନ୍ଦ୍ରରେ ପ୍ରେମ ମାଧ୍ୟମରେ ମାନସିକ ଯନ୍ତ୍ରଣାକୁ ଭୁଲେଇବାକୁ ଯେଉଁଭଳି ପ୍ରୟାସ କରାଯାଇଛି

ତାହା ବେଶ ଚମତ୍କାର। ପ୍ରେମର ତତ୍ତ୍ୱକୁ ନେଇ ଗତିଶୀଳ 'ଗହ୍ୱର' ଉପନ୍ୟାସ ତା'ର ମାନସିକ ସ୍ତରରେ ଯେଉଁ ପରିବର୍ତ୍ତନର ସୂତ୍ରପାତ କରିଛି, ତା'ର ମାର୍ମିକ ଅଭିବ୍ୟକ୍ତି ହେଉଛି ଏହି ଉପନ୍ୟାସ ।

'ଗାନ୍ଧୀ ଛକରୁ ଟିକିଏ ଆଗକୁ'(୨୦୧୧) ଉପନ୍ୟାସଟି ଓଡ଼ିଆ ସାହିତ୍ୟରେ ଏକ ମହତ୍ତ୍ୱପୂର୍ଣ୍ଣ କୃତି। କଥାକାର ପଦ୍ମଜ ପାଳଙ୍କ ମତରେ "ଗାନ୍ଧୀ ଛକରୁ ଟିକିଏ ଆଗକୁ" ଉପନ୍ୟାସଟି ମୋର ଗାନ୍ଧୀ ଚିନ୍ତାଧାରା ଉପରେ ପର୍ଯ୍ୟବେସିତ। ଗାନ୍ଧୀ ଦର୍ଶନ ଓ ଚିନ୍ତନଦ୍ୱାରା ମୁଁ ଖୁବ୍ ପ୍ରଭାବିତ। ମାତ୍ର ସେହି ଟିକିଏ ଆଗକୁ, ସ୍ଥାନ/ ବିଚାର ପରବର୍ତ୍ତୀ ଅବସ୍ଥାରେ ଏତେ ଆଗକୁ ଚାଲିଗଲା ଯେ ଗାନ୍ଧୀକୁ ଚାହିଁ ହେଉନି ଗାନ୍ଧୀ, ତାଙ୍କ ବିଚାର, ଆଦର୍ଶ ଓ ମାନବୀୟ ମୂଲ୍ୟବୋଧ ଏବେ ଯେମିତି ରଙ୍ଗ ଛଡ଼ା ପତଙ୍ଗ ଭଳି ଉଡୁଛି। ତେବେ ଗାନ୍ଧୀକୁ ନେଇ ଯେତିକି ବିଡ଼ମ୍ବନା ସେତିକି ଜୟ ଜୟକାର ।"(୧୬) ମାଧପୁର ବଜାର ଛକରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତି ନେଇ ଉପନ୍ୟାସର ପରିବେଶ ପରିକଳ୍ପିତ। ସେହି ଛକ ଆଗରେ ବିବିଧ ଘଟଣା ଘଟିଛି। ଯାହା ଗାନ୍ଧୀ ଦର୍ଶନ ଓ ଚିନ୍ତନକୁ ଆଧାର କରି ଉପନ୍ୟାସଟିକୁ ଗାନ୍ଧୀ ଚିନ୍ତାଧାରାକୁ ମାନୁଥିବା ଓ ଗାନ୍ଧୀ ଚିନ୍ତାଧାରାକୁ ମାନୁନଥିବା ଏହିପରି ଦୁଇଗୋଟି ଗୋଷ୍ଠୀରେ ପର୍ଯ୍ୟାୟଭୁକ୍ତ କରାଯାଇପାରିବ। ଉପନ୍ୟାସରେ ଗୋଟିଏ ପଟେ ଗାନ୍ଧୀ ପ୍ରତିମୂର୍ତ୍ତି ନିର୍ମାଣ କରି, ପୂଜାକରି ତାଙ୍କ ଦର୍ଶନ ଓ ଚିନ୍ତନର ପ୍ରଚାର ପ୍ରସାର ହୋଇଥିବାବେଳେ ଅନ୍ୟପଟେ ଗାନ୍ଧୀ ଦର୍ଶନ ଓ ଚିନ୍ତନର ବିପରୀତ ଚିନ୍ତାମାର୍ଗରେ ଜୀବନ ଅତିବାହିତ କରୁଥିବା ମଣିଷର ଛବି ପ୍ରତିଫଳିତ। ଉପନ୍ୟାସଟିର ଆରମ୍ଭ ହୋଇଛି ମୃତ୍ୟୁର ଭୟାଭୟ ଦୃଶ୍ୟରୁ। ଚଣ୍ଡ ଚରିତ୍ର ହେଉଛି ଉପନ୍ୟାସର କେନ୍ଦ୍ରବିନ୍ଦୁ। ଜୀବନକୁ ସେ ପ୍ରାଣଭରି ଭଲପାଉଥିଲା ଜଲସାକୁ ପ୍ରେମ ବିବାହ କରିଥିଲା। ପରିଶେଷରେ ସେ ଗାନ୍ଧୀ ମଣିଷ ହେବାର ପ୍ରଚେଷ୍ଟା ମଧ୍ୟ କରୁଥିଲା ମାତ୍ର ତାକୁ କେତେ ଜଣ ଗୁଣ୍ଡା ଖଣ୍ଡା, ଭୁଜାଲି, ଲୁହାଛଡ଼, ବେନ୍‌ରେ ଆକ୍ରମଣ କରି ମାରି ଦେଇଛନ୍ତି। ପୁଣି, ସେହି ଗାନ୍ଧୀ ଛକରେ କିଏ ଜଣେ ସଦ୍ୟଜାତ ଶିଶୁକୁ ଫୋପାଡ଼ି ଦେଇ ଚାଲିଯାଇଛି। ଛକଟି ବ୍ୟବସାୟ ପାଇଁ ଲୋକଙ୍କର ଗହଳି ହେଉଥିଲେହେଁ ତା'ରି ଭିତରେ ପୁଣି ଦୁର୍ନୀତି ରୂପେ ଚାଲିଛି। କିଛି ଲୋକ ଗାନ୍ଧୀ ପ୍ରତିମୂର୍ତ୍ତି ଭଗ୍ନ କରିବାର ଦୃଶ୍ୟ ମଧ୍ୟ ଉପନ୍ୟାସରେ ଦର୍ଶାଯାଇଛି। ଏହା ଏକ ଜନପ୍ରିୟ ତଥା ସାମ୍ୟଭାବ ଆଧାରିତ ପୁସ୍ତକ। ଉପନ୍ୟାସରେ ସାଂପ୍ରତିକ କଳୁଷିତ ବାତାବରଣରେ ଗାନ୍ଧୀ ଆଦର୍ଶକୁ ନେଇ ବଞ୍ଚୁଥିବା ମଣିଷଙ୍କ ଦୁର୍ଦ୍ଦଶା, ଅସହାୟତାର ଚିତ୍ର ପ୍ରଦର୍ଶିତ। ଉପନ୍ୟାସର କଳାକୌଶଳ ଖୁବ ଚମତ୍କାର ।

'ହାଏ ମୁନି କେମିତି ଅଛ'(୨୦୧୩) ଉପନ୍ୟାସଟି କାବ୍ୟିକ ଶୈଳୀରେ ରଚିତ ଏକ ପରୀକ୍ଷାଧର୍ମୀ ନାୟିକା ପ୍ରଧାନ ଉପନ୍ୟାସ। କଳାକାର ଜୀବନର ସମସ୍ୟା ତଥା ମାଓ ସମସ୍ୟାକୁ ଆଧାର କରି ଏହାର କଥାବସ୍ତୁ ଗଢ଼ି ଉଠିଛି। ଏକ ସାକ୍ଷାତ୍‌କାରରେ ଔପନ୍ୟାସିକ ଉପନ୍ୟାସର ମୁଖ୍ୟ ସ୍ୱର ପ୍ରସଙ୍ଗକୁ ନେଇ କହିଛନ୍ତି – " ନିମ୍ନ ଶ୍ରେଣୀର ଲୋକଙ୍କୁ ଆମ ସମାଜ ଭଲ ଆଖିରେ ଦେଖେ ନାହିଁ। ସେ ସେମାନଙ୍କୁ ପୁରସ୍କୃତ ବା କିଛି ସ୍ୱୀକୃତି ଦେବା ଲାଗି ଦ୍ୱିଧାବୋଧ କରେ। ଏମାନଙ୍କ ଉତ୍‌ଥାନକୁ ସାମାଜିକ ସ୍ତରରେ ସେମାନେ ଗ୍ରହଣ କରିପାରନ୍ତିନି। ସେମାନେ ଯେ ନ୍ୟୁନ ଶ୍ରେଣୀର ଲୋକ ଏହାଭାବି ଖୁବ୍ ଆନନ୍ଦିତ ହୁଅନ୍ତି। ମୁଁ ଉପନ୍ୟାସଟିର ନାୟିକା ମୁନିକୁ ଗୋଟେ 'ସ୍କରଭରକ୍ଷ' ଭାବେ ଛିଡ଼ା କରେଇଛି ।"(୧୭) ଉଚ୍ଚ ଶ୍ରେଣୀର ଲୋକଙ୍କ ମାନସିକତା ପ୍ରତି ମୁନିର ଏକ ତୀବ୍ର ଘୃଣା ତାକୁ ନକ୍ସଲାଇଟ୍‌ରେ ପରିଣତ କରିଛି, ଯାହାର ପରିଣାମ ହୋଇଛି ତା'ର ଜେଲ୍‌ଯିବା, ଜେଲରୁ ଉଚ୍ଚଶ୍ରେଣୀର ଲୋକଙ୍କ ମାନସିକତା ପ୍ରତି ମୁନିର ଏକ ତୀବ୍ର ଘୃଣା ତାଙ୍କୁ ଖଲାସ ହେବା ଏବଂ ପୁଣି ଘୋଷଣା କରିବା – ଏ ସଂଗ୍ରାମ ସରିନାହିଁ। ଦଳିତ ସଂପ୍ରଦାୟକୁ ଯେ ପର୍ଯ୍ୟନ୍ତ ଆମ ସମାଜ ତଳ ଆଖିରେ ଦେଖୁଥିବ- ସେ ପର୍ଯ୍ୟନ୍ତ ...। ମୁନି ଚରିତ୍ର ଆଲବମ୍ ନାୟିକା ହେବାର ସ୍ୱପ୍ନରୁ ଉପନ୍ୟାସଟିର ଆୟମାରମ୍ଭ ହୁଏ। ଯୁବ ପ୍ରଡ୍ୟୁସର୍ ସୁକାନ୍ତ ମଣ୍ଡଳକୁ ସିଡ଼ିକରି ମୁନି ନିଜ ଲକ୍ଷ ପଥରେ ଆଗକୁ ଅଗ୍ରସର ହୁଏ। ସମାଜରେ ତା'ର କଳାକାର ଜୀବନକୁ ନେଇ ପ୍ରଶଂସକ ସଂଖ୍ୟା ବଢ଼ି ବଢ଼ି ଚାଲେ। ମୁନି ସେଲିବ୍ରେଟିରେ ରୂପାନ୍ତର ହୁଏ। ସମୟକ୍ରମେ ଜୀବନ ପ୍ରବାହରେ ମୁନି ଜୀବନରେ ଆସେ ଝଡ଼। ଏକ ଘଟଣାରୁ ମୁନିର ମାଓବାଦୀମାନଙ୍କ ସହିତ ସଂପର୍କ ଅଛି ବୋଲି ମୁନିକୁ ଜେଲରେ ଭର୍ତ୍ତି କରାହୁଏ। ଗାଁ ଲୋକେ ମଧ୍ୟ ତା ମା ଭଉଣୀକୁ ଅତ୍ୟାଚାର କରି ଘରେ ନିଆଁ ଲଗାଇ ଦିଅନ୍ତି। ପୋଲିସ ମଧ୍ୟ ତା ପ୍ରତି ଉପଯୁକ୍ତ ନ୍ୟାୟ ପ୍ରଦାନ ନକରି ଅସଭ୍ୟ ଭାଷାରେ ଗାଳି କରେ। ଫଳରେ ଏଭଳି ପରିସ୍ଥିତିରେ ସମ୍ମୁଖୀନ ହୋଇ ମୁନି ନିଜ ପ୍ରତି ଓ ନିଜ ପରିବାର ପ୍ରତି ହୋଇଥିବା ଅନ୍ୟାୟ ବିରୁଦ୍ଧରେ ପ୍ରତିଶୋଧ ପରାୟଣ ହୋଇ ବାଧହୁଏ ମାଓବାଦୀଙ୍କ ସହ ସାମିଲ ହେବା ପାଇଁ। ମାଓ ନୀତିକୁ ଆପଣାଇ ନେଇ, ସେ ତାଙ୍କ ବିରୁଦ୍ଧରେ ସଂଗ୍ରାମ କରେ। ନିଜକୁ କୁର୍ତିଦା, ହଂସଦା, ଓରଫ୍, ସୁଯାଥା ଭାବରେ ସଜାଡ଼ି

ନିଏ। ମାଓବାଦୀଙ୍କଠୁ ଟ୍ରେନିଂ ନେଇ ଲାଲ ଲିଟେରେଚର ପଢ଼େ। ସହଯୋଗୀଙ୍କ ସହ ବହୁ ସରକାରୀ ବିଲଡ଼ିଙ୍ଗ, କ୍ଲବଘର, ସ୍କୁଲ, ଟାୱାର ଉଡ଼ାଏ। ପୁଣି, ଦୁଇଜଣ ମାଓବାଦୀ ତା ପ୍ରତି କରିଥିବା ଖରାପ ପ୍ରକୃତି ଦେଖି ମୁନି ଉଭୟଙ୍କୁ ହତ୍ୟା କରେ। ପରିଶେଷରେ ପୋଲିସ ଆଗରେ ଆତ୍ମ ସମର୍ପଣ କରି କୋଟ ଆଗରେ ନିଜ ଜୀବନରେ ଘଟିଥିବା ସତ୍ୟତାକୁ ପ୍ରତିପାଦିତ କରି ମୁକ୍ତି ପାଏ। ପଦ୍ମଜ ପାଲ ଏହି ଉପନ୍ୟାସରେ ମୁନି ଚରିତ୍ର ମାଧ୍ୟମରେ ନାରୀ ନିର୍ଯାତନା ଓ ନାରୀର ବିଭିନ୍ନ ସମସ୍ୟା ଉପରେ ଉପସ୍ଥାପନା କରିଛନ୍ତି। ନାରୀ କେବଳ ଅବଳା, ଦୁର୍ବଳା ନୁହଁ। ସେ ମଧ୍ୟ ଶକ୍ତିମୟୀ, ସଂହାରକାରିଣୀ, ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିପାରେ, ପ୍ରତିରୋଧ କରିପାରେ, ପୁଣି ସେ ସର୍ବଂସହା ଧରିତ୍ରୀ ପରି ସବୁ ସହ୍ୟକରି ସୀତା, ସାବିତ୍ରୀର ଉଦାହରଣ ହୋଇପାରେ। ଏହାହିଁ ଏହି ଉପନ୍ୟାସରୁ ସ୍ପଷ୍ଟ ଅନୁମେୟ ହୁଏ।

'ପ୍ରତିସ୍ପର୍ଦ୍ଧୀ'(୨୦୧୬) ଉପନ୍ୟାସଟି କ୍ରୀଡ଼ା ଜଗତକୁ ଆଧାର କରି ରଚିତ। ଅନିର୍ବାଣ ଉପନ୍ୟାସର ମୁଖ୍ୟ ନାୟକ। ତା ଜୀବନ ସଂଘର୍ଷର କାହାଣୀ,ଏହାର ମୁଖ୍ୟ ବିଷୟ।" ଚରିତ୍ରଟିର ପୃଷ୍ଠଭୂମି ସାଧାରଣ ପରିବାରରୁ ଆସିଥିଲେ ମଧ୍ୟ ନିଜ ଅସ୍ତିତ୍ୱରେ ନିଜେ ବଢ଼ିବାର ଆକାଂକ୍ଷା ନେଇ ସଂଗ୍ରାମ ଓ ସଂଘର୍ଷର ପଥକୁ ଆପଣେଇ ନେଇଛି। କ୍ରୀଡ଼ାବିତ ଅନିର୍ବାଣ ଫୁଟବଲର ମହା ନାୟକ, ପ୍ରତିସ୍ପର୍ଦ୍ଧାର ମଣିଷ ଓ ଇଛାର ଈଶ୍ୱର। ଯିଏକି ଉଚ୍ଚ ଲକ୍ଷ୍ୟପଥ ପାଇଁ ମୃତ୍ୟୁକୁ ଅବୋରି ନେବ ପଛେ ପତନ ଓ ପରାଜୟକୁ ନୁହେଁ। ତା' ସମ୍ପର୍କରେ ଲେଖକ କହିଛନ୍ତି "ବ୍ୟକ୍ତିର ସାମର୍ଥ୍ୟ ହିଁ ତା'ର ଅହଂକାର। ତାର ପରିଚୟ। "ଅନିର୍ବାଣ ଆତ୍ମ ସମର୍ପଣରେ ମର୍ଯ୍ୟାଦା ନ ଥାଏ, କି ଗୌରବ ନ ଥାଏ ଥାଏ ଲଜ୍ଜା, ଅପମାନ ଯାହା କା' ପୁରୁଷମାନଙ୍କ ଲକ୍ଷଣ। ସେଭଳି ଜୀବନ ତର,କୁ ମୁଁ ପସନ୍ଦ କରି ପାରେନା କି ଗ୍ରହଣ କରି ପାରେନି।" ଶେଷରେ ସେ କ୍ରୀଡ଼ା ଜଗତରେ ସଫଳତା ସହ ନିଜ ଦଳକୁ ଜିତାଇପାରିଛି ଓ ରାଷ୍ଟ୍ରପତି ପୁରସ୍କାର ମଧ୍ୟ ପ୍ରାପ୍ତ ହୋଇଛି। ଅନ୍ୟ ପଟେ ଉପନ୍ୟାସରେ ପ୍ରେମ କଥା ବିଚାର କଲେ ବହୁମୁଖୀ ପ୍ରେମ ଦେଖିବାକୁ ମିଳେ। ବିଶେଷକରି ଉପନ୍ୟାସଟିରେ ତ୍ରିମୁଖୀ ପ୍ରେମ କଥା ବର୍ଣ୍ଣିତ। କ୍ରୀଡ଼ା ଜଗତକୁ କେନ୍ଦ୍ର କରି ବିଷୟବସ୍ତୁ ଗଢ଼ିଉଠିଥିଲେ ହେଁ ନାୟକ ଅନିର୍ବାଣକୁ ତିନି ଜଣ ନାରୀ ଭଲ ପାଇଛନ୍ତି- ଜିନିଆ, ନିଶା ଓ ତୁଳସୀ; କଥା ବସ୍ତୁକୁ ତ୍ୱରାନ୍ୱିତ ହେବା ପାଇଁ ଏମାନେ ସାହାଯ୍ୟ କରିଛନ୍ତି। କିନ୍ତୁ, ଅନିର୍ବାଣ ଭଲ ପାଉଥିଲା ଜିନିଆକୁ। ଜିନିଆଠୁ ପ୍ରେରଣା ପାଇ ଫୁଟବଲ କ୍ରୀଡ଼ା ଜଗତରେ ସଫଳତା ସହ ବିଜୟ ପାଇଛି। ସେ ତାକୁ ଏତେ ଭଲ ପାଉଥିଲା ଯେ, ତାକୁ ପାଇବା ପାଇଁ କ୍ରୀଡା ଜଗତକୁ ପରିତ୍ୟାଗ କରି ଗାଁକୁ ଚାଲି ଆସିଛି। ତା' ବିଷୟରେ ପଚରା ଉଚରା କରିଛି ଓ ସଂଜୟ ସହିତ ଅନୈତିକ ସମ୍ପର୍କରେ ପାପଗର୍ଭା ହୋଇଥିବା ଜିନିଆକୁ ଆପଣାଇ ନେବାକୁ ପଛାଇ ନାହିଁ। ପରିଶେଷରେ ତା ପାଇଁ ଜେଲ୍ ମଧ୍ୟ ହୋଇଛି। ଏହି ବିପଦ ସମୟରେ ତୁଳସୀ ହିଁ ତାକୁ ଜେଲରୁ ମୁକ୍ତି କରିଛି। ଅନିର୍ବାଣକୁ ଜିନିଆ ଦେବତା ତୁଲ୍ୟ ମାନ୍ୟତା ଦେଇଛି ସତ ମାତ୍ର ସ୍ୱାମୀ ହିସାବରେ ବରଣ କରିପାରିନାହିଁ। ନିଜଠାରୁ ଦୂରେଇ ଯିବା ପାଇଁ କହିଛି। ଫଳରେ ଏହି ସମୟରେ ଅନିର୍ବାଣ ଅସହାୟତାରେ ଜର୍ଜରିତ ହୋଇଛି। ପଦ୍ମଜ ପାଲ ଏ ସମ୍ପର୍କରେ ସମାଜକୁ ଉଚିତ ଦିଗଦର୍ଶନ ଦେଇ କହିଛନ୍ତି – "ଜୀବନରେ ଅନେକ କଥା ଇଚ୍ଛା କରି ଭୁଲିଯିବାକୁ ହୁଏ କ୍ଷମା କରିଦେବାକୁ ହୁଏ ତା' ନହେଲେ ଜୀବନ ଦୁର୍ବିସହ ହୋଇ ପଡ଼ିବ ମଇତ୍ର ; ମୋ ବିଚାରରେ କୌଣସି ଘଟଣା ପାପ ନୁହେଁ, କୌଣସି କର୍ମ ବି ପାପ ନୁହେଁ – ମାତ୍ର ତାକୁ ନେଇ ସୃଷ୍ଟି ହୋଇଥିବା ଦୃଷ୍ଟିଭଂଗୀ, ତା'ର ବିଚାର ହିଁ ତାକୁ ପାପ ରୂପ ଦିଏ ମୁଁ ଚାହୁଁଛି ତମେ ନିଷ୍ପାପ ହୁଅ ।"(୧୮)

ଔପନ୍ୟାସିକ ପଦ୍ମଜ ପାଳ ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ ଧାରାରେ ଉଭୟ ଆଙ୍ଗିକ ଓ ଆତ୍ମିକ ଦିଗରୁ ପରିବର୍ତ୍ତନ ଆଣିଛନ୍ତି। ବିଷୟବସ୍ତୁ, ଚରିତ୍ର ଚିତ୍ରଣ, ପରିବେଶ ପରିକଳ୍ପନା, ଭାଷା ପ୍ରୟୋଗ ଓ ମର୍ମବାଣୀ ଦୃଷ୍ଟିରୁ ତାଙ୍କ ଉପନ୍ୟାସଗୁଡ଼ିକ ଭିନ୍ନ ସ୍ୱାଦ ଓ ଅନୁଭୂତିକୁ ନେଇ ଗଢ଼ିଉଠିଛି। ଉପନ୍ୟାସର ପ୍ରାରମ୍ଭରୁ ପରିସମାପ୍ତି ପର୍ଯ୍ୟନ୍ତ ପାଠକକୁ ଦ୍ୱନ୍ଦ୍ୱ ଓ ଉତ୍କଣ୍ଠା ମଧ୍ୟରେ ବାନ୍ଧି ରଖିଛି। ତାଙ୍କ ଉପନ୍ୟାସରେ ବିଷୟବସ୍ତୁ ଚୟନରେ ଚମତ୍କାରିତା ଯେମିତି ରହିଛି ସେମିତି ଚରିତ୍ର-ଚିତ୍ରଣ କ୍ଷେତ୍ରରେ ସେ ମଧ୍ୟ ଜଣେ ସଚେତନ ଶିଳ୍ପୀ। ତାଙ୍କ ଉପନ୍ୟାସର ଚରିତ୍ରଗୁଡ଼ିକ ଆସିଛନ୍ତି କୃଷକ-ଅନୁନ୍ନତ– ରାଜନୀତିକ ପରିବାରରୁ। ଔପନ୍ୟାସିକ ପଦ୍ମଜ ପାଳ ଜଣେ ଜୀବନବାଦୀ ଶିଳ୍ପୀ। ମଣିଷକୁ ଭଲ ପାଇବା ଓ ତା' ପ୍ରତି ସମ୍ବେଦନଶୀଳ ମନୋଭାବ ପୋଷଣ କରିବା ତାଙ୍କ ଉପନ୍ୟାସ କଳାର ସ୍ୱତନ୍ତ୍ର ପରିଚୟ ବହନ କରେ। ସ୍ଥିତିବାଦୀ ଦର୍ଶନ ଓ ବୈପ୍ଳବିକ ଚିନ୍ତାଧାରା ତାଙ୍କ କେତେକ ଉପନ୍ୟାସକୁ ବଳିଷ୍ଠ ରୂପ ଦେଇଛି। ଔପନ୍ୟାସିକ ଆଧୁନିକ ମଣିଷର ଅସହାୟତା, ନିଃସଙ୍ଗତା, ଯନ୍ତ୍ରଣାବୋଧ ଓ ଜୀବନଚର୍ଯ୍ୟାକୁ ନେଇ ଚମତ୍କାର ଆକଳନ କରିଛନ୍ତି ତାଙ୍କ ଉପନ୍ୟାସଗୁଡ଼ିକରେ। ମୃତ୍ୟୁ ପ୍ରତି ଦୃଷ୍ଟିକୋଣ ତାଙ୍କ

ଉପନ୍ୟାସ ସାହିତ୍ୟର ଆଉ ଏକ ପ୍ରମୁଖ ଲକ୍ଷଣ। ଜୀବନକୁ ପ୍ରାଣ ଭରି ଭଲପାଉଥିବା ଶିଳ୍ପୀଟିଏ ମୃତ୍ୟୁ ପ୍ରତି ଅଧିକ ସଚେତନ ଥାଏ ଯାହା ତାଙ୍କ ଉପନ୍ୟାସରେ ଅନୁଭୂତ ହୁଏ। ସେହିପରି ପ୍ରେମ ମଣିଷ ଜୀବନର ସର୍ବଶ୍ରେଷ୍ଠ ଅବଦାନ। ପ୍ରେମ ବିନା ଜୀବନ ନିରର୍ଥକ। ଜୀବନ ବଞ୍ଚିବା ଭିତରେ ଭଲ ପାଇବା ହେଉଛି ଅମୃତମୟ ଉପଲବ୍ଧି। ଅନ୍ୟ ପାଇଁ ଜୀବନ ବଞ୍ଚିବା ଭିତରେ ପ୍ରେମ ନିହିତ। ପ୍ରେମର ଏହି ମହନୀୟ ସ୍ୱରୂପ ତାଙ୍କ ଉପନ୍ୟାସରେ ସଫଳ ଭାବେ ରୂପାୟିତ ହୋଇଛି। ବିଶେଷକରି ମନସ୍ତାତ୍ତ୍ୱିକ ଉପନ୍ୟାସର ରଚନାରେ ସେ ଜଣେ ସାର୍ଥକ ସ୍ରଷ୍ଟା। ଜଣେ ଉଦାର ମାନବିକ ମୂଲ୍ୟବୋଧର ବିଶ୍ୱାସୀ ଔପନ୍ୟାସିକ ଭାବେ ସେ ଓଡ଼ିଆ ଉପନ୍ୟାସ ସାହିତ୍ୟର ଯଶସ୍ୱୀ ସାଧକ। ଓଡ଼ିଆ ଉପନ୍ୟାସକୁ ନୂତନ ଦିଗ୍‌ଦର୍ଶନ ଦେବାରେ ତାହାଙ୍କ ନିଷ୍ଠାପର ସାଧନା ପ୍ରଶଂସନୀୟ। ଏକଥା ସ୍ପଷ୍ଟ ହୋଇଛି ପଦ୍ମଜ ପାଲଙ୍କ ଉପନ୍ୟାସରେ। ସାମଗ୍ରିକ ଭାବେ ପଦ୍ମଜ ପାଲ ସାଂପ୍ରତିକ ସମୟର ଜଣେ ଉଚ୍ଚକୋଟୀର ସଚେତନ ଶିଳ୍ପୀ। ଓଡ଼ିଆ ଉପନ୍ୟାସକୁ ଉଭୟ ବେଗ ଓ ବାଗ ଦେବାରେ ତାଙ୍କର ମହନୀୟତା ସ୍ୱୀକାର୍ଯ୍ୟ। ଏ କଥାକୁ ଅସ୍ୱୀକାର କରାଯାଇ ନ ପାରେ।

**ପ୍ରାନ୍ତଟୀକା:**


୧. ପାଳ, ପଦ୍ମଜ, ଦୁର୍ଗ ପତନର ବେଳ, ପ୍ରକାଶକ: ଅଗ୍ରଦୂତ, ବାଂକାବଜାର୍ କଟକ-୨ (ପୃଷ୍ଠା- କ )

୨. ପଟ୍ଟନାୟକ, ଜିତେନ୍ଦ୍ର ନାରାୟଣ, ପ୍ରକାଶକ: ମନୋଜ କୁମାର ମହାପାତ୍ର ଗ୍ରନ୍ଥ ମନ୍ଦିର, ବିନୋଦବିହାରୀ, କଟକ – ୨, ୧ ପ୍ରଥମ ସଂସ୍କରଣ : ୨୦୧୪ (ପୃଷ୍ଠା-୯୦-୯୧)

୩. ସାମଲ, ବୈଷ୍ଣବ ଚରଣ ( ସଂପାଦନା ), ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା, ଦ୍ୱିତୀୟ ପ୍ରକାଶ, ଓଡ଼ିଶା ବୁକ୍‌ଷ୍ଟୋର, ବିନୋଦ ବିହାରୀ, କଟକ, ୨୦୧୫ (ପୃଷ୍ଠା-୧)

୪. ପାଳ, ପଦ୍ମଜ , ଆମ ସମୟର ଦୁଃଖ, ଉପନ୍ୟାସ ସମଗ୍ର ୨ୟ ଭାଗ, ପଶ୍ଚିମା ପବ୍ଲିକେଶନସ, ଭୁବନେଶ୍ୱର, ପ୍ରଥମ ପ୍ରକାଶ-୨୦୨୦ (ପୃଷ୍ଠା-୧)

୫. ପ୍ରଧାନ, ମନୋରଞ୍ଜନ, ଉପନ୍ୟାସ ତତ୍ତ୍ୱ ଓ ଅନ୍ୟାନ୍ୟ ଆଲୋଚନା, ପ୍ରଥମ ମୁଦ୍ରଣ, ଓଡ଼ିଶା ବୁକ୍‌ଷ୍ଟୋର, କଟକ, ୨୦୦୩ (ପୃଷ୍ଠା-୧)

୬. ମହାପାତ୍ର ତପନ, କଥାଶିଳ୍ପୀ ଓ ଔପନ୍ୟାସିକ ପଦ୍ମଜ ପାଳଙ୍କ ସର୍ଜନ ଜୀବନ ଅଧାରୁ ଆରମ୍ଭ : ଅଧାରେ ଶେଷ ସର୍ଜନ ଜୀବନୀ, ପ୍ରକାଶକ : ଆଦିତ୍ୟ ଭାରତ କଟକ – ୧୪, ପ୍ରଥମ ସଂସ୍କରଣ : ୨୦୨୦ ପୃଷ୍ଠା-୮୫)

୭. ପାଳ ପଦ୍ମଜ, ପାପ ପରି ନିଜର, ପ୍ରକାଶକ: ଅଗ୍ରଦୂତ, ବାଂକାବଜାର୍ କଟକ-୨, ପ୍ରଥମ ପ୍ରକାଶ: ୧୯୯୫ (ପୃଷ୍ଠା- ୧୨୮)

୮. ପାଳ ପଦ୍ମଜ, ପଣ୍ଡୁ ରଂଗୀ ନିବାସ, ଜେନିଥ ପବ୍ଲିକେଶନ୍‌ସ୍, ଭଦ୍ରକ, ପ୍ରଥମ ପ୍ରକାଶ ୨୦୦୪ ( କଭର ପୃଷ୍ଠା )

୯. ପାଳ, ପଦ୍ମଜ, ଓଯେ ପୁଅମା, ପ୍ରକାଶକ: ଅପୂର୍ବା, ଭୁବନେଶ୍ୱର, ପ୍ରଥମ ସଂସ୍କରଣ : ୨୦୦୨ (ପୃଷ୍ଠା-୧୧୪)

୧୦. ମହାପାତ୍ର, ତପନ, କଥାଶିଳ୍ପୀ ଓ ଔପନ୍ୟାସିକ ପଦ୍ମଜ ପାଳଙ୍କ ସର୍ଜନ ଜୀବନ ଅଧାରୁ ଆରମ୍ଭ :ଅଧାରେ ଶେଷ ସର୍ଜନ ଜୀବନୀ : ପ୍ରକାଶକ : ଆଦିତ୍ୟ ଭାରତ କଟକ – ୧୪, ପ୍ରଥମ ସଂସ୍କରଣ : ୨୦୨୦ (ପୃଷ୍ଠା-୮୬)

୧୧. ପାଳ, ପଦ୍ମଜ, ମାମୁଁଘର ଚାଉଁରୀ, ଉତ୍କଳିକା କଟକ-୨, ପ୍ରଥମ ପ୍ରକାଶ-୨୦୦୯, (ପୃଷ୍ଠା-୪୮)

୧୨. ପାଳ, ପଦ୍ମଜ, ମାମୁଁଘର ଚାଉଁରୀ, ଉତ୍କଳିକା କଟକ-୨, ପ୍ରଥମ ପ୍ରକାଶ-୨୦୦୯, (ପୃଷ୍ଠା- ୫୮)

୧୩, ମହାପାତ୍ର, ତପନ, କଥାଶିଳ୍ପୀ ଓ ଔପନ୍ୟାସିକ ପଦ୍ମଜ ପାଳଙ୍କ ସର୍ଜନ ଜୀବନ ଅଧାରୁ ଆରମ୍ଭ ଅଧାରେ ଶେଷ ସର୍ଜନ ଜୀବନୀ, ପ୍ରକାଶକ : ଆଦିତ୍ୟ ଭାରତ କଟକ – ୧୪, ପ୍ରଥମ ସଂସ୍କରଣ : ୨୦୨୦ (ପୃଷ୍ଠା-୮୨)

୧୪. ପାଳ ପଦ୍ମଜ, ମହାପାତ୍ର, 'ଯାତ୍ରା ଡ଼ଟ୍ କମ୍' ଉପନ୍ୟାସ ସମଗ୍ର ୧ମ ଭାଗ ପଶ୍ଚିମା ପବ୍ଲିକେଶନସ, ଭୁବନେଶ୍ୱର, ପ୍ରଥମ ପ୍ରକାଶ-୨୦୧୮ (ପୃଷ୍ଠା- ୨୨୪)

୧୫. ମହାପାତ୍ର, ତପନ, କଥାଶିଳ୍ପୀ ଓ ଔପନ୍ୟାସିକ ପଦ୍ମଜ ପାଳଙ୍କ ସର୍ଜନ ଜୀବନ ଅଧାରୁ ଆରମ୍ଭ : ଅଧାରେ ଶେଷ ସର୍ଜନ ଜୀବନୀ, ପ୍ରକାଶକ : ଆଦିତ୍ୟ ଭାରତ କଟକ – ୧୪, ପ୍ରଥମ ସଂସ୍କରଣ : ୨୦୨୦ ପୃଷ୍ଠା- ୯୦

୧୬. ମହାପାତ୍ର ତପନ, କଥାଶିଳ୍ପୀ ଓ ଔପନ୍ୟାସିକ ପଦ୍ମଜ ପାଳଙ୍କ ସର୍ଜନ ଜୀବନ ଅଧାରୁ ଆରମ୍ଭ : ଅଧାରେ ଶେଷ ସର୍ଜନ ଜୀବନୀ, ପ୍ରକାଶକ : ଆଦିତ୍ୟ ଭାରତ କଟକ – ୧୪, ପ୍ରଥମ ସଂସ୍କରଣ : ୨୦୨୦ ପୃଷ୍ଠା-୯୧)

୧୭. ପ୍ରମେୟ, ୪ ନଭେମ୍ବର ୨୦୧୮

୧୮. ପାଳ ପଦ୍ମଜ, 'ପ୍ରତିସ୍ପର୍ଦ୍ଧା' ଶ୍ରଦ୍ଧା ପବ୍ଲିକେଶନସ, ବାଲେଶ୍ୱର, ପ୍ରଥମ ପ୍ରକାଶ ୨୦୧୬ ( ପୃ-୧୨୭)


●

BAGEESHA
ବାଗୀଶ
ପ୍ରଥମ ବର୍ଷ, ସଂଖ୍ୟା - ୦୫। ସେପ୍ଟେମ୍ବର-ଅକ୍ଟୋବର ୨୦୨୩
Volume No. 01। Issue No. 05। Sep - Oct 2023
Refereed Peer-Reviewed Jornal

# ଓଡ଼ିଆ କବିତାରେ ଆଦିବାସୀ ଜୀବନଚିତ୍ର

■ ସୌମ୍ୟଜିତ୍ ପଣ୍ଡା

ଗବେଷକ, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ

OPEN ACCESS
https://bageesha.in

Article Received : 02.09.2023 | Accepted : 25.09.2023 | Published : 25.10.2023

**ସାରାଂଶ**

ପ୍ରକୃତିର ସନ୍ତାନ ଆଦିବାସୀ। ଏହି ସମୂହ ସଂପ୍ରତି ବିଶ୍ୱରେ ପ୍ରାଚୀନ ମାନବ ସଭ୍ୟତାର ଏକ ମାତ୍ର ଜୀବିତ ଉଦାହରଣ। ସଭ୍ୟତାର ହିରଣ୍ମୟ ଉଦୟ କାଳରୁ ବନ ପ୍ରକୃତିର ଶାନ୍ତ ଶୀତଳ ଛାୟା ତଳେ ଜନ୍ମ ଲାଭ କରିଛି ଆଦିବାସୀ ଜୀବନ ଓ ସଂସ୍କୃତି। ବନଭୂମିର ଫଳମୂଳ ଓ ପଶୁପକ୍ଷୀ ଶିକାର କରି ଆପଣାର ଉଦର ପୋଷଣ କରୁଥିବା ଏହି ମାନବ ସମୁଦାୟ ବାହ୍ୟ ଧାରାଠାରୁ ଦୂରରେ ପ୍ରାକୃତିକ ପରିବେଶରେ ଜୀବନ ଅତିବାହିତ କରିଥାନ୍ତି। ତେବେ ବାହ୍ୟ ସଂସ୍କୃତି ସହିତ ସୀମିତ ଯୋଗାଯୋଗ ପରେ ମଧ୍ୟ ବିଶ୍ୱ ତଥା ଭାରତୀୟ ସାହିତ୍ୟରେ ସେମାନଙ୍କର ଉପସ୍ଥିତି ଅନୁଭବ କରାଯାଇପାରେ। ତେବେ ଓଡ଼ିଆ ସାହିତ୍ୟରେ ମଧ୍ୟ ଅଦ୍ୟକାଳରୁ ଅଦ୍ୟାବଧି ସେମାନଙ୍କୁ ବିଭିନ୍ନ ଭାବରେ ଚିତ୍ରଣ କରାଯାଇଛି। ଓଡ଼ିଆ ସାହିତ୍ୟରେ ଆଦିବାସୀ ସମୁଦୟାର ସେହିସବୁ ଉପସ୍ଥିତିକୁ ନିର୍ଦ୍ଧାରଣ କରି ତାହାର ମୂଲ୍ୟାଙ୍କନ ଓ ପ୍ରାୟୋଗିକ ପରିବର୍ତ୍ତନ ପ୍ରକ୍ରିୟାକୁ ଆଲୋଚନା କରିବା ଏହି ପ୍ରବନ୍ଧର ପ୍ରମୁଖ ଉଦ୍ଦେଶ୍ୟ।

ଆଦିବାସୀ କହିଲେ ଅମେ ଯେଉଁମାନଙ୍କୁ ଜାଣୁ ସେମାନେ ପ୍ରାଗ-ଐତିହାସିକ କାଳରୁ ଆମ ଚତୁପାଶ୍ୱର୍ରେ ରହିଆସୁଛନ୍ତି। ଏମାନଙ୍କ ମଧ୍ୟରୁ କେତେକ ନିଜକୁ ଆର୍ଯ୍ୟମାନଙ୍କର ପୂର୍ବଜ ବୋଲି ମଧ୍ୟ ପରିଚୟ ପ୍ରଦାନ କରନ୍ତି। ପ୍ରାଥମିକ ସଂସ୍କୃତ ପୁରାଣଗୁଡ଼ିକରୁ ଜଣାପଡ଼େ ଯେ, ସେତେବେଳେ ପ୍ରାଚୀନ ଓଡ଼ିଶା ଦକ୍ଷିଣାଞ୍ଚଳରେ ଶବରମାନେ ବହୁ ସଂଖ୍ୟାରେ ବସବାସ କରୁଥିଲେ।(୧) ପ୍ରାଚୀନ 'ଅଷ୍ଟାଦଶାବିକ ରାଜ୍ୟ' ଯାହା ପରବର୍ତ୍ତୀ କାଳରେ ଅଠର ଗଡ଼ଜାତ ନାମରେ ପରିଚିତ ହେଲା ତାହାର ପ୍ରତିଷ୍ଠାତା ଏହି ଅଟବିକମାନେ ହିଁ ବର୍ତ୍ତମାନଙ୍କ ଆଦିବାସୀମାନଙ୍କର ପୂର୍ବପୁରୁଷ ଥିବା ଜଣାପଡ଼େ। ଡ଼କ୍ଟର ନବୀନ କୁମାର ସାହୁ ନିଜର 'ଓଡ଼ିଆ ସାହିତ୍ୟର ଇତିହାସ'(୧୯୭୪) ଗ୍ରନ୍ଥର ପ୍ରଥମ ଭାଗରେ ପ୍ରଥମ, ଦ୍ୱିତୀୟ ଓ ନବମ ଅଧ୍ୟାୟରେ ଏ ସଂପର୍କରେ ବିଶଦ ଆଲୋଚନା କରିଛନ୍ତି। ଖ୍ରୀଷ୍ଟୀୟ ସପ୍ତମ ରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ମିଳିଥିବା ବିଭିନ୍ନ ଅଭିଲେଖରେ ଏହି ଭୂଖଣ୍ଡରେ ଶବର, ଗଣ୍ଡ ପ୍ରଭୃତି ଆଦିବାସୀ ସଂପ୍ରଦାୟମାନଙ୍କ ବିଷୟରେ ଉଲ୍ଲେଖ ଥିବା ଦେଖିବାକୁ ମିଳେ।(୨) ବର୍ତ୍ତମାନ ସମୟରେ ଏହି ସମ୍ପ୍ରଦାୟର ଉପସ୍ଥିତି ଆମେ ପ୍ରତ୍ୟକ୍ଷ ଭାବରେ ଅନୁଭବ କରି ପାରୁଛେ। ୨୦୧୧ ଜନଗଣନା ଆନୁସାରେ ଆମ ରାଜ୍ୟରେ ମୋଟ ୬୨ ଜନଜାତି ସଂପ୍ରଦାୟର ୮୧୪୫୦୮୧ ଲୋକ ବସବାସ କରୁଛନ୍ତି। ଯେହେତୁ ପ୍ରାଚୀନ କାଳରୁ ଏମାନଙ୍କର ଉପସ୍ଥିତି ଆମର ଚତୁଃର୍ପାଶ୍ୱରେ ରହିଆସିଛି ତେଣୁ ଆମ ସାହିତ୍ୟରେ ସେମାନଙ୍କର ଉପସ୍ଥିତି କିଛି ନୂଆ କଥା ନୁହେଁ।

ପ୍ରାୟ ହଜାରେ ବର୍ଷର ଓଡ଼ିଆ ସାହିତ୍ୟ ପରମ୍ପରାରେ ଅନେକତ୍ର ବିଭିନ୍ନ ଆଦିବାସୀ ସଂପ୍ରଦାୟର ବର୍ଣ୍ଣନା ଦେଖିବାକୁ ମିଳିଥାଏ। ପ୍ରାରମ୍ଭିକ ପର୍ଯ୍ୟାୟରେ ଚର୍ଯ୍ୟା ଗୀତିକାରେ ଡୋମ୍ବିପାଦ ଶବରଶବରୀଙ୍କ କଥା ଛଳରେ ଜଟିଳ ସହଜ ଯୋଗ କଥା ଆଲୋଚନା କରିଛନ୍ତି। ଏହି ଚର୍ଯ୍ୟାପଦରେ ଶବରଶବରୀ ଡୋମ୍ବିପାଦଙ୍କ ତତ୍ତ୍ୱ ଉପସ୍ଥାପନ ପାଇଁ କେବଳ ଏକ ପ୍ରତୀକ ମାତ୍ର ଅଟନ୍ତି। ଏହା ପରେ ଶାରଳାଦାସ କୃତ ମହାଭାରତ କଥା ଆଲୋଚନା କରାଯାଉ। ଶାରଳା କୃତ ମହାଭାରତ କାହାଣୀର ବିସ୍ତୃତ ପଟ୍ଟଭୂମିରେ ଶବର, କିରାତ, ବ୍ୟାଧ, ଚଣ୍ଡାଳ, ନିଷାଦ ଆଦି ସଂପ୍ରଦାୟର ସ୍ଥଳ ବିଶେଷରେ

ଉଲ୍ଲେଖ ଆଦିପର୍ବରେ  ରହିଛି। ଆଦିପର୍ବରେ ଏକଲବ୍ୟ ଓ ଦ୍ରୋଣାଚାର୍ଯ୍ୟଙ୍କ ଉପାଖ୍ୟାନ, ମଧ୍ୟପର୍ବ ଓ ସଭାପର୍ବରେ ହିଡ଼ିମ୍ବା ଉପାଖ୍ୟାନ ତଥା ଓଡ଼ାଦି ଶିବପୁରାଣରେ ବ୍ରାହ୍ମଣ-ଚଣ୍ଡାଳ କନ୍ୟା ବିବାହ, ମୁଷଳୀ ପର୍ବରେ ଶ୍ରୀକୃଷ୍ଣଙ୍କୁ ସରାଘାତ କରିଥିବା ଜାରା ଶବର ବୃତ୍ତାନ୍ତ ବର୍ଣ୍ଣନା ତଥା ଶ୍ରୀକୃଷ୍ଣ ଜଗନ୍ନାଥ ଏକତ୍ରୀକରଣ ପ୍ରସଙ୍ଗରେ ଶବରୀ ନାରାୟଣ ପୂଜା ଆଦି କାବ୍ୟିକ ବର୍ଣ୍ଣନାରୁ ଏହା ପ୍ରମାଣ ମିଳେ ଯେ ଶାରଳାଦାସ କୃତ ମହାଭାରତରେ ଆଦିବାସୀ ବା ତତ୍କାଳୀନ ବନଚରମାନେ ଏକ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଛନ୍ତି।

ପରବର୍ତ୍ତୀ କାଳରେ ବଳରାମ ଦାସ କୃତ 'ଜଗମୋହନ ରାମାୟଣ'ରେ ଆଦିବାସୀ ଚରିତ୍ରମାନଙ୍କର ଏକ ବିଶେଷ ଭୂମିକା ରହିଛି। ଜଗମୋହନ ରାମାୟଣର ଅଯୋଧ୍ୟା କାଣ୍ଡରେ ଗୁହକ ଶବର ଓ ସେମାନଙ୍କ ଅନୁଚରମାନଙ୍କ ବିଷୟରେ ବର୍ଣ୍ଣନା ରହିଛି। ଏହିଠାରେ ସେମାନଙ୍କ ମୂଳ ଆର୍ଯ୍ୟ ଜାତିଠାରୁ ବିପରୀତ ବେଶଭୂଷା ଓ ଆଚରଣ କଥା ବର୍ଣ୍ଣନା କରାଯାଇଛି ।

"ଏକ ହାତେ କୁଠାର କେ ଧନୁ କରେ ଘେନି/କେ କରେ ଘେନି ଅଛଇ ଭାଙ୍ଗି ଡାଳ ବେନି।/ମୂଷଳ ମୁଦ୍ଗର ଶର ଯାଠିକି ପ୍ରହାରି/ଶିକଳ ଲଗାଇ କେହୁ କୁକୁରକୁ ଧରି।/ଅଣ୍ଟାରୁ ମେଖଳା କେହି ଝିଙ୍କିଣ ଝଙ୍କାନ୍ତି/ତୁଣୀରରୁ କାଣ୍ଡେକ କାଢ଼ିଣ ସଳଖନ୍ତି।/କାରିଗରି କରଇ କେ ବାଟେ ଯାଉଁ ଯାଉଁ/ମାର-ମାର ବୋଲି କେ ଯୁଝନ୍ତି ଧାଉଁ ଧାଉଁ।"(୩)

ମ୍ଳେଚ୍ଛ ଭାବରେ ଚିହ୍ନିତ ଏହି ଆଦିବାସୀ ସମ୍ପ୍ରଦାୟର ରାଜା ଗୁହକ ରାମଚନ୍ଦ୍ରଙ୍କ ପ୍ରିୟ ମିତ୍ର ଥିଲେ। ପରବର୍ତ୍ତୀ ସମୟରେ ଶ୍ରୀରାମଙ୍କ ଅଶ୍ୱମେଧ ଯଜ୍ଞରେ ଅନ୍ୟ ସମସ୍ତ ରାଜାମାନଙ୍କ ସହିତ ସେ ସମ୍ମାନ ଜନକ ସ୍ଥାନ ଲାଭ କରିଥିଲେ। ଏହା ବ୍ୟତିତ 'ଲକ୍ଷ୍ମୀପୁରାଣ' ତାଙ୍କର ଏକ ଅନ୍ୟ କୃତି। ଏହି କାବ୍ୟରେ ଚଣ୍ଡାଳୁଣୀ ଶ୍ରୀୟାର ଉପାଖ୍ୟାନ ବର୍ଣ୍ଣନା କରାଯାଇଛି। ଯାହା ଓଡ଼ିଆ ସାହିତ୍ୟ ପୃଷ୍ଠାରେ ଆଦିବାସୀ ସଂପ୍ରଦାୟ ଉପସ୍ଥିତିର ଏକ ଅନନ୍ୟ ଉଦାହରଣ।

ତତ୍ପରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟରେ ଆମେ ସ୍ଥାନେ ସ୍ଥାନେ ଆଦିବାସୀ ସଂପ୍ରଦାୟର ବର୍ଣ୍ଣନା ଦେଖିବାକୁ ପାଇଥାଉ। ତାଙ୍କର 'ବୈଦେହୀଶ ବିଳାସ', 'ସୁଭଦ୍ରା ପରିଣୟ', 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' ପ୍ରଭୃତି କାବ୍ୟର ସ୍ଥଳ ବିଶେଷରେ ବିଭିନ୍ନ ଆଦିବାସୀ ସଂପ୍ରଦାୟ ବିଶେଷତଃ ଶବର ସଂପ୍ରଦାୟର ବର୍ଣ୍ଣନା ରହିଛି। ଏଠାରେ ଉଦାହରଣ ସ୍ୱରୂପ 'ଲାବଣ୍ୟବତୀ' କାବ୍ୟକୁ ଆଧାର ରୂପରେ ଗ୍ରହଣ କରାଯାଇ ପାରେ। ଲାବଣ୍ୟବତୀ କାବ୍ୟର ଚତୁର୍ବିଂଶ ଛନ୍ଦରେ ଚନ୍ଦ୍ରଭାନୁର ଶିକାର ବର୍ଣ୍ଣନା ପ୍ରସଙ୍ଗରେ କବିସମ୍ରାଟ ଲେଖିଛନ୍ତି, "ଶବରପନ୍ତି କି ଭୟଙ୍କର ଯଥା ପରତେ-ରାଟ କିଙ୍କର/ଭୂଷା ବିରାଟ ଗୁଞ୍ଜ ନିକର ମଧୁରେ ମତ୍ତ ଯେ/ମନ୍ତର ପଢ଼ି ଧୂଳି ଉଡ଼ାଇ ଗଲେ ସେ ପଶୁପଦ ଗୋଡ଼ାଇ/ଧମନ ଚାପେ କାଣ୍ଡ ଚଢ଼ାଇ ଟାଙ୍ଗି ଗୃହୀତ ଯେ,/ବ୍ୟାଧେ ବହିଣ ନଳ ତାଳ ତାଟିକି ଯେ/ ନୀଳ ଆଳିରେ ଘେନି ଅଠା କାଠିକି ଯେ ।/ବହି ବାଗୁରା କେ ତହିଁ ଦ୍ୱରା ବହୁତ ମୃଗ ଦଂଶକ ଧରା/ଶାଖା ବେଷ୍ଟନେ ବଲ୍ଲରୀ ପରି ଲଭି ଦୃଷ୍ଟିକି ଯେ ।"(୪)

ଏଠାରେ ରାଜକୁମାର ଚନ୍ଦ୍ରଭାନୁଙ୍କ ଆଖେଟ ବର୍ଣ୍ଣନା ସମୟରେ ବନପ୍ରଦେଶରେ ବନଚରମାନଙ୍କର ବର୍ଣ୍ଣନା ଅତ୍ୟନ୍ତ ଅକର୍ଷଣୀୟ ।

ରୀତିଯୁଗର ଅନ୍ୟତମ କବି ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ତାଙ୍କ 'ଲଳିତ ଲୋଚନା' କାବ୍ୟରେ ପୂର୍ବାନୁରୂପ ଭାବରେ ନାୟକର ମୃଗୟା ବର୍ଣ୍ଣନା ପ୍ରସଙ୍ଗରେ ଶବର ସଂପ୍ରଦାୟର ଉଲ୍ଲେଖ କରିଛନ୍ତି। "ଗଳାରେ ନାନା ଫଳର ମାଳ ବରାକାଦି ବରଗଡ଼ ଯେ/କାଛକୁ ପିନ୍ଧି ପଚହାକୁ ବାନ୍ଧି ଲଟି କେ କରି ଲାଙ୍ଗୁଡ଼ ଯେ ।/ ସୁରାରେ ଭୋଳା ତୋରରେ ମୃଗ ପରାଏ କେହୁ ଚଞ୍ଚଳ ଯେ / ପଥରେ ଯାନ୍ତୁ ହାତରେ ଧରି କରେ କେ ମାଂସ କବଳ ଯେ।/ ଟିଆର ଧନୁ ଟିଆର କରି କୁରଙ୍ଗୀ ପରି କୁହାଟି ଯେ/ଫାରସା କରେ ଭରସା ପରେ ଅଧର ଦନ୍ତେ ରକଟି ଯେ।/ଅଠାରେ କାଠି ମୁଠାରେ ନଳୀ/ ଆଡ଼ଣି ଡ଼ାଳ ତାଟିକି ଯେ / ଧରିଣ ଯାନ୍ତି ଫେରିଣ ବ୍ୟାଧେ ଛାପିଲା କର ବଟିକି ଯେ।"(୫)

ଏହା ବ୍ୟତିତ ଆଦିଯୁଗ ଓ ମଧ୍ୟଯୁଗ କାବ୍ୟରେ ଅନେତ୍ର ବିଭିନ୍ନ ଆଦିବାସୀ ସମୁଦାୟ ବିଷୟରେ ବର୍ଣ୍ଣନା ରହିଥିଲେ ମଧ୍ୟ ତାହା ଏପରି ସୁସ୍ପଷ୍ଟ ନୁହେଁ। ଆଦି ତଥା ମଧ୍ୟ କାଳୀନ କାବ୍ୟରେ ଅଦିବାସୀ ସଂପ୍ରଦାୟର ଚିତ୍ର ପ୍ରାୟ ଏକା ପ୍ରକାରର। ସାଧାରଣତଃ ସେମାନଙ୍କୁ ଆଟବିକ ବନଚର ଓ ଅନେକତ୍ର ମ୍ଲେଚ୍ଛ ବୋଲି ମଧ୍ୟ ସଂବୋଧନ କରାଯାଇଛି। ଓଡ଼ିଶାର ବିଭିନ୍ନ ଅଦିବାସୀ ସମ୍ପ୍ରଦାୟଙ୍କ ଭିତରେ ବୋଧହୁଏ ଶବରମାନେ ହିଁ ଆର୍ଯ୍ୟବସତିର ଥିଲେ ଖୁବ ନିକଟତର ଏହି କାରଣରୁ ଆଦି ମଧ୍ୟ ଯୁଗର ଓଡ଼ିଆ ସାହିତ୍ୟରେ ଶବର ସମ୍ପ୍ରଦାୟର ବର୍ଣ୍ଣନା ଖୁବ୍ ଅଧିକ ରହିଛି।

ଏହା ପରେ ଆଧୁନିକ ଓଡ଼ିଆ କବିତା କଥା ବିଚାର କରାଯାଉ। ଆଧୁନିକତାର ପ୍ରାରମ୍ଭିକ ସମୟରେ ଓଡ଼ିଆ

କାବ୍ୟ କବିତା ଅଦିବାସୀ ଜୀବନ ଧାରାର ପ୍ରଭାବ ସେତେ ମାତ୍ରରେ ଦୃଶ୍ୟ ହୁଏ ନାହିଁ। ଗଙ୍ଗାଧର ମେହେରଙ୍କ ତପସ୍ୱିନୀ, ଇନ୍ଦୁମତୀ, ରାଧାନାଥ ରାୟଙ୍କ ପାର୍ବତୀ, ଉଷା ଆଦି କାବ୍ୟରେ ଅରଣ୍ୟ ବର୍ଣ୍ଣନା ରହିଥିଲେ ମଧ ତାନ୍ମଧରେ ଆଦିବାସୀ ସଂପ୍ରଦାୟର ଛିଟା ଦେଖିବାକୁ ମିଳେନାହିଁ। ମାତ୍ର ୧୯୪୭ ମସିହାରେ ପ୍ରଥମ ଥର ପାଇଁ ପ୍ରାୟ ଦଶଟି ଭିନ୍ନ ଭିନ୍ନ ଆଦିବାସୀ ସମ୍ପ୍ରଦାୟର ମୌଖିକ ପରମ୍ପରାରେ ପ୍ରଚଳିତ ଗୀତଗୁଡ଼ିକୁ ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ସଂଗ୍ରହ କରି 'ଗାନ୍ଧର୍ବିକା ଶତଦଳ' ନାମରେ କଟକରୁ ପ୍ରକାଶିତ କରିଥିଲେ। ଏହା ମଧରେ କନ୍ଧ, ସଉରା, ଗଣ୍ଡ, ଗଦବା, ସନ୍ତାଳ, ଝଡ଼ିଆ ପରଜା, ବଡ଼ ପରଜା, ମାଟିଆ ପରଜା, ପାରଙ୍ଗା ପରଜା, ଡମ ପାଣ, ଗଦବା, କୋୟା ପ୍ରଭୃତି ସମ୍ପ୍ରଦାୟର ଚଇତି ପରବ, ବିବାହ, ଧାଂଡ଼ା ଧାଂଡ଼ି ସଂଳାପ, ଫସଲ ଅମଳ, ହସଖୁସୀ ପ୍ରଭୃତି ଅନେକ ଆୟୋଜନର ଗୀତ ସଂଗ୍ରହ କରାଯାଇଥିଲା। ଶ୍ରୀ ସାହୁ ସେମାନଙ୍କ ମୂଳ ଭାଷାକୁ ଯଥାବତ୍ ରଖି ଗୀତଗୁଡ଼ିକୁ ପ୍ରକାଶ କରିବା ସହିତ ସେଗୁଡ଼ିକର ଅନୁବାଦ ମଧ ପ୍ରକାଶ କରିଥିଲେ।

ଉଦାହରଣ ସ୍ୱରୂପ; ବଣରେ ହଳଦୀ ବସନ୍ତକୁ ଦେଖି କେହି ପ୍ରିୟଲୋକ ଆସିବେ ବୋଲି ଭାବି ଆଦିବାସୀ ଗୀତ ଗାଏ, "ଅକୁବେଟା ହାଜାସେ ବେକୁ ବେଟା ହାଜାସେ ପିଆପୁଟ ଡୁମ୍ବର ହୋ"/(କାଠ ପତ୍ର ଖୋଜିବା ବେଳେ ହଳଦି ବସନ୍ତ ଏଣେ ତେଣେ ଉଡ଼ିବା ଦେଖି କାହିଁକି ଚଢ଼େଇଟି ପିଅପଟୁ ବୋଲି କାନ୍ଦୁଛି)/"ବାଡ଼ିକି ନ ସାରି ବାଡ଼ିକି ନା ଯୋଡ଼ି। ୧। /(କିଏ ଆମ୍ଭର ସ୍ନେହି ଆସିଲେ କି)/ମାମାମାଗା ବାଡ଼ି ବେଲ ବଣ୍ଡା ମ ରାଡ଼ାଡ଼ି ବେଲା୨। (ମାମୁଁର ଝିଅ ଆସିଥିବ ପରା)(୬)"

ଏହିପରି ଭାବରେ ଶ୍ରୀ ସାହୁଙ୍କ 'ଗାନ୍ଧର୍ବିକା ଶତଦଳ'ରେ ଆଦିବାସୀ ଗୀତ ଗୁଡ଼ିକ ସ୍ଥାନିତ ହୋଇଛି। ଏହା ଥିଲା ଓଡ଼ିଆ କବିତାରେ ପ୍ରଥମ ସଂପୂର୍ଣ୍ଣ ଆଦିବାସୀ ଭିତ୍ତିକ ରଚନା। ଏହା ମଧରେ ପ୍ରଥମ କରି ଆଦିବାସୀ ଲୋକଗୀତ ଗୁଡ଼ିକ ଓଡ଼ିଆ ସାହିତ୍ୟରେ ସ୍ଥାନିତ ହେଲା।

ତତ୍ପରେ ୧୯୫୭ ମସିହାରେ ଓଡ଼ିଶା ସାମାଜିକ ଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ ଓ ଗୋପୀନାଥ ମହାନ୍ତିଙ୍କ ଦ୍ୱାରା ସଂଗୃହୀତ 'କନ୍ଧ ପରଜା ସ୍ତୋତ୍ର ଓ ସଙ୍ଗୀତ'ରେ କନ୍ଧ ଓ ପରଜା ସମୁଦାୟରେ ମେରିଆ ସ୍ତୋତ୍ର, ରୋଗ ଝଡ଼ା ମନ୍ତ୍ର, ମୃତ୍ୟୁକ୍ରିୟା, ମରଣ ବିଳାପ, ଚିତା ଗୁଡ଼ି ବନ୍ଦନା, ବିବାହ ସଂଗୀତ, କନ୍ଧ ପ୍ରେମ ସଙ୍ଗୀତ, ପେଙ୍ଗ ପରଜା ଗୀତ, ବଡ଼ ପରଜା ଗୀତ, ଝୋଡ଼ିଆ ପରଜା ଗୀତ ଇତ୍ୟାଦି ସ୍ଥାନିତ। ଏହି ସଂଗ୍ରହ ମଧରେ ଶ୍ରୀ ମହାନ୍ତ କନ୍ଧ ଓ ପରଜା ସମ୍ପ୍ରଦାୟର ବିଭିନ୍ନ ଅନୁଷ୍ଠାନ ସମୟରେ ଗୀତଗୁଡ଼ିକର ପ୍ରୟୋଗବିଧି ସହିତ ଏହାର ସମୟ ଓ ରୀତିନୀତି ବିଷୟରେ ଅବଧାରଣା ପ୍ରଦାନ କରିଛନ୍ତି। ଯଥା – "ଚିତାଗୁଡ଼ି, ଚିତାମା ବା ସୀତାମା ଗୋଟିଏ ଦେବୀ। ଲୋକଙ୍କୁ ବିପଦ ପଡ଼ିଲେ ବା ଗୋରୁ ମଡ଼କ ଜ୍ୱର ଆଦି ହେଲେ ତାଙ୍କୁ ସୋମବାର ଦିନ ପୂଜା କରାଯାଏ। ଚଇତରେ ଯେତେବେଳେ ବଣ ଶୁଖେ କନ୍ଧ ଶିକାର କରିବାକୁ ବଣକୁ ପଶନ୍ତି ସେତେବେଳେ ମଧ ଚଇତି ଗୁଡ଼ି ଦେବୀଙ୍କ ପୂଜା କରାଯାଏ ।"

"ଇୟାମା ସୀତାମା' ମା' ଦେଇଲେ/ଇୟାମା ଲାଚେଇମା ଦେଇଲେ ।/ଗାରେରେ ରକିଣିତି ନିନୁୟୋ/ ଗାରେରେ ଦେବୁତିଣି ନିନୁୟ ।..."(୭) ଏହା ସହିତ ଶ୍ରୀ ମହାନ୍ତି ସ୍ତୋତ୍ର ଓ ଗୀତଗୁଡ଼ିକର ଓଡ଼ିଆ ଭାବାର୍ଥ ଓ ଭାଷା ତାତ୍ତ୍ୱିକ ଅଧୟନ କରି ଉକ୍ତ ସମାଜରେ ସେହି ଗୀତଗୁଡ଼ିକର ଔଚିତ୍ୟ ଓ ପ୍ରଭାବ ବିଷୟରେ ବିଶଦ ଆଲୋଚନା କରିଛନ୍ତି।

ଏହାପରେ ୧୯୬୧ ମସିହାରେ ରାଧାମୋହନ ଗଡ଼ନାୟକଙ୍କର ଶାମୁକାର ସ୍ୱପ୍ନ କବିତା ସଂକଳନରେ ଆମେ ଭେଟୁ 'ଶ୍ରମଣାର ଅତିଥି ଚର୍ଚ୍ଚା'ର ନାୟିକା ରାମାୟଣର ମହାନ୍ ଶବରୀ ଚରିତ୍ରକୁ। ପମ୍ପାସ ସରୋବର କୂଳର ନୀରବ ତପସ୍ୱିନୀ ଶବରୀ ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ରଙ୍କୁ ଦର୍ଶନ କରି ନିଜର ଭକ୍ତି ଅର୍ପଣ କରିଛି ସେଥିପାଇଁ ମହାନ୍ ଋଷି ବାଲ୍ମୀକିଙ୍କ ଲେଖନୀରେ ସେହି ଶ୍ରମଣା ହୋଇଉଠିଛି ମହନୀୟ। "ଶବରୀ ତୁମେ ଅମରୀ ଆଜି / ତପସ୍ୱିନୀ ତୁମେ/ତୁମରି ଲାଗି ଧନ୍ୟ ଆମେ/ ମର ମର୍ତ୍ତ୍ୟ ଭୂମେ ।"(୮)

ଅନୁରୂପ ଭାବରେ କବି ଅନନ୍ତ ପଟ୍ଟନାୟକ ୧୯୬୨ ମସିହାରେ ପ୍ରକାଶିତ ଡ଼ଗର ପତ୍ରିକାର ରଜତ ଜୟନ୍ତୀ ବିଶେଷାଙ୍କରେ ପ୍ରକାଶିତ ହୋଇଥିବା କବିତା 'କିଏ ଏଇ ଚାହେଁ ରେ' କବିତାରେ ଗିରିଜନ ଆଦିବାସୀ କିପରି ନୂତନ ଯୁଗର ସମ୍ଭାବନାକୁ ପୂର୍ଣ୍ଣ ଉତ୍ସାହରେ ଗ୍ରହଣ କରି ଅଗ୍ରସର ହେଉଛି ତାହା ବର୍ଣ୍ଣନା କରିଛନ୍ତି। "ପାହାଡ଼ର ତଳାରେ ବେତକୋଳି ଭଇଁଚ / ଦୋଳୁଛି କି କା ଗଳାରେ ଚିକି ଚିକି କାଇଁଚ ।/ଧଳା ଧଳା ଧୂସର ପରଖୋସା କେଶର/ କିଏ ଏଇ ଚାହେଁରେ/ଧକ ଧକ ମଟର ନୂଅ ଯୁଗ ସାଥିରେ!/ କିଏ ନାହିଁ ଧାଏଁ ରେ!"

ଏହି କବିତା ଦ୍ୱୟ ନିଜ ନିଜର ଉଦ୍ଦେଶ୍ୟ ସାଧନ ଲାଗି ଆଦିବାସୀ ବା ଜନଜାତି ସମୁଦାୟର ଚରିତ୍ରମାନଙ୍କର ସହାୟତା ଲୋଡ଼ିଛନ୍ତି। ମାତ୍ର ଏହା ମଧରେ ନା ଅଛି ଆଦିବାସୀ ସମ୍ପ୍ରଦାୟ ସୁଲଭ ଗୁଣ ନା ଅଛି ଆଦିବାସୀ

ଜନଜାତୀୟ ପ୍ରତିକ୍ରିୟା। ସେହିପରି ପ୍ରତିଭା ଶତପଥୀଙ୍କ 'ଶବରୀ', ସୀତାକାନ୍ତ ମହାପାତ୍ରଙ୍କ 'ଜାରା ଶବର ସଂଗୀତ' ଆଦି କାବ୍ୟ କବିତାରେ ଅଦିବାସୀ ଚରିତ୍ର ରହିଥିଲେ ମଧ୍ୟ ମୂଳ ଆଦିବାସୀ ଭାବଧାରା ଓ ସମସ୍ୟାଗୁଡ଼ିକ ସହିତ ତାହାର କୌଣସି ସମ୍ପର୍କ ନାହିଁ।

ଶତୁରୀ ଦଶକ ପରବର୍ତ୍ତୀ ସମୟରେ ସୀତାକାନ୍ତ ମହାପାତ୍ରଙ୍କ ଦୁଇଟି ଆଦିବାସୀ ଲୋକଗୀତ ସଂକଳନ ଓ ଅନୁବାଦ 'ସାର ହୁଲର ଜହ୍ନ'(୧୯୭୭) ଓ 'ଶାଳଗଛ ଫୁଲରେ ନଇଁଛି'(୨୦୦୨) ସ୍ମରଣୀୟ। 'The Wooen Sword'ର ଓଡ଼ିଆ ଅନୁବାଦ ଭାବରେ ପ୍ରକାଶ ପାଇଲା 'ସାର ହୁଲର ଜହ୍ନ'(୧୯୭୭) ଏହି ଗୀତିକବିତା ସଂକଳନରେ କନ୍ଧ ଓ ପରଜାମାନଙ୍କ ଗୀତଗୁଡ଼ିକ ସଂକଳିତ ହେବା ସହ ଓଡ଼ିଆ ଅନୁବାଦ ମଧ୍ୟ ହୋଇଛି। ସେହିପରି ଅନ୍ୟ ଏକ କବିତା ଗ୍ରନ୍ଥ ନାମ ହେଉଛି 'ଶାଳଗଛ ଫୁଲରେ ନଇଁଛି'(୨୦୦୨) ଏହି କବିତା ଗୁଡ଼ିକ କନ୍ଧ, ପରଜା ଏବଂ କୋୟା ଜନଜାତି ଉପରେ ଆଧାରିତ। ଏହି କବିତା ସଂକଳନଟି ଆଦିବାସୀ ସମୁଦାୟର ସଂଘୀୟ ଜୀବନ, ଚାଲିଚଳନି, ଓଷା ବ୍ରତ, ତଥା ପର୍ବପର୍ବାଣୀ ଉପରେ ଆଧାରିତ।

୧୯୯୪ ମସିହାରେ ବ୍ରହ୍ମାନନ୍ଦ ଦାସଙ୍କ ଦ୍ୱାରା ସଂଗୃହୀତ ଆଦିବାସୀ କବିତାକୁ ନେଇ ଫ୍ରେଣ୍ଡସ୍ ପବ୍ଲିଶର୍ସ୍ କଟକ ପକ୍ଷରୁ ପ୍ରକାଶ ପାଏ। 'ପୃଥିବୀର ଆଦିବାସୀ ଲୋକ କବିତା' ଏହି ସଂକଳନ ମଧ୍ୟରେ ଭାରତର ସାନ୍ତାଳ, କୋହ୍ଲ, ଓରାଓଁ, ହୋ, ମୁଣ୍ଡା, ଭୁଇଁଆ, ବୀରହୋର୍, ଗଣ୍ଡ, ଜୁଆଙ୍ଗ, ଗାରୋ, ଗଦବା, ଶବର, ବଣ୍ଡା, ଟୋଡ଼ା, କନ୍ଧ, ପରଜା, କିଷାନ୍, ଭୀଲ୍, ମିସିଙ୍ଗ୍ ନାଗା, ଚେଞ୍ଚୁ, ଗଦ୍ଦି, କିନ୍ନର ଆଦି ସମୁଦାୟର ଲୋକ କବିତା ସହିତ କିଛି ଆଫ୍ରିକୀୟ ଆଦିବାସୀ ସମୁଦାୟର ଲୋକ କବିତା ସଂକଳିତ। ଏହି କବିତା ଗୁଡ଼ିକ ସାଧାରଣତଃ ପ୍ରକୃତି, ସ୍ତ୍ରୀ ପୁରୁଷ ପ୍ରେମ, ଦୈନନ୍ଦିନ କର୍ମ ସମୟରେ ବୋଲାଯାଉଥିବା ଗୀତକୁ ଆଧାର କରି ସଂଗୃହୀତ। ଏହି ସଂକଳନ ମଧ୍ୟରେ ମୂଳ ଆଦିବାସୀ ଭାଷାର ପ୍ରୟୋଗ ନକରି କେବଳ ଓଡ଼ିଆ ଭାଷାରେ ଏହାର ମର୍ମାନୁବାଦକୁ ସଂଗ୍ରହ କରାଯାଇଛି ।

୨୦୧୯ ମସିହାରେ ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଦ୍ୱାରା ସଂପାଦିତ ଓ କିତାବ ଭବନ ଭୁବନେଶ୍ୱର ଦ୍ୱାରା ପ୍ରକାଶିତ 'କବି ନିରଂଜନ ପାଢ଼ୀଙ୍କର ଆଦିବାସୀ ସାହିତ୍ୟ ସମଗ୍ର ସ୍ୱତନ୍ତ୍ର ଗ୍ରନ୍ଥାବଳୀ'ରେ ଶ୍ରୀ ପାଢ଼ୀଙ୍କ ଦ୍ୱାରା ରଚିତ 'କଳାହାଣ୍ଡିର କାବ୍ୟ' (୧୯୯୩), 'ସମାକୋଇର ସ୍ୱପ୍ନ'(ଜୁଆଙ୍ଗ ପ୍ରଥମଭାଗ) (୧୯୯୯), 'ଆଦିବାସୀ' (୨୦୦୬) ଓ 'ଜୁଆଙ୍ଗ'(ଦ୍ୱିତୀୟ ଭାଗ) (୨୦୧୬) ଆଦି କବିତା ପୁସ୍ତକ ସଂକଳିତ। ଏହି ସବୁ କବିତା ପୁସ୍ତକ ମଧ୍ୟରୁ 'କଳାହାଣ୍ଡିର କାବ୍ୟ' କବିତା ଗ୍ରନ୍ଥରେ କଳାହାଣ୍ଡିର ପ୍ରାକୃତିକ ଶୋଭା, ରୂପ-ବୈଚିତ୍ୟ ସହିତ, ସେଠାକାର ଆଦିବାସୀ ଜୀବନର ଦୈନନ୍ଦିନ ଜୀବନଚର୍ଯ୍ୟା, ସଂସ୍କୃତି ଓ ସଂଘର୍ଷ ସ୍ଥାନ ପାଇଥିବା ସମୟରେ 'ସମାକୋଇର ସ୍ୱପ୍ନ' କବିତା ଗ୍ରନ୍ଥ ସଂପୂର୍ଣ୍ଣ ଭାବରେ ଜୁଆଙ୍ଗ ସମୁଦାୟର ଜୀବନ, ଲୋକଗୀତ ଓ ସଂସ୍କୃତି ଆଧାରିତ। ଶ୍ରୀ ପାଢ଼ୀ ଏହି ସଂକଳନର ପ୍ରେରକ ଭାବରେ ସୀତାକାନ୍ତ ମହାପାତ୍ରଙ୍କୁ ଉଦ୍ଧୃତି କରି କୁହନ୍ତି, "କେନ୍ଦୁଝର ଜିଲ୍ଲା କଲେକ୍ଟର ପାଇବ, କିନ୍ତୁ ଏଡ଼େ ସହଜରେ ଜଣେ କବିଙ୍କୁ କଲେକ୍ଟର ଭାବରେ ପାଇ ନପାରେ। ତେଣୁ ସେ ଜିଲ୍ଲାର ଜୁଆଙ୍ଗମାନଙ୍କର ସାହିତ୍ୟ ବିଷୟରେ କିଛି ଅନୁଧ୍ୟାନ କରିବାକୁ ଏ ସୁଯୋଗ ହାତଛଡ଼ା କରିବା ଉଚିତ ହେବନାହିଁ।"(୯) ଏହି କବିତା ସଂକଳନ ୫୦ଟି ମୌଳିକ କବିତା ରହିଥିବା ବେଳେ, ଜୁଆଙ୍ଗ ଆଦିବାସୀ ସମୁଦାୟର ୫୦ଟି ଗୀତ ଭାବାର୍ଥ ସହିତ ସଂଗୃହୀତ। ଏହି କବିତା ଗୁଡ଼ିକ ସାଧାରଣତଃ ସେମାନଙ୍କର ସହାବସ୍ଥାନ, ଗୃହୋପକରଣ, ଖାଦ୍ୟ, ସ୍ୱାସ୍ଥ୍ୟବ୍ୟାଧି ଓ ତା'ର ଚିକିତ୍ସା, ଅର୍ଥନୀତି ଓ ଜୀବନ ଚର୍ଯ୍ୟା, ବିବାହ, ସଂସ୍କୃତି ଓ ଧର୍ମ ତଥା ମୃତ୍ୟୁ, ପୋଷାକ ଏବଂ ବ୍ୟକ୍ତିତ୍ୱ ଓ କବିତ୍ୱ ଆଦିକୁ ଆଧାର କରି ସଂଗୃହୀତ ଓ ରଚିତ। ଏହି ସଂକଳନଟି ଜୁଆଙ୍ଗ କବିତା ସଂଗ୍ରହର ପ୍ରଥମ ଭାଗ ଏହାର ଦ୍ୱିତୀୟ ଭାଗ 'ଜୁଆଙ୍ଗ' ଦ୍ୱିତୀୟ ଭାଗ ନାମରେ ୨୦୧୬ ମସିହାରେ ପ୍ରକାଶିତ ଏହି ସଂକଳନରେ କବି ଶ୍ରୀ ପାଢ଼ୀ ୫୭ଟି ମୌଳିକ କବିତା ସହିତ ୧୨ଟି ଜୁଆଙ୍ଗ କବିତା ସମୂହର ଅବତାରଣା ଓ ଭାବାର୍ଥ ପ୍ରଦାନ କରିଛନ୍ତି। ତାଙ୍କର ଅନ୍ୟ ଏକ କବିତା ଗ୍ରନ୍ଥ 'ଆଦିବାସୀ' ୨୦୦୬ ମସିହାରେ ପ୍ରକାଶିତ ଉକ୍ତ ସଂକଳନ ମଧ୍ୟରେ ସମୁଦାୟ ୫୭ଟି କବିତା ସଂକଳିତ ହୋଇଥିବା ବେଳେ ସେହି ସମସ୍ତ କବିତା ସ୍ୱଭୂମିରେ ମୌଳିକ। ଉକ୍ତ ସଂକଳନରେ ଆଦିବାସୀ ସମୁଦାୟର ବିଶ୍ୱାସ, ସମସ୍ୟା, ସେମାନଙ୍କ ପ୍ରତି ଘଟିତ ଅନ୍ୟାୟ ଓ ଶୋଷଣର ଚିତ୍ର ଦେଖିବାକୁ ମିଳେ। ମୋଟ ଭାବରେ କହିବାକୁ ଗଲେ ସମଗ୍ର ସଂକଳନସ୍ଥ ଚାରୋଟି କବିତା ପୁସ୍ତକ ମଧ୍ୟରୁ 'କଳାହାଣ୍ଡିର କାବ୍ୟ' ଓ 'ଆଦିବାସୀ' କବିତା ପୁସ୍ତକ ଦ୍ୱୟ ମୌଳିକ କବିତା ହୋଇଥିବା ସମୟରେ ଅନ୍ୟ ଦୁଇ କବିତା ଗ୍ରନ୍ଥ ଯଥା, 'ସମାକୋଇର ସ୍ୱପ୍ନ' ଓ 'ଜୁଆଙ୍ଗ' ଜୁଆଙ୍ଗ ଆଦିବାସୀ କବିତା ସଂଗ୍ରହ, ଭାବାର୍ଥ ଓ ସ୍ୱରଚିତ କବିତାର ମିଶ୍ର ସମଷ୍ଟି ।

କବି ସୁବାସ ଚନ୍ଦ୍ର ମିଶ୍ରଙ୍କର ଆଦିବାସୀ ଜୀବନକୁ ଆଧାର କରି ଦୁଇଟି କବିତା ସଂକଳନ ରହିଛି। ଏହାମଧ୍ୟରୁ 'ଚୈତ୍ରଗାନ' ୧୯୯୭ ମସିହାରେ ପ୍ରକାଶପାଇଥିବା ବେଳେ 'କାଜୋଡ଼ିର ପ୍ରୀତିଗୀତ' ୨୦୧୧ ମସିହାରେ ଲିପିକା ପ୍ରକାଶନ ଦ୍ୱାରା ପ୍ରକାଶିତ। ତନ୍ମଧ୍ୟରୁ 'ଚୈତ୍ରଗାନ' କବିତା ସଂକଳନ ଆଦିବାସୀ ଯୁବକ(ଧାଙ୍ଗଡ଼ା) ଓ ଯୁବତୀ(ଧାଙ୍ଗଡ଼ୀ) ମଧ୍ୟରେ ପ୍ରଣୟ ମାଧୁରୀ ପ୍ରବାହ ସହିତ ଆଦିବାସୀ ଜୀବନଚର୍ଯ୍ୟା ଓ କୋରାପୁଟ ଲୋକସଂସ୍କୃତିର ରକ୍ଷଣଶୀଳ ଧାରାବାହିକ ପ୍ରବାହର ବିବରଣୀ ପ୍ରଦାନ କରିଥାଏ। ସମାଲୋଚକ ଦେବାଶିଷ ପାତ୍ର 'ଚୈତ୍ରଗାନ'କୁ ବ୍ୟାଖ୍ୟା କରିବାକୁ ଯାଇ କୁହନ୍ତି, "ସାଧନାର ସଂପତ୍ତି ଏହି ଚୈତ୍ରଗୀତ ପ୍ରକୃତରେ ଡଙ୍ଗର ଜୀବନର ଆତ୍ମା ଓ ଅବଲମ୍ବନ ।"(୧୦) ଏହି କବିତା ଗ୍ରନ୍ଥଟି ସମୁଦାୟ ନଅଟି ଖେଦା(ଅଧ୍ୟାୟ) ଓ ପଞ୍ଚାନବେଟି କ୍ଷୁଦ୍ର କବିତାର ସମାହାରରେ ରଚିତ ।

ସୋଡ଼ମାଳି ପର୍ବତର ଶାଳବଣ ସବୁଜିମା ଭିତରେ ସୁରୁଡ଼ିର ସଂଗୀତକୁ ଅନୁଭବ କରୁଥିବା ଏକ କନ୍ଧ କନ୍ୟାର ପ୍ରଥମ ଅନୁରାଗ ପ୍ରାପ୍ତିର ମହାର୍ଘ ଉପସ୍ଥାପନା 'କାଜୋଡ଼ିର ପ୍ରୀତିଗୀତ' କବିତା ସଂକଳନ। କନ୍ଧ ଜୀବନଶୈଳୀ, ସଂସ୍କୃତି, ପ୍ରେମ, ବାଦନ, ବିସ୍ଥାପନ ତଥା ଜୀବନର ଅବକ୍ଷୟୀ ଚିତ୍ର ଏହି ସଂକଳନର ମୁଖ୍ୟ ଉପଜୀବ୍ୟ। ସର୍ବମୋଟ ଛଅସ୍ତୋରୀଟି ଗୀତକୁ ନେଇ ସଂକଳିତ ଏହି ଗ୍ରନ୍ଥଟି କନ୍ଧ ଜୀବନର ପ୍ରାପ୍ତି, ଅପ୍ରାପ୍ତି, ପ୍ରେମ, ପ୍ରଣୟ, ଦୁଃଖ ଓ ପ୍ରତାରଣାର କାବ୍ୟିକ ଗୁଞ୍ଜରଣ ।

ଚିତ୍ରୋତ୍ପଳା ପବ୍ଲିକେଶନ୍ ଦ୍ୱାରା ୨୦୦୧ ପ୍ରକାଶିତ କବି ଧନଞ୍ଜୟ ସ୍ୱାଇଁଙ୍କର 'କୁରେଇ ଫୁଲର ଖୋସା' କବିତା ସଂକଳନ ମାଲକାନାଗିରିର ଅବହେଳିତ ଆଦିବାସୀ ଡଙ୍ଗର ଭୂଇଁର ସଫଳ ଶବ୍ଦାଙ୍କନ। ଉକ୍ତ ସଂକଳନରେ ବଣ୍ଡା, କୋୟା, ପରଜା, କନ୍ଧ, ଡିଡ଼ାୟୀ ଆଦିବାସୀ ସମୁଦାୟର ପ୍ରାଣ ପ୍ରାଚୁର୍ଯ୍ୟ ପ୍ରତିଫଳିତ। ଜନଜାତି ଜୀବନ ଓ ପ୍ରାକୃତିକ ଦୃଶ୍ୟର ନିରଳସ ବର୍ଣ୍ଣନାରେ କବିତାଗୁଡ଼ିକର ପୃଷ୍ଠଭୂମି ଅଙ୍କନ ହୋଇଥିଲେ ମଧ୍ୟ, ଡଙ୍ଗର ଭୂଇଁର ଶୁକ୍ରୁଜାନୀ, ଚିକ୍ରାଜାନୀ ଓ ଘାସି ମୁଦୁଲି ଆଦି କାବ୍ୟ ଚରିତ୍ରଗୁଡ଼ିକର ସଂଘର୍ଷ ଓ ଶୋକ କାବ୍ୟପୁରୁଷକୁ କରିଛି ଭାରାକ୍ରାନ୍ତ। ଜନଜାତିର ଜାଗତିକ ଜୀବନରୁ କଥାକଳ୍ପ ଗୋଟେଇ ଆଣି କବି ଶ୍ରୀ ସ୍ୱାଇଁ ଆପଣା କବିତାରେ ସୃଷ୍ଟି କରିଛନ୍ତି ବୈଷମ୍ୟ ମଧ୍ୟରେ ବୈଚିତ୍ର୍ୟ ।

୨୦୦୨ ମସିହାରେ ଚିତ୍ରୋତ୍ପଳା ପବ୍ଲିକେଶନ୍ ଦ୍ୱାରା ପ୍ରକାଶିତ କବି ସମରେନ୍ଦ୍ର ନାୟକ(ରକୁଡ଼ୋକ୍ରା)ଙ୍କର 'ଲାଲପତ୍ର ନୂତନ ପୃଥିବୀ' ଆଦିବାସୀ ସମୁଦାୟର ବିବିଧ ସମସ୍ୟାକୁ ଆଧାର କରି ରଚିତ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଆଦିବାସୀ ସମୁଦାୟ ମଧ୍ୟରେ ସଚେତନତା ସୃଷ୍ଟି କରିବା। ଆଠଟି କବିତାକୁ ନେଇ ରଚିତ ଏହି ସଂକଳନର ଅଧିକାଂଶ କବିତା ଉଦବୋଧନାତ୍ମକ। ଉକ୍ତ କବିତାଗୁଡ଼ିକ ମଧ୍ୟରେ ଦାମନଯୋଡ଼ି, ସୁନାବେଡ଼ା, ଚିତ୍ରକୋଣ୍ଡା ଆଦି ଅଞ୍ଚଳର ବିସ୍ଥାପନ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବ୍ୟବସ୍ଥାର ଦୁର୍ଗତି ଆଦି ବର୍ଣ୍ଣନା କରିବା ସହିତ କବି ଶ୍ରୀ ନାୟକ ଆଦିବାସୀ ସମାଜର ସ୍ୱାଧୀନତା ସଂଗ୍ରାମୀ ଯଥା; ସନ୍ୟାସୀ ଅଲ୍ଲୁରୀ, ତାମାଦୋରା, ବାଙ୍ଗରା ଦେଈ, ଲକ୍ଷ୍ମଣ ନାୟକ ଆଦିଙ୍କ ସ୍ମରଣ କରିଛନ୍ତି। ମୋଟାମୋଟି ଭାବରେ କହିବାକୁ ଗଲେ ଆଦିବାସୀ ସାମାଜିକ ଓ ସାଂସ୍କୃତିକ ଜୀବନର ପରାଧୀନତା ଉକ୍ତ ଗ୍ରନ୍ଥର ମୁଖ୍ୟ ଉପଜୀବ୍ୟ।

ସୁବର୍ଣ୍ଣଶ୍ରୀ ପ୍ରକାଶନୀ ଦ୍ୱାରା ୨୦୦୩ ମସିହାରେ ପ୍ରକାଶିତ 'ବସୁନ୍ଧରା ମାଟି' କବିତା ସଂକଳନ କବି ବିଜୟ ଉପାଧ୍ୟାୟଙ୍କର ଏକ ମନ୍ମୟ କାବ୍ୟ ଉଚ୍ଚାରଣ। ଯେଉଁଥିରେ ଆଦିବାସୀ ଜୀବନ ସଂଘର୍ଷ ଓ ମୁକ୍ତିର ଆତ୍ମନିବେଦନ ସ୍ୱର ପ୍ରଖର ଓ ପ୍ରାଞ୍ଜଳ। ଏହି ସଂକଳନର କବିତାଗୁଡ଼ିକ ମୂଳତଃ କୋରାପୁଟ ଓ ମାଲକାନାଗିରିର ଆଦିବାସୀ ସମୁଦାୟକୁ ସଂବୋଧନ କରି ରଚନା କରାଯାଇଥିଲେ ମଧ୍ୟ ଏହାର ଉଚ୍ଚାରଣ ସମଗ୍ର ଆଦିବାସୀ ସମାଜର ମୁଖପତ୍ର କହିଲେ ଅତ୍ୟୁକ୍ତି ହେବନାହିଁ। ସଂକଳନସ୍ଥ କବିତାଗୁଡ଼ିକ ମଧ୍ୟରୁ 'ମୁଁ ଘିନୁଆ ହୋଇପାରେ କି ଚିକ୍ରିଜାନି', 'ଭାରତ ବର୍ଷ-୨', 'କୋରାପୁଟ-୩', 'ଲଢ଼େଇ ହିଁ ବଞ୍ଚିବାର ଏକମାତ୍ର ବାଟ', ଆଦି କବିତା ଏକ ଅଲଂଘ୍ୟ ଆବେଦନ ସୃଷ୍ଟି କରିବାରେ ସମର୍ଥ।

'ପଣତକାନିର ଧୂଳି' ଓ 'ବଣର ଫଗୁଣ' କବି ସଂଗ୍ରାମ କେଶରୀ ମହାପାତ୍ରଙ୍କ ଦ୍ୱାରା ଆଦିବାସୀ କବିତା ଓ ଗୀତର ସଂଗ୍ରହ। ଏହା ୨୦୦୪ ମସିହାରେ ନାଳନ୍ଦା ପ୍ରକାଶନ ଦ୍ୱାରା ପ୍ରକାଶିତ। 'ପଣତକାନିର ଧୂଳି'ରେ ଶ୍ରୀ ମହାପାତ୍ର କିଶାନ୍, ଓରାମ୍ ଓ ବଗତା ଆଦିବାସୀ ସମୁଦାୟର ବିବାହ ସଂଗୀତ ସଂଗ୍ରହ କରି ଏହାର ଓଡ଼ିଆ ଅନୁବାଦ କରିଛନ୍ତି। ୧୭୬ ପଦ ବିଶିଷ୍ଟ ଏହି ସଂକଳନରେ ଆଦିବାସୀ ସଂଗୀତର ବିଭିନ୍ନ ରାଗ, ଏଥିପାଇଁ ବ୍ୟବହୃତ ବାଦ୍ୟ, ବିବାହରେ ବ୍ୟବହୃତ ବିଭିନ୍ନ ଅଳଙ୍କାର ଆଦିର ସଚିତ୍ର ବର୍ଣ୍ଣନା ସ୍ଥାନିତ। ଉକ୍ତ ସଂକଳନର ଔଚିତ୍ୟ ସଂପର୍କରେ ସଂଗ୍ରାହକ ଶ୍ରୀ ମହାପାତ୍ର କୁହନ୍ତି, "ଅନ୍ତତଃ 'ପଣତକାନିର ଧୂଳି' ପାଠକୀୟ ଚକ୍ଷୁରେ ସେହି ଗରିବ, ଖଟିଖିଆ ଆଦିବାସୀ ଝିଅଟିର ସମ୍ମାନ ଓ ସ୍ୱାଭିମାନ ବଢ଼ାଇପାରୁ ଏତିକି ବିନମ୍ର ନିବେଦନ ।"

ଅନୁରୂପ ଭାବରେ 'ବଣର ଫଗୁଣ' ସଂକଳନରେ ସଂଗ୍ରାହକ ଶ୍ରୀ ମହାପାତ୍ର ଓରାମ୍, ଖଡ଼ିଆ, କିଶାନ୍ ଓ ବଗତା ସମୁଦାୟର ଲୋକଗୀତଗୁଡ଼ିକ ସଂଗ୍ରହ କରି ଏହାର ଓଡ଼ିଆ ରୂପାନ୍ତର କରିଛନ୍ତି। ଏହା ମଧ୍ୟରେ କରମା ସଂଗୀତ, ଦସାଇ(ଦଶହରାର ସଂଗୀତ), ଖଡ଼ିଆ ବିବାହ ସଂଗୀତ, ଫଗୁନ୍ ଗିତ, ନାଦୁ ଯାତରା, ଝୁମେର ଆଦି ଗୀତ ସଂଗୃହୀତ।

ପଶ୍ଚିମା ପବ୍ଲିକେଶନ୍ ଦ୍ୱାରା ୨୦୦୮ ମସିହାରେ ପ୍ରକାଶିତ କବି ସରୋଜଙ୍କର 'ଗୋଟିଏ ମାଣ୍ଡିଆର ଡାକ' କବିତା ସଂକଳନ ଓଡ଼ିଶାରେ ଆଦିବାସୀ ଜୀବନର ବିକଳଚିତ୍ର ପ୍ରଦର୍ଶନ କରେ। ସଂକଳନସ୍ଥ ତିରିଶିଟି କବିତା ୧୯୯୧ରୁ ୨୦୦୭ମଧ୍ୟରେ ବିଭିନ୍ନ ପତ୍ରିକାରେ ପ୍ରକାଶିତ। କବିତାଗୁଡ଼ିକ ରଚନାକାଳ ଓ ଉଦ୍ଦେଶ୍ୟ ଦୃଷ୍ଟିରୁ ଭିନ୍ନ ମାତ୍ର, ଏହା ମଧ୍ୟରେ କେଉଁଠି ନା କେଉଁଠି ଦଳିତ ଆଦିବାସୀ ଜୀବନର ସ୍ୱର ଉଦ୍ଭାସିତ ହୋଇଆସିଛି କହିଲେ ଅତ୍ୟୁକ୍ତି ହେବନାହିଁ। ସମାଲୋଚନାତ୍ମକ ଦୃଷ୍ଟିରୁ ସମସ୍ତ କବିତା ରୁଚିକର ହେଲେ ମଧ୍ୟ 'ଭୋକ ଗୀତ', 'ଯଥାସ୍ଥିତି', 'ଆଦିବାସୀ', ଓ 'ଗୋଟିଏ ମାଣ୍ଡିଆର ଡାକ' ଆଦି କବିତା ଅତ୍ୟନ୍ତ ପ୍ରଭାବଶାଳୀ ଓ ଗୁରୁଗମ୍ଭୀର ପ୍ରତ୍ୟୟ ଉପସ୍ଥାପିତ କରେ।

ଉତ୍ତୁଙ୍ଗ ପର୍ବତମାଳା, ଦିଗନ୍ତ ବିସ୍ତାରୀ ଅଳସୀ କ୍ଷେତ୍ରର ପାଳଭୂତ, କୁରେଇ ଫୁଲର ମହକ, ଶାଳ ବଣର ଧ୍ୟାନଶୀଳତା, ଚଇତି ସଂଜ ଆଉ ସାର୍ଦ୍ଦୁଳର ଜହ୍ନ; ଯାହା ଭିତରେ ତିଆରି କରିଛି ଏକ ନୂତନ ପୃଥିବୀ, ସେହି କବି ଦେବାଶିଷ ପାତ୍ରଙ୍କର 'ଶବ୍ଦ ସଂଗମ' କବିତା ସଂକଳନ ୨୦୧୩ ମସିହାରେ ଲେଖାଲେଖି ଦ୍ୱାରା ପ୍ରକାଶିତ ହୋଇ, ଅନ୍ତହୀନ କାବ୍ୟଯାତ୍ରାର ମଧୁର ସଂଗୀତ ଭିତରେ ଗାଇଉଠେ ନିକ୍ଷେପିତ ଜନଜାତି ସମୁଦାୟର ଏକ୍ଲାପଣର ଗୀତ। ତାଙ୍କ କବିତାର ମହନ ଜଙ୍ଗଲ ଗୀତରେ ଆଦିବାସୀ ମଣିଷ ହୁଏ ବିଭୋର। ମାତ୍ର, ବିସ୍ଥାପନ, ମାଓବାଦ ଓ ସରକାରୀ ଅବ୍ୟବସ୍ଥା ଚାପରେ ଜଙ୍ଗଲ ଜଳିଉଠିଲେ ନିରୀହ ଡଙ୍ଗର ନନ୍ଦୁ କାବାସୀ ହୁଏ ନିରୁଦ୍ଦିଷ୍ଟ। ସେହି ନିରୁଦ୍ଦିଷ୍ଟ ଆଦିମ ମଣିଷର ଅନ୍ତଃଶବ୍ଦର ପ୍ରତିଧ୍ୱନୀ ଶ୍ରୀ ପାତ୍ରଙ୍କର ଶବ୍ଦ ସଂଗମ କବିତା ସଂକଳନ। ଅଠଚାଳିଶ କବିତା ବିଶିଷ୍ଟ ଏହି ସଂକଳନରେ ଆଦିବାସୀ ଜୀବନ ଜନ୍ତ୍ରଣାର ସ୍ୱର ଗୁଞ୍ଜରୀତ।

ସାନ୍ତାଳ ପରିବାରରେ ଜନ୍ମିତ କବି ଆନପା ମାର୍ଣ୍ଡିଙ୍କର କବିତା ସଂକଳନ 'ରଂଗ ଦେଖି ସାପ ଚିହ୍ନେ ସମାୟ୍ ସୋରେନ୍' ୨୦୧୯ ମସିହାରେ ଟାଇମପାସ୍ ଦ୍ୱାରା ପ୍ରକାଶିତ। ଅଠେଇଶିଟି କବିତା ବିଶିଷ୍ଟ ଏହି କବିତା ସଂକଳନରେ କବି ଆଦିବାସୀ ସମାଜର ଅନେକ ମୌଳିକ ସମସ୍ୟା ବିଷୟରେ ଆଲୋଚନା କରିବା ସହିତ ଦାଦନ, ସହରର ବିସ୍ତାର ଦ୍ୱାରା ଜନ୍ମ ନେଇଥିବା ବିଭିନ୍ନ ସମସ୍ୟା ଆଦି ବିଷୟରେ ଆଲୋକପାତ କରିଛନ୍ତି। ଏହି ସଂକଳନସ୍ଥ 'ନିଃସ୍ୱ ପାଇଁ ନାନାବାୟା' ଏକ କାବ୍ୟିକ ଅବେଦନ ବହନ କରେ।

ପୁନଶ୍ଚ ୨୦୨୧ ମସିହାରେ ଟାଇମପାସ୍ ଦ୍ୱାରା ପ୍ରକାଶିତ 'ନଗଡ଼ା ନାନାବାୟା' କବିତା ସଂକଳନ କବି ପଞ୍ଚାନନ ନାୟକଙ୍କ ଦ୍ୱାରା ରଚିତ ଯାଜପୁର ନଗଡ଼ା ଅଞ୍ଚଳର ଏକ ନିଖୁଣ ଚିତ୍ର ପ୍ରଦାନ କରେ। ତଥାକଥିତ ସଭ୍ୟ ସମାଜର ପ୍ରଗତି ଆଳରେ ଆଦିବାସୀ ମଣିଷର ଭୋକର ନଗ୍ନ ଚିତ୍ର ଏହାର ମୁଖ୍ୟ ଉପଜୀବ୍ୟ। ତେତିଶଟି କବିତା ବିଶିଷ୍ଟ ଏହି କବିତା ପୁସ୍ତକ ନଗଡ଼ା ଅଞ୍ଚଳ ଆଦିବାସୀ ଜୀବନସ୍ଥ ଭୋକ ଭୂଗୋଳର ଇସ୍ତାହାର ।

ଅଗ୍ରଗତି ନାମରେ ସାଂସ୍କୃତିକ ଦୁର୍ଗତି, ଆଧୁନିକତା ନାମରେ ବିଶୃଙ୍ଖଳା ଓ କେନ୍ଦୁଝର ଜିଲ୍ଲାର ଆଦିବାସୀ ମଣିଷମାନଙ୍କ ଶୋଷଣର ନିଆରା କାହାଣୀ କୁହେ ୨୦୨୧ ମସିହାରେ ଏଥେନା ଦ୍ୱାରା ପ୍ରକାଶିତ ହରିମିଶ୍ର(ହରେକୃଷ୍ଣ ମିଶ୍ର)ଙ୍କର କବିତା ସଂକଳନ 'ବଣଭାଲୁ' ପାହାଡ଼, ବଣ ଜଙ୍ଗଲରେ ବାସ କରୁଥିବା ଆଦିବାସୀ ସମାଜକୁ ବିକାଶ ନାମରେ କିପରି ସଭ୍ୟ ମଣିଷ ଛଳିଛି ତାହା ଏହି ସଂକଳନର ମୁଖ୍ୟ ଉପଜୀବ୍ୟ। ସରକାରୀ ପ୍ରତାରଣ, ନିଶାଦ୍ରବ୍ୟ, ଧର୍ମାନ୍ତରୀକରଣ ଆଦି କେତେକ ବିଷୟକୁ ଏହି ସଂକଳନସ୍ଥ କବିତାଗୁଡ଼ିକ ବେଶ୍ ଦୃଢ଼ ଭାବରେ ଉପସ୍ଥାପିତ କରିଛନ୍ତି ।

ଏହି ସବୁ ବ୍ୟତିତ ଓଡ଼ିଆ କବିତାରେ ଶତ୍ରୁଘ୍ନ ପାଣ୍ଡବ, ଭାରତ ମାଝି, ତୁହିନାଂଶୁ ରଥ, ସଦାଶିବ ଦାସ, ଅମରେଶ ପଟ୍ଟନାୟକ, ରମେଶ ପତି, ହୁସେନ୍ ରବିଗାନ୍ଧୀ, ଦିଲୀପ କୁମାର ସ୍ୱାଇଁ, ହେମନ୍ତ ଦଳପତି, ଫଣିନ୍ଦ୍ରଭୂଷଣ ନନ୍ଦ, ପ୍ରସନ୍ନ କୁମାର ମିଶ୍ର, ତପନ କୁମାର ପ୍ରଧାନ, ହୃଷୀକେଶ ମଲ୍ଲିକ ଆଦି କବିଗଣ ଆଦିବାସୀ ସଂସ୍କୃତି, ଶୋଷଣ ଓ ଅଧିକାର ବିଷୟରେ ଅନେକ କବିତା ରଚନା କରି ଓଡ଼ିଆ ଅଦିବାସୀ ବିମର୍ଶ ପରମ୍ପରାକୁ ସମୃଦ୍ଧ କରିଛନ୍ତି।

ଆଦିବାସୀ ଜୀବନ ବିଷୟରେ କାବ୍ୟକବିତା ରଚନା କିଛି ନୂଆ କଥା ନୁହେଁ, ଆମର ଆଲୋଚନାରୁ ମଧ୍ୟ ଏହା ପ୍ରମାଣିତ। ମାତ୍ର ସମୟ ଓ ଯୁଗ ଅନୁରୂପେ ଏହାର ଉପସ୍ଥାପନା ଓ ପରିବର୍ତ୍ତନରେ ବିଂଶ ଶତାବ୍ଦୀରେ ଯେଉଁ ଶିଥିଳତା ଦେଖା ଦେଇଥିଲା ଏକବିଂଶ ଦଶକ ବେଳକୁ

ସେଥିରେ ଅଭୂତପୂର୍ବ ପରିବର୍ତ୍ତନ ଲକ୍ଷ କରାଯାଇପାରେ। ଦେଖିବାକୁ ଗଲେ ୧୯୯୦ ପରବର୍ତ୍ତୀ ସମୟରେ ଆଦିବାସୀ ଜୀବନର ନିଚ୍ଛକ ଚିତ୍ର ଓ ଚରିତ୍ର ଓଡ଼ିଆ କବିତାରେ ପ୍ରକାଶ ପାଇବା ଆରମ୍ଭ ହୋଇଛି। ଏହି ସମୟରେ ବିଭିନ୍ନ କାରଣରୁ ଆଦିବାସୀ ନିଜର ମୂଳ ଭୂମିଠାରୁ ଅଲଗା ହେବା ଫଳରେ ଅନେକ ସାମାଜିକ ବିସଙ୍ଗତି ଓ ସଂଘର୍ଷ ଦେଖା ଦେଇଛି। ଅନ୍ୟସ୍ଥଳରେ କ୍ରମବର୍ଦ୍ଧିଷ୍ଣୁ ମାନବୀୟ ଆବଶ୍ୟକତା ଶିଳ୍ପ, ଖଣି ଆଦି ଯୋଗୁଁ ଜନଜାତି ସମୁଦାୟଗୁଡ଼ିକର କ୍ରମାଗତ ବିସ୍ଥାପନ ଓ ସାଂସ୍କୃତିକ ବିଘଟନ ହେବା ସହିତ ସାମୁଦାୟୀକ ହିଂସା ବଢ଼ିବାରେ ଲାଗିଛି। ଭାରତ ସରକାରଙ୍କର ବିଭିନ୍ନ ଜଙ୍ଗଲ ନିୟମ ଭୂମି ସତ୍ତ୍ୱାଧିକାର ସୁଧାର ଆଦି ନିୟମର ଭୁଲ ପରିଚାଳନା କାରଣରୁ ସେମାନେ ତାଙ୍କର ବାସସ୍ଥାନ କୌଳିକ ବୃତ୍ତି ହରାଉଛନ୍ତି। ଯାହା ଫଳରେ ଗୋତି ଓ ଦାଦନ ପରି ସମସ୍ୟା ସୃଷ୍ଟି ହେଉଛି। ମିସନାରୀମାନଙ୍କର ପ୍ରଲୋଭନ ଓ କୁପ୍ରଭାବରେ ସେମାନେ ତାଙ୍କର ମୌଳିକ ପରମ୍ପରା ଠାରୁ ବିଚ୍ୟୁତ ହେବା ସହ ଧର୍ମପ୍ରଚାର ନାମରେ କନ୍ଧମାଳ ଓ କେନ୍ଦୁଝର ଆଦି ସ୍ଥାନରେ ଏହାର ହିଂସ୍ର ପରିଣତି ଦେଖିବାକୁ ମିଳୁଛି ଆଦିବାସୀ ସମାଜ ପାଇଁ ନକ୍ସଲ ଓ ମାଓବାଦ ମଧ୍ୟ କାଳସର୍ପ ସାବ୍ୟସ୍ତ ହୋଇଛନ୍ତି। ନିରିହ ଆଦିବାସୀଙ୍କୁ ଅଧିକାର ନାମରେ ପ୍ରଲୋଭନ ଦେଖାଇ ସେମାନଙ୍କର ସାମାଜିକ, ଶାରୀରିକ ଓ ସଂସ୍କୃତିକ ଶୋଷଣ କରିବା କିଛି ନୂଆ କଥା ନୁହେଁ। ଏହାସବୁ ଘଟଣା ଆଦିବାସୀ ସଂସ୍କୃତି ଓ ପରମ୍ପରାର ବିଘଟକ। ଏହା ସବୁ ସମସ୍ୟା ଏକବିଂଶ ଶତାବ୍ଦୀ ପୂର୍ବରୁ ନଥିଲା ତାହା ନୁହେଁ। ଓଡ଼ିଆ ଉପନ୍ୟାସରେ ଅଦିବାସୀ ଶୋଷଣରେ ଚିତ୍ର ଗୋପୀନାଥ ମହାନ୍ତି, ପ୍ରତିଭା ରାୟ ଆଦି ଲେଖକ ମାନଙ୍କ ଦ୍ୱାରା ବିଂଶ ଶତାବ୍ଦୀର ଷଷ୍ଠ ଦଶକ ବେଳକୁ ସ୍ଥାନ ପାଇଥିବା ବେଳେ କବିତାରେ ଏହାର ରୂପ ବିଂଶ ଶତାବ୍ଦୀର ଶେଷ ଓ ଏକବିଂଶ ଶତାବ୍ଦୀର ପ୍ରାରମ୍ଭିକ ସମୟରେ ସ୍ୱଷ୍ଟ ପ୍ରକାଶ ଲାଭ କରିଛି।

**ସହାୟକ ଗ୍ରନ୍ଥସୂଚୀ :**


୧. Sing, Dr. M. R., Pustak, Punthi, Geographical Data of the Early Purans (A critical study), Calcutta (1972). Pages 281 – 82.

୨. Sah, Dr. A, P., Life in Mediaeval Orissa (Cir. A. D. 600-1200), Chawkhamba Orientalia, Varanast India. 1976, Page 148.

୩. ଚୌଧୁରୀ, ତାରେଶ୍ୱର, ବିଶ୍ୱାଳ, ବନମାଳୀ, ଦାସ, ବଳରାମ, ଜଗମୋହନ ରାମାୟଣ, ଅଯୋଧ୍ୟାକାଣ୍ଡ, ଦ୍ୱିତୀୟଖଣ୍ଡ, ଧର୍ମଗ୍ରନ୍ଥ ଷ୍ଟୋର୍, କଟକ-୨, ୧୯୬୭, ପୃଷ୍ଠା - ୯୬

୪. ଭଞ୍ଜ, ଉପେନ୍ଦ୍ର, ଲାବଣ୍ୟବତୀ, ଚତୁର୍ବିଂଶ ଛନ୍ଦ, ପ୍ରଥମ ସଂସ୍କରଣ, ମନମୋହନ ପ୍ରେସ୍, କଟକ, ୧୯୩୯, ପୃଷ୍ଠା - ୧୬୪

୫. ପଟ୍ଟନାୟକ, ପଠାଣି, ସ୍ୱାଧୀନୋତ୍ତର ଓଡ଼ିଆ ସାହିତ୍ୟରେ ଆଦିବାସୀ ସଂପ୍ରଦାୟର ଚିତ୍ର, ଓଡ଼ିଆ ସାହିତ୍ୟ ଓ ଆଦିବାସୀ ସଂସ୍କୃତି, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ୧୯୮୧, ପୃଷ୍ଠା -୮୧

୬. ସାହୁ, ଲକ୍ଷ୍ମୀନାରାୟଣ, ଗାନ୍ଧର୍ବିକା ଶତଦଳ, କଟକ, ୧୯୪୭, ପୃଷ୍ଠା-୧୭

7. ମହାନ୍ତି, ଗୋପୀନାଥ, କନ୍ଧ ପରଜା ସ୍ତୋତ୍ର ଓ ସଙ୍ଗୀତ, ସାମାଜିକ ଶିକ୍ଷା ବିଭାଗ, ଓଡ଼ିଶା ସରକାର, ପ୍ରଥମ ପ୍ରକାଶ, କଟକ-୨, ୧୯୫୭, ପୃଷ୍ଠା-୪୩

୮. ଗଡ଼ନାୟକ, ରାଧାମୋହନ, ଶ୍ରମଣାର ଅତିଥି ଚର୍ଚ୍ଚା, ଶାମୁକାର ସ୍ୱପ୍ନ, ନବମ ପ୍ରକାଶ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ, ୧୯୯୬, ପୃଷ୍ଠା-୩୭

୯. ତ୍ରିପାଠୀ, ଲକ୍ଷ୍ମୀକାନ୍ତ, କବି ନିରଂଜନ ପାଡ଼ୀଙ୍କର ଆଦିବାସୀ ସାହିତ୍ୟ ସମଗ୍ର ସ୍ୱତନ୍ତ୍ର ଗ୍ରନ୍ଥାବଳୀ, ପ୍ରଥମ ପ୍ରକାଶ, କିତାବ ଭବନ, ଭୁବନେଶ୍ୱର, ୨୦୧୯, ପୃଷ୍ଠା-୧୩୨

୧୦. ପାତ୍ର, ଦେବାଶିଷ, ଦକ୍ଷିଣାଞ୍ଚଳୀୟ ଓଡ଼ିଆ ଜନଜାତି ସଂସ୍କୃତି ଓ ସାହିତ୍ୟ, ପ୍ରଥମ ପ୍ରକାଶ, ଓ.ରା. ପା .ପ୍ର. ସଂ. ପୁସ୍ତକ ଭବନ, ଭୁବନେଶ୍ୱର, ୨୦୧୫, ପୃଷ୍ଠା-୨୦୦


●

BAGEESHA
ବାଗୀଶ
ପ୍ରଥମ ବର୍ଷ, ସଂଖ୍ୟା - ୦୫। ସେପ୍ଟେମ୍ବର-ଅକ୍ଟୋବର ୨୦୨୩
Volume No. 01I Issue No. 05I Sep - Oct 2023
Refereed Peer-Reviewed Jornal

# ରାଜନୀତିକ ପୃଷ୍ଠା ଉନ୍ମୋଚନରେ ଓଡ଼ିଆ ଆତ୍ମଜୀବନୀର ଭୂମିକା

■ ଡ. ରବୀନ୍ଦ୍ର କୁମାର ପଣ୍ଡା

ସହକାରୀ ପ୍ରଫେସର, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ବିନାୟକ
ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ, ବ୍ରହ୍ମପୁର

OPEN ACCESS
https://bageesha.in

Article Received : 15.09.2023 | Accepted : 25.09.2023 | Published : 25.10.2023

**ସାରାଂଶ**

ଆତ୍ମଜୀବନୀ ଓଡ଼ିଆ ସାହିତ୍ୟର ଏକ ବଳିଷ୍ଠ ବିଭାଗ। ବିଭିନ୍ନ ଆତ୍ମଜୀବନୀରୁ ତତ୍କାଳୀନ ସମୟର ସାମାଜିକ, ରାଜନୀତିକ, କଳା, ଭାସ୍କର୍ଯ୍ୟ, ସାହିତ୍ୟ ତଥା ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ବିଷୟରେ ଅନେକ ତଥ୍ୟ ପ୍ରାପ୍ତ ହୁଏ। କୌଣସି ଭୂଖଣ୍ଡର ଇତିହାସରେ ତା'ର ରାଜନୀତିକ ଦିଗଟି ହୁଏ ଆକର୍ଷଣର କେନ୍ଦ୍ରବିନ୍ଦୁ ।ଶାସନ ବ୍ୟବସ୍ଥା, ନୀତିନିୟମ ତଥା ଜାତିର ଅଗ୍ରଗତି ତା'ର ରାଜନୀତିକ ପରିସ୍ଥିତି ଯୋଗୁଁ ବିଶେଷ ଭାବରେ ପ୍ରଭାବିତ ହୁଏ। ଉକ୍ତ ଦୃଷ୍ଟିକୋଣରୁ ବିଚାର କଲେ ଓଡ଼ିଆ ଆତ୍ମଜୀବନୀ ଗୁଡ଼ିକ ଦୀର୍ଘ ଏକ ଶତାବ୍ଦୀ ଧରି ରାଜନୀତିକ ଇତିହାସର ଅନେକ ଲୁକ୍କାୟିତ ପୃଷ୍ଠା ଉନ୍ମୋଚନ କରେ। ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ ଆତ୍ମଜୀବନୀରେ ଜାତୀୟ ସ୍ୱାଭିମାନ ପାଇଁ ସଂଘର୍ଷ ଓ ଦେଶମୁକ୍ତି ଆନ୍ଦୋଳନ ହିଁ ମୁଖ୍ୟ ସ୍ଥାନ ଅଧିକାର କରିଛି। ସ୍ୱାଧୀନତା ପରବର୍ତ୍ତୀ କାଳରେ କିନ୍ତୁ ଏଥିରେ ଗାଣତାନ୍ତ୍ରିକ ଶାସନ ବ୍ୟବସ୍ଥା, ଭୋଟ ସର୍ବସ୍ୱ ରାଜନୀତି, କ୍ଷମତା କନ୍ଦଳ, ସାମ୍ପ୍ରଦାୟିକ ଦଙ୍ଗା, ଜରୁରୀକାଳୀନ ପରିସ୍ଥିତି ଆଦିର ଏକ ସ୍ଥୂଳ ଚିତ୍ର ଦେଖିବାକୁ ମିଳେ। ଉକ୍ତ ପରିପ୍ରେକ୍ଷୀରେ ଗୋବିନ୍ଦ ମିଶ୍ର, ସୁରେନ୍ଦ୍ରନାଥ ଦ୍ୱିବେଦୀ, ନୀଳମଣି ରାଉତରାୟ, ସୁରେନ୍ଦ୍ର ମହାନ୍ତି, ଚିନ୍ତାମଣି ମିଶ୍ର, କାଳିନ୍ଦୀ ଚରଣ ପାଣିଗ୍ରାହୀ, ବିବୁଧେନ୍ଦ୍ର ମିଶ୍ର, ମନ୍ମଥନାଥ ଦାସ, ରବି ରାୟ, ହରେକୃଷ୍ଣ ମହତାବ ଆଦିଙ୍କ ଆତ୍ମଜୀବନୀକୁ ପରିସର ଭୁକ୍ତ କରାଯାଇ ଆଲୋଚ୍ୟ ପ୍ରବନ୍ଧରେ ତତ୍କାଳୀନ ସମୟର ରାଜନୀତିକ ଚିତ୍ର ପ୍ରଦାନ କରିବାର ପ୍ରୟାସ କରାଯାଇଛି। ଆତ୍ମଜୀବନୀ ମୁଖ୍ୟତଃ ଏକ ବ୍ୟକ୍ତିକୈନ୍ଦ୍ରିକ ରଚନା ହେଲେ ମଧ୍ୟ ଏହା ଯେ ତଥ୍ୟ ସମ୍ବଳିତ ଏବଂ ଏଥିରୁ ଓଡ଼ିଶା ତଥା ଭାରତ ରାଜନୀତିର ଅନେକ ଅନାଲୋଚିତ ନୂତନ ଦିଗ ଉନ୍ମୋଚିତ ହୋଇପାରିବ ଏହାହିଁ ଉକ୍ତ ପ୍ରବନ୍ଧର ଉଦେଶ୍ୟ।

କୌଣସି ଦେଶର ଇତିହାସ ତା'ର ରାଜନୀତିକ ଓ ସାମାଜିକ ଚିତ୍ରର ଏକ ସୁନ୍ଦର କାନ୍‌ଭାସ। ଶାସନ ବ୍ୟବସ୍ଥା, ନୀତିନିୟମ ତଥା କୌଣସି ଜାତିର ଅଗ୍ରଗତି ଆଦି ତା'ର ରାଜନୀତିକ ପରିସ୍ଥିତି ଯୋଗୁଁ ବିଶେଷ ଭାବରେ ପ୍ରଭାବିତ ହୁଏ। ଓଡ଼ିଆ ଆତ୍ମଜୀବନୀ ଅଧ୍ୟୟନ ପୂର୍ବକ ଏଥିରୁ ଦୀର୍ଘ ଏକଶହ ବର୍ଷର ରାଜନୀତିକ ଅବସ୍ଥାର ଚିତ୍ର ପ୍ରାପ୍ତ ହୋଇପାରିବ। ସ୍ୱାଧୀନତା ପୂର୍ବରୁ ରାଜନୀତିରେ ମୁଖ୍ୟତଃ ଦେଶର ମୁକ୍ତି ଆନ୍ଦୋଳନ ଓ ଜାତୀୟ ସ୍ୱାଭିମାନ ପାଇଁ ସଂଘର୍ଷ ପ୍ରମୁଖ ସ୍ଥାନ ଅଧିକାର କରିଥିଲା। ମହାତ୍ମାଗାନ୍ଧୀଙ୍କ ଦେଶବ୍ୟାପୀ ଆନ୍ଦୋଳନ ଏବଂ ଉକ୍ତ ଆନ୍ଦୋଳନରେ ଓଡ଼ିଶାର ବିଭିନ୍ନ ଜନନାୟକ ତଥା ଆପଣାର ଭୂମିକାକୁ ଆତ୍ମଜୀବନୀକାର ନିଜ ପୁସ୍ତକରେ ସ୍ଥାନ ଦେଇଛନ୍ତି। ମୁଖ୍ୟତଃ ରାଜନୀତି ସହିତ ସଂଶ୍ଳିଷ୍ଟ ଥିବା ଲେଖକଙ୍କ ଆତ୍ମଜୀବନୀ ପାଠ କଲେ ଓଡ଼ିଶା ରାଜନୀତିର ଏକ ଚିତ୍ର ଯେ କେହି ଆଙ୍କିଦେଇପାରିବ। ଏତଦ୍ ବ୍ୟତୀତ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଗଣତନ୍ତ୍ର ଶାସନ, ଭୋଟପ୍ରଥା ପ୍ରଚଳନ, ନେତାମାନଙ୍କ ମଧ୍ୟରେ କ୍ଷମତା କନ୍ଦଳ, ସାମ୍ପ୍ରଦାୟିକ ଦଙ୍ଗା, ପରସ୍ପରକୁ ନୀଚ ଦେଖାଇବାର ପ୍ରୟାସ, ଜରୁରୀକାଳୀନ ପରିସ୍ଥିତି ଆଦି ବିଷୟରେ ମଧ୍ୟ ଓଡ଼ିଆ ଆତ୍ମଜୀବନୀରୁ ଜାଣିବାକୁ ମିଳିଥାଏ।

ଓଡ଼ିଆ ଆତ୍ମଜୀବନୀର ଇତିହାସ ଅନୁଧ୍ୟାନ କଲେ ଏଥିରେ ଅନେକ ରାଜନେତାଙ୍କ ଆତ୍ମଜୀବନୀ ଦୃଷ୍ଟିଗୋଚର ହୁଏ। ପ୍ରକୃତରେ ଦେଖିବାକୁ ଗଲେ ରାଜନୀତି ଏମାନଙ୍କ ପେଷା ନୁହେଁ। ଏମାନଙ୍କ ମଧ୍ୟରୁ ଅନେକ ସାହିତ୍ୟିକ, ଶିକ୍ଷକ ଓ ସମାଜସେବୀ। ରାଜନୀତିକ ଆତ୍ମଜୀବନୀ ଗୁଡ଼ିକରେ ଲେଖକ ନିଜକୁ ନିଷ୍କଳଙ୍କ ଓ ଅପରିହାର୍ଯ୍ୟ ବ୍ୟକ୍ତିତ୍ୱ ରୂପେ ପ୍ରକଟିତ କରେ। ଏଥିରେ ନିଜକୁ ବଡ଼

ଓ ଅନ୍ୟକୁ ନ୍ୟୁନ କରି ଦେଖାଇବାର ପ୍ରବୃତିଟି ସ୍ୱତଃ ବାରିହୋଇପଡ଼େ। ଯେତେଗୁଡ଼ିଏ ରାଜନୀତିକ ବ୍ୟକ୍ତିଙ୍କର ଆତ୍ମଚରିତ ପ୍ରକାଶ ପାଇଛି ସେଗୁଡ଼ିକୁ ନିରପେକ୍ଷ ଭାବେ ଅନୁଧ୍ୟାନ କଲେ, ସେମାନଙ୍କ ମଧ୍ୟରେ ଥିବା ପାରସ୍ପରିକ ଦ୍ୱନ୍ଦ୍ୱ ଓ ପ୍ରତିଯୋଗିତା ଲୋକଲୋଚନକୁ ଆସିଥାଏ। ଆତ୍ମପ୍ରଚାର, ଆତ୍ମପ୍ରତିଷ୍ଠା ଓ ଆତ୍ମବିସ୍ତାର ଏସବୁର ମୂଳ ଉଦ୍ଦେଶ୍ୟ ରୂପେ ପ୍ରତୀତ ହୁଏ। ତଥାପି ଏହି ଆତ୍ମଜୀବନୀ ଗୁଡ଼ିକ ଏକ ଶତାବ୍ଦୀ ଧରି ରାଜନୀତିକ ଇତିହାସର ଅନେକ ଲୁକ୍‌କାୟିତ ପୃଷ୍ଠା ଉନ୍ମୋଚନ କରେ। କିଛି ଆତ୍ମଜୀବନୀକାର ନିଜ ଜୀବନର ସଂଘର୍ଷମୟ ଗାଥାକୁ ଜନସମ୍ମୁଖକୁ ଆଣି ତାଙ୍କୁ ଜାତୀୟତା ଭାବରେ ଅନୁପ୍ରାଣିତ କରିବା ଉଦ୍ଦେଶ୍ୟରେ ମଧ୍ୟ ଆତ୍ମଚରିତ ଲେଖିଯାଇଛନ୍ତି। ଆଉକିଛି ଆପଣାକୁ ଜନ ସମାଜରେ ପ୍ରଚାର କରିବାକୁ ଉଚିତ ମନେକରି ଲେଖିଛନ୍ତି। କିନ୍ତୁ ଏଗୁଡ଼ିକ ଯେ ତଥ୍ୟ ସମ୍ବଳିତ ଏହାକୁ ଅସ୍ୱୀକାର କରାଯାଇନପାରେ ।

ରାଜନୀତିକ ନେତାଙ୍କ ଆତ୍ମଚରିତ ଭାବରେ ଗୋବିନ୍ଦ ମିଶ୍ରଙ୍କ "ଜାତୀୟ ଜୀବନର ଆତ୍ମପ୍ରକାଶ' ହିଁ ପ୍ରଥମ। ତାଙ୍କ ଆତ୍ମଜୀବନୀଟି କେବଳ ବ୍ୟକ୍ତିଗତ ଜୀବନଗାଥା ନୁହେଁ ବରଂ ଜାତୀୟତା ଓ ନିଃସ୍ୱାର୍ଥପରତାର ଏକ ଜୀବନ୍ତ ଆଲେଖ୍ୟ। ଗାନ୍ଧୀବାଦୀ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଚମ୍ପାପୁରଠାରେ ଏକ ସେବାଶ୍ରମ ଗଠନ କରିଥିଲେ। ରାଜନୀତିକ ନେତାମାନଙ୍କର କ୍ଷମତାଲିପ୍ସୁ ଗୁଣକୁ ସେ ଆତ୍ମଜୀବନୀରେ ସମାଲୋଚନା କରିଛନ୍ତି। ୩ଟି ଖଣ୍ଡରେ ବିଭକ୍ତ ଆତ୍ମଜୀବନୀର ପ୍ରଥମ ଭାଗରେ ଲେଖକଙ୍କ ସ୍ୱାଧୀନତା ସଂଗ୍ରାମୀ ଜୀବନର ସଂଘର୍ଷ ଦେଖିବାକୁ ମିଳିଥିବାବେଳେ ତୃତୀୟ ଭାଗରେ ରାଜନୀତିକ ଜୀବନର ବିଷାଦମୟ ପରିଣତିର ଚିତ୍ର ଦେଖିବାକୁ ମିଳେ। ସେ ଆପଣାର ସାଧନା ବଳରେ ଓଡ଼ିଶାର ରାଜନୀତି ଓ ସମାଜ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଛନ୍ତି। ସ୍ୱରାଜ ସଂଗ୍ରାମରେ ଗାନ୍ଧୀଜୀଙ୍କ ସହ ଖାସ ଦେଇ ବାରମ୍ବାର କାରାବରଣ କରିଛନ୍ତି। ତାଙ୍କରି ପ୍ରେରଣାରେ ଗାନ୍ଧିଜୀ ଓଡ଼ିଶାକୁ ଆସିଥିଲେ। ଜାଲିଓ୍ୱାନାବାଗ୍‌ର ମର୍ମନ୍ତୁଦ ଦୃଶ୍ୟ ମଧ୍ୟ ତାଙ୍କ ଆତ୍ମଜୀବନୀରେ ସ୍ଥାନ ପାଇଛି। ଏତଦ୍‌ବ୍ୟତୀତ ଗୋପବନ୍ଧୁ ଚୌଧୁରୀ ଓ ନୀଳକଣ୍ଠ ଦାସଙ୍କ ଉତ୍କଳ କଂଗ୍ରେସର ସଭାପତିତ୍ୱ ପାଇଁ ପ୍ରତିଦ୍ୱନ୍ଦ୍ୱିତା, ଓଡ଼ିଶା କଂଗ୍ରେସ ଦଳର ସୃଷ୍ଟି, ଓଡ଼ିଶା କଂଗ୍ରେସର ଦଳଗତ ରାଜନୀତିରେ ନୀଳକଣ୍ଠ ଦାସଙ୍କ ପରାଜୟ ଓ କଂଗ୍ରେସରୁ ଅଲଗା ହେବା ଆଦି ପ୍ରସଙ୍ଗ ଏଥିରୁ ଜାଣିବାକୁ ମିଳେ। ସ୍ୱାଧୀନତା ପରେ ମଧ୍ୟ ଗୋବିନ୍ଦ ମିଶ୍ର ପ୍ରତ୍ୟକ୍ଷ ରାଜନୀତି ସହିତ ସଂପୃକ୍ତ ରହିଛନ୍ତି। ସେ ଏମ୍.ପି. ହୋଇଛନ୍ତି। ତଥାପି କଂଗ୍ରେସ ଦଳର ତାଙ୍କ ପ୍ରତି କରାଯାଇଥିବା ଦୁର୍ବ୍ୟବହାରକୁ ସେ ଚାପି ରଖିପାରିନାହାନ୍ତି। ତତ୍‌କାଳୀନ କଂଗ୍ରେସ ରାଜନୀତିରେ ନିଜ ସ୍ଥାନ ନିରୂପଣ କରି ସେ ଲେଖନ୍ତି, "ଗଡ଼ଜାତ ରାଜ୍ୟରେ "ଛାମୁମନା' ହେଲେ ଯେପରି ସମାଜରେ ଲୋକର ଆସନ ତଳକୁ ଖସିପଡୁଥିଲା ଏବଂ ତାକୁ କେହି ଚାହୁଁ ନଥିଲେ, ଓଡ଼ିଶାର କଂଗ୍ରେସ ରାଜନୀତିରେ ମୋର ଅବସ୍ଥା ତା'ଠାରୁ କିଛି ନ୍ୟୁନ ନଥିଲା। ମୋତେ ଆଉ କେହି ଖୋଜୁ ନଥିଲେ ଏବଂ ଜଣେ ସମାଜଚ୍ୟୁତ ବ୍ୟକ୍ତି ସହିତ ବ୍ୟବହାର କଲାଭଳି କଂଗ୍ରେସର ବିଶେଷତଃ କଟକ ଜିଲ୍ଲାର କେତେକ ବିଶିଷ୍ଟ ବ୍ୟକ୍ତି ମୋ ସହିତ ସେପରି ବ୍ୟବହାର କରୁଥିଲେ ।( ମିଶ୍ର ଗୋବିନ୍ଦ, ଜାତୀୟ ଜୀବନର ଆତ୍ମପ୍ରକାଶ, ୩ୟ ଖଣ୍ଡ, ପୃ. ୨୦୯) ଓଡ଼ିଶା ରାଜନୀତିରେ ଚରିତ୍ର ଉଦ୍‌ଘାଟନ ନିମନ୍ତେ ଏହି ଆତ୍ମଜୀବନୀରେ ଉପଯୋଗୀତାକୁ ଗୁରୁତ୍ୱ ଦେବାର ଆବଶ୍ୟକତା ଅନୁଭବ ହୁଏ ।

ପଣ୍ଡିତ ଗୋଦାବରୀଶ ମିଶ୍ର ଏକାଧାରାରେ ଜଣେ ଶିକ୍ଷକ, ସମାଜସେବୀ ସଙ୍ଗଠକ, ଜାତୀୟତାବାଦୀ ନେତା ଓ ସାହିତ୍ୟିକ। ସେ ତାଙ୍କ ଆତ୍ମଜୀବନୀର ଦ୍ୱିତୀୟଭାଗରେ ରାଜନୀତିକ ଜୀବନର ବହୁ ଘଟଣା ବର୍ଣ୍ଣନା କରିବାର ସୂଚନା ଦେଇଥିଲେ ମଧ୍ୟ ଦୁର୍ଭାଗ୍ୟବଶତଃ ତାହା ଲେଖାହୋଇପାରିଲା ନାହିଁ। ତେବେ ପ୍ରକାଶିତ ପ୍ରଥମ ଭାଗରେ ମଧ୍ୟ ରାଜନୀତିକ ଜୀବନର କିଛିଟା ଅନୁଭବ ସେ ପ୍ରକାଶ କରିଛନ୍ତି। ଶିକ୍ଷକତା ପରେ ସେ ରାଜନୀତି ଆଡ଼କୁ ଅଗ୍ରସର ହୋଇଛନ୍ତି। ସିଂହଭୂମିରେ ଓଡ଼ିଆ ସଙ୍ଗଠନକୁ ସୁଦୃଢ଼ କରିଛନ୍ତି। ଅସହଯୋଗ ଆନ୍ଦୋଳନରେ ଭାଗ ନେଇଛନ୍ତି। ୧୯୫୧ ମସିହାରେ ବାଣପୁର କୃଷ୍ଣପ୍ରସାଦ ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇ ବିଧାୟକ ହୋଇଛନ୍ତି। ଅନୁଭବ କରିଛନ୍ତି କ୍ଷମତା ରାଜନୀତିକୁ। ଗାନ୍ଧୀଙ୍କ ପ୍ରତି ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରୁଥିଲେ ମଧ୍ୟ ରାଜନୀତିରେ ଅହିଂସା ନୀତିର ସ୍ଥାନକୁ ସେ ସ୍ୱୀକାର କରିପାରିନାହାନ୍ତି। ସେ କହନ୍ତି, "ମୋର ସବୁବେଳେ ମତ ଯେ, ଅହିଂସାନୀତିର ସ୍ଥାନ ବୈଷ୍ଣବ ଧର୍ମରେ ଚତୁର୍ଥାଶ୍ରମୀ ସନ୍ୟାସୀ ନିକଟରେ ଥାଇପାରେ; କିନ୍ତୁ ରାଜନୀତିରେ ନାହିଁ ।(ମିଶ୍ର ଗୋଦାବରୀଶ, ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ, ପୃ. ୧୭୪) ଭାରତର ବିଭିନ୍ନ ପ୍ରଦେଶରେ ଛିନ୍ନବିଚ୍ଛିନ୍ନ ହୋଇ ପଡ଼ିଥିବା ଓଡ଼ିଆଭାଷୀ ଅଞ୍ଚଳକୁ ଏକତ୍ରିତ କରିବା ଉଦ୍ଦେଶ୍ୟରେ ଯେଉଁ ଉତ୍କଳ ସମ୍ମିଳନୀ ୧୯୦୩ରେ ଗଠନ କରାଯାଇଥିଲା ତା'ର

ପୃଷ୍ଠଭୂମି ବିଷୟରେ ଗୋଦାବରୀଶ ନିଜ ଆତ୍ମଜୀବନୀରେ ଉଲ୍ଲେଖ କରନ୍ତି- "୧୯୦୩ ମସିହାରେ ମାନ୍ଦ୍ରାଜ ସହରରେ ଲାଲମୋହନ ଘୋଷଙ୍କ ସଭାପତିତ୍ୱରେ କଂଗ୍ରେସର ଯେଉଁ ବାର୍ଷିକ ଅଧିବେଶନ ବସିଥିଲା, ସେଥିରେ ଗଞ୍ଜାମ ଜିଲ୍ଲା ଓ ବିଶାଖାପାଟଣା ମାନ୍ଦ୍ରାଜରୁ ଆସି ଓଡ଼ିଶାରେ ମିଶିବା କଳ୍ପନା ବିରୋଧରେ ଗୋଟିଏ ପ୍ରସ୍ତାବ ଗୃହୀତ ହୋଇଥିଲା। ତାହାଦେଖି ଓଡ଼ିଶାର ବରପୁତ୍ର ମଧୁସୂଦନ ଦାସ କଂଗ୍ରେସ ସହିତ ଓଡ଼ିଶାର ସମ୍ପର୍କ ଛିଣ୍ଡାଇଆସି ଓଡ଼ିଆ ଜାତିର ପୁରାତନ ଗୌରବ ଉଦ୍ଧାର ଲାଗି ଉତ୍କଳ ସମ୍ମିଳନୀ ଗଢ଼ିଲେ ।"(ମିଶ୍ର ଗୋଦାବରୀଶ, ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ, ପୃ. ୫୮) ସେ ରାଜନୀତିକ ଜୀବନରେ ବହୁ ଉତ୍‌ଥାନ ପତନ ଦେଖିଛନ୍ତି। ବ୍ୟକ୍ତିଗତ ଜୀବନରେ ଯେତେବେଳେ ତାଙ୍କୁ ଯାହା ଠିକ୍ ଲାଗିଛି ସେ ସେଥିରୁ ଟଳିନାହାନ୍ତି। କିନ୍ତୁ ରାଜନୀତିକ ଜୀବନରେ ଦଳର ସୁବିଧା ଲାଗି ତାଙ୍କୁ ଅନେକ ସ୍ଥାନରେ ମୂକ ହୋଇରହିଥିବା କଥା ସେ ସ୍ୱୀକାର କରନ୍ତି- "ଅବଶ୍ୟ ସାଧାରଣ କାର୍ଯ୍ୟକ୍ଷେତ୍ରରେ କୌଣସି ଦଳ ଭିତରେ ଥିବାବେଳେ, ଦଳର ସମୂହ ସୁବିଧା ଲାଗି କେତେକ ଘଟଣାରେ ମୋତେ ଆଖି ବୁଜିଦେବାକୁ ହୋଇଛି। ସେପରି ନକଲେ ରାଜନୀତି ହୁଏନାହିଁ ।"(ମିଶ୍ର ଗୋଦାବରୀଶ, ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ, ପୃ. ୧୨) ଏପରି ଅକପଟ ସ୍ୱୀକାରୋକ୍ତି ତାଙ୍କ ସ୍ପଷ୍ଟବାଦିତାକୁ ପ୍ରମାଣ କରେ। ଭାରତୀୟ ରାଜନୀତିରେ ସାମ୍ୟବାଦର ଧ୍ୱଂସ ବିଷୟରେ ଲେଖକ ବର୍ଣ୍ଣନା କରିଛନ୍ତି। ତାଙ୍କ ମତରେ ସେବାମନୋବୃତ୍ତି କ୍ରମେ ଦୂର ହୋଇଯାଇଛି ରାଜନୀତିରୁ। ସ୍ୱାଧୀନତା ପରବର୍ତ୍ତୀ ସମୟରେ ଅର୍ଥ ସର୍ବସ୍ୱ ହୋଇଉଠିଛି ଭାରତୀୟ ରାଜନୀତି। ସେ ଉଲ୍ଲେଖ କରନ୍ତି, "ଗଣତନ୍ତ୍ର ଭାରତର ରାଷ୍ଟ୍ରପତି ମାସିକ ଦଶହଜାର ଟଙ୍କା ବେତନ ନେଉଛନ୍ତି ଓ ସାମ୍ରାଜ୍ୟବାଦୀ ଇଂରେଜ ସରକାରଙ୍କ ପ୍ରତିନିଧି କୋଟିପତି ବଡ଼ଲାଟମାନେ ଯେଉଁ ପ୍ରକାଣ୍ଡ ରାଜହର୍ମ୍ୟରେ ରହୁଥିଲେ ସେଠାରେ ବାସ କରୁଛନ୍ତି। ଚକ୍ରବର୍ତ୍ତୀ ରାଜଗୋପାଳଚାରୀ ଲର୍ଡ ମାଉଣ୍ଟବେଟେନଙ୍କ ଅନ୍ତେ ଭାରତର ବଡ଼ଲାଟ ଗାଦିରେ ବସି ମାସିକ କୋଡ଼ିଏ ହଜାର ନଅଶହ ଟଙ୍କା ବେତନ ଓ ନବେ ହଜାର ଟଙ୍କା ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ନେଲେ। ତା' ବିରୁଦ୍ଧରେ ସମାଲୋଚନା ହୁଅନ୍ତେ ସ୍ୱାଧୀନ ଭାରତର ପ୍ରଧାନମନ୍ତ୍ରୀ ମାନବ୍ୟର ପଣ୍ଡିତ ଜବାହାରଲାଲ ନେହେରୁ ତାହା ସମର୍ଥନ କରି କହିଲେ ଯେ, ବଡ଼ଲାଟଙ୍କ ମର୍ଯ୍ୟାଦା ଅନ୍ୟଥା ରକ୍ଷା କରିବା ଅସମ୍ଭବ ।"(ମିଶ୍ର ଗୋଦାବରୀଶ, ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ, ପୃ.୬୩) ଏପରି ବର୍ଣ୍ଣନା ତାଙ୍କ ଅର୍ଥସର୍ବସ୍ୱ, ରାଜନୀତି ପ୍ରତି ସମାଲୋଚନାର ସ୍ୱର ଶାଣିତ କରେ ।

ନୀଳକଣ୍ଠ ଦାସଙ୍କ ଆତ୍ମଜୀବନୀ ପାଠକଲେ ପାଠକ ସମକାଳୀନ ରାଜନୀତିର ଏକ ସ୍ୱଷ୍ଟଚିତ୍ର ଆଙ୍କିଦେଇପାରେ। ସ୍ୱାଧୀନତା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଗଣତନ୍ତ୍ର ଶାସନରେ ସେ ପ୍ରତ୍ୟକ୍ଷ ଭାବରେ ରାଜନୀତି ସହ ଜଡ଼ିତ ଥିଲେ। ୧୯୨୯ ମସିହାରୁ ଆରମ୍ଭ କରି ୧୯୪୫ ମସିହା ପର୍ଯ୍ୟନ୍ତ ସେ ବରାବର କେନ୍ଦ୍ର ଆସେଂବ୍ଲିରେ ଥିଲେ। ଏ ସମୟରେ ସେ ଓଡ଼ିଶା କଂଗ୍ରେସର ସଭାପତି ଭାବରେ ମଧ ନିର୍ବାଚିତ ହୋଇଥିଲେ। ୧୯୩୮ ମସିହା ପ୍ରଥମ ମନ୍ତ୍ରୀମଣ୍ଡଳ ଗଠନ ହେବା ପୂର୍ବରୁ ନୀଳକଣ୍ଠ ଦାସଙ୍କ ବିରୋଧରେ ଚକ୍ରାନ୍ତ କରାଯାଇ ତାଙ୍କୁ ଦଳର ନେତା ଭାବରେ ଗ୍ରହଣ କରାଯାଇନଥିଲା। ଯଦିଓ ସେ ବହୁ ଉଦ୍ୟମ କରି ଅଧିକ କଂଗ୍ରେସ ନେତାଙ୍କୁ ବିଧାନସଭାକୁ ନିର୍ବାଚିତ କରାଇଥିଲେ। ନିଜେ ଆସେଂବ୍ଲିରେ ଠିଆହେଲେ ଅନ୍ୟମାନଙ୍କୁ ନିର୍ବାଚିତ କରାଇବାରେ ଅସୁବିଧା ହେବ ବୋଲି ସେ ବିଧାନସଭା ନିର୍ବାଚନରେ ଲଢ଼ିନଥିଲେ। ସର୍ବମୋଟ ୬୦ ଆସନରୁ ୩୬ଟି ଆସନ କଂଗ୍ରେସ ଲାଭ କରିଥିଲା ଓ ସେଥିମଧ୍ୟରୁ ୨୧ ଜଣ ଲେଖକଙ୍କୁ ଦଳ ନେତା ଭାବରେ ବାଛିବାର ମନସ୍ଥ କରିଥିଲେ ମଧ ତାହା ଫଳପ୍ରଦ ହୋଇପାରିଲା ନାହିଁ। ତେଣୁ ଚକ୍ରାନ୍ତର ଶିକାର ହୋଇ ସେ ଓଡ଼ିଶାର ପ୍ରଧାନମନ୍ତ୍ରୀ ହୋଇପାରିନଥିଲେ। ଏ ସମ୍ପର୍କରେ ସେ ଆତ୍ମଜୀବନରେ ଉଲ୍ଲେଖ କରିଛନ୍ତି "ଏଇ ସମୟରେ ନିର୍ବାଚିତ ସଭ୍ୟମାନଙ୍କ ମଧ୍ୟରୁ କେତଜଣ ଗୋଟିଏ ଚକ୍ରାନ୍ତ ଆରମ୍ଭ କରିଦେଲେ। ସ୍ୱାମୀ ବିଚିତ୍ରାନନ୍ଦଙ୍କୁ ଧରି ଆସେଂବ୍ଲି ଦଳର ଗୋଟିଏ ରୁଲ କମିଟି ହେଲା। ସେଇ କମିଟିରେ ରୁଲ କରିଦିଆଗଲା ଯେ ଆସେଂବ୍ଲି ଦଳ ବାହାରୁ କେହି ଦଳର ନେତା ହୋଇପାରିବେ ନାହିଁ। ସେ ଚକ୍ରାନ୍ତ ଓଡ଼ିଶା ରାଜନୀତିର ଗୋଟିଏ ଅଂଶ; ତେଣୁ ସେ ବିଷୟ ଅଧିକା କହିବା ଦରକାର ନାହିଁ। ୩୬ଜଣ କଂଗ୍ରେସ ସଭ୍ୟରୁ ୨୧ ଜଣଙ୍କ ସମର୍ଥନ ଥାଇ ମଧ ମୁଁ ନେତା ନିର୍ବାଚିତ ହୋଇପାରିଲି ନାହିଁ ।"(ଦାସ ନୀଳକଣ୍ଠ, ଆତ୍ମଜୀବନୀ, ପୃ. ୧୩୩) ଉକ୍ତ ବିଷୟ ଉପସ୍ଥାପନ କରି ଲେଖକ ରାଜନୀତିର ପ୍ରକୃତ ସ୍ୱରୂପ ଉଦ୍‌ଘାଟନ କରିବାର ପ୍ରୟାସ କରିଛନ୍ତି। ପରବର୍ତ୍ତୀ କାଳରେ ଲେଖକ ଦୁଇ ଦୁଇଥର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। କିନ୍ତୁ ତୃତୀୟ ସାଧାରଣ ନିର୍ବାଚନରେ ଲୋକଙ୍କ ବିପୁଳ ସମର୍ଥନ ସାଥିରେ ଥାଇ ମଧ ତାଙ୍କର ପ୍ରାର୍ଥୀପତ୍ର ନାଚକ କରିଦିଆଯାଇଛି। ପରିଣତ ବୟସରେ ସେ ରାଜନୀତିରେ

ଅଲୋଡ଼ା ହୋଇଯାଇଥିବା ବିଷୟକୁ ଉଲ୍ଲେଖ କରି ଓଡ଼ିଶା ରାଜନୀତିରେ ଯୁବନେତାଙ୍କ ଚାପ ଓ ବୟସ୍କ ନେତାଙ୍କ ତିରସ୍କାରକୁ ଦେଖାଇବାର ପ୍ରୟାସ କରିଛନ୍ତି। "ଗତ ନିର୍ବାଚନରେ ମୁଁ ଅପ୍ରତିଦ୍ୱନ୍ଦ୍ୱୀ ହୋଇ ନିର୍ବାଚିତ ହୋଇଥିବା ସ୍ଥଳେ ଏ ନିର୍ବାଚନରେ ମୋର ପ୍ରାର୍ଥୀପତ୍ର କାହିଁକି ଓ କିପରି ନାକଚ ହେଲା - ମୁଁ ଭାବିପାରୁନି। ବୃଦ୍ଧ ହେଲେ ଅବାଞ୍ଛିତ ହୋଇପଡ଼ିବା ଦୁନିଆର ନୀତି। ପିଲାଦିନେ ହଡ଼ା ବଳଦର ଆତ୍ମକାହାଣୀ ଲେଖିଲାବେଳେ ମାଷ୍ଟରଙ୍କଠାରୁ ଶୁଣି କିମ୍ବା ଅନୁମାନରେ ଉଦ୍ଭାବନ କରି ବଳଦର ଅନ୍ତିମ ଜୀବନର ଅସହାୟତା ବିଷୟରେ ଲେଖିବାକୁ ହେଉଥିଲା। ବର୍ତ୍ତମାନ ରାଜନୀତିରେ ହୁଏତ ମୁଁ ସେହିପରି ଅନାବଶ୍ୟକ ହୋଇ ପଡ଼ିଥିବା ଯୁବକ ନେତାମାନେ ଅନୁଭବ କଲେ, ତେବେ ଏସବୁ ଭାବିବାକୁ ଆଉ ଅବସର ନାହିଁ ।( ଦାସ ନୀଳକଣ୍ଠ, ଆତ୍ମଜୀବନୀ, ପୃ. ୧୪୧)

ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କ ଆତ୍ମଜୀବନୀ ତାଙ୍କ ୫୨ ବର୍ଷ ପ୍ରତ୍ୟକ୍ଷ ରାଜନୀତିର ଏକ ଜୀବନ୍ତ ଆଲେଖ୍ୟ। ରାଜନୀତିରେ ପ୍ରବେଶ ପରଠାରୁ ହିଁ ତାଙ୍କର ବାସ୍ତବ ଜୀବନ ଆରମ୍ଭ ହୋଇଛି ବୋଲି ସେ ସ୍ୱୀକାର କରନ୍ତି। "୧୯୩୦ରୁ ଆଜି ପର୍ଯ୍ୟନ୍ତ ମୁଁ ନିରବଚ୍ଛିନ୍ନ ଭାବରେ ରାଜନୀତିକ ଜୀବନଯାପନ କରିଆସୁଛି ଏବଂ ସେଥି ଭିତରେ ସାମ୍ବାଦିକ, ଲେଖକ, ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ଓ ବ୍ୟବସ୍ଥାପକ ହୋଇପାରିଛି। ଏତେ ଦୀର୍ଘକାଳ ଭିତରେ ନାନା କ୍ଷେତ୍ରରେ ପ୍ରତ୍ୟକ୍ଷ ଅଭିଜ୍ଞତା ଓ ଜ୍ଞାନ ଲାଭ କରିଛି। ତେଣୁ ଏହି ପୁସ୍ତକଟିରେ ଜୀବନୀ ଅପେକ୍ଷା ରାଜନୀତିକ ଘଟଣାବଳୀର ବିବରଣୀ ଅଧିକ ସ୍ଥାନ ପାଇବାଟା ନିତାନ୍ତ ସ୍ୱାଭାବିକ ।"(ଦ୍ୱିବେଦୀ ସୁରେନ୍ଦ୍ରନାଥ, ମୋ ଜୀବନ ସଂଗ୍ରାମ, ପୃ. ୦୧ (ମୁଖବନ୍ଧ) ଭାରତୀୟ ରାଜନୀତିରେ ଗାନ୍ଧୀବାଦ, ସମାଜବାଦ, ସାମ୍ୟବାଦ ଆଦିର ବୈଚାରିକ ବିଶ୍ଳେଷଣ ସହିତ ସ୍ୱାଧୀନତା ଆନ୍ଦୋଳନ, ସୋସାଲିଷ୍ଟ ଆନ୍ଦୋଳନ, କମ୍ୟୁନିଷ୍ଟ ମାନଙ୍କ ରାଜନୀତିରେ ଭୂମିକା, କ୍ଷମତା ଓ ଅର୍ଥ ପାଇଁ ନେତାଙ୍କର ଲାଳସା, ସ୍ୱାଧୀନତା ପରବର୍ତ୍ତୀ ଗଣତନ୍ତ୍ରର ଅବକ୍ଷୟ ଆଦି ବିଷୟ ସେ ତାଙ୍କ ଆତ୍ମଜୀବନୀରେ ଉଲ୍ଲେଖ କରିଛନ୍ତି। କ୍ଷମତା ରାଜନୀତି ଓ ଅର୍ଥର ପ୍ରଭାବ ଗାଣତାନ୍ତ୍ରିକ ରାଜନୀତିରେ କିପରି ପ୍ରଭାବ ବିସ୍ତାର କରିଛି ତାହା ସେ ଆଲୋଚନା କରିଛନ୍ତି। "ରାଜନୀତିକ ଜୀବନ ଏବେ ପଙ୍କିଳ ହୋଇଗଲାଣି। ଅସତ୍‌ପନ୍ଥା ଗ୍ରହଣ କରି ଧନ କମାଇବା କିମ୍ବା ନିଜର ପ୍ରଭାବ ବିସ୍ତାର କରିବା ଏକ ସଫଳ କାର୍ଯ୍ୟ ରୂପେ ଗ୍ରହଣ କରାଯାଉଛି ।"( ଦ୍ୱିବେଦୀ ସୁରେନ୍ଦ୍ରନାଥ, ମୋ ଜୀବନ ସଂଗ୍ରାମ, ପୃ. ୧୨) ତାଙ୍କ ମତରେ କ୍ଷମତା ଓ ଧନଲୋଭରେ ଅନ୍ଧ ହୋଇ ମଣିଷ ଆଗପଛକୁ ଅନାଏ ନାହିଁ। ଏହି କାରଣରୁ ରାଜନୀତିକ ବ୍ୟକ୍ତିମାନେ ଦୁର୍ଦ୍ଦଶାଗ୍ରସ୍ତ ହୋଇପଡ଼ିଛନ୍ତି। ତେଣୁ ସେମାନଙ୍କର ପ୍ରଭାବ ଥାଇ ମଧ୍ୟ ସେମାନେ ଜନସମାଜରୁ ସମ୍ମାନ ଓ ଶ୍ରଦ୍ଧା ହରାଇ ବସିଲେଣି। ଶ୍ରୀ ଦ୍ୱିବେଦୀ କିନ୍ତୁ ନିଜ ରାଜନୀତିକ ଜୀବନ କାଳ ଭିତରେ ଦୁର୍ନୀତିକୁ ପ୍ରଶ୍ରୟ ଦେଇ ନାହାନ୍ତି। ସ୍ୱାଧୀନତା ପୂର୍ବରୁ ସେ କଂଗ୍ରେସ ଦଳରେ ସାମିଲ୍ ହୋଇଛନ୍ତି। ଆନ୍ଦୋଳନ କରି ଜେଲ୍ ଯାଇଛନ୍ତି। ସ୍ୱାଧୀନତାର ଠିକ୍ ପୂର୍ବରୁ ସେ ପ୍ରଜା ସମାଜବାଦୀ ଦଳକୁ ବାଛିଛନ୍ତି। ସ୍ୱାଧୀନତା ପରବର୍ତ୍ତୀ କାଳରେ ସାଧାରଣ ନିର୍ବାଚନରେ ବିଜୟୀଲାଭ କରି ଲୋକସଭାର ସଦସ୍ୟ ହୋଇଛନ୍ତି। ଦୀର୍ଘ ଅଠର ବର୍ଷ କାଳ ସେ ବିରୋଧୀ ଦଳର ପ୍ରମୁଖ ଭୂମିକା ଗ୍ରହଣ କରି ସରକାରଙ୍କୁ ସମାଲୋଚନା କରିଛନ୍ତି। ବ୍ୟକ୍ତିପ୍ରଧାନ ରାଜନୀତିକୁ ସେ ତୀବ୍ର ସମାଲୋଚନା କରିଛନ୍ତି। ଇନ୍ଦିରାଗାନ୍ଧୀଙ୍କ ଇମର୍‌ଜେନ୍‌ସି ଘୋଷଣାକୁ ସେ ବିରୋଧ କରିଛନ୍ତି। ସ୍ୱାଧୀନତା ପାଇବା ପରେ କିପରି କଂଗ୍ରେସୀମାନେ କ୍ଷମତା ଲୋଭରେ ଅନ୍ଧ ହୋଇଛନ୍ତି ତାହା ସେ ଦର୍ଶାଇଛନ୍ତି। ପ୍ରଧାନମନ୍ତ୍ରୀ ହେବା ପାଇଁ ଡ.ମହତାବ ୱାଭେଲ୍‌ଙ୍କୁ ଧରି ଯେଉଁ କାର୍ଯ୍ୟ କରିଛନ୍ତି ତାହାକୁ ଶ୍ରୀଯୁକ୍ତ ଦ୍ୱିବେଦୀ ଦେଶଦ୍ରୋହ ବୋଲି କହିଛନ୍ତି। ସେ ଅନୁଭବ କରିଛନ୍ତି ଭାରତର ରାଜନୀତିକ ଜୀବନ ଖଣ୍ଡବିଖଣ୍ଡିତ। କ୍ଷମତା ଓ ଅର୍ଥ ନେତାଙ୍କର ଏକମାତ୍ର ଲକ୍ଷ୍ୟ। ବଲାଙ୍ଗୀର ରାଜା ରାଜେନ୍ଦ୍ର ନାରାୟଣ ସିଂହଦେବଙ୍କ ପଶ୍ଚିମ ଓଡ଼ିଶାକୁ ସ୍ୱାଧୀନ କରି କୋଶଳ ପ୍ରଦେଶ ଗଠନ କରିବା ରାଜନୀତିକୁ ସେ ସମାଲୋଚନା କରିଛନ୍ତି। ଶ୍ରୀଯୁକ୍ତ ଦ୍ୱିବେଦୀ ଗଡ଼ଜାତ ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସମାଜବାଦୀ ଦଳର ଅବସାନ ପରେ ସେ ଜୟପ୍ରକାଶ ନାରାୟଣଙ୍କ ଦ୍ୱାରା ପ୍ରଭାବିତ ହୋଇ ଜନତା ଦଳରେ ଯୋଗ ଦେଇଥିଲେ। ଜନତା ଦଳ ପରବର୍ତ୍ତୀ ସମୟରେ ନିଜ ଉଦ୍ଦେଶ୍ୟରୁ ଦୂର ହେବାର ଦେଖିସେ କଂଗ୍ରେସ ଦଳରେ ନିଜକୁ ସାମିଲ କରିଦେଲେ। ସେ ଭାରତ ତଥା ଓଡ଼ିଶା ରାଜନୀତିକୁ ଅତି ନିକଟରୁ ଦୀର୍ଘ ଦିନ ଧରି ଦେଖିଆସିଛନ୍ତି ।ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ ଆତ୍ମଜୀବନୀରୁ ତତ୍‌କାଳୀନ ରାଜନୀତିର ଅସଲ ସ୍ୱରୂପ ଉଦ୍‌ଘାଟିତ ହୁଏ।

ନୀଳମଣି ରାଉତରାୟଙ୍କ ଆତ୍ମଜୀବନୀରୁ ସ୍ୱାଧୀନତା ଦୀର୍ଘ ପଚାଶ ବର୍ଷର ରାଜନୀତିକ ଘଟଣା ପ୍ରବାହ ସମ୍ପର୍କରେ ସୂଚନା ମିଳେ। ଶ୍ରୀଯୁକ୍ତ ରାଉତରାୟ ଜଣେ

ସ୍ୱାଧୀନତା ସଂଗ୍ରାମୀ। ମହାତ୍ମାଗାନ୍ଧୀଙ୍କ ଆଦର୍ଶରେ ଉଦ୍ବୁଦ୍ଧ ହୋଇ ଦେଶ ମୁକ୍ତି ସଂଗ୍ରାମରେ ଯୋଗ ଦେଇଛନ୍ତି। ସ୍ୱାଧୀନତା ପରବର୍ତ୍ତୀ ସମୟରେ ଓଡ଼ିଶାରେ ବାରମ୍ବାର ମନ୍ତ୍ରୀ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ପଦବୀ ମଧ୍ୟ ହାସଲ କରିଛନ୍ତି। ପୋଲିସ ଓ ଉଚ୍ଚପଦସ୍ଥ ଅଧିକାରୀବୃନ୍ଦ ରାଜନୀତିର ହାତବାରିସି ହୋଇ କିପରି ଅନ୍ୟାୟ କାର୍ଯ୍ୟ କରୁଛନ୍ତି ତା'ର ଦୃଷ୍ଟାନ୍ତ ଆତ୍ମଜୀବନୀ ରେ ଦେଇଛନ୍ତି। ସେ ମଧ୍ୟ ମନ୍ତ୍ରୀ ଥିଲାବେଳେ କେତେକ କ୍ଷେତ୍ରରେ ପୋଲିସର ଅନ୍ୟାୟ କାର୍ଯ୍ୟକୁ ସମର୍ଥନ କରିଥିବାରୁ ଅନୁତପ୍ତ ହୋଇଛନ୍ତି। ଏଥିସହିତ ସେ କେନ୍ଦ୍ର ଓ ରାଜ୍ୟର ରାଜନୀତିକ ନେତାମାନଙ୍କର ସ୍ୱେଚ୍ଛାଚାରୀ ମନୋଭାବକୁ ମଧ୍ୟ ବ୍ୟକ୍ତ କରିଛନ୍ତି। ତାଙ୍କ ମତରେ ଜନତା, ରାଜନୀତି, ପୋଲିସ୍ ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ନ ରହିଲେ ସମାଜବାଦୀ ଗଣତନ୍ତ୍ର ବ୍ୟର୍ଥ ହୋଇଯିବ। ଜଣେ ରାଜନେତାଙ୍କ ପକ୍ଷରେ କ୍ରୋଧ, ଅହଂକାର, ଛଦ୍ମତା ଓ ପ୍ରତାରଣା ମାରାତ୍ମକ ବୋଲି ସେ ମନେ କରିଛନ୍ତି। ମହତାବଙ୍କ ରାଜନୀତିକୁ ସେ କଟୁ ସମାଲୋଚନା କରିଛନ୍ତି। ନବକୃଷ୍ଣ ଚୌଧୁରୀ ଓ ଗୋପବନ୍ଧୁ ଚୌଧୁରୀଙ୍କ ପ୍ରତି ଥିବା ତାଙ୍କ ମନୋଭାବକୁ ମଧ୍ୟ ଲେଖକ ସମାଲୋଚନା କରିଛନ୍ତି। ଓଡ଼ିଶାର ରାଜନୀତିରେ କ୍ଷମତା, ଅର୍ଥବଳ, ବାହୁବଳ ଓ କୂଟଚକ୍ରାନ୍ତ ହରେକୃଷ୍ଣ ମହତାବଙ୍କ ସମୟରୁ ଆରମ୍ଭ ହୋଇଛି ବୋଲି ସେ ଆତ୍ମଜୀବନୀରେ ବ୍ୟକ୍ତ କରିଛନ୍ତି। ରାଜନୀତି ନାମରେ ବ୍ୟକ୍ତିସ୍ୱାର୍ଥ ଓ ଉପଭୋଗବାଦ କିପରି ପ୍ରଭାବ ବିସ୍ତାର କରିଛି ତାହା ସେ ବର୍ଣ୍ଣନା କରିଛନ୍ତି ।

ସୁରେନ୍ଦ୍ର ମହାନ୍ତି ତାଙ୍କ "ପଥ ଓ ପୃଥିବୀ'ରେ ସାମ୍ପ୍ରତିକ ରାଜନୀତିର ସ୍ୱରୂପ ଉଦ୍‌ଘାଟନ କରିବାକୁ ଚେଷ୍ଟା କରିଛନ୍ତି। ସେ ରାଜନୀତିରେ ବିଭିନ୍ନ ସମୟରେ ବିଭିନ୍ନ ଦଳରେ ସାମିଲ୍ ହୋଇଥିବାରୁ ତାଙ୍କୁ ତୀବ୍ର ସମାଲୋଚନାର ଶିକାର ହେବାକୁ ପଡ଼ିଛି। ପ୍ରଥମେ ପାଟଣା ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ଅନୁଗତ ଭାବେ ଗଣତନ୍ତ୍ର ଦଳରେ ସାମିଲ୍ ହୋଇଛନ୍ତି। ପରବର୍ତ୍ତୀ ସମୟରେ କଂଗ୍ରେସ ଦଳ, ତା'ପରେ ଜନତା ପୁନଶ୍ଚ ଜନତାରୁ କଂଗ୍ରେସକୁ ଆସିଛନ୍ତି। ଅଥଚ ଦଳବଦଳ ଫଳରେ କୌଣସି ବ୍ୟକ୍ତିଗତ ଲାଭ ପାଇପାରିନାହାନ୍ତି। ସେ ରାଜନୀତିକୁ ଏକ ସ୍ୱପ୍ନରୂପେ ଦେଖିଛନ୍ତି। ସେ ରାଜନୀତିରୁ ବିଦାୟ ନେଇ ଉପଲବ୍ଧି କରିଛନ୍ତି ଯେ ସାମ୍ପ୍ରତିକ ରାଜନୀତିର ଅର୍ଥ ହେଉଛି କମ୍ପ୍ରୋମାଇଜ ବା ସାଲିସ୍। ଯିଏ ନିଜ ବିବେକ ଓ ବିଚାର ସହିତ ଯେତେବେଶୀ ସାଲିସ୍ କରିପାରିଛି ସେ ରାଜନୀତିରେ ସେତିକି ସଫଳ ହୋଇପାରିଛି। ଶ୍ରୀଯୁକ୍ତ ମହାନ୍ତି ଜୀବନରେ ସାଲିସ୍ କରିପାରି ନଥିବାରୁ କୌଣସି ଦଳରେ ଦୀର୍ଘ ସମୟ ଧରି ତିଷ୍ଠି ପାରିନଥିଲେ। ରାଜନୀତିରେ ତିଷ୍ଠି ରହିବାକୁ ହେଲେ ନିରବଚ୍ଛିନ୍ନ ବେସାଲିସ୍ ସଂଗ୍ରାମ ଆବଶ୍ୟକ। ସେ କହନ୍ତି, "ଏବେ ରାଜନୀତି ଯେପରି ପରାନର୍ଦ୍ଦମାରେ ପରିଣତ ହୋଇଛି, ମୁଁ ବିଶ୍ୱାସ କରୁଛି, ଆସନ୍ତା ଦିନମାନଙ୍କରେ ତାହା ବିରୁଦ୍ଧରେ ନିଶ୍ଚୟ ଏକ ପ୍ରତିକ୍ରିୟା ପ୍ରକାଶ ପାଇବ ଓ ରାଜନୀତି ସ୍ୱାର୍ଥାନ୍ୱେଷୀ, କ୍ଷମତା ଲୋଲୁପ, ସୁବିଧାବାଦୀଙ୍କ କବଳରୁ ମୁକ୍ତି ପାଇ ପୁଣି ଆଦର୍ଶବାଦୀ ସନ୍ନ୍ୟାସୀମାନଙ୍କ ହାତକୁ ଫେରିଆସିବ ।"(ମହାନ୍ତି ସୁରେନ୍ଦ୍ର, ପଥ ଓ ପୃଥିବୀ, ପୃ.କ (ମୁଖବନ୍ଧ)) ଏତଦ୍ବ୍ୟତୀତ ଶଢ଼େଇକଳା, ଖରସୁଆଁ ମିଶ୍ରଣ ତଥା ସୀମା ଆନ୍ଦୋଳନ ଆଦି ଘଟଣା ବିପର୍ଯ୍ୟୟ ପାଇଁ ଓଡ଼ିଶାର ଦୁର୍ବଳ ରାଜନୀତିକୁ ସେ ଦାୟୀ କରିଛନ୍ତି। ବନ୍ୟା, ଦୁର୍ଭିକ୍ଷ ଆଦି ପ୍ରାକୃତିକ ଦୁର୍ବିପାକର ସୁଯୋଗ ନେଇ ରାଜନୀତିକ ବ୍ୟକ୍ତି ଓ ପ୍ରଶାସକମାନେ କିପରି ନିଜର ସ୍ୱାର୍ଥ ସାଧନ କରିଥାନ୍ତି ଉକ୍ତ ଚିତ୍ରକୁ ସେ ପାଠକ ସମ୍ମୁଖରେ ଉପସ୍ଥାପନ କରିଛନ୍ତି। ଗଣତନ୍ତ୍ରରେ ବିରୋଧୀ ଦଳର ଭୂମିକାକୁ ସେ ପ୍ରଶଂସା କରିଛନ୍ତି। ତାଙ୍କ ମତରେ, "ସରକାର ହେଲା ଗୋଟିଏ ଦନ୍ତାହାତୀ, ମାହୁନ୍ତର ଆଙ୍କୁଶ ନଥିଲେ ସେ ହାତୀ ବାୟା ହୋଇ ଲୋକମାନଙ୍କୁ ପାଦରେ ଦଳିଦେବ। ହାତୀକୁ ଅଟକାଇବା ପାଇଁ ଯେପରି ଶିକୁଳି ଓ ଅଂକୁଶର ପ୍ରୟୋଜନ, ସରକାରଙ୍କୁ ସଂଯତ କରିବା ପାଇଁ ସେହିପରି ବିରୋଧୀ ଦଳର ଆବଶ୍ୟକ ।(ମହାନ୍ତି ସୁରେନ୍ଦ୍ର, ପଥ ଓ ପୃଥିବୀ, ପୃ.୯୨ ) ସେ କଂଗ୍ରେସ ଦଳର ଅବକ୍ଷୟୀ ରାଜନୀତିକୁ ସମାଲୋଚନା କରିଛନ୍ତି। ଏଥିପାଇଁ ସେ ସମ୍ପୂର୍ଣ୍ଣ ରୂପେ ଦାୟୀ କରିଛନ୍ତି ଜବାହାରଲାଲ ନେହେରୁଙ୍କୁ। ସେ ନେହେରୁଙ୍କୁ ପାଖରେ ଚିଠି ମାଧ୍ୟମରେ କଟାକ୍ଷ କରିଛନ୍ତି। ଏହି ଖୋଲା ଚିଠି ତତ୍କାଳୀନ ରାଜନୀତିରେ ବେଶ୍ ଚହଳ ପକାଇଥିଲା। ସେ ଅତି ନିର୍ଭୀକ ଭାବରେ ନେହେରୁଙ୍କୁ ଚିଠି ଲେଖିଥିଲେ- "କଂଗ୍ରେସ ଆଜି କୁଷ୍ଠବ୍ୟାଧିଗ୍ରସ୍ତ ରୋଗୀର ଅଙ୍ଗପ୍ରତ୍ୟଙ୍ଗ ପରି ଗଳିତ ହୋଇଗଲାଣି। ଆପଣ ଭାରତର ଜବାହାରଥିଲେ, ଆଜି ଜହର ହୁଅନ୍ତୁ ନାହିଁ ।"(ମହାନ୍ତି ସୁରେନ୍ଦ୍ର, ପଥ ଓ ପୃଥିବୀ, ପୃ. ୧୪୭ ) ଏହିପରି ଭାବେ ସେ ତତ୍କାଳୀନ ରାଜନୀତିର ଅନେକ ବିଷୟ ନିଜ ଆତ୍ମଜୀବନୀରେ ଉଲ୍ଲେଖ କରିଛନ୍ତି।

ଦୁଇଟି ଭାଗରେ ପ୍ରକାଶିତ ଚିନ୍ତାମଣି ମିଶ୍ରଙ୍କ "ଅର୍ଦ୍ଧଶତାବ୍ଦୀର ଅନୁଭୂତି' ଆତ୍ମଜୀବନୀରେ ତାଙ୍କ ସ୍ୱାଧୀନତା ପୂର୍ବର ରାଜନୀତି, ନିଜର ରାଜନୀତିକ ଜୀବନ, ବିଧାନ ସଭାରେ ଉପବାଚସ୍ପତି ଭାବରେ ନିଜ

ଭୂମିକା ତଥା ଗଣତନ୍ତ୍ରର ଦୋଷଦୁର୍ବଳତାକୁ ପ୍ରକାଶ କରିଛନ୍ତି। ସମକାଳୀନ ରାଜନୀତି ତଥା ରାଜନେତାଙ୍କୁ ସେ ତୀବ୍ର କଟାକ୍ଷ କରିଛନ୍ତି। ସେ ସାମ୍ପ୍ରତିକ ରାଜନୀତି ବିଷୟରେ କହନ୍ତି, ଆଜିକାଲିର ରାଜନୀତିକ ନେତାମାନେ ଦେଶସେବା ଓ ଦେଶ କଲ୍ୟାଣ ନାମରେ ଆତ୍ମସେବା ଓ ଆତ୍ମକଲ୍ୟାଣ କରୁଛନ୍ତି। ସେମାନେ ବଡ଼ରୁ ଆହୁରି ବଡ଼ ହେବାକୁ ଚେଷ୍ଟା କରୁଛନ୍ତି। ଦିନକୁ ଦିନ ସେମାନଙ୍କ ପାଖରୁ ସ୍ନେହ, ସହାନୁଭୂତି ଓ ମଣିଷ ପଣିଆର ଲୋପ ହେବାରେ ଲାଗିଛି। ସ୍ୱାଧୀନତା ପୂର୍ବବର୍ତ୍ତୀ ମୁକ୍ତି ଆନ୍ଦୋଳନରେ ସେ ଏକ ସକ୍ରିୟ କର୍ମୀ ଭାବରେ ଯୋଗ ଦେଇଛନ୍ତି। ଅସହଯୋଗ ଆନ୍ଦୋଳନରେ ଇଂରେଜମାନଙ୍କ ଅତ୍ୟାଚାର, ୧୯୭୫ ମସିହାର ଇମରଜେନ୍ସି, ସରକାରଙ୍କ ଦମନନୀତି ଆଦି ବିଷୟକୁ ସେ ଆତ୍ମଚରିତରେ ଉଲ୍ଲେଖ କରି ଭାରତ ତଥା ଓଡ଼ିଶା ରାଜନୀତିର ଏକ ସୂକ୍ଷ୍ମଚିତ୍ର ପ୍ରଦାନ କରିବାରେ ସମର୍ଥ ହୋଇଛନ୍ତି।

କାଳିନ୍ଦୀଚରଣ ପାଣିଗ୍ରାହୀ ପ୍ରତ୍ୟକ୍ଷ ଭାବରେ ରାଜନୀତି ସହ ସଂପୃକ୍ତ ନଥିଲେ ମଧ୍ୟ ରାଜନୀତିରୁ ନିଜକୁ ଦୂରେଇ ରଖିପାରିନଥିଲେ। ନିଜ ଭାଇ ଭଗବତୀଚରଣ ପାଣିଗ୍ରାହୀ ଓ ଝିଅ ନନ୍ଦିନୀ ଶତପଥୀ ରାଜନୀତି ସହ ସମ୍ପୃକ୍ତ ଥିବାରୁ ସେ ରାଜନୀତିକୁ ଅତି ନିକଟରୁ ଦେଖିଥିଲେ। ବିଭିନ୍ନ ରାଜନୀତିକ ଦଳ ପକ୍ଷରୁ ବାରମ୍ବାର ନିମନ୍ତ୍ରଣ ପାଇ ମଧ୍ୟ ସେ ତାକୁ ଅସ୍ୱୀକାର କରିଥିଲେ। ସ୍ୱାଧୀନତା ପରବର୍ତ୍ତୀ କଂଗ୍ରେସର ବିଚାରାଧାରା ଦେଖାଇବାକୁ ଯାଇ ସେ ଉଲ୍ଲେଖ କରନ୍ତି- "କଂଗ୍ରେସର ମିଶ୍ରିତ ରାଜନୀତିକ ଆଦର୍ଶ ଫଳରେ ପ୍ରତିଷ୍ଠିତ ହେଲା ଏକ ସମ୍ବିଧାନ ସମ୍ମତ ଗଣତନ୍ତ୍ର ଶାସନ। ସମ୍ପ୍ରଦାୟ ପନ୍ଥୀ ଜନସଂଘଠାରୁ ଆରମ୍ଭ କରି ବୈପ୍ଳବିକ ପନ୍ଥୀ କମ୍ୟୁନିଷ୍ଟ ପର୍ଯ୍ୟନ୍ତ ଏହି ଗଣତନ୍ତ୍ରରେ ସ୍ଥାନ ହାସଲ କଲେ। ଯେଉଁ ରାଜାମାନଙ୍କୁ ଅତ୍ୟାଚାରୀ ବୋଲି ଲୋକେ ବିଦାୟ ଦେଇଥିଲେ, ସେହିମାନଙ୍କ ପ୍ରତି ପୁଣି ତାଙ୍କର ସ୍ନେହି ସହାନୁଭୂତି ଢ଼ଳିଲା। ସେଇମାନଙ୍କୁ ପୁଣି ଭୋଟ ଦେଇ ଶାସନ ଗାଦିକୁ ତଥାକଥିତ ଅତ୍ୟାଚାରିତ ପ୍ରଜାକୁଳ ଡ଼ାକିଆଣି ବସାଇଲେ। ରାଜନୀତି ଯେ କଳା ସାହିତ୍ୟ ନୁହେଁ, ତହିଁରେ ଭାବପ୍ରବଣତାର ସ୍ଥାନ ନାହିଁ । (ପାଣିଗ୍ରାହୀ କାଳିନ୍ଦୀଚରଣ, ଅଂଗେ ଯାହା ନିଭାଇଛି, ପୃ. ୩୭୯ ) ଭଗବତୀଚରଣ ପାଣିଗ୍ରାହୀ କମ୍ୟୁନିଷ୍ଟ ଦଳର ସମର୍ଥକ ଥିବାରୁ କାଳିନ୍ଦୀଚରଣଙ୍କ ପ୍ରତି ନଜର ରହିଥାଏ। ନାନା ପ୍ରଯତ୍ନ ସତ୍ତ୍ୱେ ସେ ରାଜନୀତିରୁ ଦୂରେଇ ରହିପାରିନାହାନ୍ତି। ତାଙ୍କ ଝିଅ କୁନି (ନନ୍ଦିନୀ ଶତପଥୀ) ଙ୍କ ପ୍ରତି ରାଜନୀତିକ ଆକ୍ରୋଶ କାରଣରୁ ଆକ୍ରମଣ ହୋଇଛି। ଯାହା ରାଜନୀତିରେ ଥିବା ଦଳଗତ ବିଦ୍ୱେଷ ଭାବକୁ ସୂଚାଇ ଦିଏ। ଉକ୍ତ ଆତ୍ମଜୀବନୀରେ ୧୯୩୯ରେ ଓଡ଼ିଶାରେ ପ୍ରଥମ ମନ୍ତ୍ରୀମଣ୍ଡଳ ଗଢ଼ା ହେବାରେ ଗାନ୍ଧିଜୀଙ୍କ ହସ୍ତକ୍ଷେପ, କମ୍ୟୁନିଷ୍ଟ ଦଳର ଉଗ୍ରତା, ଦଳବଦଳର ରାଜନୀତି ନନ୍ଦିନୀ ଶତପଥୀଙ୍କ ମୁଖ୍ୟମନ୍ତ୍ରୀତ୍ୱ ପ୍ରାପ୍ତି, ବିଧାନସଭା ଭଙ୍ଗ ଆଦି ବିଷୟକୁ ସ୍ଥାନ ଦିଆଯାଇଛି।

ରମାଦେବୀଙ୍କ ଆତ୍ମଜୀବନୀରୁ ତାଙ୍କ ସେବା ଜୀବନର ଚିତ୍ର ଦେଖିବାକୁ ମିଳେ। ସେ ଅହିଂସା ପରମ ବ୍ରତ ରୂପେ ପାଳନ କରୁଥିଲେ। ରାଜନୀତିଠାରୁ ଦୂରରେ ରହିଥିଲେ ମଧ୍ୟ ସ୍ୱାଧୀନତା ପାଇଁ ଅନେକ ଆନ୍ଦୋଳନର ନେତୃତ୍ୱ ନେଇ କାରାବରଣ କରିଥିଲେ ।ତାଙ୍କ ଆତ୍ମଚରିତରୁ ଇନ୍ଦିରା ଗାନ୍ଧୀ ସରକାରଙ୍କ ଇମରଜେନ୍ସି ବିଷୟରେ ନାନା ତଥ୍ୟ ଜାଣିବାକୁ ମିଳେ। କଂଗ୍ରେସ ବିରୋଧୀ ନେତା ତଥା କଂଗ୍ରେସ ଦଳ ଭିତରେ ଥିବା ଗଣତନ୍ତ୍ରର ସମର୍ଥକକୁ ଗିରଫ କରିବା ଏପରିକି ଗଣମାଧ୍ୟମ ଉପରେ ରୋକ ଲଗାଯାଇଥିବା ବିଷୟ ସେ ପୁସ୍ତକରେ ଉଲ୍ଲେଖ କରିଛନ୍ତି। ଏହି ସମୟରେ ରମାଦେବୀ ଏମର୍ଜେନ୍ସି ବିରୁଦ୍ଧରେ ପ୍ରଚାର କାର୍ଯ୍ୟ କରୁଥିଲେ। ଲୋକଙ୍କ ଉପରେ ରାଜନୀତିକ ବିଦ୍ୱେଷ ତଥା କ୍ଷମତାର ଅପବ୍ୟବହାର କରି ଯେଉଁ ଅତ୍ୟାଚାର କରାଯାଉଥିଲା ତା'ର ଚିତ୍ର ସେ ପ୍ରଦାନ କରନ୍ତି, "ଆନ୍ଦୋଳନ ତେଜିବା ସଙ୍ଗେ ସଙ୍ଗେ ଲୋକଙ୍କୁ ଦବେଇବା ପାଇଁ ଚାରିଆଡ଼େ ନାନା ପ୍ରକାର ଦମନମୂଳକ କାର୍ଯ୍ୟ ଚାଲିଲା। ଦିଲ୍ଲୀର ତିହାର ଜେଲ ଭିତରେ ଅତ୍ୟାଚାର, ନୈନୀ ଜେଲରେ ମାଡ଼, ସମ୍ବଲପୁର ଜେଲରେ ଲାଠିଚାଳନା ସାଙ୍ଗକୁ ଦିଲ୍ଲୀରେ ତୁର୍କମାନ ଗେଟ୍ ନିକଟରେ ଗୁଳିଚାଳନା ଫଳରେ ଶହଶହ ଲୋକଙ୍କ ମୃତ୍ୟୁ ଆଦି ନାନାପ୍ରକାର ଅତ୍ୟାଚାର ଚାଲିଲା। ଏସବୁ ଖବର ବୁଲେଟିନ୍‌ରୁ ହିଁ ମିଳୁଥାଏ; ଖବର କାଗଜରେ ପ୍ରକାଶ ପାଉନଥାଏ ।"(ଚୌଧୁରୀ ରମାଦେବୀ, ଜୀବନପଥେ, ପୃ. ୨୦୦-୦୧) ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ ଗୋପବନ୍ଧୁ ଚୌଧୁରୀଙ୍କ ସହ ମିଶି ସେ ଦେଶ ମୁକ୍ତି ଆନ୍ଦୋଳନରେ ଯୋଗ ଦେଇଥିଲେ। ଗୟା କଂଗ୍ରେସରେ ଯୋଗଦାନ, ନିଖିଳ ଭାରତ କଂଗ୍ରେସ କମିଟିର କଲିକତା ଅଧିବେଶନରେ ପ୍ରତିନିଧିତ୍ୱ, ମହିଳା କଂଗ୍ରେସ ଅଧିବେଶନରେ ପ୍ରତିନିଧିତ୍ୱ, ଆଦି ତାଙ୍କ ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଶା ରାଜନୀତିରେ କଂଗ୍ରେସକୁ ଦୃଢ଼ୀଭୂତ କରିବାରେ ସାହାଯ୍ୟ କରିଥିଲା। ବିବୁଧେନ୍ଦ୍ର ମିଶ୍ରଙ୍କ ଆତ୍ମଜୀବନୀରୁ ଓଡ଼ିଶା ରାଜନୀତିର ଅନେକ, ବିଷୟ ଜାଣିବାକୁ ମିଳେ। ୧୯୩୭ ମସିହାରେ ନୀଳକଣ୍ଠ

ଓ ବିଶ୍ୱନାଥଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ପଦବୀ ପାଇଁ ସଂଘର୍ଷ ତଥା କଂଗ୍ରେସର ଗୋଷ୍ଠୀ ବିବାଦ ବିଷୟରେ ସେ ଉଲ୍ଲେଖ କରିଛନ୍ତି। ସେହିପରି ତ୍ରିପୁରା କଂଗ୍ରେସ ସଭାପତିତ୍ୱ ପଦକୁ ନେଇ ଗାନ୍ଧୀ ଓ ବୋଷ ମଧ୍ୟରେ ମତାନ୍ତର, ଗାନ୍ଧୀଜୀଙ୍କ କଂଗ୍ରେସ ଛାଡ଼ିବାର ଧମକ, ବୋଷଙ୍କ ଇସ୍ତଫା ଆଦି ଭାରତ ରାଜନୀତିର ଏକ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ। ସାମ୍ପ୍ରଦାୟିକ ବିଚାରଧାରାରୁ କଂଗ୍ରେସ କିପରି ମୁକ୍ତ ହୋଇପାରିନଥିଲା ସେ ବିଷୟ ମଧ୍ୟ ଲେଖକଙ୍କ ଆତ୍ମଜୀବନୀରେ ବର୍ଣ୍ଣିତ। କଂଗ୍ରେସରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସ୍ଥାନ କଂଗ୍ରେସ ସଭାପତିଠୁ ବଡ଼ ହେବା, ନେହେରୁଙ୍କ ଭୁଲ ନିଷ୍ପତ୍ତି ଯୋଗୁଁ ମୁସଲିମ୍ ଲିଗ୍‌ର ଉତ୍ତରପ୍ରଦେଶରେ ପ୍ରସାର, ସରକାର ଓ କ୍ଷମତାକୁ ନେଇ ବିଶ୍ୱନାଥ ଦାସ ଓ ଲାଟ୍ ହବାକ୍ ସାହେବଙ୍କ ମଧ୍ୟରେ ମତଭେଦ ଓ ସଂଘର୍ଷ ଆଦି ବିଷୟ ମଧ୍ୟ ପୁସ୍ତକରେ ସ୍ଥାନିତ। ଏତଦ୍‌ବ୍ୟତୀତ ପାକିସ୍ତାନ ଗଠନର ପ୍ରସ୍ତାବ, ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସୁଭାଷ ବୋଷଙ୍କ ଜେଲରୁ ଖସିଯାଇ ଜର୍ମାନ୍, ଜାପାନ୍ ଯାଇ ଫରୱାର୍ଡ଼ ବ୍ଲକ ଓ ଆଜାଦ୍ ହିନ୍ଦ୍ ଫୌଜର ଗଠନ, ଭାରତ ଛାଡ଼ ଆନ୍ଦୋଳନରେ କଂଗ୍ରେସର ଯୋଗଦାନ ଓ କିଛି କମ୍ୟୁନିଷ୍ଟ ସଭ୍ୟଙ୍କ ବିରୋଧ, ବାଲେଶ୍ୱରର ଇରମ୍ ଠାରେ ଇଂରେଜ ପୋଲିସର ଗୁଳିଚାଳନା, ଲର୍ଡ଼ ମାଉଣ୍ଟ ବ୍ୟାଟେନ୍‌ଙ୍କ ଦେଶବିଭାଜନ ଆଦି ବିଷୟ ତାଙ୍କ ଆତ୍ମଜୀବନୀରେ ବର୍ଣ୍ଣିତ।

ମନ୍ମଥନାଥ ଦାସ ଜଣେ ଅଧ୍ୟାପକ ତଥା କୁଳପତି ଭାବରେ ଶିକ୍ଷା କ୍ଷେତ୍ରରେ ନିଜକୁ ନିୟୋଜିତ କରିଥିଲେ ମଧ୍ୟ ରାଜନୀତି ଠାରୁ ନିଜକୁ ଦୂରେଇ ପାରି ନଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଥିବା ସମୟରେ ତତ୍‌କାଳୀନ ରାଜନୀତିକ ବାତାବରଣର କୁପ୍ରଭାବ କିପରି ଛାତ୍ରମାନଙ୍କ ଉପରେ ପଡ଼ିଥିଲା ତାହା ସେ ନିକଟରୁ ଦେଖିଥିଲେ। ଦିଲ୍ଲୀରେ କ୍ୟାମ୍ପସ୍ ରାଜନୀତି ଉପରେ ବକ୍ତବ୍ୟ ଦେବା ବିଷୟ ଲେଖକ ଉଲ୍ଲେଖ କରନ୍ତି, "ବିଶ୍ୱବିଦ୍ୟାଳୟ ପରିସରଠାରୁ ଆପଣମାନେ ନିଜକୁ ଦୂରରେ ରଖିଲେ ଦେଶର ମଙ୍ଗଳ ହୁଅନ୍ତା। ଜଣେ ବରିଷ୍ଠ ନେତା ଉତ୍ତର ଦେଲେ, "ଅଧ୍ୟାପକମାନଙ୍କ ଦୃଷ୍ଟିରେ ବିଶ୍ୱବିଦ୍ୟାଳୟ ପରିସର ଉଚ୍ଚଶିକ୍ଷାର କେନ୍ଦ୍ରସ୍ଥଳୀ ହୋଇପାରେ, କିନ୍ତୁ ଆମ ବିଚାରରେ ସେହି ସ୍ଥାନ ଭବିଷ୍ୟତ ରାଜନୀତିମାନଙ୍କ ଲାଗି ତାଲିମ୍ କେନ୍ଦ୍ର ହେବା ମଧ୍ୟ ଉଚିତ୍ ।"( ଦାସ ମନ୍ମଥନାଥ, ଜୀବନର ପଥପ୍ରାନ୍ତେ ଦିଗନ୍ତର ଦୃଶ୍ୟ, ପୃ. ୫୦୫) ଛାତ୍ରମାନଙ୍କୁ ଲାଞ୍ଚ ତଥା ଚାକିରିର ପ୍ରଲୋଭନ ଦେଖାଇ ନେତାମାନେ ବିଶ୍ୱବିଦ୍ୟାଳୟ ପରିସରକୁ ଅଶାନ୍ତ କରିବା ଲାଗି ପ୍ରରୋଚନା ଦେଉଥିବା ବିଷୟ ମଧ୍ୟ ଲେଖକ ଦର୍ଶାଇଛନ୍ତି। ଲେଖକ ଅଧ୍ୟାପକ ଥିଲେ ମଧ୍ୟ ସେ ରାଜନୀତିକୁ ଅତି ନିକଟରୁ ଦେଖିଛନ୍ତି। ବିଭିନ୍ନ ରାଜନୀତିକ ବ୍ୟକ୍ତିଙ୍କ ସହିତ ତାଙ୍କର ସମ୍ପର୍କ ରହିଛି। ପ୍ରତ୍ୟକ୍ଷ ଭାବରେ କଂଗ୍ରେସ କର୍ମୀ ନହେଲେ ମଧ୍ୟ କଂଗ୍ରେସର ଇତିହାସ, ନେହେରୁ, ସ୍ୱାଧୀନତା ଭାରତ ଓ ଲର୍ଡ ମାଉବ୍ୟାଟେନ ଆଦିଙ୍କ ବିଷୟରେ ପୁସ୍ତକମାନ ରଚନା କରିଛନ୍ତି। ଶେଷରେ ରାଜୀବଗାନ୍ଧୀଙ୍କ ପ୍ରତ୍ୟକ୍ଷ ଅନୁରୋଧରେ ସେ ରାଜନୀତିରେ ପ୍ରବେଶ ମଧ୍ୟ କରିଛନ୍ତି। ଏ ଅନିଚ୍ଛା ସତ୍ତ୍ୱେ ସେ ରାଜନୀତିରେ ପ୍ରବେଶ କରି ଭୁବନେଶ୍ୱରରୁ ଲୋକସଭାର ପ୍ରାର୍ଥୀ ଭାବରେ ଲଢ଼ିଥିଲେ। ରାଜୀବ ଗାନ୍ଧୀଙ୍କ ମୃତ୍ୟୁ ଏବଂ ଲେଖକଙ୍କ ରାଜନୀତିକ ଉତ୍କଟତାର ଅଭାବରୁ ସେ ଚାରି ହଜାର ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ ଏବଂ ରାଜନୀତିରୁ ବିଦାୟ ନେଇଥିଲେ। ଦିଲ୍ଲୀରେ ଜଣେ ସର୍ଦ୍ଦାରଜୀଙ୍କ (ଶିଖ ନେତା) ସହ କଥୋପକଥନରୁ ସେ ବୁଝିଥିଲେ ଶିକ୍ଷାକ୍ଷେତ୍ରରେ ବି.ଏ, ଏମ୍.ଏ, ପିଏଚ୍‌ଡ଼ି ଓ ଡ଼ିଲିଟ୍ ପରି ରାଜନୀତିରେ ଝୁଟ୍ ବିଦ୍ୟା, ଲୁଟ୍ ବିଦ୍ୟା ବେଇମାନୀ ବିଦ୍ୟା ଓ ସଇତାନୀ ବିଦ୍ୟା ଆଦି ଶିକ୍ଷା ନକଲେ ଜଣେ ସଫଳକାମୀ ରାଜନୀତିକ ବ୍ୟକ୍ତି ହେବା ଅସମ୍ଭବ। ବିଭିନ୍ନ ରାଜନୀତିକ ନେତା ଯଥା ବିଜୁ ପଟ୍ଟନାୟକ, ବୀରେନ୍ ମିତ୍ର, ହରେକୃଷ୍ଣ ମହତାବ, ରବି ରାୟ, ନୀଳମଣି ରାଉତରାୟ, ପବିତ୍ର ମୋହନ ପ୍ରଧାନ, ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ ଆଦିଙ୍କ ସହିତ ବ୍ୟକ୍ତିଗତ ସଂସ୍ପର୍ଶରେ ଆସିଥିଲେ। ନେହେରୁଙ୍କ ଭୁଲ ପାଇଁ କାଶ୍ମୀର ସମସ୍ୟା ଆନ୍ତର୍ଜାତିକ ସମସ୍ୟାରେ ପରିଣତ ହେବା, ଚର୍ଚ୍ଚିଲ ଓ ଲର୍ଡ଼ ମାଉଣ୍ଟ ବ୍ୟାଟେନ୍‌ଙ୍କ ଭାରତ ବିଦ୍ୱେଷନୀତି ଓ କୁଚକ୍ରାନ୍ତ, କଂଗ୍ରେସ ବିରୋଧରେ ଜନତା ସରକାର ଗଠନ ଓ ତା'ର ପତନ, ଦେଶରେ ଜରୁରୀକାଳୀନ ପରିସ୍ଥିତି, ନନ୍ଦିନୀ ଶତପଥୀଙ୍କ ଦ୍ୱାରା କ୍ଷମତାର ଅପବ୍ୟବହାର, ଓଡ଼ିଶା ରାଜନୀତିରେ ବିଜୁବାବୁଙ୍କ କ୍ଷମତା ଆଦି ବିଷୟ ଆତ୍ମଜୀବନୀ ରେ ବର୍ଣ୍ଣିତ। ଏଥିସହିତ ବିଭିନ୍ନ ଦେଶ ଭ୍ରମଣ କରି ମୁଖ୍ୟତଃ ଆମେରିକା ଓ ଇଂଲଣ୍ଡର ଗଣତନ୍ତ୍ର ସମ୍ପର୍କରେ ଏକ ତୁଳନାତ୍ମକ ବିଚାର ପ୍ରକଟ କରିଛନ୍ତି। ଲେଖକ ଅତି ନିର୍ଭୀକ ଭାବରେ ନିଜର ମତ ଉପସ୍ଥାପନ କରୁଥିଲେ। ସେ ବିଜୁବାବୁଙ୍କୁ ନିଜ ରାଜନୀତିକ ଗୁରୁ ହରେକୃଷ୍ଣ ମହତାବଙ୍କ ପ୍ରତି କରିଥିବା ଷଡ଼ଯନ୍ତ୍ର ପାଇଁ ତାଙ୍କୁ ସମାଲୋଚନା କରିଛନ୍ତି। ମହତାବଙ୍କୁ ରାଜନୀତିରୁ ଓହରି ଯିବା ପାଇଁ ଉପଦେଶ ଦେବା ଓ ସେ ପ୍ରତ୍ୟୁତ୍ତରରେ ରାଜନୀତିଏକ ଅଭ୍ୟାସ ଦେବା କହିବା ବିଷୟ ଲେଖକ

ଉଲ୍ଲେଖ କରିଛନ୍ତି। "ଥରେ ମହତାବ ବାବୁଙ୍କୁ କହିଲି" ପରିଣତ ବୟସରେ ଆପଣ ରାଜନୀତିରୁ ସମ୍ପୂର୍ଣ୍ଣ ଭାବେ ଅବସର ନେଇ ଇତିହାସ ଓ ସାହିତ୍ୟ ରଚନାରେ ସମୟ ବିନିଯୋଗ କରିବା ଉଚିତ୍ ।' ତୁମେ ଯାହା କହୁଛ, ସେ କଥା ମୁଁ କେତେଥର ଭାବିଛି। ହେଲେ, ଯେଉଁମାନେ ଜୀବନର ପ୍ରଥମାବସ୍ଥାରୁ ରାଜନୀତି କରିଆସିଲେ, ସେମାନେ ମରିବା ପର୍ଯ୍ୟନ୍ତ ତାହା ଛାଡ଼ିପାରିବେ ନାହିଁ। ରାଜନୀତି ହେଉଛି ଗୋଟିଏ ଅଭ୍ୟାସ, ଅଭ୍ୟାସ ଛାଡ଼ିବା ସମ୍ଭବ ନୁହେଁ। ସେ ଉତ୍ତର ଦେଇଥିଲେ ।"(ଦାସ, ମନ୍ମଥନାଥ, ଜୀବନର ପଥପ୍ରାନ୍ତେ ଦିଗନ୍ତର ଦୃଶ୍ୟ, ପୃ.୩୫୮ )

ଶ୍ରୀଯୁକ୍ତ ରବି ରାୟଙ୍କ ଭାରତୀୟ ରାଜନୀତି ସହିତ ଏକ ଘନିଷ୍ଠ ସମ୍ପର୍କ ରହିଛି। ଓଡ଼ିଶା ରାଜନୀତିରେ ସେ କଦାପି ଅଂଶଗ୍ରହଣ କରିନାହାଁନ୍ତି। ତାଙ୍କ ମତରେ ଏଠାରେ ସଂସଦ ବା କେନ୍ଦ୍ରୀୟ ରାଜନୀତି ଅପେକ୍ଷା ସଂକୀର୍ଣ୍ଣତା ଅଧିକ। ସେ ଲୋକସଭା, ରାଜ୍ୟସଭାର ପ୍ରାର୍ଥୀ ହୋଇଛନ୍ତି। ୧୯୯୦ରେ ଦେଶରେ ସଂଖ୍ୟାଲଘୁ ସରକାର ସମୟରେ ସେ ବାଚସ୍ପତି ପଦବୀ ହାସଲ କରିଛନ୍ତି। ବାଚସ୍ପତି ଥିବା ସମୟରେ ଦଳବଦଳ ଆଇନ୍‌କୁ କଡ଼ାକଡ଼ି ଲାଗୁ କରିବା, ବିଚାରପତି ରାମସ୍ୱାମୀଙ୍କ ବିରୋଧରେ ସଂସଦରେ ଭର୍ତ୍ସନା ପ୍ରସ୍ତାବକୁ ସ୍ୱୀକୃତି ଦେବା, ଜରୁରୀ ଆଲୋଚନା ନିମନ୍ତେ ଶୂନ୍ୟକାଳ ବିଧିରେ ସଂସ୍କାର ଆଣିବା, ସଂସଦୀୟ ଆଲୋଚନା ରେଡ଼ିଓ ଓ ଟେଲିଭିଜନରେ ପ୍ରସାରଣ ବ୍ୟବସ୍ଥା କରିବା ଆଦି ତାଙ୍କର ଭାରତୀୟ ରାଜନୀତିକୁ ଉଲ୍ଲେଖନୀୟ ଅବଦାନ। ଏତଦ୍ ବ୍ୟତୀତ ରବିରାୟଙ୍କୁ ଗଭର୍ଣ୍ଣର ପଦବୀ ପାଇଁ ପ୍ରଲୋଭନ ଦିଆଯିବା ବିଷୟ ମଧ୍ୟ ପୁସ୍ତକରେ ଲିଖିତ। ବିଜୁ ପଟ୍ଟନାୟକଙ୍କ ରାଜନୀତିରେ ଅହଂଭାବକୁ ସେ ପ୍ରକାଶ କରିଛନ୍ତି। ଚରଣସିଂଙ୍କ ମନ୍ତ୍ରୀମଣ୍ଡଳରେ କୋଇଲା ବିଭାଗ ଦାବି କରିବା, ଲେଖକଙ୍କୁ ମୁଖ୍ୟମନ୍ତ୍ରୀ ପଦବୀ ଭଳି ଲାଳସା ପ୍ରଦାନ କରିବାର ଚେଷ୍ଟା ଆଦି ବିଷୟରେ ସୂଚନା ପୁସ୍ତକରେ ଦିଆଯାଇଛି। ନବବାବୁଙ୍କ ବ୍ୟତୀତ ଅନ୍ୟ ସମସ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ସେ ଦୁର୍ନୀତିଗ୍ରସ୍ତ କହିଛନ୍ତି। ବିଜୁବାବୁଙ୍କ ରବରଷ୍ଟାମ୍ପ ମୁଖ୍ୟମନ୍ତ୍ରୀ ହେବାକୁ ଅସ୍ୱୀକାର କରିଛନ୍ତି। "ମୁଁ ବି କେବେ ବିଜୁବାବୁଙ୍କ ରବରଷ୍ଟାମ୍ପ ମୁଖ୍ୟମନ୍ତ୍ରୀ ହୋଇପାରିନଥାନ୍ତି କିମ୍ବା ଦୁର୍ନୀତି ସହିତ ମଧ୍ୟ ସାଲିସ୍ କରିପାରିନଥାନ୍ତି ।"(ରାୟ ରବି, ଅନ୍ୱେଷାର ଆକାଶ, ପୃ.୧୨୦) ଡ.ଲୋହିଆଙ୍କ ନିର୍ଦ୍ଦେଶରେ ସେ ରାଜନୀତିରେ ପ୍ରବେଶ କରିଥିଲେ। କ୍ଷମତାରେ ରହି ସେ କ୍ଷମତା ରାଜନୀତିର ବାହାର ଭିତର ସହିତ ଭଲଭାବରେ ପରିଚିତ ହୋଇପାରିଥିଲେ। ତାଙ୍କ ମତରେ ଯେନତେନ ପ୍ରକାରେଣ କେବଳ ବିଜୟ ଲାଭ କରିବା ହିଁ ନେତାମାନଙ୍କର ମୁଖ୍ୟ କାର୍ଯ୍ୟ ହୋଇ ରହିଯାଇଛି। ସେ କହନ୍ତି, "ଆଜିକାଲି ପୁଞ୍ଜିପତିଙ୍କଠାରୁ ପଇସା ଝଡ଼ାଇ ବେଶ୍ ଗମାତ କରି ଯେଉଁସବୁ ନିର୍ବାଚନ ପ୍ରଚାର ହେଉଛି ସେଥିରେ କୌଣସି ସାତ୍ତ୍ୱିକତା ନାହିଁ। ଲୋକଙ୍କ ମଧ୍ୟରେ ତା'ର କୁପ୍ରଭାବ ପଡୁଛି ।(ରାୟ ରବି, ଅନ୍ୱେଷାର ଆକାଶ, ପୃ.୨୬ ) ରବିରାୟ ସମାଜବାଦୀ ଦଳ ସହିତ ସଂପୃକ୍ତ ରହି ରାଜନୀତିରେ ପ୍ରବେଶ କରିଥିଲେ। ଦଳର ଗଠନ, ଲୋହିଆଙ୍କ ଜୟପ୍ରକାଶ ନାରାୟଣଙ୍କ ମଧ୍ୟରେ ମତଭେଦ, ପ୍ରଜା ସୋସାଲିଷ୍ଟ ଦଳରୁ ଲୋହିଆ ନିଜକୁ ଅଲଗା କରିବା, କଂଗ୍ରେସ ହଟାଓ ଦେଶ ବଞ୍ଚାଅ ଆନ୍ଦୋଳନ, ଜବାହାରଲାଲଙ୍କ ତିବ୍ବତ ସମ୍ପର୍କୀୟ ଭୁଲ ନୀତିର ଫଳସ୍ୱରୂପ ଚୀନର ଭାରତ ଆକ୍ରମଣ, ଗାନ୍ଧୀଙ୍କ ମୃତ୍ୟୁରେ ପଟେଲ ଆରଏସ୍ଏସ୍ ଉପରେ ନିଷେଧାଜ୍ଞା ଜାରୀ କରିବା, ସାଂସଦରେ ପ୍ରଥମଥର ପାଇଁ ଲୋହିଆ ଜବାହାରଙ୍କ ବିରୋଧରେ ଅବିଶ୍ୱାସ ପ୍ରସ୍ତାବ ଆଣିବା, ମଣିପୁରରେ ସମାଜବାଦୀ ଦଳ ପକ୍ଷରୁ ବିଜୟୀଲାଭ କରିଥିବା ରିଶା କିସାଂଗ ବ୍ୟକ୍ତିଗତ ସ୍ୱାର୍ଥ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ପଦବୀ ନିମନ୍ତେ କଂଗ୍ରେସରେ ସାମିଲ ହେବା, କଂଗ୍ରେସ ବିରୋଧୀ ଦଳ ମାନଙ୍କ ସଙ୍ଗଠନରେ ଓଡ଼ିଶାରେ ପ୍ରଗତିବାଦୀ ଦଳ ପ୍ରତିଷ୍ଠା ହେବା, ଇନ୍ଦିରାଗାନ୍ଧୀ ସାରା ଭାରତରେ ଇମରଜେନସୀ ଲାଗୁ କରିବା, ଲୋକସଭା ନିର୍ବାଚନରେ ପ୍ରାର୍ଥୀ ହେବାକୁ ନେଇ ବିଜୁବାବୁ ଓ ରବିରାୟଙ୍କ ମଧ୍ୟରେ ମତଭେଦ, ମୁଲାୟମ ମାୟାବତୀକୁ ରାଜନୀତିକୁ ଆଣିବା କିନ୍ତୁ ପରବର୍ତ୍ତୀ ସମୟରେ ଦୁହିଁଙ୍କ ମଧ୍ୟରେ କଳହ, ରବିରାୟ ଜନତା ଦଳର ଅଖିଳ ଭାରତୀୟ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରିବା, ନେହେରୁ ପ୍ରପକ ପୂର୍ବକ ରାଜଗୋପାଲ ଚାରୀଙ୍କୁ ମାଡ୍ରାସର ମୁଖ୍ୟମନ୍ତ୍ରୀ ଓ ବନ୍ଧୁ ଶ୍ରୀପ୍ରକାଶଙ୍କୁ ଗର୍ଭର୍ଣ୍ଣର ରୂପେ ନିଯୁକ୍ତି ଦେବା, କାଶ୍ମୀର ବିବାଦ, ଆଦି ଅନେକ ଉଲ୍ଲେଖନୀୟ ରାଜନୀତିକ ଘଟଣାକୁ ସେ ପୁସ୍ତକର ସ୍ଥାନ ଦେଇଛନ୍ତି ।

ହରେକୃଷ୍ଣ ମହତାବଙ୍କ "ସାଧନାର ପଥେ' ଆତ୍ମଜୀବନୀଟି ଓଡ଼ିଆ ରାଜନୀତିକ ଚିତ୍ର ପ୍ରଦାନ କରିବାରେ ବେଶ୍ ସହାୟକ ହୁଏ। ସେ ଓଡ଼ିଶା ରାଜନୀତିର ଜଣେ କ୍ରାନ୍ତିକାରୀ ପୁରୁଷ। ଅସହଯୋଗ ଆନ୍ଦୋଳନରୁ ହିଁ ସେ ପ୍ରତ୍ୟକ୍ଷ ରାଜନୀତି ସହ ସଂପୃକ୍ତ ହୋଇଥିଲେ। ସ୍ୱାଧୀନତା ପାଇଁ ଆନ୍ଦୋଳନ କରି ସେ ଅନେକ ଥର କାରାବରଣ

କରିଛନ୍ତି। ଲବଣ ସତ୍ୟାଗ୍ରହ, ହରିଜନ ଆନ୍ଦୋଳନ, ଶ୍ରୀମନ୍ଦିରରେ ହରିଜନ ପ୍ରବେଶ, ଭାରତଛାଡ଼ ଆନ୍ଦୋଳନ ଆଦି ନାନା କ୍ଷେତ୍ରରେ ସେ ନେତୃତ୍ୱ ଗ୍ରହଣ କରିଛନ୍ତି। ୧୯୪୬ ମସିହାରେ ନିର୍ବାଚନରେ ଜୟଲାଭ କରି ଓଡ଼ିଶାର ପ୍ରଧାନମନ୍ତ୍ରୀ ହୋଇଛନ୍ତି। ପରବର୍ତ୍ତୀ ସମୟରେ, ବମ୍ବେର ଗଭର୍ଣ୍ଣର, ଓଡ଼ିଶାର ମୁଖ୍ୟମନ୍ତ୍ରୀ,କେନ୍ଦ୍ରରେ ମନ୍ତ୍ରୀ, ଲୋକସଭା, ବିଧାନସଭାର ସଦସ୍ୟ ଆଦି ପଦବୀ ଗ୍ରହଣ କରିଛନ୍ତି। କଂଗ୍ରେସ ଦଳରୁ ଜୟଯୁକ୍ତ ହୋଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିବା ହରେକୃଷ୍ଣ ମହତାବ କଂଗ୍ରେସର ଗୋଷ୍ଠୀକନ୍ଦଳ ଓ କ୍ଷମତା ରାଜନୀତିକୁ ବିରୋଧ ମଧ୍ୟ କରିଛନ୍ତି। ୧୯୭୫ ମସିହାରେ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ଲଗାଯାଇଥିବା ଦେଶବ୍ୟାପୀ ଇମର୍‌ଜେନ୍‌ସୀକୁ ବିରୋଧ କରି ଜେଲ ମଧ୍ୟ ଯାଇଛନ୍ତି। ରାଜନୀତିକ ଜୀବନରେ ରହି ମଧ୍ୟ ସେ ମହାତ୍ମାଗାନ୍ଧିଙ୍କ ଅହିଂସା ନୀତିକୁ ତ୍ୟାଗ କରିନାହାନ୍ତି। ସ୍ୱାଧୀନତା ପରବର୍ତ୍ତୀ କାଳରେ କିପରି ଭାରତୀୟ ରାଜନୀତିରୁ ଗାନ୍ଧୀବାଦ କ୍ରମେ ହ୍ରାସ ପାଇ ୧୯୭୧ ମସିହାବେଳକୁ ସମ୍ପୂର୍ଣ୍ଣ ଲୋପ ପାଇଯାଇଛି ତାହାକୁ ସେ ତାଙ୍କର ଆତ୍ମଚରିତ "ଆରବ ସାଗରରୁ ଚିଲିକା' ପୁସ୍ତକରେ ଉଲ୍ଲେଖ କରିଛନ୍ତି। ରାଜନୀତିକ ଜୀବନରେ ତାଙ୍କ ଅନେକ ସହକର୍ମୀଙ୍କ ସହ ମତଭେଦ ରହିଛି। ଗୋଦାବରୀଶଙ୍କ ସମ୍ପର୍କ କଂଗ୍ରେସ ସହିତ ଭଲ ନଥିବା ଏବଂ ସେ କୋଅପରେଟିଭ୍ ବ୍ୟାଙ୍କ ଟଙ୍କା ଆତ୍ମସାତ କରିଥିବା ବିଷୟ ଆପଣା ଆତ୍ମଜୀବନୀରେ ଉଲ୍ଲେଖ କରିଛନ୍ତି। ୧୯୩୭ ମସିହାରେ ମହତାବଙ୍କୁ ନିଷ୍କ୍ରିୟ କରାଇଦେବା ପାଇଁ ଓଡ଼ିଶାର କଂଗ୍ରେସ ନେତାମାନେ ହିଁ ଉଦ୍ୟମ କରିଛନ୍ତି। କିନ୍ତୁ ସେଥିରେ ସେ ବିଚଳିତ ହୋଇନାହାଁନ୍ତି। ଗଡ଼ଜାତ ମିଶ୍ରଣ ତାଙ୍କ ଜୀବନର ଏକ ଉଲ୍ଲେଖଯୋଗ୍ୟ କାର୍ଯ୍ୟ। "ଆରବ ସାଗରରୁ ଚିଲିକା' ପୁସ୍ତକରେ ସେ ଇନ୍ଦିରାଗାନ୍ଧୀଙ୍କ ବ୍ୟକ୍ତିଗତ ରାଜନୀତି, ଇମରଜେନ୍ସି, ନକ୍ସଲବାଦର ଉତ୍ପତ୍ତି, କଂଗ୍ରେସର ବିପର୍ଯ୍ୟୟ, ଭୋଟ ରାଜନୀତିର ଅବକ୍ଷୟ, ଜୟପ୍ରକାଶଙ୍କ ଆନ୍ଦୋଳନ, ଜନତା ଦଳ ଗଠନ ଆଦି ମହର୍ତ୍ତ୍ୱପୂର୍ଣ୍ଣ ରାଜନୀତିକ ଦିଗ ଗୁଡ଼ିକୁ ଉପସ୍ଥାପନ କରିଛନ୍ତି। ହରେକୃଷ୍ଣମହତାବ ପ୍ରାୟ ଅର୍ଦ୍ଧଶତାବ୍ଦୀ ଧରି ଓଡ଼ିଶାର ରାଜନୀତିକୁ ପ୍ରଭାବିତ କରିଥିଲେ। ସ୍ୱାଧୀନତା ପୂର୍ବ ଓ ପରବର୍ତୀ ଉଭୟ ସମୟରେ ସେ ରାଜନୀତି ସହିତ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଥିଲେ। ତାଙ୍କ ଆତ୍ମଜୀବନୀରୁ ତତ୍‌କାଳୀନ ରାଜନୀତି ଓ ସେଥିରେ ତାଙ୍କ ସମ୍ପୃକ୍ତି ବିଷୟରେ ଅନେକ ତଥ୍ୟ ଦୃଷ୍ଟିଗୋଚର ହୁଏ ।ତାଙ୍କ ଜୀବନର ସବୁଠାରୁ ଉଲ୍ଲେଖନୀୟ କାର୍ଯ୍ୟ ଗଡ଼ଜାତ ମିଶ୍ରଣ। ସର୍ଦ୍ଦାର ପଟେଲଙ୍କ ଦେଶମିଶ୍ରଣ ପରି ମହତାବ ଓଡ଼ିଶାର ମିଶ୍ରଣରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେ ପୁସ୍ତକରେ ଉଲ୍ଲେଖ କରନ୍ତି, "ଗଡ଼ଜାତ ମିଶ୍ରଣକୁ ଯିଏ ବିରୋଧ କରିବସେ ଦେଶଦ୍ରୋହୀକୁ କ୍ଷମା ମିଳିବ ନାହିଁ। ମିଶ୍ରଣ ପ୍ରସ୍ତାବକୁ ବିରୋଧ କଲେ ପରିଣାମ ଭୟାବହ ହେବ ।"( ମହତାବ ହରେକୃଷ୍ଣ, ସାଧନାର ପଥେ, ପୃ. ୨୦୧) କିନ୍ତୁ ସେ ଷଢ଼େଇକଳା ଓ ଖରସୁଆଁକୁ ଓଡ଼ିଶାରେ ମିଶାଇ ପାରିନଥିବାରୁ ଅନେକ ଅନୁତାପ କରିଥିଲେ। ଗୋଦାବରୀଶ ମିଶ୍ରଙ୍କ ସହିତ ତାଙ୍କର ରାଜନୀତିକ ତିକ୍ତତା ମଧ୍ୟ ପୁସ୍ତକରେ ପ୍ରକାଶିତ ହୋଇଛି। ଗାନ୍ଧୀଙ୍କ ଡାକରାରେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ ମଧ୍ୟ ଗାନ୍ଧୀଙ୍କ ଅହିଂସା ନୀତି ସହିତ ସେ ସମ୍ପୂର୍ଣ୍ଣଭାବେ ସହମତ ନଥିଲା। ବିଭିନ୍ନ ରାଜନୀତିକ ବ୍ୟକ୍ତି ତାଙ୍କ ଆତ୍ମଜୀବନୀରେ ହରେକୃଷ୍ଣ ମହତାବଙ୍କ ବିଷୟରେ ଉଲ୍ଲେଖ କରିଛନ୍ତି। ଏଥିରୁ ତାଙ୍କ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ସମ୍ପର୍କରେ ସୂଚନା ମିଳେ। ରାଜନୀତି ସମ୍ପର୍କରେ ନିଜର ଅଭିମତ ଦେବାକୁ ଯାଇ ସେ କହନ୍ତି- "ମୋର ବିଶ୍ୱାସ ଦୃଢ଼ ହୋଇଛି ଯେ କାର୍ଯ୍ୟସାଧନ କରିବାକୁ ହେଲେ ଏକମୁଖୀ ପରିଚାଳନା ଆବଶ୍ୟକ। ସେଥିପାଇଁ ଯାହାକୁ ନେତା ନିର୍ବାଚନ କରାଯିବ ତାଙ୍କଠାରେ ବିଶ୍ୱାସ ରଖିବାକୁ ହେବ, ବିଶ୍ୱାସ ତୁଟିଗଲେ ଅନ୍ୟଜଣେ ନେତା ବାଛିବା ଶ୍ରେୟସ୍କର। କିନ୍ତୁ ଜଣକୁ ନାମରେ ନେତା ରଖି ପଛରୁ ତାଙ୍କ ପରିଚାଳନଳା କରିବାରେ କାର୍ଯ୍ୟତଃ ସାଧିତ ହେବ ନାହିଁ ବରଂ ଅହିତ ସାଧିତ ହେବ ।"(ମହତାବ ହରେକୃଷ୍ଣ, ସାଧନାର ପଥେ, ପୃ.୩୬୦ ) ସାମ୍ପ୍ରତିକ ରାଜନୀତିର କଟୁସତ୍ୟକୁ ସେ ଏଠାରେ ଉପସ୍ଥାପିତ କରିଛନ୍ତି। ଓଡ଼ିଆ ଆତ୍ମଜୀବନୀଗୁଡ଼ିକରୁ ଉଭୟ ସ୍ୱାଧୀନତା ପୂର୍ବ ଓ ପରବର୍ତ୍ତୀ ରାଜନୀତିକ ଅବସ୍ଥାର ଚିତ୍ର ମିଳିଥାଏ ।

ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରୁ ଏକବିଂଶ ଶତାବ୍ଦୀର ପ୍ରଥମ ଦଶକ ପର୍ଯ୍ୟନ୍ତ ଦୀର୍ଘ ୯୦ ବର୍ଷର ସମୟସୀମା ମଧ୍ୟରେ ଓଡ଼ିଶା ତଥା ଭାରତୀୟ ରାଜନୀତିର ଇତିହାସ ସଂପର୍କରେ ଆତ୍ମଜୀବନୀରୁ ପାଠକ ଜାଣିବାରେ ସମର୍ଥ ହୁଏ। ସ୍ୱରାଜ୍ୟ ସଂଗ୍ରାମରେ ଦେଶପ୍ରେମୀଙ୍କ ବଳିଦାନ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ଓଡ଼ିଶାର ମନ୍ତ୍ରୀମଣ୍ଡଳ, କ୍ଷମତା ରାଜନୀତିର ସଂଘର୍ଷ, ସ୍ୱାଧୀନତା ପରବର୍ତ୍ତୀ କାଳରେ ନେତାମାନଙ୍କ ଉପଭୋଗ ଲାଳସା, ଗଣତନ୍ତ୍ରର ଅବକ୍ଷୟ, ସମାଜବାଦ ପ୍ରତିଷ୍ଠାରେ ବ୍ୟର୍ଥତା ସାଙ୍ଗକୁ ଭୋଟ ସର୍ବସ୍ୱ ରାଜନୀତିର ମୂଲ୍ୟବୋଧହୀନତା, ପ୍ରଶାସନ, ପୋଲିସ ଓ ରାଜନୀତିର ସଂପର୍କ ଇତ୍ୟାଦି ନାନା ବିଷୟର ବାସ୍ତବ ଚିତ୍ର ଏଥିରୁ ମିଳିଥାଏ ।

**ସହାୟକ ଗ୍ରନ୍ଥସୂଚୀ :** 
୧. ମିଶ୍ର, ଗୋବିନ୍ଦଚନ୍ଦ୍ର; ଜାତୀୟ ଜୀବନର ଆତ୍ମପ୍ରକାଶ, ପ୍ରଥମ ଖଣ୍ଡ, ଗାନ୍ଧୀ ସେବାଶ୍ରମ, ଚମ୍ପାପୁର, କଟକ, ପ୍ରଥମ ମୁଦ୍ରଣ,୧୯୪୦।
୨. ମିଶ୍ର, ଗୋଦାବରୀଶ; ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ, ଗ୍ରନ୍ଥ ମନ୍ଦିର, କଟକ-୧, ଦଶମ ସଂସ୍କରଣ, ୨୦୦୬।
୩. ଦାସ, ନୀଳକଣ୍ଠ; ଆତ୍ମଜୀବନୀ, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ବାଲୁବଜାର, କଟକ, ଚତୁର୍ଥ ସଂସ୍କରଣ, ୨୦୧୪।
୪. ଦ୍ୱିବେଦୀ, ସୁରେନ୍ଦ୍ରନାଥ; ମୋ ଜୀବନ ସଂଗ୍ରାମ; ବିଦ୍ୟାପୁରୀ, ବାଲୁବଜାର, କଟକ-୨, ପ୍ରଥମ ପ୍ରକାଶ, ୧୯୯୩।
୫. ମହାନ୍ତି, ସୁରେନ୍ଦ୍ର; ପଥ ଓ ପୃଥିବୀ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ଦ୍ୱିତୀୟ ସଂସ୍କରଣ, ୧୯୯୭।
୬. ପାଣିଗ୍ରାହୀ, କାଳିନ୍ଦୀଚରଣ; ଅଂଗେ ଯାହା ନିଭାଇଛି, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର,ବାଲୁବଜାର, କଟକ, ଦ୍ୱିତୀୟ ସଂସ୍କରଣ, ୨୦୦୬।
୭. ଚୌଧୁରୀ, ରମାଦେବୀ; ଜୀବନପଥେ, ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ, କଟକ, ତୃତୀୟ ସଂସ୍କରଣ, ୨୦୧୭।
୮. ଦାସ, ମନ୍ମଥନାଥ; ଜୀବନର ପଥପ୍ରାନ୍ତେ ଦିଗନ୍ତର ଦୃଶ୍ୟ, ବିଦ୍ୟାପୁରୀ, ବାଲୁବଜାର, କଟକ-୨, ଦ୍ୱିତୀୟ ମୁଦ୍ରଣ, ୨୦୧୧।
୯. ରାୟ, ରବି; ଅନ୍ୱେଷାର ଆକାଶ, ଲୋହିୟା ଏକାଡ଼େମୀ ଟ୍ରଷ୍ଟ, ଅଗ୍ରଦୂତ, ବଙ୍କାବଜାର, କଟକ, ପ୍ରଥମ ପ୍ରକାଶ, ୨୦୦୫।
୧୦. ମହତାବ, ହରେକୃଷ୍ଣ; ସାଧନାର ପଥେ, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ବିନୋଦ ବିହାରୀ, କଟକ, ୧୯୭୨।
୧୧. ନାୟକ, ଲାବଣ୍ୟ; ଓଡ଼ିଆ ଚରିତ ସାହିତ୍ୟ; ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ-୨,ପ୍ରଥମ ପ୍ରକାଶ,୧୯୮୮।
୧୨. ପଟ୍ଟନାୟକ, ପଠାଣି; ଜୀବନୀ ସାହିତ୍ୟ ଏକ ଅଧ୍ୟୟନ, ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ପୁସ୍ତକ ଭବନ, ଭୁବନେଶ୍ୱର, ଦ୍ୱିତୀୟ ସଂସ୍କରଣ, ୨୦୦୫।

●

BAGEESHA
ବାଗୀଶ
ପ୍ରଥମ ବର୍ଷ, ସଂଖ୍ୟା - ୦୫। ସେପ୍ଟେମ୍ବର-ଅକ୍ଟୋବର ୨୦୨୩
Volume No. 01| Issue No. 05| Sep - Oct 2023
Refereed Peer-Reviewed Jornal

# ଓଡ଼ିଆ ସାହିତ୍ୟରେ ଜରାନିବାସର ଭାବାଭାସ

OPEN ACCESS
https://bageesha.in

■ ଅମିତ କୁମାର ପ୍ରଧାନ

ଗବେଷକ, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

Article Received : 14.09.2023 | Accepted : 25.09.2023 | Published : 25.10.2023

**ସାରାଂଶ**

ବର୍ତ୍ତମାନର ସମାଜରେ 'ଜରାନିବାସ' ଏକ ନିଷ୍ଠୁର ସତ୍ୟ। ଯୌଥ ପରିବାର ଖଣ୍ଡନରୁ ସୃଷ୍ଟ ଏକକ ପରିବାର ଓ ଏକକ ପରିବାରର ଚରମ ପରିଣତି ଏ ଜରାନିବାସ। ଏ ଜରାନିବାସ କୈନ୍ଦ୍ରିକ ନାଟକ 'ବାନପ୍ରସ୍ଥ'(୨୦୧୨) ଯେତେବେଳେ ସାହିତ୍ୟ ଏକାଡ଼େମୀ, ଦିଲ୍ଲୀ ପୁରସ୍କାର ପାଏ ସେତେବେଳେ ଏ ପ୍ରସଙ୍ଗଟି ସାହିତ୍ୟର ମୁଖ୍ୟଧାରାକୁ ଆସେ। ଏଥି ସହ ରମେଶ ପ୍ରସାଦ ପାଣିଗ୍ରାହୀଙ୍କ 'ବୁନ୍ଦାଏ ପାଣିରେ ସମୁଦ୍ର' ନାଟକ, ମନୋଜ ଦାସଙ୍କ 'ବିଶ୍ରାମ', ପରେଶ ପଟ୍ଟନାୟକଙ୍କ 'କିଏ କେଉଁଠି କାନ୍ଦୁଛି', 'ପ୍ରସ୍ତାବ' ପରି ଗଳ୍ପ ଓ ପଦ୍ମଜ ପାଳଙ୍କ ଦ୍ୱାରା ରଚିତ 'ଜରାନିବାସ' ଉପନ୍ୟାସ ଏ ଜରାନିବାସ ପ୍ରସଙ୍ଗଟିକୁ ସାହିତ୍ୟିକ କଳେବର ପ୍ରଦାନ କରିଅଛି। ପୁଅବୋହୂ ଦ୍ୱାରା ପରିତ୍ୟକ୍ତ ହୋଇ ଜରାନିବାସରେ ଦିନ କାଟୁଥିବା ପିତାମାତାଙ୍କ ଜୀବନ-ସଂଗ୍ରାମ-ସଂଘର୍ଷ ପ୍ରତି ଏ ନିବନ୍ଧଟି ସମର୍ପିତ।

ବର୍ତ୍ତମାନର ମଣିଷର ମହତାକାଂକ୍ଷା ତାକୁ କରିଦେଇଛି ଏକାକୀ ଓ ସ୍ୱାର୍ଥସର୍ବସ୍ୱ। ସବୁ ସମ୍ପର୍କ ପାଲଟିଯାଇଛି ଗୋଟେ ଗୋଟେ ସଫଳତା ପାଇବାର ଆୟୁଧ। ଦୂରେଇଯାଉଛି ତା' ଜୀବନରୁ ସମସ୍ତ ପ୍ରକାର ମୂଲ୍ୟବୋଧ। ସେ ଜୀବନଟାକୁ ମାପି ବସୁଛି ସଫଳତା ଓ ବିଫଳତାର ନ୍ୟୁନତମ ମାପଦଣ୍ଡରେ। ସଫଳତା ପାଇବାର ରାସ୍ତାରେ ଯାହା ପ୍ରତିବନ୍ଧକ ରୂପେ ସେ ହୃଦବୋଧ କରୁଛି ଚା'ରେ ପଡ଼ିଥିବା ମାଛି ପରି ଅନାୟାସରେ ତାକୁ ନିଜ ଜୀବନରୁ ହଟେଇ ଦେଉଛି। ମଣିଷର ସଫଳତା ହୋଇଯାଇଛି ସ୍ୱାର୍ଥ କୈନ୍ଦ୍ରିକ। ସମୂହ ଜୟପରାଜୟକୁ ଛାଡ଼ି ଆବୋରି ବସିଛି ବ୍ୟକ୍ତିଗତ ସ୍ୱାର୍ଥର ସଂକୀର୍ଣ୍ଣ ଗଣ୍ଡିକୁ। ସଫଳତାର ମାନେ ତା' ପାଇଁ ଏକ ସୁବିଧାମୟ–ସହଜ ଜୀବନ। ସେହି ସହଜ ଜୀବନ ଜୀଇଁବାକୁ ସେ କରିପାରେ ଅନ୍ତରାତ୍ମାର ବଧ, ଆଦର୍ଶର ହତ୍ୟା ଓ କର୍ତ୍ତବ୍ୟବୋଧରୁ ନଗ୍ନ ପଳାୟନ। ତା' ପରେ ବି ଆସେ ନାହିଁ ମନରେ ଗ୍ଲାନି କି ପ୍ରାୟଶ୍ଚିତ ଭାବନା। ମନୁଷ୍ୟର ଏହି ସ୍ୱାର୍ଥପରତା ଓ ସୁବିଧାବାଦୀ ମାନସିକତା ସମାଜକୁ ଦେଇଛି ଜରାନିବାସ ପରି ଭାଇରସ। ଯାହା କୋରୋନା ଭାଇରସଠୁ ବି ଭୟଙ୍କର, ଘୃଣ୍ୟ ଓ ଆତଙ୍କପ୍ରଦ। ଏହା ମଣିଷର ଶରୀରକୁ ନୁହେଁ ଖାଇଯାଏ ସମାଜର ଶରୀରକୁ। ସେହି ସମୟରେ ପିତାମାତାଙ୍କୁ ପୁଅବୋହୂମାନେ ଛାଡ଼ିଦିଅନ୍ତି ଜରାନିବାସରେ ଯେଉଁ ସମୟରେ ସେମାନଙ୍କ ଯତ୍ନ ନେବା କଥା। ସେହି ଘରୁ ସେମାନଙ୍କୁ ହିଁ ବାହାର କରିଦିଅନ୍ତି ଯେଉଁ ଘରକୁ ସେମାନେ ନିଜ ଧନ-ଯୌବନକୁ ଜଳାଞ୍ଜଳି ଦେଇ ମୁଣ୍ଡ ଝାଳ ତୁଣ୍ଡେ ମାରି ବନେଇଥିଲେ। ନିଜ ପେଟରୁ କାଟି ଯେଉଁ ପିଲାମାନଙ୍କ ପାଟିରେ ଖାଦ୍ୟ ଦେଇଥିଲେ ସେହି ଛୁଆ ତାଙ୍କ ଚମ ଧୁଡୁଧୁଡୁ ଅବସ୍ଥାରେ ବି ଶୁଆ ପକ୍ଷୀତାଙ୍କର ପେଟକୁ ଦାନା ଯୋଗେଇବାକୁ ବି ବୋଝ ମଣୁଛନ୍ତି। ଦାନା, କନା ଓ ରହିବା ପାଇଁ ଉପଯୁକ୍ତ ସ୍ଥାନ ଯୋଗାଇବା ତ ଦୂରର କଥା ସ୍ନେହବୋଳା କଥା ପଦେ କହିବା ବି ପୁଅବୋହୂଙ୍କପାଇଁ ହୋଇ ପଡୁଛି ଦୁରୂହ ବ୍ୟାପାର। ଏଇପରି ସ୍ୱାର୍ଥପର-କୃତଘ୍ନ ପୁଅମାନଙ୍କ ଅତ୍ୟାଚାରରୁ ବାପାମାଆମାନେ ବଞ୍ଚିବା ପାଇଁ ହେଉ କି ପୁଅବୋହୂମାନେ ତାଙ୍କ ଗଳାର ଠାକିଥିବା ହାଡ଼ ରୂପୀ ବାପାମାଆ ବୋଝରୁ ମୁକ୍ତି ପାଇଁ ହେଉ ଲୋଡ଼ାପଡ଼େ ଗୋଟିଏ ପରେ ଗୋଟିଏ ଜରାନିବାସ।

ଏହି ଜରାନିବାସ ଆମେ ଜାଣୁ ଜରାଶ୍ରମ, ବୃଦ୍ଧାଶ୍ରମ, ପ୍ରୌଢ଼ାଶ୍ରମ, old age home, 2nd Inings Home, Happy Homes ଆଦି ନାମରେ। ପୃଥିବୀ ପୃଷ୍ଠରେ ଏହାର ପଦଚିହ୍ନର ପ୍ରଥମ ପ୍ରମାଣ ଦେଖିବାକୁ ମିଳେ ଆମେରିକାର ନିଉ ୟର୍କ ସହରରେ ୧୦ମ ଶତାବ୍ଦୀରେ। ଏହାକୁ କୁହାଯାଉଥିଲା ଆଲମ୍ସ ହାଉସ (Almshouse)। ଯେଉଁ ବୃଦ୍ଧବୃଦ୍ଧା ନିଜ ଭରଣ-ପୋଷଣ ନିମିତ୍ତ ରୋଜଗାର କରିବାକୁ ଅକ୍ଷମ ହୋଇଯାଉଥିଲେ ସେମାନଙ୍କପାଇଁ ଏପରି ସଂସ୍ଥା ଖୋଲାଯାଇଥିଲା ତତ୍କାଳୀନ ନିଉ ୟର୍କର ରାଜା ଆଥେଲଷ୍ଟାନ(Athelstan)ଙ୍କଦ୍ୱାରା। ଭାରତରେ ପ୍ରଥମ ଜରାନିବାସ କୋଚୀ ସହରର ରାଜାଙ୍କଦ୍ୱାରା କେରଳର ଥ୍ରୀସୁର (Thrissur) ସରରରେ ଗଢ଼ି ଉଠିଥିଲା ଏବଂ ଏହାର ନାମ ଥିଲା ରାଜା ବର୍ମା ଜରାନିବାସ (Raja Verma Old Age Home)। ବର୍ତ୍ତମାନ ଭାରତ ବର୍ଷରେ ମୋଟ ୭୨୮ଟି। (୧) ତନ୍ମଧ୍ୟରୁ ସବୁଠାରୁ ଅଧିକ କେରଳରେ ୧୨୪ଟି ରହିଛି।(୨) ଓଡ଼ିଶାରେ ବର୍ତ୍ତମାନ ୮୪ଟି ଜରାନିବାସ ସ୍ୱେଚ୍ଛାକୃତ ଅନୁଷ୍ଠାନ ଭାବେ ଚାଲୁଅଛି ଓ ଏହି ୮୪ଟି ଜରାନିବାସରେ ୨୫୧୪ ଜଣ ଅନ୍ତେବାସୀ ଅବସ୍ଥାନ କରୁଛନ୍ତି ବୋଲି ଓଡ଼ିଶା ସରକାରଙ୍କ ଭିନ୍ନକ୍ଷମ ସାମାଜିକ ସୁରକ୍ଷା ଓ ସଶକ୍ତିକରଣ (Social Security & Empowerment of Persons with Disability (SS&EPD) ମନ୍ତ୍ରାଳୟର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବିଧାନସଭାରେ (୨୫ ଫେବ୍ରୁୟାରୀ ୨୦୨୩) ସରକାରୀ ତଥ୍ୟ ପ୍ରଦାନ କରିଛନ୍ତି। (୩)

ଏତେ ସଂଖ୍ୟକ ଜରାନିବାସର କାରଣ ଭାବେ ବୋଝ ମାନସିକତା, ବର୍ଦ୍ଧିତ ଆୟୁଷ, ସହରୀ ଜୀବନ ପ୍ରତି ମୋହ, ଏକକ ପରିବାର ପ୍ରତି ଗଭୀର ଆସକ୍ତି ଓ ବ୍ୟସ୍ତବହୁଳ ଜୀବନକୁ ହିଁ ଦାୟୀ କରାଯାଇପାରେ।

ବାପାମାଆଙ୍କ ବୟସ ବଢ଼ିଯିବା ପରେ ସାଧନ (asset)ରୁ ଉତ୍ତର-ଦାୟିତ୍ୱ (liabilities)ରେ ପରିଣତ ହୋଇଯାନ୍ତି। ଏକଦା ଏଇ ପୁଅ-ଝିଅମାନେ ମଧ୍ୟ ଉତ୍ତର-ଦାୟିତ୍ୱ ଥିଲେ କିନ୍ତୁ ବାପାମାଆ ସେମାନଙ୍କୁ ନିଜ ସୁଖ ତ୍ୟାଗ କରି ବଢ଼ାଇ ଆଣିଥିଲେ, କାରଣ ପିଲା ସହ ସେମାନଙ୍କର ବାତ୍ସଲ୍ୟ ଅନୁବନ୍ଧିତ ଥିଲା। ମାତ୍ର ଅଧୁନା ଏ ପିଲାମାନଙ୍କର ବାପାମାଆ ପ୍ରତି ମୋହ-ମମତା କି ଆଦର ରହୁନାହିଁ। ସେଥିପାଇଁ ଆଜିର ଅର୍ଥଭିତ୍ତିକ-ବଜାରବାଦୀ ସମାଜର ଦାୟାଦ ଏ ମୂଲ୍ୟବୋଧହୀନ ପିଲାମାନଙ୍କପାଇଁ ତଥା ତାଙ୍କ ପରିବାରପାଇଁ ଏ ବୃଦ୍ଧ ବାପାମାଆ ପାଲଟି ଯାଉଛନ୍ତି ବୋଝ।

ସୁଷମ ଖାଦ୍ୟପେୟ ଓ ରୋଗ ପ୍ରତିଷେଧକଦ୍ୱାରା ସମୟକ୍ରମେ ସ୍ୱାସ୍ଥ୍ୟସେବାର ଉନ୍ନତି ଘଟିଛି ଫଳ ସ୍ୱରୂପ ଜନ୍ମ ସମୟରେ ଆୟୁଷର ଆଶା (Life Expectancy) ବୃଦ୍ଧି ପାଇଛି। ବିଶ୍ୱ ବ୍ୟାଙ୍କ ତଥ୍ୟ ଅନୁସାରେ ୧୯୬୦ ମସିହା ବେଳକୁ ଭାରତୀୟ ଶିଶୁଟିର ହାରାହାରି ପରମାୟୁ ପ୍ରାୟ ୪୦ ବର୍ଷ ଥିଲା ତାହା ୨୦୧୮ ମସିହା ବେଳକୁ ଏହା ପ୍ରାୟ ୭୦ ବର୍ଷ (୬୯.୪୦)ରେ ଆସି ପହଞ୍ଚିଛି। ୧୯୬୦ ମସିହାରେ ୧୦୦ ଛୁଆ ଜନ୍ମ ହେଲେ ୬୫ ବର୍ଷ ଯାଏ ବଞ୍ଚିବାର ଆଶା ମାତ୍ର ୨୯ ଜଣଙ୍କର ରହୁଥିଲା ତାହା ୨୦୧୮ ମସିହା ବେଳକୁ ଶହକେ ୭୧.୫ ଜଣରେ ପହଞ୍ଚିଲାଣି। ଫଳରେ ଗୋଟିଏ ଛାତତଳେ ଏକାଧିକ ପିଢ଼ି ବାସ କରୁଛନ୍ତି। ଘର ମଧ୍ୟରେ 70 ବର୍ଷୀୟ ବୃଦ୍ଧର ଜୀବନ ଦର୍ଶନ ଓ ଘରେ ରହୁଥିବା ୨୦,୩୦ ବର୍ଷ ବୟସର ନୂତନ ପିଢ଼ି ସହ ରୁଚି ତଥା ଆଦର୍ଶ ମଧ୍ୟରେ ପାର୍ଥକ୍ୟ ତ ଦେଖାଯିବା ସ୍ୱଭାବିକ କଥା। ଏ ସମୟରେ ପରସ୍ପର ପ୍ରତି ସମ୍ମାନ, ଭକ୍ତି ଓ ଆନ୍ତରିକତା ହ୍ରାସ ପାଇଥିବାରୁ ଦୁଇଟା ଅଲଗା ଅଲଗା ବୟସର ଲୋକ ପରସ୍ପର ସହ ଖାପଖୁଆଇ ଏକ ଛାତତଳେ ରହିପାରୁନାହାନ୍ତି।(୪)

ସହର ପ୍ରତି ଲୋକମାନଙ୍କ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆସଛି। ଗ୍ରାମ ଛାଡ଼ି ସହରରେ ରହିବାପାଇଁ ଇଚ୍ଛା ବୃଦ୍ଧି ପାଇଛି। ସହରରେ ମିଳୁଥିବା ଚାକିରୀ ଜନିତ ସୁବିଧା, ସରକାରଙ୍କ ଦ୍ୱାରା ପ୍ରଦତ୍ତ ସ୍ୱାସ୍ଥ୍ୟଗତ ତଥା ଅନ୍ୟାନ୍ୟ ସୁବିଧା ପାଇବା ଲୋଭରେ, ଉଚ୍ଚ ଜୀବନଧାରଣ ମାନ ବୃଦ୍ଧି ଆଶାରେ ଅନେକ ଲୋକ ଗାଁ ଛାଡ଼ି ତ ଆଉ କେତେକ ଗାଁ ଜମିବାଡ଼ି ବିକି ସହରରେ ଛୋଟିଆ ଛୋଟିଆ ଦିଆସିଲ ଖୋଳ ତାଙ୍କର flat କିଣି ରହୁଛନ୍ତି। ସହରରେ ରହିବା ଫଳରେ ବାପାମାଆଙ୍କ ଯତ୍ନ ନେବା ପାଇଁ ବାରମ୍ବାର ଗାଁକୁ ଯିବା ଆସିବା କରିବା ତାଙ୍କ ପକ୍ଷେ ସମ୍ଭବପର ହେଉନାହିଁ, ପୁଣି ବର୍ତ୍ତମାନର ସମୟରେ ବାପାମାଆଙ୍କୁ ଗାଁରୁ ନେଇ ସହରରେ ଭଡ଼ା ଘରେ ରଖିବା ପିଲାଙ୍କପାଇଁ ଆହୁରି ବ୍ୟୟବହୁଳ କାର୍ଯ୍ୟ। ଘରର କିସ୍ତି ସହ ଏ ବୃଦ୍ଧ ପିତା ବୋଝ ଉପରେ ଲଳିତା ବିଡ଼ା ପରି ଲାଗନ୍ତି ସେମାନଙ୍କୁ। ନିଜ ଅନ୍ନରେ ପ୍ରତିପାଳିତ ଏ ପରାଙ୍ଗପୃଷ୍ଟ ବୃଦ୍ଧ ବ୍ୟକ୍ତିଟି ଯେତେବେଳେ ବିଭିନ୍ନ ପ୍ରସଙ୍ଗରେ ମତାମତ ପ୍ରଦାନକରେ ସେତେବେଳେ ଏହା ତାଙ୍କ ସ୍ୱାମୀତ୍ୱ ପ୍ରତି ଆକ୍ରମଣ ବୋଲି ଏ ପିଲାମାନେ ଭାବନ୍ତି। ପାଶ୍ଚାତ୍ୟର ପ୍ରଭାବରେ ଯୌଥ ପରିବାରରୁ ଏକକ ପରିବାର ଆଡ଼େ ପ୍ରଧାବିତ ହୋଇଛି ଭାରତ। ଏହି ଏକକ ପରିବାର ହେଲା ବାପାମାଆ ଓ

ତାଙ୍କ ଛୁଆ। ସେଠି ବୃଦ୍ଧା ବାପାମାଆ ଓରଫ ଶାଶୁ-ଶ୍ୱଶୁର ଓରଫ ଜେଜେ-ଜେଜେମାର ସ୍ଥାନ ନାହିଁ। ଯାହା ଘରେ ଏ ବୃଦ୍ଧ ବାପାମାଆ/ଶାଶୁଶ୍ୱଶୁର ରୂପକ ଦିଓଟି ଜନ୍ତୁ ରହିଲେ ସେମାନେ ନିଜକୁ ହତଭାଗ୍ୟ ମଣିଲେ। ଏମାନେ ତାଙ୍କ ପରିବାରପାଇଁ ଅଯଥା ଖର୍ଚ୍ଚକାରୀ-ଅମଙ୍ଗଳକାରୀ-ଅଶୁଭଙ୍କର ମନେହେଲେ ଓ ଏମାନଙ୍କଠୁ ନିସ୍ତାର ଚାହିଁଲେ ଏବଂ ଏକମାତ୍ର ସମ୍ଭବ ତଥା ଉପଲବ୍ଧ ପନ୍ଥା ରୂପେ ପାଇଲେ 'ଜରାନିବାସ'। କେତେକ ପୁଅବୋହୂ ଦୁନିଆରେ ବଡ଼ ମଣିଷ ହେବା ମୋହରେ ଉଭୟେ ହେଲେ ଚାକିରିଜୀବୀ। ପୁଣି ବେସରକାରୀ କମ୍ପାନୀରେ ଚାକିରି ଜନିତ ସ୍ୱଳ୍ପ ବେତନ ଭିତରେ ପୁଅଟିଏ ଏ ବଜାରବାଦୀ ଦୁନିଆ ସହ ତାଳମେଳ ରକ୍ଷା କରିପାରେନି। ଏ ସମୟର ଆବଶ୍ୟକ ଆର୍ଥିକ ସ୍ଥିତିରେ ପହଞ୍ଚିବାପାଇଁ (to meet the financial need) ସେମାନେ ବାଧହୋଇ ଏକ ସଙ୍ଗେ ଅନେକ କାମ ହାତକୁ ନିଅନ୍ତି ଆଉ ବିଗିଡ଼ି ଯାଏ ତାଙ୍କ ଜୀବନ ଓ କାର୍ଯ୍ୟର ସନ୍ତୁଳନ(Work Life Balance)। ଏସବୁରେ ନିଜ ପିତାମାତାଙ୍କର କିପରି ଯତ୍ନ ନେବେ ଏ ପ୍ରଶ୍ନରେ ଘାଣ୍ଟି ହେଲାବେଳେ ସହଜ ଉତ୍ତରଟି ତାଙ୍କ ଆଗକୁ ଆସେ 'ଜରାନିବାସ'।

ପିଲାମାନଙ୍କର ଏ ଧରଣର ମାନସିକତା ଦେଖି ବୟସ୍କ ନାଗରିକମାନଙ୍କ ସୁରକ୍ଷା ଓ ସମାଜର ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ୨୦୦୭ ମସିହାରେ ଭାରତ ସରକାର ଗୋଟିଏ ନିୟମ ପ୍ରସ୍ତୁତ କଲେ 'Maintenance and Welfare of Parent in Senior Citizen Act,2007' ଯାହା ବରିଷ୍ଠ ନାଗରିକଙ୍କ ଯତ୍ନ ନେବା ସନ୍ତାନସନ୍ତତିଙ୍କ ବାଧ୍ୟତାମୂଳକ କାର୍ଯ୍ୟ ବୋଲି ନିର୍ଦ୍ଦେଶ ଦେଲା। ଏହାପରେ ୨୦୧୧ ମସିହା ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ (Ministry of Social Justice and Empowerment)ବରିଷ୍ଠ ନାଗରିକଙ୍କର ଆନୁଷ୍ଠାନିକ ଯତ୍ନ ନେବା ଦିଗରେ national policy for senior citizens,2011 ପ୍ରଣୟନ କଲେ ଯାହା ବରିଷ୍ଠ ନାଗରିକମାନଙ୍କପାଇଁ ଜରାନିବାସ (Old Age Home), ଦିବା ଯତ୍ନ କେନ୍ଦ୍ର(-Day Care Centre), ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଓ ସିନିୟର୍ ସିଟିଜେନ୍ ଆସୋସିଏସନ୍ (Senior Citizen Association) ଆଦି ଗଠନ କରିବା ଦିଗରେ ଅଗ୍ରସର ହେଲା। ଏହି କ୍ରମରେ ଆସେ ଭାରତ ସମାଜରେ ଆନୁଷ୍ଠାନିକ ରୂପେ ପ୍ରବେଶ କରେ 'ଜରାନିବାସ'।

କୁହାଯାଏ ସାହିତ୍ୟରେ ସମାଜ ପ୍ରତିବିମ୍ବିତ ହୋଇଥାଏ (Literature is the mirror of society)। ତାହାଲେ ଏ ସାମାଜିକ ବିସଙ୍ଗତି-ବିଘଟନ-ସ୍ଖଳନ କିପରି ବା ସମାଜ ସଚେତନ ସାହିତ୍ୟିକଙ୍କ ନଜରରୁ ଆସିବନି। ଜରାନିବାସ ପ୍ରସଙ୍ଗଟି ସାହିତ୍ୟ ଜଗତରେ ହଟଚମଟ ସୃଷ୍ଟି କଲା ଯେତେବେଳେ ଏହି ସମାନ ଭାବବସ୍ତୁକୁ ଧାରଣ କରି ବିଜୟ ମିଶ୍ରଙ୍କ 'ବାନପ୍ରସ୍ଥ' ନାଟକଟି ସାହିତ୍ୟ ଏକାଡ଼େମୀ, ଦିଲ୍ଲୀ ପୁରସ୍କାର ପ୍ରାପ୍ତ ହେଲା। ଏଥିସହ ରମେଶ ପ୍ରସାଦ ପାଣିଗ୍ରାହୀଙ୍କ 'ବୁନ୍ଦାଏ ପାଣିରେ ସମୁଦ୍ର' (୨୦୧୩), ସନ୍ତୋଷ ମହାପାତ୍ରଙ୍କ 'ଶେଷ ଦଶବର୍ଷ'(୨୦୨୩) ନାଟକ ଏ ଦିଗରେ ଗୋଟିଏ ଗୋଟିଏ ପ୍ରମୁଖ ଦୃଷ୍ଟାନ୍ତ। ଓଡ଼ିଆ କ୍ଷୁଦ୍ରଗଳ୍ପ ଜଗତରେ ମଧ୍ୟ ଏ ପ୍ରସଙ୍ଗଟିର ସ୍ଥିତି ଦେଖିବାକୁ ମିଳେ ମନୋଜ ଦାସଙ୍କର 'ବିଶ୍ରାମ', 'ଡାଭିଡ଼ କାକସଟନ ଓ ଗ୍ରୀନ ୱେ ପାର୍କ' ଏବଂ କବିତା ବାରିକଙ୍କ 'ସ୍ନୋରାଲୋଡ଼ରୁ ଜରାନିବାସ' (୨୦୨୩) ଗଳ୍ପରେ। ଏଥିସହ ପରେଶ କୁମାର ପଟ୍ଟନାୟକଙ୍କ 'ଉତ୍ତରାର୍ଦ୍ଧ' (୨୦୨୨)ଗଳ୍ପ ସଙ୍କଳନରେ ସ୍ଥାନିତ 'କିଏ କାନ୍ଦୁଛି କେଉଁଠି', 'ପ୍ରସ୍ତାବ' ଓ 'ଗୋଟିଏ ଫୋନକଲ' ଗଳ୍ପରେ ଏବଂ ଔପନ୍ୟାସିକ ପଦ୍ମଜ ପାଳଙ୍କ 'ଜରାନିବାସ' ଉପନ୍ୟାସରେ ଏହି Old Age Home ପ୍ରସଙ୍ଗଟି ପ୍ରମୁଖତା ଲାଭ କରିଛି।

॥୧॥

ଜରାନିବାସର ଚିତ୍ର ବହନ କରୁଥିବା ପ୍ରଥମ ନାଟକ (ଏଯାବତ ଜ୍ଞାନ୍ତ ତଥ୍ୟ ଆଧାରରେ) ହେଉଛି ନାଟ୍ୟକାର ବିଜୟ ମିଶ୍ରଙ୍କ 'ବାନପ୍ରସ୍ଥ', ଯାହା ପ୍ରଥମ ଥର ପାଇଁ ପ୍ରଦର୍ଶିତ ହୁଏ ରବୀନ୍ଦ୍ର ମଣ୍ଡପରେ ୨୦୦୯ ମସିହାରେ ଓ ପୁସ୍ତକ ରୂପ ପାଏ୨୦୧୧ ମସିହାରେ। ଏ ନାଟକଟି ନୀଳାଦ୍ରି,ସୁରେଶ,ବିରଞ୍ଚି,ପ୍ରତାପ,କରୁଣା,ସରସ୍ୱତୀ ଭଳି ବୃଦ୍ଧବୃଦ୍ଧାଙ୍କୁ ନେଇ ଲିଖିତ। ସେମାନେ ନିଜ କର୍ମରୁ ଅବସରନେବା ପରେ ପରିବାର ଲୋକଙ୍କପାଇଁ ଅଲୋଡ଼ା ହୋଇପଡ଼ିଛନ୍ତି। ସ୍ୱକର୍ମ ଉପରାନ୍ତେ ବୃଦ୍ଧ ଅସହାୟ ମଣିଷଟିଏ ପିଲାମାନଙ୍କ ଆଶ୍ରୟ ଖୋଜିଲା ବେଳେ କିପରି ହୋଇଯାନ୍ତି ସେମାନଙ୍କ ଘୃଣା ଓ ଲାଞ୍ଛନାର ଶିକାର ଏବଂ ତାଙ୍କୁ ଖୋଜିବାକୁ ହୁଏ ଏକ ଜରାନିବାସର ଆଶ୍ରୟ ଏହି ବିଷୟ ନେଇ ନାଟକଟିର କଳେବର ସୃଷ୍ଟ।

ଏ ନାଟକରେ ପ୍ରତ୍ୟକ ବ୍ୟକ୍ତିଙ୍କ ଭିତରେ ରହିଛି ଏକ ଅଭାବବୋଧ; ସେଇ ଅଭାବବୋଧ ହେଉଛି ସ୍ନେହ-ଶ୍ରଦ୍ଧାର। ଯେଉଁମାନେ ଏକଦା ସ୍ନେହ, ଶ୍ରଦ୍ଧାକୁ ସମ୍ବଳ କରି ପରିବାର ଗଢ଼ିଥିଲେ,ସମୟାନ୍ତରେ ସେମାନେ ପରିବାର ବିଶେଷତଃ ପୁଅବୋହୂଙ୍କପାଇଁ ସାଜିଛନ୍ତି ଅର୍ଥହୀନ-ଅଲୋଡ଼ା-ବର୍ଜ୍ୟ। ଯେତେବେଳେ ସେମାନେ ନିଜ

ଘରକୁ ଅର୍ଥ ଦେଇପାରିନାହାନ୍ତି ଘର ପାଇଁ ରୋଜଗାର କରିନପାରନ୍ତି ସେତେବେଳେ ସେମାନଙ୍କୁ ପାଖରେ ରଖିବାର କୌଣସି କାରଣ ନାହିଁ କି ବଞ୍ଚାଇ ରଖିବାର କୌଣସି ଅଭିପ୍ରାୟ ନାହିଁ। ସେମାନେ ହେଇଛନ୍ତି ଛୋଟା ହୋଇଯାଇଥିବା ଘୋଡ଼ା ଯେ କି ରେସରେ ଆଉ ଦଉଡ଼ି ପାରିବ ନାହିଁ। ସେଥିପାଇଁ ଘରୁ ହୁଅନ୍ତି ପ୍ରତ୍ୟାକ୍ଷିତ-ବିତାଡ଼ିତ ଓ ଲୋଡ଼ିବାକୁ ପଡ଼େ ଏ ବାନପ୍ରସ୍ଥ ପରି ଜରାନିବାସର ଠିକଣା। ବିରଞ୍ଚିଙ୍କୁ ନୀଳାଦ୍ରି ବାବୁ ବୁଝାଇବା ପ୍ରସଙ୍ଗରେ କଥୋପକଥନଟି କିଛି ଏଭଳି "ତୁ (ଏକା) ଛୋଟା ହୋଇଯାଇଥିବା ଘୋଡ଼ା। ଆମ ଭିତରେ ରେସ ଦଉଡ଼ି ପାରିବା ଭଳି ତୋତେ କିଏ ଦିଶୁଛି। ..x.x.. ଓକିଲାତି କରୁଥିଲି ପିଲାମାନଙ୍କ ପାଖରେ ବିରାଟ ବ୍ୟକ୍ତିତ୍ୱ ହୋଇଥିଲି। ହାର୍ଟ ପ୍ରୋବ୍ଲେମ୍ ବାହାରିଲା। ଆଉ ଲଢ଼ି ପାରିଲିନି।..x..x..ସମସ୍ତଙ୍କପାଇଁ ଆମେ ବାପମା ଦି'ଟା ଅନାବଶ୍ୟକ ବସ୍ତୁ ହୋଇଗଲୁ। ଶେଷରେ ଏଇ ବାନପ୍ରସ୍ଥରେ ଆସି ଆଶ୍ରୟ ନେଲୁ।"(୫)

ତଳ ବରଡ଼ା ଖସୁଛି ଉପର ବରଡ଼ା ହସୁଛି, ମଝି ବରଡ଼ା ଚାହିଁ କହୁଛି ମୋ ବେଳ କାଳ ଆସୁଛି। ବଳବୟସ ଗଲା ପରେ ଏ ଜରାନିବାସ ହିଁ ପାଲଟିବ ବୃଦ୍ଧ ଲୋକମାନଙ୍କର ଶେଷତମ ଆଶ୍ରୟସ୍ଥଳ; ଯେଉଁ ସ୍ୱର ଶୁଭାଯାଏ ମାତା ସରସ୍ୱତୀ ଦେବୀଙ୍କର ପୁତ୍ର ଅଜାତଶତ୍ରୁଙ୍କ ଉଦ୍ଦେଶ୍ୟରେ "ପୁଅବୋହୂମାନେ ଭୁଲିଯାଉଛନ୍ତି ତାଙ୍କ ପୁଅଝିଅମାନେ ବି ବଡ଼ ହେବାକୁ ଆରମ୍ଭ କଲେଣି। ହୁଏତ ଦିନେ ଆମରି ଭଳି ଭୋଗିବେ। ଶେଷରେ କେଉଁଠି old age homeର ବାସିନ୍ଦା ହେବେ।(୬) ଏବଂ ବାନପ୍ରସ୍ଥ ଘରର ମାଲିକ ଜଗବନ୍ଧୁ ବାବୁ ସ୍ୱୀକାରୋକ୍ତିରେ "ଖବର ପାଇଲି ପୁଅବୋହୂ ଚାଲିଆସିବେ (ବିଦେଶରୁ), ସେମାନେ ଆସିଲେ ତଡ଼ି ଦେଇ ପାରନ୍ତି। ଶେଷରେ ଏ ବାନପ୍ରସ୍ଥ ହିଁ ଭରସା। ସେ ବାନପ୍ରସ୍ଥ ହୋଇ ରହିଥାଉ।"(୭)

ଜରାନିବାସ ସାମାଜର ଏକ କଳା ସତ। ଏହା କୌଣସି ସମାଜପାଇଁ ସମ୍ମାନବର୍ଦ୍ଧକ ନୁହଁ; ମାତ୍ର ଏହାର ବି ଏକ ସକାରାତ୍ମକ ଦିଗ ରହିଛି। ତାହା ହେଲା ଏହା ଅପଚରା ଲୋକଙ୍କୁ ସମାଜ ଭିତରେ ଗୋଟେ ନୂଆ ପରିଚୟ ଦିଏ। ପରିବାରଦ୍ୱାରା ରିଜେକ୍ଟ ହେଲେ କ'ଣ ହେଲା ସମାଜ ଏମାନଙ୍କୁ ବି ଗୁରୁତ୍ୱ ଦିଏ "ଆମମାନଙ୍କ ପରିବାର ଆମଙ୍କୁ ରିଜେକ୍ଟ କରିଛି। କିନ୍ତୁ ସୋସାଇଟି ଆମକୁ ଏପର୍ଯ୍ୟନ୍ତ ରିଜେକ୍ଟ(reject) କରିନାହିଁ। ଆମେ ଚାହିଁଲେ we can be counted।"(୮) ସ୍ୱ ଅସ୍ତିତ୍ୱର ଆଭାସ ସେମାନେ ପା'ନ୍ତି ଗୋଟେ ରେଜିଷ୍ଟର୍ଡ(registered) ଜରାନିବାସର ବାସିନ୍ଦା ହେଲେ। ସେଠି ଗଳା ହରେଇଥିବା ଗାୟକ ବିରଞ୍ଚି ରୁଦ୍ର ଗାୟକୀରେ ନିଜକୁ ପାଇ ମୃତ୍ୟୁ ନିକଟରେ ଆତ୍ମସମର୍ପଣ କରିବା ଛାଡ଼ି ଜୀଇଁବାକୁ ନୂତନ ପ୍ରେରଣା ପାଆନ୍ତି। ପୁଅ ଅଜାତଶତ୍ରୁଠାରୁ ସମ୍ପର୍କର ମାନେ ପଇସା ଶିଖିଥିବା ସରସ୍ୱତୀ ଦେବୀ ମଧ୍ୟ ରୁଦ୍ରଠାରେ ନିଜ ସ୍ୱପ୍ନପୂରଣ କରିନପାରି ଆତ୍ମହତ୍ୟା କରିଥିବା ସାନ ଭାଇକୁ ଦେଖି ପାରନ୍ତି ଓ ରୁଦ୍ରପରି ଜଣେ ବାହାର ଲୋକର ସ୍ୱପ୍ନ ପୂରଣ ପାଇଁ ନିଜ ଅତିପ୍ରିୟ ସୁନାହାରକୁ ଦେଇ ଦେଇପାରନ୍ତି। ପୁଅବୋହୂ ଅତ୍ୟାଚାରରେ ନିଜକୁ ପଥର କରିଦେଇଥିବା ଏ ଅନ୍ତେବାସୀଙ୍କ ଭିତରେ ଜରାନିବାସ ପୁନଃ ମାନବିକ ମୂଲ୍ୟବୋଧ ସଂଚାର କରିଦେଇପାରେ। ଜରାନିବାସ ରେ ନିରଞ୍ଜନ ବିରାଞ୍ଚି ପରି ବନ୍ଧୁ ମିଳେ ଆଉ ଯା' ପାଇଁ ସେ କୁହନ୍ତି (ଜୀବନରେ ବାପାମାଆ- ସ୍ତ୍ରୀ ଚାଲିଯିବାର ଧକ୍କା ସେ ଖାଇଛନ୍ତି କିନ୍ତୁ ନିରଞ୍ଜନ ପରି ଘନିଷ୍ଠ ବନ୍ଧୁ ଚାଲିଗଲେ ସେ ସମ୍ଭାଳି ପାରିବେନି)। ଏସବୁ ଭିତରେ ଜରାନିବାସ ଯେ ଏକ ବନ୍ଧୁତ୍ୱ ପ୍ରଦାନ କରିପାରେ। ରକ୍ତ ସମ୍ପର୍କୀୟ ପୁଅ-ଝିଅଠୁ ବହିଷ୍କୃତ ହେବା ପରେ ବି ଜଣେ ଆଉ ଜଣେ ଅଜଣା ମଣିଷ ସହ ସମ୍ପର୍କର ନୂଆ ଖିଅ ଯୋଡ଼ିପାରେ। ବଞ୍ଚିବାର ନବପ୍ରେରଣା ଖୋଜିପାରେ। ଜୀବନ ଧାରଣ କରିବା ଯେଉଁମାନଙ୍କପାଇଁ କଷ୍ଟ ହୋଇପଡ଼ିଥିଲା ସେହିମାନଙ୍କ ଜୀବନରେ ନୂତନ ସ୍ନେହ-ସମ୍ପର୍କ-ବନ୍ଧନ ଆଣି ଜୀବନକୁ ବର୍ଣ୍ଣିଳ କରିଦେଇପାରେ। ଏହା ଏ ନାଟକ ଦେଖାଇଛି।

॥୨॥

ଏ ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀଙ୍କ 'ବୁନ୍ଦାଏ ପାଣିରେ ସମୁଦ୍ର' ନାଟକଟି ପ୍ରଥମେ ପ୍ରକାଶପାଏ ୨୦୧୩ ମସିହା ଜାନୁଆରୀରେ 'ଚନ୍ଦ୍ରଭାଗା' ପତ୍ରିକାର ପୂଜା-ନୂଆଁବର୍ଷ ସଂଖ୍ୟାରେ। 'ବାନପ୍ରସ୍ଥ ଜରାନିବାସ', ପୁରୀକୁ ନେଇ ନାଟକଟିର କଥାବସ୍ତୁ ଗତି କରେ। ତହିଁର ଅନ୍ତେବାସୀ ହେଉଛନ୍ତି ନରହରି, କେଦାର, କାଶୀନାଥ, ଗଜାନନ ଓ ସନାତନ ମହାପାତ୍ର ନାମକ ପାଞ୍ଚ ଜଣ ପୁରୁଷ ଓ ସରଳାଦେବୀ ନାମ୍ନୀ ଜଣେ ସ୍ତ୍ରୀ ଲୋକ। ସମସ୍ତ ଚରିତ୍ର ପଛରେ ରହିଛି ଗୋଟିଏ ଗୋଟିଏ ପିଢ଼ିଗତ ସମସ୍ୟାର ଗୋଟେ ଗୋଟେ କରୁଣ କାହାଣୀ। 'କେଦାର' ଚରିତ୍ର ହେଉଛନ୍ତି ଗାଁ'ର ଜଣେ ଚଷାଲୋକ,ଯେ କି ଘରୁ ପୁଅବୋହୂ ଦ୍ୱାରା ତଡ଼ା ଖାଇ ଏଠି ଆଶ୍ରୟ ନେଇଛନ୍ତି। ଗଜାନନ ବାବୁଙ୍କ ପୁଅବୋହୂ ବାଙ୍ଗାଲୋରରେ, ବୃଦ୍ଧ ବୟସରେ ଦାୟିତ୍ୱ ନେବାକୁ କେହି ନ ଥିବାରୁ ଜରାନିବାସକୁ ମୁହାଁଇଛନ୍ତି। ସରଳାଦେବୀ ପୁଅବୋହୂଙ୍କ ସହ ପୁରୀ

ଜଗନ୍ନାଥ ଦର୍ଶନରେ ଆସିଥିଲେ ମାତ୍ର ପୁଅବୋହୂ ଜାଣିଶୁଣି କିଛି ନ ଜଣାଇ ସରଳା ଦେବୀଙ୍କୁ ଛାଡ଼ିଦେଇ ଚାଲିଗଲେ। ମାତ୍ର;କାହାଣୀଟି ଅଧିକ ସାନ୍ଦ୍ର ହୁଏ ସନାତନ ମହାପାତ୍ରଙ୍କ ଜୀବନଚିତ୍ରରେ, ଯେ'କି ଏ ନାଟକଟିର ମୁଖ୍ୟ ଚରିତ୍ର।

ସନାତନ ମହାପାତ୍ର ଜଣେ ଆଦର୍ଶ ବ୍ୟକ୍ତିତ୍ୱ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ। ବିପତ୍ନୀକ ହେବାପରେ ଏକାକୀ ସଂସାର ଦାୟିତ୍ୱ ନେଇଛନ୍ତି। ପୁଅ ସଂଦୀପକୁ ରୋଷେଇକରି ଖାଇବାକୁ ଦେବା ସହ ତା' ପାଠପଢ଼ାରେ ଅବହେଳା ଆଣିନାହାନ୍ତି। ପୁଅ ସଂଦୀପ ମଧ୍ୟ ଆଇ.ଏ.ଏସ୍ ହୋଇଛି। ବିବାହ କରିଛନ୍ତି ଏମ୍. ପି.ଙ୍କ ଝିଅ ସମିତା ଦେବୀଙ୍କୁ। ନାତି ଦୁଇଟି ଅଛନ୍ତି ଚିକୁ ଆଉ ମିକୁ। ମାତ୍ର;ଏସବୁ ମଧ୍ୟରେ ବଦଳିଗଲା ସନାତନ ମହାପାତ୍ରଙ୍କ ଜୀବନ ଧାରା। ପୁଅ ଆଇ.ଏ.ଏସ୍,ଅଫିସରୁ ଫେରିଲା ବେଳକୁ ରାତି ଆଠ ଆଉ ବୋହୂର ଘରକୁ ଫେରିଲାବେଳକୁ ରାତି ସାଢ଼େ ସାତ। ପୁଅବୋହୂର ତାଙ୍କ ନାତି ଦୁଇଟି ପ୍ରତି ସମୟ ନଦେବା ତାଙ୍କୁ କ୍ଷୁବ୍ଧ କରାଇଛି। ନାତିମାନଙ୍କୁ ଭାରତୀୟ ଶ୍ଳୋକ (ଗୁରୁ ବନ୍ଦନା)ସକାଳୁ ସକାଳୁ ଶିଖାଇବା ବେଳେ ବୋହୂ ସମିତାଙ୍କ ପ୍ରତିବାଦ ଓ ବର୍ତ୍ତମାନର ଇଂରେଜୀ ଶିକ୍ଷାବେଳେ ଏସବୁର ମୂଲ୍ୟହୀନତାକୁ ଦର୍ଶାଇବା ସନାତନ ବାବୁ ଢେର ଅପମାନ ଅନୁଭବ କରିଛନ୍ତି। ପୁଅବୋହୂ ଚାହାନ୍ତି ସେମାନଙ୍କ ବ୍ୟସ୍ତବହୁଳ ଜୀବନ ଭିତରେ ବାପା ମୁଣ୍ଡ ଖେଳାଇ ଅଯଥା ଝାମେଲା ନ କରନ୍ତୁ "ତମର କାମ ହେଲା ଖାଇବ,ପିଇବ ଆଉ ଚୁପଚାପ ବସିବ ନ ହେଲେ ଶୋଇବ। ଏ ଘରକୁ କିଏ କେତେବେଳେ ଆସିଲା, କିଏ କେତେବେଳେ ଗଲା ସେଗୁଡ଼ାକ ଜାଣି କ'ଣ ହେବ।"(୯) ଏହିପରି ନିତିଦିନିଆ ପିଢ଼ିଗତ ସଂଘର୍ଷର ଚରମାବସ୍ଥା ଘଟେ ଯେତେବେଳେ ଦିଲ୍ଲୀରୁ ଆସିଥିବା ବନ୍ଧୁ ତଥା କଣ୍ଟ୍ରାକ୍ଟର ସାଜନ ମୋଲହୋତ୍ରା ଓ ଡ଼ି.ଏଫ୍.ଓ. ସହ ସଂଦୀପ ବାବୁ ଘରଭିତରେ ମଦ ପିଅନ୍ତି। ଘର ଭିତରେ ଏ ମଦ ପିଆ ଦୃଶ୍ୟ ଦେଖି ସନାତନ ବାବୁ ଉତକ୍ଷିପ୍ତ ହୋଇ ସମସ୍ତଙ୍କୁ ଭର୍ତ୍ସନା କରନ୍ତି "ତମମାନଙ୍କୁ ଦେଖିଲେ କେହି ଗୋଟେ ସଂସ୍କାର ଥିବା ଘରର ମଣିଷ ପରି ତ ଦେଖାଯାଉନା।"(୧୦) ଏହାର ପ୍ରତିବାଦ କରିଛନ୍ତି ସଂଦୀପ ବାବୁ ଓ ବାପାଙ୍କୁ ବୁଝାଇଛନ୍ତି ଡ୍ରିଂକ୍ସ ଏବେ ଏକ ଅପରାଧର ପ୍ରତୀକ ନୁହେଁ ବରଂ ଏହା ଅଭିଜାତ୍ୟର ପ୍ରତୀକ "ତମ ଅଭିଜାତ୍ୟଟା ତମ ଘରେ ଦେଖେଇଲେ ସୁନ୍ଦର ଦିଶିବ ବାପା। ଏଇଟା ଜଣେ ଜଏଣ୍ଟ ସେକ୍ରେଟେରୀରମାନେ ଗୋଟେ ସିନିୟର ଆଇ.ଏ.ଏସ୍.ର ଘର। ଏ ଘରର ଅଭିଜାତ୍ୟର ସ୍ୱରୂପଭିନ୍ନ।"(୧୧)

ପୁଅବୋହୂଙ୍କର ମନମୁଖୀ କାର୍ଯ୍ୟ ଓ କଟୁ ବାକ୍ୟଦ୍ୱାରା ସନାତନ ବାବୁଙ୍କୁ ଅବବୋଧ କରାଇବାକୁ ଚେଷ୍ଟା କରନ୍ତି ଯେ ତାଙ୍କ କାମ ହେଲା ଖାଇବା-ପିଇବା-ଆଉ ଚୁପଚାପ ବସିବା। ସନାତନ ବାବୁ ଅବବୋଧ କରନ୍ତି ସତେ ଯେପରି ସେ ଆଉ ଘରର ମୁରବୀ ନୁହନ୍ତି; ଘରର କୁଣିଆ। ସେ ମୁରବୀ ଥାଉ ଥାଉ ଆଭିଜାତ୍ୟ ନାଁ ରେ ରାତି ଆଠଟା ନଅଟାରେ ଘରକୁ ଫେରିବା,ମଦ ପିଇବା ତାଙ୍କ ସଂସ୍କାର ସହ ଖେଳିବା ସମାନ କହି ସେ ତୀବ୍ର ବିରୋଧ କରିଛନ୍ତି। ଘରର ମୁରବୀ ହୋଇ ପେଚା ପରି ବସିବାକୁ ସେ ନାପସନ୍ଦ କରିଛନ୍ତି। ସନାତନ ବାବୁଙ୍କର ଏ ମାନସିକତା ଭିତରେ ପୁଅବୋହୂ ଚଳିବା ଅସମ୍ଭବ ମନେକରି ତାଙ୍କୁ ଏକ ଭଲ ଷ୍ଟାଣ୍ଡାଡ଼ର ଜରାନିବାସକୁ ପଠାଇବାକୁ ଚିନ୍ତା କରନ୍ତି। ସେମାନେ ଏକଥା ସନାତନ ବାବୁଙ୍କୁ କହିବା ଆଗରୁ ସ୍ୱାଭିମାନୀ ସନାତନବାବୁ ସ୍ୱେଚ୍ଛାରେ ଘରଛାଡ଼ି 'ବାନପ୍ରସ୍ଥ ଜରାନିବାସ'ର ଅନ୍ତେବାସୀ ହୁଅନ୍ତି।

ନାଟକରେ ପୁଅବୋହୂଙ୍କ ସୁଖମୟ ଜୀବନଚର୍ଯ୍ୟା ଭିତରେ ଏ ଯୁଗର ବାପାମାଆଙ୍କ ସ୍ଥିତି ସନାତନ ବାବୁଙ୍କ ଏହି ସଂଳାପରୁ ବୁଝାଯାଇପାରେ "ତମ ରାଜପ୍ରାସାଦର ପାହାଚ ଉପରେ ମକଚି ହେଇପଡ଼ିଥିବା ଅସରପଟେ ମୁଁ"(୧୨) କିନ୍ତୁ ସେ ଅର୍ଥ ସର୍ବସ୍ୱ ମାନସିକତା ଓ ସଫଳତା ପାଗଳ କଳା ଦୁନିଆ ଭିତରେ ବି ଆଶାବାଦୀ ହୋଇ ନିଜ ନାତିକୁ "ଆଜିକାଲି ମଣିଷ ଖୋଜିବା ପାଇଁ ଆଉ କାହାର ସମୟ ନାହିଁ। ତୁ କିନ୍ତୁ ଖୋଜିବୁ" ବୋଲି କହିବା ଆଳରେ ଆଦର୍ଶବାଦୀ ଶିକ୍ଷକ ଜଣକ ଚେତାଇ ଦେଉଛନ୍ତି ଯେ ଏ ଅର୍ଥ ଲୋଲୁପତା ତ୍ୟାଗ କରିବା ହିଁ ଆମ ସମାଜକୁ ଏ ଅଧୋଗତିରୁ ରକ୍ଷା କରିବାର ଏକମାତ୍ର ଉପାୟ।

ଏ ନାଟକରେ ଜରାନିବାସର ଚିତ୍ର ସ୍ୱଳ୍ପ ଥିଲେ ହେଁ ଏ ନାଟକରେ ଜରାନିବାସକୁ ବୃଦ୍ଧବୃଦ୍ଧା ଆସିବାର ଯଥାର୍ଥ କାରଣଗୁଡ଼ିକର ଚିତ୍ର ପରିବେଶଣରେ ଏହା ଅତୁଳନୀୟ। ଶିକ୍ଷାର ପାଣ୍ଡିତ୍ୟ ଯେତେ ବି ଥାଉ ନା କାହିଁକି ଅର୍ଥର ପ୍ରାଚୁର୍ଯ୍ୟ ଯେତେ ବି ଥାଉନା କାହିଁକି ଆଦର୍ଶର ଅଭାବ ହିଁ ଏପରି ଜରାନିବାସ ସୃଷ୍ଟିର କାରଣ ବୋଲି ସ୍ପଷ୍ଟ ବୁଝାପଡୁଛି।

॥୩॥

ଏହି ଜରାନିବାସ ପ୍ରସଙ୍ଗକୁ ଆଧାର କରିଥିବା ଅନ୍ୟ ଏକ ନାଟକ ହେଉଛି ନାଟ୍ୟକାର ସନ୍ତୋଷ ମହାପାତ୍ରଙ୍କ 'ଶେଷ ଦଶବର୍ଷ'। ଏହି ଦଶ ଅଙ୍କର ନାଟକଟି ପ୍ରଦର୍ଶିତ ହୁଏ କଟକ ଜିଲ୍ଲା ସାଲିପୁର ସ୍ୱୟଂଶାସିତ କଲେଜର ଅଧ୍ୟାପକମାନଙ୍କଦ୍ୱାରା। ନାଟକର ପରିବେଶ 'ଇନ୍ଦ୍ରପୁରୀ ଜରାନିବାସ'କୁ ନେଇ ଗଠିତ। କିପରି ପୁଅବୋହୂ

ତାଙ୍କ ବାପାମାଆଙ୍କୁ ଦଶ-ପନ୍ଦର ଦିନ ପାଇଁ କେବଳ ଜରାନିବାସରେ ରହିଯିବା ପାଇଁ ମନେଇ ଛାଡ଼ିଯା'ନ୍ତି ଏଇ ଇନ୍ଦ୍ରପୁରୀ ଜରାନିବାସରେ। ପୁଅ 'ସୁଖ' ହେଉ କି 'କେଶୁ' ହେଉ ସେମାନଙ୍କ କମ୍ପାନୀ ପଠାଏ ତାଙ୍କୁ ବିଦେଶକୁ ଗସ୍ତରେ (foreign trip); ଖାଲି ଏକୁଟିଆ ପଠାଏ ନି, ପଠାଏ family pack ସହ; ମାତ୍ର ବୁଢ଼ା-ବୁଢ଼ୀଙ୍କର ଦେହ ଅସୁବିଧାର ଦ୍ୱାହି ଦେଇ ତାଙ୍କ ପିଲାମାନେ ସେମାନଙ୍କୁ ସାଥିରେ ନ ନେଇପାରିବାର ଅସହାୟତା ଦେଖାଇ ଉତ୍ତମ ଯତ୍ନ ପାଇବାର ଆଶ୍ୱାସନା ଦେଇ ଛାଡ଼ି ଯାଆନ୍ତି ଏହି 'ଜରାନିବାସ'ରେ। ଏହା ହିଁ ଏହି ଇନ୍ଦ୍ରପୁରୀ ଜରାନିବାସରେ ପିଲାମାନେ ବାପାମାଆଙ୍କୁ ଛାଡ଼ିବାର ସହଜ–ସରଳ– ପ୍ରଚଳିତ ବାହାନା। ଏହି ବାହାନାରେ ପୁତ୍ର ସୁଖ ତା ମାଆ (ସୁଖମା) ଏବଂ ପୁଅ କେଶବ ତା ମା (କେଶୁ ବୋଉ) ଓ ବାପା ପହଲି ପ୍ରଧାନଙ୍କୁ ଛାଡ଼ି ଦିଅନ୍ତି ଏହି ଜରାନିବାସରେ। ପୁଅ ବୋହୂଙ୍କ ଅସୁବିଧାଙ୍କୁ ବିଚାରକୁ ନେଇ, ରକ୍ତଗତ ସମ୍ପର୍କର ଭରସାରେ ବିନା ଦ୍ୱିଧାରେ ଘର-ଦ୍ୱାର ଛାଡ଼ି ଜରାନିବାସ ରହଣିକୁ ମାନି ନିଅନ୍ତି ସରଳ ବିଶ୍ୱାସୀ ବାପାମାଆମାନେ। ପୁଅବୋହୂନେବାକୁ ଆଶ୍ୱାସନା ଦେଇ ଯାଇଥିଲେ। ମାତ୍ର; ପୁଅବୋହୂଙ୍କୁ ଅନେଇ ଅନେଇ ଆଖିର ପାଣି ଆଖିରେ ମରେ ସିନା କେହି ନେବାକୁ ଆସନ୍ତିନି। କେଶବ ତା ବାପାମାଆଙ୍କୁ ଛାଡ଼ିବାର ଦୀର୍ଘ ଦଶବର୍ଷ ପରେ ସେହି ଇନ୍ଦ୍ରପୁରୀ ଜରାନିବାସକୁ ଛୋଟରୁ ବଡ଼ ହୋଇ ରେଭେନ୍ସା କଲେଜରେ ପାଠପଢୁଥିବା ପହଲି- କେଶୁବୋଉର ନାତି ବାଦଲ ଓ ନାତୁଣୀ ବର୍ଷା କଲେଜ ପ୍ରକଳ୍ପ (college project)କାମରେ ଯାଇଛନ୍ତି। ପ୍ରସଙ୍ଗକ୍ରମେ ଏ ବୁଢ଼ାବୁଢ଼ୀ ଦୁହେଁ ବାଦଲ ଓ ବର୍ଷାର ଜେଜେ ଓ ଜେଜେମା ବୋଲି ଚିହ୍ନା ପଡ଼ନ୍ତି।

କିନ୍ତୁ ଆଶ୍ଚର୍ଯ୍ୟର କଥା ବୃଦ୍ଧବୃଦ୍ଧା ଜାଣିବାକୁ ପାଇଛନ୍ତି ଯେ ପୁଅବୋହୂ କୌଣସି ଅସୁବିଧାରେ ପଡ଼ି ବିଦେଶରୁ ଫେରିପାରିନାହାନ୍ତି ବୋଲି ସେମାନଙ୍କର ଧାରଣା ସଂପୂର୍ଣ୍ଣ ଭୁଲ, ସତ କଥା ହେଲା ପୁଅବୋହୂ ସେମାନଙ୍କୁ ଭଣ୍ଡି ଦେଇଛନ୍ତି। ସମ୍ପର୍କର ବେପାରରେ ହାରିଯାଇଛନ୍ତି ପହଲି ପ୍ରଧାନ ଓ ତାଙ୍କ ସ୍ତ୍ରୀ। ସେମାନେ ପ୍ରଚାର କରିଦେଇଛନ୍ତି ଯେ ପହଲି ପ୍ରଧାନ ମୃତ ଓ ତାଙ୍କ ସ୍ତ୍ରୀ ପାଗଳି। ଏପରି ଏକ ଧୋକାବାଜି-ବିଶ୍ୱାସ ଘାତକତା-ଶଠତାକୁ ଜାଣିବା ପରେ ସେମାନେ ଭାଙ୍ଗି ପଡ଼ିଛନ୍ତି। ମାତ୍ର; ଏବେ ଯେ କେଶବ ଆକ୍ସିଡ଼େଣ୍ଟ ହୋଇ ଶଯ୍ୟାଶାୟୀ ସେକଥା ଶୁଣିବା ପରେ ମା ମନ ତରଳି ଯାଇଛି। ସେ ପୁଅକୁ ସେବା କରିବାପାଇଁ ଓ ତା' ଦେହ ଠିକ କରିବା ପାଇଁ ସେ ଘରକୁ ଫେରିବାକୁ ନିଷ୍ପତି ନେଇଛନ୍ତି, ମାତ୍ର ପହଲି ପ୍ରଧାନ କହିଛନ୍ତି ଯଦି ମୁଁ ଜୀବିତ ବୋଲି କଥା ପ୍ରଘଟ ହେବ ତେବେ ତାଙ୍କ ପୁତ୍ର କେଶବର ସାମାଜିକ ପ୍ରତିଷ୍ଠାରେ ଆଞ୍ଚ ଆସିବ। କେଶବ ମିଛୁଆ ଓ ପିତାମାତାଙ୍କୁ ପଚାରୁନଥିବା ଅଯୋଗ୍ୟ-ଅପଦାର୍ଥ-ସ୍ୱାର୍ଥପର ପୁତ୍ର ଭାବେ ସମାଜ ଧିକ୍କାର କରିବ।। ପୁଅ ଆସି କ୍ଷମା ମାଗିବାରୁ ପହଲି ପ୍ରଧାନ ଯିବା ପାଇଁ ରାଜି ହୋଇଛନ୍ତି ଓ କହନ୍ତି "ପୁଅ ଡାକିଲେ ବଡ଼ ବଡୁଆ ବା ସେପାରୀରୁ ଲେଉଟି ଆସୁଛନ୍ତି ଆଉ ମୋ ପୁଅ ଡାକୁଛି ମୁଁ ଯିବିନି"।(୧୩) କିନ୍ତୁ ପ୍ରକୃତରେ ନାଟକର ଶେଷରେ ପହଲି ପ୍ରଧାନଙ୍କ ମୃତ ଦେହ ଘରକୁ ଫେରିଛି। ପାପ ମୁକ୍ତ ହୋଇପାରିନାହାନ୍ତି ପୁତ୍ର କେଶବ ଓ ବୋହୂ ସୋନୀ। ପ୍ରାୟଶ୍ଚିତ କରିବାର ସୁଯୋଗ ବି ପାଇନାହାନ୍ତି। ବାପାମାଆ କ୍ଷମା କରିଦେଲେ ବି ଧର୍ମ ଦୁଆରରେ ସେମାନେ ଦୋଷୀ। ଏଥିପାଇଁ ନାଟ୍ୟକାର ଏପରି ପରିଣତି ଆଙ୍କିଥିବା ବୁଝାପଡ଼େ। ଏହାହିଁ ନାଟ୍ୟକାରଙ୍କ କାବ୍ୟିକ ନ୍ୟାୟ। ବାପାମାଆଙ୍କର ଜୀବନର ଶେଷ ଦଶବର୍ଷ ଯେଉଁ ସମୟରେ ତାଙ୍କର ସ୍ନେହ-ଶରଧା-ସହାନୁଭୂତିର ଅଧିକ ଆବଶ୍ୟକତା, ତାଙ୍କର ଏ ସ୍ୱାସ୍ଥ୍ୟହାନୀ ସମୟର ଅସହାୟ ଆବସ୍ଥାରେ ତାଙ୍କୁ ତାଚ୍ଛଲ୍ୟ-ଅପଚରା-ଅଲୋଡ଼ା-ଅଦରକାରୀ ଭାବେ ଛାଡ଼ିଦେବା କେତେ ନ୍ୟାୟୋଚିତ। ବାସ୍ତବରେ ଏହି ଶେଷ ଦଶ ବର୍ଷ ସେମାନଙ୍କପାଇଁ ବେଶ ପ୍ରତିକ୍ରିୟାଶୀଳ-ବେଶ ହତାଶା-ଅସହାୟତା ଭରା। ଏହି ସମୟରେ ପୁଅବୋହୂମାନେ ନିଷ୍ଠୁର ହୋଇଗଲେ ସ୍ୱାସ୍ଥ୍ୟହାନୀ ଜନିତ ଶାରୀରିକ ଯନ୍ତ୍ରଣା ଅପେକ୍ଷା ମନର ଯନ୍ତ୍ରଣା କାହିଁ କେତେ ଗୁଣରେ ଅଧିକ ହୋଇଯାଏ। ଯାହା ସହିବା ବାପାମାଆ ପକ୍ଷରେ ଅସହ୍ୟ ହୋଇପଡ଼େ।

।।୪।।

ଗାଳ୍ପିକା କବିତା ବାରିକଙ୍କ 'ସ୍ନେହରାଲୋଡ଼ରୁ ଜରାନିବାସ' ଗଳ୍ପଟି ଅବସରପ୍ରାପ୍ତ ଶିକ୍ଷକ ଭଗବାନ ଦାସଙ୍କ ଅସହାୟତାର କାହାଣୀକୁ ବ୍ୟକ୍ତ କରେ। ଦୁଇ ପୁଅ ଓ ଝିଅକୁ ନେଇ ଏକ ସଫଳ ପରିବାର ଗଢ଼ିଥିଲେ ଭଗବାନ ଦାସ। କିନ୍ତୁ ଝିଅ ପୁଅ ବାହା ହୋଇଗଲା ପରେ, ସ୍ୱାବଲମ୍ବୀ ହୋଇଗଲା ପରେ ବା ବାପାମାଆର ଆବଶ୍ୟକତା ନ ରହିବାରୁ ସେମାନଙ୍କଠାରୁ ଦୂରେଇ ଯିବାକୁ ପଛାଉନାହାନ୍ତି। ନିଜେ ନିଜ ବାଟରେ ରହୁଛନ୍ତି। ଝିଅ ବାହା ହୋଇ ବାଙ୍ଗାଲୋରରେ ଫ୍ଲାଟ କିଣି ସ୍ଥାୟୀ ବାସିନ୍ଦା। ବଡ଼ ପୁଅବୋହୂ ଦୁଇଜଣଯାକ ଚାକିରିଆ। ପଇସା ରୋଜଗାର ଲୋଭରେ ଛୁଆ ପାଇଁ ବି ସମୟ ନାହିଁ ସେମାନଙ୍କର। ଛାଡ଼ିଦେଇଛନ୍ତି ତାକୁ ଆବାସିକ ବିଦ୍ୟାଳୟର ଦାୟିତ୍ୱରେ।

ସାନ ପୁଅ ବଙ୍ଗାଳୀ ଝିଅ ବାହା ହୋଇ ଏକପ୍ରକାର ଘର ଜ୍ୱାଇଁ ହେଇଯାଇଛି କହିଲେ ଚଳେ। ସ୍ତ୍ରୀ ସନ୍ତାନ ସମ୍ଭବା ଥିଲାବେଳେ ସେ କେବଳ ମା'କୁ ଏଠି ଛାଡ଼ିଯିବାକୁ କୁହେ ମାତ୍ର; ତାର ରୋଜଗାର କମ ଥିବାରୁ ସେ ବାପାମାଆ ଉଭୟଙ୍କୁ ପୋଷିବାକୁ ଅସମର୍ଥ ବୋଲି ଖାଡ଼ା ଖାଡ଼ା ଶୁଣେଇଦିଏ। ଆଉ ଏହି ମା'କୁ ନିଜ ପାଖରେ ରଖିବାର ପ୍ରସ୍ତାବର ପ୍ରଚ୍ଛନ୍ନରେ ଥାଏ ମା' ହିସାବରେ ଗୋଟେ ମାଗଣା ଆୟା ପାଇବାର ହୀନ ଚକ୍ରାନ୍ତ। ଯେ ତା'ର ସନ୍ତାନସମ୍ଭବା ସ୍ତ୍ରୀର ନେଇଥାନ୍ତା ଯତ୍ନ। ଏହିପରି ଭାବେ ଅପାଂକ୍ତେୟ ହୋଇଛନ୍ତି ଭଗବାନ ବାବୁ। ଇତ୍ୟବସରେ ନିଜକୁ ପ୍ରଥମେ ଇଟାଲୀର ଦାମୀ ଫୁଲ ସ୍ନେରାଲୋଡ଼ ଏହା ପରେ ପ୍ରେମିକ ଯୁବକର ପ୍ରେମ ସାର୍ଥକତା ପାଇଁ ଲାଲ ଗୋଲାପର ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ସ୍ୱ ରକ୍ତଦାନ ଦେଇ ଗୋଲାପକୁ ଲାଲ କରିବାକୁ ଯାଇ ମୃତ୍ୟୁ ବରଣ କରିଥିବା ବୁଲବୁଲ ପକ୍ଷୀ ଓ ଜୀବନଯାକ ଖାଉନ୍ଦ ପାଇଁ ହଳ କରିଥିବା, ଶଗଡ଼ ଗାଡ଼ିରେ ବିଡ଼ା ବିଡ଼ା ଧାନ ବୋହିଥିବା ହଡ଼ା ବଳଦ ସହ ନିଜକୁ ତୁଳନା କରିଛନ୍ତି। ହଁ ସେ ହେଇଯାଇଛନ୍ତି ଅନାବଶ୍ୟକ-ଅଦରକାରୀ ହଡ଼ା ବଳଦ। ଯାହାକୁ ସେ ଜୀବନଯାକ ସେବା ଯୋଗାଇଛି ସେ ତା'ର ଏ ବିଶ୍ରାମ ନେବା ବୟସରେ ସେବା ଚାହେଁ; କିନ୍ତୁ ତାକୁ ମିଳେନି ଯତ୍ନ ଟିକିଏ ବରଂ ତାକୁ ଦି ପଇସା ପାଇଁ ବିକ୍ରି କରାଯାଏ କଂସେଇଖାନାରେ। ଆଜି ସେହି ହଡ଼ାବଳଦର ଭାବାନା ସହ ସମଭାବ ହୋଇଛନ୍ତି ଭଗବାନ ଦାସ। ଶେଷରେ ଭାବିଛନ୍ତି ଏହି ପରି ପରିତ୍ୟକ୍ତ ବାର୍ଦ୍ଧକ୍ୟ, ନିରାଶ୍ରୟ ଜୀବନର କେବଳ ଗୋଟିଏ ଆଶ୍ରୟ; ତାହା ହେଲା ଜରାନିବାସ। ଏହି ପରି ଚିନ୍ତା ବେଳେ ତାଙ୍କୁ ଏହି ଜରାନିବାସ ନା'ଟି ପ୍ରତୀତ ହୋଇଛି ଭରସାର ନା'ଟିଏ ପରି। ପୁଅ, ଝିଅ, ଆତ୍ମୀୟ, ସ୍ୱଜନଙ୍କଠାରୁ ଆହୁରି ନିବିଡ଼, ଆହୁରି ଆପଣାର।

॥୫॥

ଗାଳ୍ପିକ ମନୋଜ ଦାସଙ୍କ 'ଆବୁପୁରୁଷ' ଗଳ୍ପ ସଙ୍କଳନରେ 'ବିଶ୍ରାମ'ନାମକ ଗଳ୍ପରହିଛି। ଯେଉଁଠି ଏକ ଜରାନିବାସ ଅଛି ଯା'ର ନାମ ହେଉଛି "ବିଶ୍ରାମ'। ସେଠି ଜଣେ ଅବିବାହିତା ଲେଡ଼ି ଅଛନ୍ତି ମିସ ମୋବାର୍ଲି। ତାଙ୍କ ପୂର୍ବ ସଂପର୍କ ଓ ପ୍ରେମ ବିଫଳତା ଜନିତ ମାନସିକ ଉଦବେଳନକୁ ନେଇ ଏ କାହାଣୀଟି ଗତିଶୀଳ। ଏଥିରେ ଜରାନିବାସ ଏକ ପରିବେଶ ଭାବେ ଆସିଛି। ମିସ ମୋବାର୍ଲିଙ୍କୁ ଏକାକୀତ୍ୱବୋଧ ଓ ଉଦ୍ଭଟ ଭାବରାଜ୍ୟକୁ ଟାଣିନେବାରେ ଏ ଜରାନିବାସର ନିଛାଟିଆ ପରିବେଶ କେତେ ମାତ୍ରାରେ ଦାୟୀ, ତାହା ଏଠି ଦେଖିବାକୁ ମିଳେ।

ଏହି ଗଳ୍ପଟି ବିଶ୍ରାମ ଜରାନିବାସକୁ ନେଇ ଲେଖା ହୋଇଥିବା ଅନ୍ୟ ଏକ ଗଳ୍ପ ହେଉଛି 'ଡାଭିଡ଼ କାକସଟନ ଓ ଗ୍ରୀନ ୱେ ପାର୍କ'। ଏଠି ରହନ୍ତି ନିଜ ସମୟର ପ୍ରଖ୍ୟାତ ଫୁଟବଲ ଖେଳାଳୀ ତଥା ମାତ୍ର ୩୫ ବର୍ଷ ବୟସରେ ବିଖ୍ୟାତ ପ୍ରିନ୍ସ ଆଲ୍-ବର୍ଟ ସ୍କୁଲର ପ୍ରଧାନ ଶିକ୍ଷକ ହୋଇପାରିଥିବା ଡେଭିଡ଼ କାକସଟନ। ତାଙ୍କର ଏ ୮୫ ବର୍ଷ ବୟସରେ କୁମ୍ଭୀର ଚମଡ଼ା ପରି ଚମ ଧୁଡୁଧୁଡୁ ଅବସ୍ଥାରେ ବି ୬୫ ବର୍ଷ ତଳର ପ୍ରେମ ବିଫଳତାକୁ ମନେ ପକାଇ ସେ ହୋଇପଡ଼ନ୍ତି ଦୁଃଖିତ। ଚାହିଁଛନ୍ତି ଏହି ଗ୍ରୀନ ୱେ ପାର୍କକୁ ଆସି ସାମ୍ନା ଚେୟାରରେ ବସୁଥିବା ପରମ ଯୋଡ଼ିଙ୍କ ପ୍ରେମକୁ ସଫଳ କରିବା ପାଇଁ ସେ ସାହାସ ଯୋଗାନ୍ତେ ଯେଉଁ ସାହସ ସେ ତାଙ୍କ ପ୍ରେମକୁ ବଞ୍ଚେଇବା ପାଇଁ ଚାକିରି ଯିବା ଭୟରେ କରିପାରିନଥିଲେ। ମଣିଷ ବୃଦ୍ଧତ୍ୱକୁ ଆସିପାରେ କିନ୍ତୁ ଶେଷ ପର୍ଯ୍ୟନ୍ତ ସେ ସ୍ୱ ଜୀବନର ଅପ୍ରାପ୍ତିର ପୂର୍ତ୍ତି କରିବାକୁ ଉଦ୍ୟତ ହୁଏ। ଏ ପ୍ରସଙ୍ଗଟିର ଅବତାରଣା ଆଳରେ ବିଶ୍ରାମ ଜରାନିବାସରେ କାକସଟନ, ତାଙ୍କ ପ୍ରତିବେଶିନୀ ମିସ ମୋବାର୍ଲି ଏବଂ ବନ୍ଧୁ ରାଜକୁମାର ପ୍ରତାପସିଂହଙ୍କ ସହ ଅଜବ କଥୋପକଥନ ଏବଂ ୮୫ତମ ବର୍ଷ ପୂରଣରେ ଡେଭିଡ଼ଙ୍କୁ ଅନ୍ତେବାସୀମାନଙ୍କଠୁ ମିଳିଥିବା ବଧେଇ କାର୍ଡ଼ ଓ ଜାମ ବୋତଲର ଉପହାର ପ୍ରଦାନ ଆଦି ପ୍ରସଙ୍ଗ ଉପସ୍ଥାପନ ଭିତରେ ଆମେ ଜରାନିବାସର ବିବିଧ ଜୀବନ ଚିତ୍ର ଦେଖିବାକୁ ପାଉ।

॥୬॥

ପରେଶ କୁମାର ପଟ୍ଟନାୟକଙ୍କ 'ଉତ୍ତରାର୍ଦ୍ଧ' ଗଳ୍ପ ସଂକଳନ ଉତ୍ତର ବୟସର ସ୍ମୃତି, ଭ୍ରାନ୍ତି ଓ ଅବସୋସକୁ ନେଇକୁ ସଂକଳିତ ଏକ ସ୍ୱତନ୍ତ୍ର ଗଳ୍ପ ସଂକଳନ। ଏହି ସଙ୍କଳନରେ ସ୍ଥାନିତ 'କିଏ କାନ୍ଦୁଛି କେଉଁଠି', 'ପ୍ରସ୍ତାବ' ଓ 'ଗୋଟିଏ ଫୋନକଲ' ତିନୋଟି ଗଳ୍ପରେ ବୃଦ୍ଧାଶ୍ରମର(old age home) ପ୍ରସଙ୍ଗ ଦେଖିବାକୁ ମିଳେ।

(କ) କିଏ କାନ୍ଦୁଛି କେଉଁଠି:-

ଏକୁଟିଆ ଜୀବନର ଦାରୁଣ ମାନସିକ ଯନ୍ତ୍ରଣାକୁ ବୁଝାଇବାରେ ଏକ masterpiece ଗଳ୍ପ କହିଲେ ଭୁଲ ହେବନି 'କିଏ କେଉଁଠି କାନ୍ଦୁଛି' ଗଳ୍ପଟି। ଏଥିରେ ନୀରଦ ବାବୁ ସ୍ତ୍ରୀ ଦଶ ବର୍ଷ ହେଲା ଇହଲୋକ ଛାଡ଼ି ସାରିଛନ୍ତି। ପୁଅ ରହୁଛି ବିଦେଶରେ। ବାପା ନୀରଦ ବାବୁଙ୍କ ସୁବିଧା ତଥା ସୁଖୀ ରହଣି ପାଇଁ ପୁଅ ବ୍ୟବସ୍ଥା କରିଦେଇଛି ଜଣେ କାମବାଲି ଯେ ବାସନ ମଜାମଜି

କରିଦିଏ, ଗୋଟେ ଫୁଡ଼ କ୍ୟାଣ୍ଟିନ ସଂସ୍ଥା, ଘର ଜଗିବା ପାଇଁ ଜଣେ ଦରୱାନ। କିନ୍ତୁ ପୁଅର କଡ଼ା ତାଗିଦା ଥାଏ ଏ ଚାକର-ବାକର କି ବାହାର ଲୋକଙ୍କ ସହ ବେଶୀ ସମ୍ପର୍କ ନ ଯୋଡ଼ିବା ପାଇଁ। ଏହିପରି ବାତାବରଣରେ ନୀରଦ ବାବୁ ହୋଇଯାନ୍ତି ଏକୁଟିଆ, ସାଥୀହରା। କାଣ୍ଟିନ ପିଲାଠୁ ଘର ଗ୍ରିଲ ଭିତରୁ ହାତ ବଢ଼େଇ ଖାଇବା ଥଳି ନେବାବେଳେ ତାଙ୍କୁ ଅନୁଭବ ହୁଏ ସେ ଯେପରି ପିଞ୍ଜରା ଆବଦ୍ଧ ଏକ ଜନ୍ତୁ। ପୁଣି ଭାବନା ଆସେ ସେ ଯଦି ମରିଯା'ନ୍ତି ତାଙ୍କ ମାଲ ଉଠେଇବା ପାଇଁ କେତେ ଜଣ ଲୋକ ଆସିବେ; ସେ ହିସାବ କରୁ କରୁ ସଂଖ୍ୟା ଆସି ଶୂନରେ ପହଞ୍ଚିଯାଏ। 'ମାଲବାହୀ ଡଟ କମ' ପରି ସଂସ୍ଥାଦ୍ୱାରା ନିଜ ଶବ ପାଇଁ ପାଇଁ ଶବ ବାହକ ଭଡ଼ାରେ ଆଣିବା ପାଇଁ ବୁକିଂ କଲେ ବି ସେମାନଙ୍କୁ ମୃତ୍ୟୁ ପରେ ଖବର କିଏ ଦେବା ଭାବିଲା ବେଳକୁ ତାଙ୍କୁ ସବୁ ଅନ୍ଧାର ଦିଶେ। ସେ ମରିଗଲା ପରେ ଲୋକମାନେ କିପରି ଜାଣିବେ ସେ ମରିଯାଇଛନ୍ତି ସେ କଥା ତାଙ୍କୁ ବେଶ ଆତଙ୍କିତ କରିବସେ। ପୁଅ ଫୋନ କଲ ନ ଉଠେଇଲେ ସେ ବ୍ୟସ୍ତ ହୋଇ ସମ୍ପର୍କୀୟ ପୁତୁରାଦ୍ୱାରା ଫୁଡ଼ କାଣ୍ଟିନର ଫୁଡ଼ ସେମିତି ଟଙ୍ଗା ହୋଇଥିବାର ଖବର ପାଇ ବିଦେଶରୁ ଫ୍ଲାଇଟରେ ଆସି ପୁଲିସ ମାଧ୍ୟମରେ କବାଟ ଖୋଲିଲା ବେଳକୁ ତାଙ୍କ ଶବ ବାଥରୁମରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ decompose ହେବାକୁ ଆରମ୍ଭ କରିଦେଇଥିବ; ଏହି କଥା ଭାବି ଭୀତତ୍ରସ୍ତ ହୋଇପଡ଼ିଛନ୍ତି ନୀରଦ ବାବୁ। ଏପରି ଅପଚରା, ଅଚିହ୍ନା, ପରିତ୍ୟକ୍ତ ମୃତ୍ୟୁକୁ ଖୁବ ଡରିଛନ୍ତି ଓ ଭାବିଛନ୍ତି ପୁଅକୁ କହିଦେବେ ଯେ ସେ ଆଉ ଏକା ରହିପାରିବେନି। ବରଂ ଭଲ ହେବ ସେ ତାଙ୍କୁ କୌଣସି ଏକ ବୃଦ୍ଧାଶ୍ରମରେ ଛାଡ଼ି ଦିଅନ୍ତୁ।

କୁହାଯାଏ "Man is a social animal" ସାମାଜିକ ସମ୍ପର୍କ ବିନା କେବଳ ପିଞ୍ଜରାରେ ଆବଦ୍ଧ ଏକ ଜୀବପରି ଫିଙ୍ଗା ଖାଦ୍ୟ ଖାଇ ଜୀବନଧାରଣ କରିବାଠାରୁ ବୃଦ୍ଧାଶ୍ରମରେ ରହିବା ଶ୍ରେୟସ୍କର। ବୃଦ୍ଧାଶ୍ରମର ରହଣି ତାଙ୍କର ଏ ଦି ତାଲା କୋଠା ଅପେକ୍ଷା ବେସି ସୁଖପ୍ରଦ ତାଙ୍କୁ ଅବବୋଧ ହୋଇଛି। ସେଠି ଅନ୍ତତଃ ତାଙ୍କ ମୃତ୍ୟୁରେ ଦୁଃଖୀ ହେଲା ପରି ସମଦୁଃଖୀ ଜଣେ କେହି ତ ମିଳିବେ। ଖାଇବା ଅସ୍ୱାଦୁ ହେଲେ ବି ଅନ୍ତେବାସୀଙ୍କ ସାଙ୍ଗରେ ବସିକି ତ ଖାଇହେବ। ଦୁଃଖ ନ କହିଲେ ବି କାହା ଦୁଃଖ ତ ଶୁଣିହେବ। Community Life ର ମୂଲ୍ୟ ଏ ଯୁଗର ପିଲାମାନେ ବୁଝିବେ ବା କାହୁଁ? ଏ ଯୁଗର ପୁଅବୋହୂ ନିଜ ପିତାମାତାଙ୍କୁ ଶ୍ରଦ୍ଧା-ସମ୍ମାନର ସହ ନିଜ ପାଖରେ ଯଦି ରଖିପାରୁନାହାନ୍ତି ତାଙ୍କୁ ଚିଡ଼ିଆଖାନାର ପିଞ୍ଜରାବଦ୍ଧ କରି ରଖିବାର କିଛିମାନେ ନାହିଁ। ବରଂ ଭଲ ହେବ ତାଙ୍କୁ କୌଣସି ଏକ ଜରାନିବାସରେ ଛାଡ଼ିଦେବା। ବୃଦ୍ଧାଶ୍ରମ ବାବଦରେ ଏପରି ଏକ ସକାରାତ୍ମକ ଅଭିବ୍ୟକ୍ତି ଶୁଣାଯାଏ ନୀରଦ ବାବୁଙ୍କଠାରୁ।

(ଖ) ପ୍ରସ୍ତାବ:

ଏହି ଗଳ୍ପରେ ବର୍ତ୍ତମାନର ବୈବାହିକ ଜୀବନରେ କେତେ ମାତ୍ରାରେ ମୂଲ୍ୟବୋଧ ଶୂନ୍ୟ ହୋଇପଡ଼ିଛି ଦେଖିବାକୁ ମିଳେ। ପ୍ରତ୍ୟକ ଦିନ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଆରମ୍ଭ ହୁଏ ଝଗଡ଼ା; ଝଗଡ଼ା ନୁହେଁ ତ ରୀତିମତ ଗୋଟେ ଖଣ୍ଡଯୁଦ୍ଧ। ସ୍ୱାମୀ ଓ ସ୍ତ୍ରୀ ଭାବନ୍ତି ତାଙ୍କର ଝଗଡ଼ା କରିବା ଏକ କର୍ତ୍ତବ୍ୟୋଚିତ ଅଧିକାର। ପୁଅ ବାପାକୁ ସମୟ ଦେଇପାରେନି। ସେ ତା ବିଦେଶ ଚାକିରିରୁ ବାପା ପାଖକୁ ଆସିପାରେନି। ଏ ସବୁରେ ବାପାଟିଏ ଅସହାୟ ହୋଇଉଠେ। ବୃଦ୍ଧ ବାପା କହିପାରେନି ଏ ଘରର କଥା ବାହାରେ କାହାକୁ। କହିଲେ କୁଳ କୁଟୁମ୍ବକୁ ଲାଜ। କିପରି କହିବେ ଯେ ତାଙ୍କ ପୁଅ ତାଙ୍କୁ ପଚାରୁନି। କହିଲେ ଲୋକ ଆକ୍ଷେପ କରିବସିବେ, ଅଙ୍ଗୁଳି ନିର୍ଦ୍ଦେଶ କରିବେ ଆଉ ଏହି ବୃଦ୍ଧ ଲୋକଟାକୁ ଆଉ ଦୋଷ ଦେବେ ଯେ ସେ କୁଆଡ଼େ ନିଜ ସନ୍ତାନକୁ ସଂସ୍କାର ଶିଖାଇନାହାନ୍ତି। ତେଣୁ ବୃଦ୍ଧ ଜଣଙ୍କ ଚାହାଁନ୍ତି ତାଙ୍କ ପୁଅ ତାଙ୍କୁ ନ ପଚାରୁ ପଛେ ପଚାରିବାର ଅଭିନୟ କରୁ, ନ ହେଲେ ତାଙ୍କର ବଦନାମୀ ହେବ। ଇତ୍ୟବସରରେ ଦିନେ ପୁଅବୋହୂ ମଧ୍ୟରେ ଜୋର୍ଦାର ଝଗଡ଼ା ହୋଇଛି ଓ ପୁଅ ଆସି ବାପାକୁ ପ୍ରସ୍ତାବ ଦିଅନ୍ତି ଯେ "ତୁମେ କୌଣସି ବୃଦ୍ଧାଶ୍ରମକୁ ଚାଲିଯାଅ। ଯାହା ଖର୍ଚ୍ଚ ହେବ, ମୁଁ ଦେବାକୁ ପ୍ରସ୍ତୁତ। କିନ୍ତୁ ଏଠି ପାଖରେ ରହି ମୋତେ ଲଜ୍ଜା ଦିଅନା" (୧୪ )ଏଠାରେ ବ୍ୟକ୍ତିଗତ ସ୍ଥାନ (Privacy)ପ୍ରସଙ୍ଗଟି ବାପାକୁ ଜରାନିବାସ ପଠାଇବାର ମୁଖ୍ୟ କାରଣ ସାଜିଛି।

(ଗ) ଗୋଟିଏ ଫୋନକଲ:

ବୃଦ୍ଧା ସରସ୍ୱତୀ ଦେବୀ ଓ ବୃଦ୍ଧ ସୁଧାକର ମହାପାତ୍ରଙ୍କର ପ୍ରେମକୁ ନେଇ ଗଢ଼ି ଉଠିଥିବା ଗଳ୍ପଟିଏ ହେଉଛି 'ଗୋଟିଏ ଫୋନକଲ'। ଏହି ଗଳ୍ପରେ ଉଭୟ ବୁଢ଼ାବୁଢ଼ୀଙ୍କର ମୃତ୍ୟୁ ପରବର୍ତ୍ତୀ ଏକ ପ୍ରେମକାହାଣୀର ନିଦର୍ଶନ। ସରସ୍ୱତୀ ଦେବୀ ଜଣେ ସେଚ୍ଛାକୃତ ରୂପେ ଜରାଶ୍ରମରେ ଅନ୍ତେବାସୀ ହୋଇଥିବା ବୁଢ଼ୀ ଲୋକ। କାହାଣୀଟିରେ ସୁଧାକର ବାବୁଙ୍କର ମୃତ୍ୟୁ ପରେ ତାଙ୍କ ନାତିଦ୍ୱାରା ଏକ ଫୋନ୍ କଲ୍ ଆସେ ସଦ୍ୟ ମୃତା ସରସ୍ୱତୀ ଦେବୀଙ୍କ ମୋବାଇଲକୁ ନିଜ ଜେଜେଙ୍କ ମୃତ୍ୟୁ ସମ୍ବାଦ ଦେବା ଅଭିପ୍ରାୟେ, ଯାହାଥିଲା ତାଙ୍କ ଜେଜେଙ୍କର ଶେଷ ଇଚ୍ଛା ଥିଲା। ସେହିପରି ସରସ୍ୱତୀ

ଦେବୀଙ୍କ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀରୁ ମିଳିଛି ଏକ ଫୋନ ନମ୍ବର ଏବଂ ସେ ଫୋନନମ୍ବରକୁ ତାଙ୍କ ମୃତ୍ୟୁ ଉପରାନ୍ତେ ତାଙ୍କ ମୃତ୍ୟୁ ସମ୍ବାଦ ଜଣେଇଦେବାକୁ ରହିଛି ଏକ ଅନୁରୋଧ ପତ୍ର। କିନ୍ତୁ; ଏପରି ପରିସ୍ଥିତି ହୁଏ ଯେ କେହି କାହାର ମୃତ୍ୟୁ ସମ୍ବାଦ ଶୁଣିପାରନ୍ତି ନି। ଶୁଣିଲା ବେଳକୁ ଦୁହେଁ ହୋଇଯାଇଛନ୍ତି ଦିବଙ୍ଗତ। ଏହି ପ୍ରେମ କାହାଣୀରେ ଆମ ଜରାନିବାସର କଥା ଉଠୁଛି କେଉଁଠ? ଏ ପ୍ରଶ୍ନ ସ୍ୱତଃ ଆସିଯାଏ। ଏହି ଗଳ୍ପରେ ଜରାନିବାସ ପ୍ରସଙ୍ଗ ଆସେ ଯେତେବେଳେ ସରସ୍ୱତୀ ଦେବୀଙ୍କର ମୃତ୍ୟୁ ଘଟେ। ସେ ସମୟରେ ଜରାନିବାସର ପରିବେଶ ବର୍ଣ୍ଣନା ବେଶ ଚିତ୍ର ପରାୟ (Photojenic)। ସରସ୍ୱତୀ ଦେବୀ ମୃତ ଘୋଷଣା ପରେ ଜରାନିବାସର ପ୍ରତ୍ୟେକ ଅନ୍ତେବାସୀ ସହ ପରିଚାରିକା ନନ୍ଦିତା ଓ ପରିଚାଳିକା ଆଶାରାଣୀ ଦେବୀ ସମସ୍ତେ ନିର୍ବିକାର। କେହି କାନ୍ଦୁ ନଥିଲେ। ଯେପରି ଜରାନିବାସର ଏହା ଏକ ନିତ୍ୟନୈମିତ୍ତିକ ବର୍ତ୍ତମାନ। ଜରାନିବାସରେ ମୃତ୍ୟୁ ମୁକ୍ତିର ବାର୍ତ୍ତା ନେଇ ଆସେ ବୋଲି ଏଠିକାର ଅନ୍ତେବାସୀଙ୍କ ଭାବନା। ଏଠି କେହି କାହା ପାଇଁ ଶୋକ କରନ୍ତି ନି କାରଣ କେହି କାହାର ଘର, ପରିବାର, ଆତ୍ମୀୟ ନଥାନ୍ତି। ମୃତ୍ୟୁକୁ ନେଇ ଜରାନିବାସର ଅନ୍ତେବାସୀଙ୍କ ମନୋଭାବ ଗାଳ୍ପିକଙ୍କ ଭାଷାରେ ଯାହା ତାକୁ ଏଠାରେ ଆଲୋଚନା କରିବା ଗୁରୁତ୍ୱ ରଖେ "ଏଇଟା ବୃଦ୍ଧାଶ୍ରମ। ଘର ପରିବାର ନୁହେଁ। ଏଠି ସମସ୍ତେ ଅଟକି ଯାଇଛନ୍ତି ମୃତ୍ୟୁ ଅପେକ୍ଷାରେ। ମୃତ୍ୟୁ ଏଠି ଏକ ନିୟମିତ ଅତିଥି। ମଝିରେ ମଝିରେ ଆସେ ଓ କାହାରିକୁ ନା କାହାରିକୁ ନେଇ ଚାଲିଯାଏ। ସେଥିପାଇଁ ଦୁଃଖପ୍ରକାଶ କରିହୁଏନା। ମୃତ୍ୟୁକୁ ଏଠି ମୁକ୍ତି ବୋଲି ମନେ କରନ୍ତି ଅନ୍ତେବାସୀଗଣ।"(୧୫) ଏହିପରି ଭାବେ ଜରାନିବାସର ଚିତ୍ର ଏ ଗଳ୍ପରେ ଦେଖିହୁଏ।

॥୭॥

କେବଳ ନାଟକ କି ଗଳ୍ପ ନୁହଁ, ଔପନ୍ୟାସିକ ପଦ୍ମଜ ପାଲଙ୍କ 'ଜରାନିବାସ' ଉପନ୍ୟାସଟିର କାହାଣୀ ଏହି ସମାନ ଭାବବସ୍ତୁ (ବୃଦ୍ଧାଶ୍ରମ (old age home)) ଉପରେ ଦଣ୍ଡାୟମାନ। ଉପନ୍ୟାସର କାହାଣୀଟି ଭାପୁର, ପାଟପଡାଠାରେ ସ୍ଥିତ 'ଛତ୍ରଶାଳା ଜରାନିବାସ'ର ପରିଚାଳନାଗତ ସମସ୍ୟା ଓ ଅନ୍ତେବାସୀମାନଙ୍କ କରୁଣ କାହାଣୀକୁ ନେଇ ଗଢ଼ିଉଠେ। ଜରାନିବାସର ମୁଖିଆ-କର୍ତ୍ତା-ମୁରବୀ ହେଉଛନ୍ତି ଜନମରୁ ଅଲୋଡ଼ା-ଅପଚରା ଜୀବନ ବିତାଉଥିବା ଦୁଃଖୀଶ୍ୟାମବାବୁ। ସହଯୋଗୀ ତଥା ମ୍ୟାନେଜର ଭାବେ ଥା'ନ୍ତି ପୂର୍ଣ୍ଣିମା ଦିଦି ନାମକ ଜଣେ ତରୁଣୀ, ରୋଷେୟା ବିଧବା ପାର୍ବତୀ, ରୋଷେଇ ଶାଳରେ ସାହାଯ୍ୟକାରୀ ଭାବେ ବାସୁ ଓ ଜରାନିବାସର ହେଲପର ଗଉରା। ଜରାନିବାସରେ ଅତିଥି (ଅନ୍ତେବାସୀ) ହିସାବରେ ରୁହନ୍ତି ନବଘନ ବାବୁ, ଲଳିତ ବାବୁ ପରି କେତେଜଣ ବୃଦ୍ଧ ଓ ବନ ମା ନାମକ ଜଣେ ବୃଦ୍ଧା।

ଜରାନିବାସ ଚଳାଇବାକୁ ଦୁଃଖୀଶ୍ୟାମ ବାବୁ ନିଜ ସମସ୍ତ ଆର୍ଥିକ ସମ୍ବଳ, ଯୌବନର ସମସ୍ତ ଇଚ୍ଛା, ପରିବାର କରିବାର ମାନବୀୟ ଅଭିଳାଷକୁ ଜଳାଞ୍ଜଳି ଦେଇ ସଂସ୍ଥାଟିକୁ ତିଆରି କରି ବଞ୍ଚାଇ ରଖିଥିଲେ ହେଁ ଜରାନିବାସ ଚଳେଇବା ଯେ ଏକ ଅର୍ଥ ତୋଷାରପାତ କରିବାର ସଫଳ ମାଧ୍ୟମ ବୋଲି ସାଧାରଣ ଲୋକଙ୍କ ସହ ଜରାନିବାସର ଅନ୍ତେବାସୀମାନେ ବି ଅନୁଭବ କରନ୍ତି। ସେମାନେ ଭାବନ୍ତି ସେମାନଙ୍କପାଇଁ ସରକାରଙ୍କଠୁ ବହୁତ ଟଙ୍କା ଆସୁଛି। ଅନ୍ୟମାନେ ସେହି ଟଙ୍କାରେ ଖାଇ ପୋଷୀ ହେଉଛନ୍ତି। ରମଣୀ ବାବୁ ଗଉରା ସହ ଯୁକ୍ତି ତର୍କକୁ ଦୃଷ୍ଟାନ୍ତ ଭାବେ ଗ୍ରହଣ କରାଯାଇପାରେ "ହଇରେ ଏଠି ହଜାର ଟଙ୍କା ତୋଷାରପାତ ହୋଇଛି। କାଗଜପାତ୍ର କାମ ଚାଲିଛି। ଆମକୁ ମେଣ୍ଢା ପଞ୍ଝାଏ ପାଇ ରଖିଛନ୍ତି। ସକାଳେ କଞ୍ଚା ଚୂଡ଼ା ଦି'ଟା ନାଲି ଚା' ଦେଉଛ। ଭାତ ଡାଲି ଟିକିଏ ଦେଉଛ ଯେ କୁକୁଡ଼ା ବିଲେଇ ଖାଇବେ ନାହିଁ।" (୧୬) କେବଳ ଏ ଲାଞ୍ଛନା ରୂପୀ ମାନସିକ ଯନ୍ତ୍ରଣା ନୁହଁ ଫାଇଲ ସଂପୂର୍ଣ୍ଣ ଠିକ ଥିଲେ ବି ସରକାରୀ ବାବୁମାନେ କିପରି ଫାଇଲକୁ ଅଟକେଇ ରଖନ୍ତି, ପଇସା କିସ୍ତି ଆସିବାରେ ବିଳମ୍ବ ଉପୁଯାନ୍ତି। ଜରାନିବାସର ପରିଚାଳନା ନିମିତ୍ତ ପ୍ରାପ୍ୟ କିସ୍ତିର ଫାଇଲକୁ ପାସ କରେଇବାପାଇଁ କିପରି ମଦ, ଉପହାର ଆଦି ଦେବାକୁ ହୁଏ ସେ କଥା କେହି ବୁଝନ୍ତି ନି। ସରକାରୀ ବାବୁମାନେ ଭାବନ୍ତି ସରକାରଙ୍କଠୁ ମିଳୁଥିବା ଏ ଅନୁଦାନ ଯେପରି ସ୍ୱେଚ୍ଛାସେବୀ ଅନୁଷ୍ଠାନର ଉପୁରି ଟଙ୍କା। ବ୍ୟବସାୟୀ, କଣ୍ଟ୍ରାକ୍ଟର ଓ ଶିଳ୍ପପତିମାନଙ୍କ ପାଖରୁ ଜରାନିବାସ ନିମନ୍ତେ ଦାନ ଆଣିବା ପାଇଁ ସେମାନଙ୍କ ପାଖେ ଯାଇ ମାସ ମାସ ଅଧିଆ ପଡ଼ିବାକୁ ହୁଏ ସେ ଘା କାହାକୁ ଦେଖେଇହୁଏ ନା ନିଜେ ଦେଖି ହୁଏ ଏତେ ସବୁ କଳା ପରେ ବି କିପରି ସଭିଙ୍କଠୁ ବିଭିନ୍ନ ପ୍ରକାର ଭର୍ତ୍ସନା ଶୁଣିବା ଜରାନିବାସ ମାନଜମେଣ୍ଟର ଏକ ନିତିଦିନିଆ କଥା। ଜରାନିବାସ ପରିଚାଳନାଗତ ସମସ୍ୟାର ଅନେକ ଜଣା ଅଜଣା କଥା ଆଲୋଚିତ ହୋଇଛି ଏ ଉପନ୍ୟାସରେ।

ଜରାନିବାସରେ ଜଣଙ୍କର (ଶ୍ୟାମନନ୍ଦନ ବାବୁ)ମୃତ୍ୟୁ ଆସିଲେ ସଭିଏଁ କିପରି ଆତଙ୍କରେ ଜର୍ଜରିତ ହୁଅନ୍ତି। "ଆରେ ଶୁଖା ଖଡ଼ ଖଡ଼ ...ମିଛ ମାୟାରେ ପଡ଼ି କିଆଁ

ହେଉ ଲଡ଼ବଡ଼ ଲଡ଼ବଡ଼” ଓ “କାଳ ସର୍ପ ଆପଣ କବଳ କର ପ୍ରାଣ ସବୁରି ”ଗାଇବା ଭିତରେ ଲାଗେ ଯେପରି ଶୁଭୁଛି ପଞ୍ଚାଏ କାକୁସ୍ଥ ମଣିଷର ଅସହାୟତା, ସମର୍ପଣ ଓ ଆର୍ତ୍ତି। ଦିନରାତି କଳି-ତକରାଳରେ ଉଚ୍ଛନ୍ନ ହେଉଥିବା ଜରାନିବାସରେ ବି ଘୋଟିପାରେ ଏପରି ଭୟଙ୍କର ନୀରବତାର କଳାବାଦଲ ତାହା ବେଶ ଭାବିତ କଲାଭଳି।

ଜରାନିବାସର ଏସବୁ ଚିତ୍ର ସହ ବୃଦ୍ଧ ଅବସ୍ଥାକାଳୀନ ପ୍ରୌଢ଼ ମନସ୍ତତ୍ତ୍ୱର ସୁନ୍ଦର ପରିପ୍ରକାଶ ଏ ଉପନ୍ୟାସରେ ଦେଖିବାକୁ ମିଳେ। ସେଥିମଧ୍ୟରେ ଅସହାୟତାର ଚିତ୍ର- ଅପଚରାପଣ-ଅଦରକାରୀଭାବ(ବନ ମା’), ଅନୁତାପ ତଥା ପ୍ରାୟଶ୍ଚିତ ମାନସିକତା (ନବଘନ ବାବୁଠାରେ), ଗାଁ ମାଟି ପ୍ରତି ଗଭୀର ମମତ୍ୱବୋଧ(ଜଳଧର ବାବୁ), ବୃଦ୍ଧତ୍ୱ କାଳୀନ (ସମ୍ଭୋଗକ୍ଷମ ନଥିବା ଅବସ୍ଥାରେ) ଯୌନ ପ୍ରବୃତ୍ତି ରୂପୀ ଆଲୁଦୋଷ (ଲଳିତ ବାବୁ) ଆଦି ମାନସିକ ଅବସ୍ଥାର ଚମତ୍କାର ବର୍ଣ୍ଣନା ଏ ଉପନ୍ୟାସରେ ହୋଇଛି।

॥୮॥

ମଣିଷଟିଏ ସବୁ ଅର୍ଥ ସ୍ୱାର୍ଥ ଜଳାଞ୍ଜଳି କରିଥାଏ ସମ୍ପର୍କର ବ୍ୟାପାରରେ। ସେହି ସମ୍ପର୍କର ବିପଣିରେ ହାରିଗଲେ ନିରାଶ୍ରୟ ହୋଇଗଲେ କେବଳ ଭରସା ସାଜିଥାଏ ଜରାନିବାସ। ତା’ହିଁ ପାଲଟି ଯାଏ ଶେଷ ଠିକଣା। ଅନ୍ତିମ ସମୟର ଏହା କେବଳ ଠିକଣା ପାଲଟେ ନାହିଁ ଏହା ଜୀବନକୁ ଜୀବନ ପରି ଜୀଇଁବାର ବାଟ ଦେଖାଏ। Community Lifeର ଅଭାବବୋଧକୁ ମନ ମଧ୍ୟରୁ ଦୂରେଇ ମାନସିକ ପ୍ରଶାନ୍ତି ପ୍ରଦାନ କରେ। ସେଠି କିଛି ଅନ୍ତେବାସୀ ମିଳିଯାନ୍ତି ଏକୁଟିଆ-ଅଲୋଡ଼ା ମଣିଷଟେକୁ। ସେମାନଙ୍କ ସୁଖରେ ସୁଖୀ ଓ ଦୁଃଖରେ ଦୁଃଖୀ ହୁଏ। ନିଜ ଯୁକ୍ତିକୁ ଠିକ ସାବ୍ୟସ୍ତରେ ହେଉ କି ଅନ୍ୟ ଯୁକ୍ତିକୁ ଭୁଲ ପ୍ରମାଣିତ କରିବାକୁ ସେ କଜିଆ ଲାଗେ। ପରିବାର ପାଇଁ ଅପାଂକ୍ତେୟ ହୋଇଯାଇଥିବା ଜରାନିବାସ ଆଧାରରେ ସାମାନ୍ୟତମ ସରକାରୀ ସହାୟତାରେ ସ୍ୱ ଅସ୍ତିତ୍ୱକୁ ଅନୁଭବ କରେ। ଏଣୁ କହିପାରିବା ଜରାନିବାସ କେବଳ ଜୀବନ ସଙ୍କଟରୁ ନୁହଁ ପରିଚୟ ସଙ୍କଟରୁ(Identity Crisis) ରକ୍ଷା କରେ। ଘର ଭିତରେ ପଞ୍ଜୁରୀ ଭିତର ଶାରୀର ଜୀବନ ଅପେକ୍ଷା ଢେର ଭଲ ଏ ମୁକ୍ତ ଆକାଶରେ ଉଡ଼ିବୁଲୁଥିବା ଏ ବଣିର ଜୀବନ। ଅବସର ପରର, ବାର୍ଦ୍ଧକ୍ୟ ଅବସ୍ଥାର ସ୍ଥବିରତା ଭରା ସାଧା ଜୀବନରେ ଆବେଗ-ସ୍ୱପ୍ନ-ଅସ୍ତିତ୍ୱର ରଙ୍ଗ ଭରି ଜୀବନକୁ ବର୍ଣ୍ଣିଳ କରି ଦିଏ ଏ ଜରାନିବାସ। ମଣିଷ ପରିସ୍ଥିତିର ଦାସ। ସମୟ ଆଧାରରେ ତା ପାଇଁ କେବେ ଭଲ ନିଜ ଘର ତ କେବେ ଜରାନିବାସ। ଏଣୁ ଜରାନିବାସ ଦାବି କରି ବସେ ଦ୍ୱିତୀୟ ଘରର (2nd Innings Home) ମର୍ଯ୍ୟାଦା। ପୁଅବୋହୂଙ୍କ ଚରମ ସ୍ୱାର୍ଥପରତା ଓ ବୃଦ୍ଧତ୍ୱ ଜନିତ ଅସହାୟତା ଭିତରେ ଦେଖାଦେଇଛି ଗଭୀର ସାମାଜିକ ସ୍ଖଳନ ଓ ତହିଁର ସାମୟିକ ପ୍ରତିକାର ଭାବରେ ସମାଜରେ ଦେଖାଦେଇଥିବା ଏହି ଜରାନିବାସ ସାହିତ୍ୟିକମାନଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଓଡ଼ିଆ ସାହିତ୍ୟରେ ନିଜର ସ୍ୱତନ୍ତ୍ର ସ୍ଥିତି ଜାହିର କରେ।

**ପ୍ରାନ୍ତଟୀକା:**


୧.https://wishesandblessings.net/blog/old-age-homes-in-india-2022/
୨.https://wishesandblessings.net/blog/old-age-homes-in- india/#:~:-text=Kerala%20has%20124%20old%20age,at%2097%2C000%20bed s%20(rounded).
୩.https://interviewtimes.net/84-old-age-homes-functioning-in-odisha/
୪. https://data.worldbank.org/indicator/SP.DYN.LE00.IN?locations=IN
୫. ମିଶ୍ର, ବିଜୟ,ବାନପ୍ରସ୍ଥ, (ପ୍ର) ସହେଦେବ ପ୍ରଧାନ, ଫ୍ରେଣ୍ଡସ୍ ପବ୍ଲିସର, ବିନୋଦ ବିହାରୀ, ୨୦୧୧, ପୃ-୨୭
୬. ତତ୍ରୈବ, ପୃ-୫୮
୭. ତତ୍ରୈବ, ପୃ-୯୨
୮. ତତ୍ରୈବ, ପୃ-୪୧
୯.ପାଣିଗ୍ରାହୀ, ରମେଶ, ବୁନ୍ଦାଏ ପାଣିରେ ସମୁଦ୍ର, ଚନ୍ଦ୍ରଭାଗା। (ପୂଜା-ନୂଆଁ ବର୍ଷ,୨୧ ବର୍ଷ,୧୨ ତମ ସଂଖ୍ୟା, ୨୦୧୨-୨୦୧୩, ପୃ-୧୨୩
୧୦. ତତ୍ରୈବ,ପୃ-୧୩୫
୧୧. ତତ୍ରୈବ,ପୃ-୧୩୬
୧୨. ତତ୍ରୈବ,ପୃ-୧୩୬
୧୩. ମହାପାତ୍ର, ସନ୍ତୋଷ, ଶେଷ ଦଶ ବର୍ଷ, ୧୦ମ ଦୃଶ୍ୟ
୧୪. ପଟ୍ଟନାୟକ, ପରେଶ କୁମାର, ଉତ୍ତରାର୍ଦ୍ଧ, ଶାଳନ୍ଦୀ ବୁକ୍ସ, ଭୁବନେଶ୍ୱର, ୨୦୨୨, ପୃ-୬୬
୧୫. ତତ୍ରୈବ,ପୃ-୨୧୩
୧୬. ପାଳ, ପଦ୍ମଜ, ଜରାନିବାସ, ପଶ୍ଚିମା ପବ୍ଲିକେସନ, ଭୁବନେଶ୍ୱର, ୨୦୧୦, ପୃ-୧୬୮

**ସହାୟକ ଗ୍ରନ୍ଥସୂଚୀ:**


୧. ଦାସ, ମନୋଜ, ଆବୁ ପୁରୁଷ, ଗ୍ରନ୍ଥ ମନ୍ଦିର, କଟକ,୨୦୧୧

୨. ପଟ୍ଟନାୟକ, ପରେଶ କୁମାର, ଉତ୍ତରାର୍ଦ୍ଧ, ଶାଳନ୍ଦୀ ବୁକ୍ସ, ଭୁବନେଶ୍ୱର, ୨୦୨୨

୩. ପାଣିଗ୍ରାହୀ, ରମେଶ, ବୁନ୍ଦାଏ ପାଣିରେ ସମୁଦ୍ର, ଚନ୍ଦ୍ରଭାଗା। (ପୂଜା-ନୂଆଁ ବର୍ଷ, ୨୧ ବର୍ଷ, ୧୨ ତମ ସଂଖ୍ୟା, ୨୦୧୨-୨୦୧୩)।

୪. ପାଳ, ପଦ୍ମଜ, ଜରାନିବାସ, ଭୁବନେଶ୍ୱର, ପଶ୍ଚିମା ପବ୍ଲିକେସନ, ୨୦୧୦

୫. ବାରିକ, କବିତା, ସ୍ନେରାଲୋଡ଼ରୁ ଜରାନିବାସ, କାଦମ୍ବିନୀ, ଶୈଳେଶ୍ରୀ ବିହାର, ଭୁବନେଶ୍ୱର, ଅପ୍ରେଲ, ୨୦୨୩)

୬. ମହାପାତ୍ର, ସନ୍ତୋଷ, ଶେଷ ଦଶବର୍ଷ(ସଂଗୃହୀତ ପାଣ୍ଡୁଲିପି)

୭. ମିଶ୍ର, ବିଜୟ, ବାନପ୍ରସ୍ଥ, ଫ୍ରେଣ୍ଡ୍ସ ପବ୍ଲିଶର୍ସ, ଦ୍ୱିତୀୟ ସଂସ୍କରଣ, ୨୦୧୬


●

BAGEESHA
ବାଗୀଶ
ପ୍ରଥମ ବର୍ଷ, ସଂଖ୍ୟା - ୦୫। ସେପ୍ଟେମ୍ବର-ଅକ୍ଟୋବର ୨୦୨୩
Volume No. 01 I Issue No. 05 I Sep - Oct 2023
Refereed Peer-Reviewed Jornal

OPEN ACCESS
https://bageesha.in

# 'ପରିକ୍ରମା'ର ପରିଧିରେ ଜୀବନର ଜୟଯାତ୍ରା

■ ସ୍ମୃତିରଞ୍ଜନ ସେଠୀ

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ମହାପୁରୁଷ ହାଡ଼ି ଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର

Article Received : 10.09.2023 | Accepted : 25.09.2023 | Published : 25.10.2023

**ସାରାଂଶ**

ଜଗନ୍ନାଥ ପ୍ରସାଦ ଦାସଙ୍କ ବହୁଚର୍ଚ୍ଚିତ କବିତା ସଂକଳନ ହେଉଛି 'ପରିକ୍ରମା'। ଏହି 'ପରିକ୍ରମା' ସଂକଳନରେ ସ୍ଥାନିତ ହେଇଥିବା କବିତାସବୁରେ ଯେଉଁ ଜୀବନବାଦଟିକକ ବାରିହୋଇପଡ଼ିଲା ପଠକୀୟ ଦୃଷ୍ଟିରେ, ତାହାର ଏକ ଅପରିପକ୍ୱ ରୂପ ହେଉଛି ଏହି ନିବନ୍ଧ। ପରିକ୍ରମାକୁ ପରିକ୍ରମା ନ କରିପାରିବା ଅପୂର୍ଣ୍ଣତା ଏ ନିବନ୍ଧରେ ଦିଶିପାରେ। ମାତ୍ର ଯେତିକି ପରିକ୍ରମା ଭିତରେ ନିଜକୁ ଭେଟିଛି, ଉଣାଅଧିକେ ତାହାକୁ ହିଁ ଉତାରିଛି ନିବନ୍ଧରେ।

୧୯୯୮ ମସିହାରେ ପ୍ରକାଶିତ 'ପରିକ୍ରମା' କବିତା ସଂକଳନଟି ୨୦୦୬ ମସିହାରେ ସରସ୍ୱତୀ ସମ୍ମାନ ପାଇବାର ବହୁ ଆଗରୁ କବି ଜଗନ୍ନାଥ ପ୍ରସାଦ ଦାସ ପାଠକମାନଙ୍କ ମହଲରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରି ସାରିଲେଣି ଆଉ ଏହି କବିତା ସଂକଳନଟି ଢେର ପାଠକୀୟତା ସାଉଁଟି ସାରିଲାଣି। ତିରିଶଗୋଟି ଭିନ୍ନ ଭିନ୍ନ ସ୍ୱାଦର କବିତାକୁ ଗୁନ୍ଥି କବି ଏହି ପରିକ୍ରମାର ବଳୟଟିକୁ ଗଢ଼ିଛନ୍ତି। ଏଥିରେ ପ୍ରେମ ଅଛି, ପ୍ରତାରଣା ବି ଅଛି। ମୋହ ଅଛି, କୋହ ବି ଅଛି। ମହୁ ବି ଅଛି ଆଉ ଲହୁ ବି ଅଛି। ସର୍ବପରି ଏକ ଏକ ଜୀବନ୍ତ ଦ୍ରୁମ ପରି ଦିଶୁଥିବା ଏହି କବିତାଗୁଡ଼ିକରେ ଜୀବନବୋଧର ଜ୍ୱଳନ ବି ଅଛି।

ଜୀବନକୁ ବୁଝିବାର ଦୌଡ଼ରେ ସମସ୍ତେ ଧାଇଁଥାଆନ୍ତି। ହେଲେ ଜୀବନର ପ୍ରକୃତ ଅର୍ଥକୁ ବୁଝି, ଅବୁଝାପଣର ଗ୍ରନ୍ଥି ମୋଚନ କରି ଏକ ନିର୍ଦ୍ଦିଷ୍ଟ ନିର୍ଯ୍ୟାସରେ ପହଞ୍ଚିବା ଏତେ ସହଜ କଥା ନୁହେଁ। ଅଡୁଆ ସୂତାର ଗୋଟିଏ ଖିଅକୁ ଧରି ଟାଣିଲେ ତାହା ଅଧିକ ଛନ୍ଦିହୁଏ, ଜୀବନକୁ ବୁଝିବାକୁ ଚେଷ୍ଟା କଲେ ତାହା ଅଧିକ ରହସ୍ୟମୟ ହୁଏ। ସଂପୂର୍ଣ୍ଣ ଭାବେ ଜୀବନକୁ ନବୁଝିଲେ ବି ଆମେ କିଛି କିଛି ବୁଝିଥାଉ ଅଭିଜ୍ଞତାରୁ। କବି ଶ୍ରୀ ଦାସ ମଧ୍ୟ ଜୀବନକୁ ବୁଝୁଥାଆନ୍ତି। ଆମେ ବୁଝୁଥିବା ପରିଧିକୁ ପରିକ୍ରମା କରି ସେ ହୁଏତ ଆଉ ଟିକିଏ ଅଧିକ ବୁଝିଯାଆନ୍ତି। ବୁଝୁଥିବା କଥାକୁ ନେଇ ସେ ବାରମ୍ବାର ଘାରିହୁଅନ୍ତି। ଏହି ଘାରି ହେବାର ନିଶା ଟିକକ ଭିତରୁ କୁହୁଳି ଉଠେ ଜୀବନବୋଧ। ଜୀବନବୋଧକୁ ପାଥେୟ କରି ସେ ଲେଖିଚାଲନ୍ତି କବିତା। 'ପରିକ୍ରମା' ସଂକଳନରେ ଥିବା କବିତାଗୁଡ଼ିକ ମଧ୍ୟରେ ଜୀବନବୋଧ ବେଶ୍ ସ୍ପଷ୍ଟ ରୂପେ ଚିତ୍ରିତ।

ଆମେ ଶେଷ ଭାବି ଅଟକି ଯାଇଥିବା ବିନ୍ଦୁ ଠାରୁ ଗୋଟିଏ ଲମ୍ବା ରାସ୍ତା ଦେଖାଇ ପାରନ୍ତି ଶ୍ରୀ ଦାସ। ସେ ଦର୍ଶାଇଦିଅନ୍ତି ଜୀବନର ପୂର୍ଣ୍ଣଚ୍ଛେଦ ନାହିଁ। ଜୀବନ ଧାଇଁ ଅବିରତ-ଅନବରତ, କଥା ପୂର୍ଣ୍ଣଚ୍ଛେଦ ପରି ଯେତେ ସବୁ ବିରାମଚିହ୍ନକୁ ଡଷ୍ଟବିନରେ ପକେଇ। ସେଥିଲାଗି ତ ସେ ବିରାମଚିହ୍ନ ସବୁକୁ ବିରାମ ଦେଇ ସେ ଲେଖିଥାଆନ୍ତି କବିତାର ଧାଡ଼ିଗୁଡ଼ିକୁ। ଅଟକିଯିବା ଜୀବନ ନୁହେଁ, ଅଗ୍ରସର ହେବା ହିଁ ଜୀବନ। ଆଗକୁ ଦୀର୍ଘ ସମ୍ଭାବନା ଥିଲେ ବି ମଣିଷ ଅଟକିଯାଏ ଢେର୍ ପୂର୍ବରୁ। କିଛି ଫଳକୁ ଶେଷ ପ୍ରାପ୍ତି ଭାବି ଅନ୍ତିମ ଉପଭୋଗ କରିବା ହିଁ ଜୀବନ ପ୍ରତି ଏକ ଶକ୍ତ କଟାକ୍ଷ ବୋଲି କବିଙ୍କ ଧାରଣା। ସେଇଥିପାଇଁ ତ ସେ ବନ୍ଦୀ ହେବାକୁ ପସନ୍ଦ କରନ୍ତି ନାହିଁ, ବଢ଼ିବାକୁ ପସନ୍ଦ କରନ୍ତି। ମୁହାଣ ଉପରେ ପହଞ୍ଚିଯାଇ ନାଉରିଆ ଆହୁଲାକୁ ରଖିଦେବା ବେଳେ କବିଙ୍କୁ ଦିଶେ

ମୁହାଣରୁ ଲମ୍ବିଯାଇଥିବା ସମୁଦ୍ର। ସତେ ଯେମିତି ଜୀବନ ଗୋଟିଏ ସଂଘର୍ଷ। ସେଠି ବିଶ୍ରାମ ନେବାର ଅବସର ଜୁଟେନି। ହଜାରେ ଝଡ଼କୁ ମୁକାବିଲା କରି ମୁହାଣ ପାଖରେ ପହଞ୍ଚିଥିବା ନାଉରିଆ ନିଜ ଥକାପଣକୁ ଥୁ କରି ପୁଣି ଠିଆହେବାକୁ ପଡ଼ିବ ଆହୁଲା ଧରି। ସାମ୍ନା କରିବାକୁ ପଡ଼ିବ ସଂଘର୍ଷର , ସମୁଦ୍ରର।

ଜୀବନର ଶେଷ ନଥାଏ। 'ଶେଷ'ର ଆଶଙ୍କାକୁ ବାଦ୍ ଦେଇ 'ଆରମ୍ଭ'ର ସମ୍ଭାବନାଟିଏ ସବୁବେଳେ ଉଙ୍କି ମାରୁଥାଏ। ଜୀବନର କାନଭାସରେ ଆଙ୍କି ସାରିଥିବା ମେଘ, ଭୋଗିସାରିଥିବା ଭାଗ ସେତିକିରେ ସରିଯାଇନି ବରଂ ଆକାଶ ପରି ଅସମାପ୍ତ ଖାଲିଯାଗା ଅଛି ଆଙ୍କିବାକୁ ଆଉ ଭୋଗିବାକୁ। ଜୀବନ ପ୍ରାପ୍ତିର ନୁହେଁ, ପ୍ରତ୍ୟାଶା ଚିଜଟେ। କବିଟିଏ ନିଜେ ଲେଖିସାରିଥିବା ଧାଡ଼ିକୁ ଶେଷ ପଂକ୍ତି ଭାବି ଭାବନାକୁ ବନ୍ଦ୍ କରିନିଏ ସତ, ହେଲେ ଜାଣିପାରେନି ଶେଷ ପଂକ୍ତି ବୋଲି ଭାବୁଥିବା ପଂକ୍ତି ପରେ ବି ନୂଆ ନୂଆ ଶବ୍ଦ, ନୂତନ ସମ୍ଭାବନା କଅଁଳି ଉଠୁଥାଏ। କବି ସ୍ୱୀକାର କରନ୍ତି - "ସମୟ ଉଦାର ହୋଇ ଦେଖାଇ ଦିଏ/ ଆରମ୍ଭ ଓ ଶେଷ ହୀନ ବିଦ୍ମମାନ/ ରାଶି ରାଶି ତିକ୍ତତା ଭିତରୁ/ ଯାହା ମିଳେ ତାକୁ ହିଁ ଆଦରି ନିଏ ମନ/ ଆଶାବାଦୀ କହେ ଏହା ହିଁ ହିଁ ଉପଲବ୍ଧି" (ପାରି)। ଏହି ଉପଲବ୍ଧି ସବୁବେଳେ ଉପଲବ୍ଧ ନଥାଏ କବିପାଇଁ। ସେଥିଲାଗି କବି ଗୁରୁଣ୍ଡିହୁଏ ନିଜ ଭାବନାର ଭବନ ଭିତରେ। ଏପଟେ କବିତା ଆଉ ଜୀବନ ଦୌଡ଼ିବାର ଅପେକ୍ଷାରେ ଥାଏ।

ଜୀବନ ଦୌଡ଼ରେ ସଫଳତା ବା ବିଫଳତା ବୋଲି କିଛି ନଥାଏ। ଏହି ଦୌଡ଼ରେ ପଛକୁ ଚାହିଁ ଦେଖିଲେ ଶୂନ୍ୟତା ଭିତରେ କେବଳ ଅନୁଭୂତି ଟିକକ ହିଁ ଆମକୁ ଦିଶେ। ଯେଉଁଠି ପ୍ରତିଯୋଗିତା ନାହିଁ, ସେଠି ସଫଳତା ବା ବିଫଳତାର ପ୍ରଶ୍ନ କାହିଁକି ଉଠିବ ? "ଜୀବନ ଦୌଡ଼ ପ୍ରତିଯୋଗିତା ନୁହେଁ/ତଥାପି କିଏ ଜିତିଲା ବୋଲି/ ପଚରା ଯାଇଥାଏ ଅଜ୍ଞାନତାରୁ/ଯଦିଓ ସମସ୍ତଙ୍କୁ ଜଣା ଥାଏ ଯେ/ ଏ ପ୍ରଶ୍ନର କୌଣସି ସଠିକ୍ ଉତ୍ତର ନାହିଁ" (ପାରି)। ଏହି ନିରୁତ୍ତର ହିଁ ଜୀବନକୁ ମୁକ୍ତ କରି ଆଗକୁ ଦିଶା ଦେଖାଏ ଆଉ ପ୍ରଶ୍ନ ପଛରେ ଘାରି ହେଲେ ଏହି ପ୍ରଶ୍ନସବୁ ଜୀବନକୁ ବାନ୍ଧିପକାଏ।

ମୁକ୍ତି ଖୋଜୁଥିବା ଜୀବନ ଅହରହ ଶିକୁଳୀରେ ଛନ୍ଦି ହୁଏ। ସେଇ ଶିକୁଳୀର ନାଆଁ କେବେ ସ୍ୱପ୍ନ ହୋଇଥାଏ ତ କେବେ ସଂସାର। କବିଙ୍କ କବିତାରେ ସାଂସାରିକ ଜୀବନବୋଧ ବେଶ୍ ସ୍ପଷ୍ଟ। କବିଙ୍କ ଦୃଷ୍ଟିରେ ଜୀବନ ପାଇଁ ସଂସାର ସତେ ଯେମିତି ଏକ ଅବସୋସ। ଜୀବନର ଆରମ୍ଭରେ ସଂସାର ସୁଖମୟ ଥିବା ବେଳେ ଶେଷ ସମୟରେ ସଂସାରଟା ଭାରିଭାରି ଲାଗେ। ଏହି ଭାରିପଣକୁ ବାଦ ଦେଇ ଏକା ଏକା ବଞ୍ଚିବାକୁ ଇଚ୍ଛା ହୁଏ। ସଂକ୍ଷେପରେ କହିଲେ ସଂସାର ପ୍ରତି ବିତୃଷ୍ଣା ଭାବ ଆସି ଯାଇଥାଏ ଶେଷ ମୁହୂର୍ତ୍ତରେ। "ସଂସାର ଆସି ଲଦି ହୋଇଯାଏ/ ଦିନ ଶେଷର ଥକା ଦେହ ଉପରେ/ ମରିବାକୁ ବି ଆଉ ଡର ନଥାଏ/ ଅଲଗା ଜୀବନର ଅଲୋଡ଼ା ପହର/ ଘାଣ୍ଟି ହେଉଥାଏ ସକାଳରୁ ସଂଜ ହାଉ ଯାଉ ରେ"( ଘର କରଣା)। ଭାରାକ୍ରାନ୍ତ ଜୀବନକୁ ବହନ କରୁକରୁ ଏହା ଅଧିକ ଜଟିଳ ହୋଇଉଠେ।

କବିଟିଏ ଜୀବନକୁ ବୁଝୁ ବୁଝୁ ନିଜକୁ ନିଜେ ଅବୁଝା ହୋଇଥାଏ। ଅବୁଝା ହୋଇଥାଏ ତା' କବିତା ଜୀବନକୁ ବୁଝିବା ଯଦି ସହଜ ନୁହେଁ ତେବେ ଜୀବନକୁ ବୁଝାଉଥିବା କବିତା କେମିତି ବୁଝା ପଡ଼ିବ। କବିଙ୍କ ମତରେ ଜୀବନ ବୁଝି ହେଉନଥିବା କବିତାର ଧାଡ଼ି ପରି ଅବୁଝା। "ସେପରି ଭାବରେ ଦେଖିବାକୁ ଗଲେ/ ଜୀବନ ବି ତ ଆଉ କିଛି ନୁହେଁ/ କେଉଁ ଅଜଣା କବିତାର ବୁଝି ହେଉନଥିବା/ କେତୋଟି ଅର୍ଥହୀନ ଫକ୍ତି ବ୍ୟତୀତ" (କବିତାର ଅର୍ଥ)। ଯାହାକୁ ଅବୁଝା କହି ଛାଡ଼ି ହୁଏନି, ବରଂ ଥରକୁ ଥର ତା' ଭିତରେ ଘାଣ୍ଟି ଚକଟି ହୋଇ ଅର୍ଥ ଖୋଜିବାକୁ ପଡ଼େ।

ଜୀବନ ଅନ୍ୱେଷଣର ଦୀର୍ଘଯାତ୍ରା ପରେ କବି ନିଜକୁ ଯେତିକି ବୁଝନ୍ତି, ଜୀବନକୁ ବି ସେତିକି ବୁଝି ପାରନ୍ତି। ଜୀବନର ଅର୍ଥ ଏକାବେଳକେ 'ମୁଁ' ର ଅସ୍ତିତ୍ୱ ଭିତରେ ଦିଶିଯାଏ। ବାସ୍ତବରେ ଜୀବନ ଆମକୁ ଭୋଗି ନଥିବା ଇଲାକାର ଅପହଞ୍ଚ ଚିଜଟିଏ ପରି ଲାଗେ। ସେଥିଲାଗି ତ ଜୀବନବୋଧ ସହ ଅସ୍ତିତ୍ୱବାଦ ପରସ୍ପର ପରିପୂରକ। ନିଜକୁ ଜାହିର୍ କରିପାରିବା ସାହାସ ଆଉ 'ମୁଁ' କୁ ଭାବିବାର ତତ୍ତ୍ୱ ହିଁ ଜୀବନବୋଧ। କବି ଅସ୍ତିତ୍ୱବାଦକୁ ବୁଝିବା ପାଇଁ ମନକୁ ଘରଚଟିଆର ପ୍ରତୀକ ଦେଇ ଦର୍ଶାଇଛନ୍ତି ଜୀବନକୁ। ସତେଯେମିତି ଘରଚଟିଆ ତାଙ୍କ ଘରକୁ ଆସି କବିଙ୍କୁ ଚେତେଇ ଦେଇଛି ନିଜ ଅସ୍ତିତ୍ୱ ବିଷୟରେ। ଘରଚଟିଆର ଚାଲିଚଳଣି ଦେଖି କବି ବାଧ୍ୟ ହେଉଛନ୍ତି ନିଜ ବିଷୟରେ ଭାବିବାକୁ। "ଅତୀତ ବର୍ତ୍ତମାନ ଘଟୁଥିବାରୁ ସମ୍ଭାବନାକୁ/ ମୋ ବହି ଥାକ ଭିତରୁ ଖୋଜି ବାହାର କରେ/ ମୁଁ ଏ ପର୍ଯ୍ୟନ୍ତ ବୁଝିପାରି ନଥିବା ତତ୍ତ୍ୱମାନ/ ଦର୍ପଣ ଭିତରେ ମତେ ଦେଖାଇଦିଏ" (ଘରଚଟିଆ)। ଘରଚଟିଆ ଭିତର ଦେଇ କବି ନିଜକୁ ଚିହ୍ନିବାରେ ହିଁ ପାଆନ୍ତି 'ମୁଁ'ର ଅସଲ ପରିଚୟ।

ନିଜକୁ ଖୋଜୁଥିଲେ ନିଜକୁ ବୁଝିଲେ ଜୀବନ ମଜାରେ ଭାରିଯାଏ। ନିଜକୁ ଗ୍ରହଣ କରି ନ ପାରିଲେ ଜୀବନ ଭାଙ୍ଗି ରୁଜି ଯାଏ। ଆମେ ଆମକୁ ନେଇ ସ୍ୱପ୍ନ ଦେଖୁ, ନିଜେ ନିଜକୁ ନେଇ ଆଶା ବାନ୍ଧୁ। ହେଲେ ସବୁ ସ୍ୱପ୍ନ ଦେଖି ହୁଏନି, ସବୁ ଆଶା ପୂରଣ ହୁଏନି। ସ୍ୱପ୍ନ ଦେଖିଥିବା ନିଦ ଭିତରେ ଅଟ୍ଟହାସ୍ୟ ଶୁଭେ। ଯେଉଁଠି ଜୀବନ ତୁଟିପଡ଼େ, ସେଇଠୁ ଅବସୋସ ଗଜୁରି ଉଠେ। ଅବସୋସ୍ ଥରେ ଆସିଗଲେ ମଣିଷ ନିଜକୁ ଆଉ ଗ୍ରହଣ କରି ପାରେନି, ଗ୍ରହଣ କରିପାରିବେନି ବି ବର୍ତ୍ତମାନକୁ। ଭବିଷ୍ୟତ ନିଷ୍ଫଳ ଲାଗିଲାବେଳେ ମଣିଷ ଆଉଜି ପଡ଼େ ଅତୀତ ଆଡ଼କୁ। ସତେରେ ମଣିଷର ବର୍ତ୍ତମାନ ହିଁ ନିର୍ଦ୍ଧାରଣ କରିଥାଏ ଯେ ସେ ଭବିଷ୍ୟତକୁ ଆଙ୍କିବା ନା ଅତୀତକୁ ଦେଖିବ। ବର୍ତ୍ତମାନର ଖୁସି ଓ ସୁଖ ହିଁ ମଣିଷକୁ ପ୍ରେରିତ କରେ ଭବିଷ୍ୟତ ଆଡ଼କୁ। ହେଲେ ଯେବେ ଆଖି ପହଁରି ଆସୁଥିବା ସବୁ ବର୍ତ୍ତମାନ ଉପରେ ଶୋକ ଓ ହତାଶାର ଛାୟା ଢ଼ାଙ୍କିଯାଏ, ସେ ସେବେ ଝୁଙ୍କିପଡ଼େ ପଛକୁ, ଅତୀତକୁ। ସେ ନିଜ ବର୍ତ୍ତମାନକୁ ଭୋଗିବାକୁ ଚାହେଁନି, ସେ ଭିଜିବାକୁ ଚାହେଁ ଅତୀତରେ। ତାକୁ ଲାଗେ ଅତୀତ ଖୁବ୍ ସୁନ୍ଦର ଥିଲା। ସେଇ ଦିନଗୁଡ଼ିକ ପୁଣି ଫେରି ଆସନ୍ତି କି! ପୁଣିଥରେ ସେଇ ଗଲାଦିନର ମଲା ସ୍ମୃତି ଇଲାକାକୁ ସେ ବାରମ୍ବାର ଫେରିବାକୁ ଚେଷ୍ଟାକରେ। ବେଳେବେଳେ ମଣିଷ କିଛି ଅତୀତ ପାଖକୁ ଫେରିଯିବାକୁ ଚାହେଁନି, ଯେଉଁ ଅତୀତ ତାକୁ ଦୁଃଖ ଦେଇଛି। ତା'ର ବର୍ତ୍ତମାନର ସୁଖ ସମୟରେ ଯଦି ସେଇ ପୃଷ୍ଠା ଲେଉଟିଆସେ ତା' ଭାବନାରେ, ସେ ଯଥା ସମ୍ଭବ ଭାବନାକୁ ବନ୍ଦ କରିବାକୁ ବାଧ୍ୟହୁଏ। ସତେଯେମିତି ସୁଖ ସମୟରେ ନୁହେଁ ଅତୀତ କେବଳ ଦୁଃଖ ସମୟରେ ହିଁ ଭାରି ଅଧିକାରୀ ଚିଜଟେ।

ବର୍ତ୍ତମାନର ବିସର୍ଣ୍ଣତାରେ ଅତୀତକୁ ଉଖୁରେଇବାର ଭାବାବେଗ ଟିକକ ପରିଷ୍କାର ଦିଶେ ଜେ.ପି. ଦାସଙ୍କ କବିତାରେ। ଯଦିଓ ସେ ପଛପୃଷ୍ଠାରେ ଲଟକି ଯାଆନ୍ତିନାହିଁ ଚିରକାଳ। ସେ କେବଳ ଅତୀତକୁ ଦେଖନ୍ତିନାହିଁ, ବରଂ ଭବିଷ୍ୟତକୁ ଆଙ୍କିବାର ଇଚ୍ଛାରେ ସେ ସାଉଁଟି ଆଣନ୍ତି ରାହାରଙ୍ଗକୁ ସେଇଠୁ। ସେଇଥିଲାଗି ତ ତାଙ୍କ ଅତୀତର ରୋମାଞ୍ଚନରେ ଅବସୋସ ଯେତେ ଉଦ୍ଦିପନା ସେତେ। ବର୍ତ୍ତମାନ ସ୍ଥିର ଥିବାବେଳେ ଅତୀତ ପଦାକୁ ବାହାରେ। କବିଙ୍କୁ ସ୍ୱଷ୍ଟ ଦିଶେ ଅନ୍ଧାର ଭିତରୁ କୁହୁଳି ଉଠୁଥିବା ପଛଦିନର ପଟଚିତ୍ରସବୁ। "କାହିଁ କେତେଦିନର ପଛକଥା ସବୁ/ ପରଲୋକର ତଟସ୍ଥ ଅନ୍ଧାର ଭିତରୁ/ ଅତର୍କିତ ବାହାରିଆସି/ ଲକ୍ଷ୍ୟଶୂନ୍ୟ ଭାବେ ଭାସିବୁଲନ୍ତି/ କିଛି ବି ଘଟୁ ନଥିବା ବର୍ତ୍ତମାନର/ ଚିରନ୍ତନ ଗୋଧୂଳି ଆକାଶରେ" (ସ୍ମୃତିଜୀବୀ)। ଅଥଚ ସବିକିଛି ସମୟ ସୁଅରେ ମିଶି କବିଙ୍କ ଆଖିଆଗରେ ଚାଲିଯାଉଥାଏ।

ସତରେ ସମୟ ସବୁ ଲୁଚେଇଦିଏ। ଅତୀତକୁ ଭାବି ବସିଲେ ଝାପ୍ସା କରି ଦିଶେ ଆମ ଆଗରେ। ଆମେ ଭବିଷ୍ୟତ ଆଡ଼କୁ ଧାଇଁଲାବେଳେ ସମୟ ଗିଳିଚାଲେ ବର୍ତ୍ତମାନକୁ। "ଆଗରେ ସମୟ ପଛରେ ସମୟ/ ଚେତନାହତ କାଳର କବଳରେ/ ଘଣ୍ଟାର ହାତ ଅବଶ ହୋଇଯାଏ" (ସ୍ମୃତିଜୀବୀ)। ଜୀବନ ସମୟ ଭିତରେ ବନ୍ଦୀ ହୋଇଯାଉଥାଏ ଅହରହ। ଭବିଷ୍ୟତ ବର୍ତ୍ତମାନର ମାଧ୍ୟମ ଦେଇ ଅତୀତ ହୋଇଯାଇଥାଏ। ଯାହା ଆଜିପାଇଁ ଦରକାରୀ ତାହା କାଲିକୁ ଆବର୍ଜନା ହୋଇଯାଏ। ପିଲାଦିନ ବୁଢ଼ା ହୁଏ। ଫେରିଚାହିଁଲେ ଅତୀତ ଅଳନ୍ଧୁ ପରି ଦିଶେ। "ଭଙ୍ଗା ବାକ୍ସ ଭିତରର ଓଲଟପାଲଟ ପୃଥିବୀରେ/ ସମସ୍ତେ ବିକଳାଙ୍ଗ/ କାହାର ଦେଖାରଖା ବିନା/ ଅନାଦରରେ ପଡ଼ି ରହିଥାନ୍ତି" (ଭଙ୍ଗାଖେଳନା)। ସବୁ ଜିନିଷପତ୍ର ସହ ଜୀବନ ବି ଦିନକୁଦିନ ଅଦରକାରୀଟିଏ ପରି ଲାଗୁଥାଏ।

ସମୟ ଗଡ଼ିଚାଲେ। ଏକ ଅଙ୍କରୁ ଦୁଇ ଅଙ୍କ ହୁଏ ବୟସ। ଅତୀତ ହେବାର ରାସ୍ତାରେ ଜୀବନ ଗଡୁଥାଏ ବର୍ତ୍ତମାନରୁ ଭବିଷ୍ୟତ ଆଡ଼କୁ। "କୁନିକୁନି ଦିଓଟି ହାତ/ ଯାହା ନିଜର ବୟସ୍କ ହେବାର ବିଥିରେ/ଭାଙ୍ଗୁଥାଏ ସଜାଡୁଥାଏ/ ଭାଙ୍ଗିବା ସଜାଡ଼ିବାରେ ଲାଗିଥାଏ/ଜୀବନର ଏକାଗ୍ର ଲୀଳାଖେଳାରେ / ନିଜର ବିଭିନ୍ନ ଅନୁଭବର / କ୍ଷଣଭଙ୍ଗୁର କ୍ରୀଡ଼ନମାନଙ୍କୁ" (ଭଙ୍ଗାଖେଳନା)। କାନ୍ଧରେ ବସି ବୁଲିବାର ବୟସ ଚାଲିଗଲେ ସଂସାରକୁ କାନ୍ଧେଇବାକୁ ପଡ଼େ। ଫଳରେ ଥକିପଡ଼େ ଜୀବନ। ପିଛିଲାଦିନର ପିଲାବେଳକୁ ପଛରେ ଛାଡ଼ି ଖାଲି ସ୍ମୃତିଟିକକୁ ଖାଲି ଯାହା ସାଙ୍ଗରେ ଆଣିବାକୁ ହୁଏ।

କଥାରେ ଅଛି 'ଦିନ ଯାଏ ଚିହ୍ନ ରହେ'। ଜୀବନରେ ଅନେକ କିଛି ଘଟେ, ସମୟ ଅନେକ କିଛି ଘଟାଏ। ସବୁକିଛି ଅତୀତ ହୋଇଗଲାବେଳେ ସେସବୁ ଛାପ ରହିଯାଏ ମନରେ, ଦେହରେ, ଆମ ଚାରିପଟରେ। ଅନ୍ଧାର ରାସ୍ତାରେ ଘରକୁ ଫେରିଲାବେଳେ ସାଥିରେ ଅତୀତ ବି ଫେରେ। ହାତ ଖୋଜେ ଆଉ ଗୋଟେ ହାତକୁ ମୁଠାଇ ଧରିବାକୁ। "ରାସ୍ତା ସରିବା ଆଗରୁ/ ଅନ୍ଧାର ହୋଇଯିବା ଭୟରେ/ ଆଗକୁ ପାଦ ବଢ଼ାଇଲେ/ ହାତ ଖୋଜେ ମୁଠାଇ ଧରିବ/ କେଉଁ ପରିଣତ ହାତର ଅବଲମ୍ବନକୁ" (ପିତୃପକ୍ଷ)। ଆମେ ଫେରୁଥିବା ବାଟରେ, ହାତ ରଖୁଥିବା ପାଚେରୀରେ, ଥକ୍କା ମେଣ୍ଟାଉଥିବା ଗଛମୂଳେ,

ଆଗରେ, ପଛରେ, ସବୁଠି ଅତୀତର ସ୍ମୃତି ଆମକୁ ଝିଙ୍କି ନେଉଥାଏ ତା' ଅତୀତର ହାତରେ। କବି ଶ୍ରୀ ଦାସ ବି ବାଦ୍ ପଡ଼ନ୍ତିନି ଏଥିରୁ। ମନେପକାନ୍ତି ସେ ନିଜ ଜେଜେ ଆଉ ଜେଜେମା'ଙ୍କ କଥା। ମନେପଡ଼ନ୍ତି ମାଷ୍ଟ୍ରେ। ଆହୁରି ଅନେକ କିଛି ଆସିଯାଆନ୍ତି ଆଗକୁ। "କାହାଣୀ ଶେଷରେ ଫୁଲଗଛଟି ମରିଗଲେ/ ବୁଢ଼ୀମା' ତାରା ହୋଇ ଆକାଶକୁ ଚାଲିଯାଏ" (ପିତୃପକ୍ଷ) ଅଥବା "ବାଦୁଡ଼ି ହୋଇ ଓହଳି ରହିଥାଏ/ ଅଳ୍ପ ବୟସରେ ମରିଯାଇଥିବା/ ପିଲାଦିନର ଅଭିନ୍ନ ହୃଦୟ ସାଙ୍ଗଟି" (ପିତୃପକ୍ଷ) ଧାଡ଼ି ସବୁ ଅନୁଭବି ମଣିଷର ହୃଦୟକୁ ତରଳେଇଦିଏ। ଅତୀତ ସବୁକିଛି ନେଇଗଲାପରେ ବର୍ତ୍ତମାନରେ ଅଉ କିଛି ନଥିଲାପରି ମନେହୁଏ। କବି ସ୍ୱୀକାର କରନ୍ତି, "ମାଛି ଅନ୍ଧାରର ଗଳିକୁଂଚିରେ/ ବାଟ ବଳାଇ ଦେବାପାଇଁ/ ଆଖପାଖରେ ଆଉ କେହି ନଥାନ୍ତି" (ପିତୃପକ୍ଷ)। ପରିଣତ ବୟସର ହାତ ଖୋଜୁଥିବା କଅଁଳ ହାତଟି ଧିରେଧିରେ ପରିଣତ ବୟସ୍କରେ ବଦଳିଯାଇଥାଏ। ନିଃସଙ୍ଗପଣରେ ଜୀବନ ସଙ୍ଗରୋଧ ହୋଇଯାଏ।

ଅତୀତର ଇତିକଥା ବର୍ତ୍ତମାନ ପାଇଁ ହତାଶା ବାଢ଼େ। ବାସ୍ତବତାର ଦାରୁଣ ସତକୁ ଭୋଗୁଥିବା ଜୀବନ ଭିତରେ ଶ୍ମଶାନ-ବୈରାଗ୍ୟ ଜନ୍ମେ। ଅଥଚ ପୁଣି ନିଜକୁ ବୁଝେଇ ଦେବାକୁ ହୁଏ- ଅଳ୍ପକିଛି ଯାଇଛି, ଆହୁରି ଢେର୍ ବାକି ଅଛି। ସବୁକିଛି ହରେଇବାର ଆଶଙ୍କା ପରେ ବି ପାଇବାର ସମ୍ଭାବନାଟିଏ ଗଜୁରି ଉଠେ। ଅବସୋସକୁ ଏଡ଼ାଇ ପୁଣି ଆଶା ବାନ୍ଧିବାକୁ ପଡ଼େ। ଭର କରିବାକୁ ପଡ଼େ ସମୟ ଉପରେ। ନିଜକୁ ସାହସ ଦେବାକୁ ହୁଏ। ପୁଣି ଫେରି ପାଇବାର ସ୍ୱପ୍ନ ଦେଖାଇ ମନକୁ ସାନ୍ତ୍ୱନା ଦେବାକୁ ହୁଏ। ଆମକୁ ଲାଗେ ଯାହା ଯାଇଛି, ତାହା ପୁଣି ଫେରିଆସିବ। ଫେରି ଆସିବ ଯେ ହେଲେ ଠିକ୍ ସେହିପରି ଫେରିବନି। ତାହା ଫେରିବ ଭିନ୍ନ ରୂପରେ, ଭିନ୍ନ ଅବସ୍ଥାରେ। କେବଳ ଚିହ୍ନିବାପଣର ଆଖି ଦୁଇଟି ଖୋଲା ରଖିଲେ ହେଲା। କବିଙ୍କ ଭାଷାରେ ଅତୀତ ପୁଣି ଫେରିଆସେ। "ପୂର୍ବଜନ୍ମର ଋଣୀ ଫେରିଆସେ/ ଫଳନ୍ତା ଗଛର ବଦାନ୍ୟତା ହୋଇ/ କୁଳପୁରୁଷଙ୍କ ଆତ୍ମା/ ପୁରୁଣା ପାଲିଙ୍କି ଚଢ଼ି ଆସେ/ ଉତ୍ତରାଧିକାରୀ ସନ୍ଧାନରେ" (ଫେରା)। ପୁନଶ୍ଚ କବି ଆଶାୟୀ ହୁଅନ୍ତି 'ଫେରା' କବିତାର ଶେଷ ପଦରେ। "ନିଜର ଭଙ୍ଗାରୁଜା ଜୀବନକୁ ସଜାଡ଼ିବାକୁ ଚାହୁଁଥିବା ଲୋକଟି/ ଭଲଦିନର ଲେଉଟିବାକୁ/ ଅନାଇ ବସିଥାଏ" (ଫେରା)।

'ପରିକ୍ରମା' ସଂକଳନର କବିତାସବୁ ଜୀବନକୁ ଜୀଇଁବାର କଳାଟିକକ ସଦାସର୍ବଦା ଶିଖାଇଥାଏ ଆମକୁ। କବିଙ୍କର ଜୀବନବୋଧର ଦୃଷ୍ଟିଭଙ୍ଗୀ ଦୂରଦର୍ଶୀ ଯେତିକି ଦୃଢ଼ସମ୍ପନ୍ନ ବି ସେତିକି। ଜୀବନବୋଧର ଜିଜ୍ଞାସାକୁ ଯୁଗ କରି ଯିଏ ଜୀବନ ଜୀଇଁବା ଜାଣିଯାଏ, ସେ ସମୟକୁ ଜିତିଯାଏ। ଅତୀତକୁ ଭାବି ବର୍ତ୍ତମାନକୁ ନଷ୍ଟ କରିବାଟା ଜୀବନ ନୁହେଁ। ଅତୀତର ନିରାଶପଣ ନିଆଁ ହୋଇ ତତେଇଦିଏ ଜୀବନକୁ। ବର୍ତ୍ତମାନର ନିହାଣ ଆଘାତରେ ଜୀବନ ଧାରୁଆ ହୁଏ ଭବିଷ୍ୟତ ପାଇଁ। ଏଇଠି ହିଁ ଥାଏ ଜୀବନବୋଧ ଆଉ ଏହା ହିଁ ଜୀବନବୋଧକୁ ନେଇ 'ପରିକ୍ରମା'ର ପରିଧି।


**ସହାୟକ ଗ୍ରନ୍ଥସୂଚୀ:**

ମୂଳଗ୍ରନ୍ଥ:

୧- ଦାସ, ଜଗନ୍ନାଥ ପ୍ରସାଦ, ପରିକ୍ରମା, ଭୁବନେଶ୍ୱର, ଟାଇମ୍ ପାସ୍, ଦ୍ୱିତୀୟ ସଂସ୍କରଣ, ୨୦୦୮।

**ସହାୟକ ଗ୍ରନ୍ଥ:**

୧- ଜେନା, ଗୌତମ, ସ୍ୱାଧୀନତୋତ୍ତର ଓଡ଼ିଆ କବିତାର ସ୍ୱରୂପ, କଟକ, ସତ୍ୟନାରାୟଣ ବୁକ୍ ଷ୍ଟୋର, ପ୍ରଥମ ସଂସ୍କରଣ, ୨୦୨୨।

୨- ପାଣ୍ଡବ, ଶତ୍ରୁଘ୍ନ, ଆଧୁନିକ କବିତାର ଉତ୍ତରାୟଣ, ଭୁବନେଶ୍ୱର, ଆର୍ଯ୍ୟବେଦାନ୍ତ ପବ୍ଲିକେଶନ୍ସ, ପ୍ରଥମ ସଂସ୍କରଣ, ୨୦୦୭।

୩- ମହାରଣା, ସୁରେନ୍ଦ୍ର କୁମାର, ଓଡ଼ିଆ ସାହିତ୍ୟର ଇତିହାସ, କଟକ, ଏ.କେ.ମିଶ୍ର ପବ୍ଲିଶର୍ସ, ନବମ ସଂସ୍କରଣ, ୨୦୨୩।

୪- ଶତପଥୀ, ପ୍ରତିଭା, ଉତ୍ତର- ଆଧୁନିକ ଓଡ଼ିଆ କବିତା ଓ ଅନ୍ୟାନ୍ୟ ପ୍ରବନ୍ଧ, କଟକ, ଗ୍ରନ୍ଥମନ୍ଦିର, ପ୍ରଥମ ସଂସ୍କରଣ, ୧୯୯୯।


●

ALOCHANA
ସମାଲୋଚନା
ନୂ ଆ ଫ ର୍ଦ୍ଦ

ପ୍ରଥମ ବର୍ଷ, ସଂଖ୍ୟା - ୦୫। ସେପ୍ଟେମ୍ବର-ଅକ୍ଟୋବର ୨୦୨୩
Volume No. 01। Issue No. 05। Sep - Oct 2023
Refereed Peer-Reviewed Jornal

BAGEESHA
ବାଗୀଶ
https://bageesha.in
OPEN ACCESS

# ୟୁଟୋପିଆବାଦ-“ଡେଷ୍ଟୋପିଆବାଦ” ବନାମ ଶାନ୍ତିବାଦ-ଯୁଦ୍ଧବାଦ ବନାମ ମନୋରଞ୍ଜନ ଦାସଙ୍କ ‘ନନ୍ଦିକା କେଶରୀ’

■ ଡ. ରବୀନ୍ଦ୍ର କୁମାର ଦାସ
ସହଯୋଗୀ ପ୍ରଫେସର୍, ଓଡ଼ିଆ ବିଭାଗ,
ବିଶ୍ୱଭାରତୀ, ଶାନ୍ତିନିକେତନ

“

‘କେଶରୀ ଗଙ୍ଗ’ ନାଟକ ହେଉ ବା ‘ନନ୍ଦିକା କେଶରୀ’ ନାଟକ; ଯେଉଁଠି ଯୁଦ୍ଧବାଦ ବା ଡେଷ୍ଟୋପିୟାନିଜମ୍ ଅଛି, ତାହା ଆଗାମୀ ପୃଥିବୀ ପାଇଁ ଆଉ କୌଣସି ଖୋରାକ୍ ଯୋଗାଇ ପାରିବ ନାହିଁ। ସେଥିପାଇଁ ଉଭୟ ଅଶ୍ୱିନୀ କୁମାର ଘୋଷ ଏବଂ ମନୋରଞ୍ଜନ ଦାସ ସେମାନଙ୍କ ନାଟକ ଦ୍ୱୟରେ ଯୁଦ୍ଧବିରୋଧୀ ସ୍ୱରକୁ ରୂପାୟିତ କରିବା ପାଇଁ ଚେଷ୍ଟା କରିଛନ୍ତି। ଯଦିଓ ଦୁଇଟିଯାକ ନାଟକରେ ନନ୍ଦିକାର ମୃତ୍ୟୁ ଘଟିଛି; କିନ୍ତୁ ଏ ମୃତ୍ୟୁ ନାଟକରେ ସ୍ଥାନିତ ବା କିମ୍ବଦନ୍ତୀରେ ପ୍ରଚଳିତ ହୋଇ ଆସୁଥିବା ଗୋଟିଏ ଅତୀତ, ବର୍ତ୍ତମାନ, ଭବିଷ୍ୟତ ଦ୍ୱାରା ପରିଚାଳିତ ସ୍ଥୂଳ ସତ୍ତାର ମୃତ୍ୟୁ- କିନ୍ତୁ ଏ ...

”

ରାମକୃଷ୍ଣ ପରମହଂସ କହୁଥିଲେ “ଯେତେ ମତେ, ତେତେ ପଥ”। ପୃଥିବୀରେ ବିଭିନ୍ନ ପ୍ରକାରର ମତବାଦ ରହିଛି। ସେହି ମତବାଦ ମଧ୍ୟରୁ ୟୁଟୋପିଆନିଜିମ୍ ବା ରାମରାଜ୍ୟବାଦ ଅନ୍ୟତମ। ୧୫୧୬ ମସିହାରେ ଥୋମାସ୍ ମୁର୍ ଯେଉଁ ‘ୟୁଟୋପିଆ’ କଥାଗ୍ରନ୍ଥ ରଚନା କରିଥିଲେ, ତା’କୁ ହିଁ ଆଧାର କରି ୟୁଟୋପିଆନିଜିମ୍ ବା ୟୁଟୋପିଆବାଦ ପ୍ରତିଷ୍ଠିତ। ଏହାକୁ ଓଡ଼ିଆରେ କଳ୍ପରାଜ୍ୟବାଦ, ରାମରାଜ୍ୟବାଦ ପ୍ରଭୃତି ନାମରେ ଚିହ୍ନାଯାଏ। ଏହି କଥାଗ୍ରନ୍ଥଟି ୧୫୫୧ ମସିହାରେ ଇଂରାଜୀରେ ଅନୁଦିତ ହୋଇଥିଲା। ତେବେ ରାଜନୀତିକ ଦର୍ଶନ ଏବଂ ବ୍ୟଙ୍ଗର ଇଏ ହେଉଛି ଏକ ଅବିସ୍ମରଣୀୟ ଇସ୍ତାହାର। ଏହି ଗ୍ରନ୍ଥଟିକୁ ଥୋମାସ୍ ମୁର୍ ୟୁରୋପୀୟ ନବଜାଗରଣ କାଳରେ ରଚନା କରିଥିଲେ। ‘ୟୁଟୋପିଆ’ ଗ୍ରନ୍ଥର ବୁକ-୨, ଅଧ୍ୟାୟ-୭ରେ ଯେଉଁ ‘The Military Discipline’ ନାମକ ଶୀର୍ଷକ ରହିଛି, ତହିଁରେ ଯୁଦ୍ଧ ବିରୋଧରେ ବିଭିନ୍ନ ବକ୍ତବ୍ୟ ଅଭିବ୍ୟକ୍ତ ହୋଇଛି। ଯେମିତିକି ଯୁଦ୍ଧ ହେଉଛି ଗୋଟିଏ ପାଶବିକ କାର୍ଯ୍ୟ। ସବୁଠାରୁ ଅଧିକ ଅସମ୍ମାନଜନକ ଆଚରଣ ହେଉଛି ଏହି ଯୁଦ୍ଧ (more inglorious)। ତେଣୁ ମୁର୍ କହୁଛନ୍ତି ଯେ ଯୁଦ୍ଧ ଦ୍ୱାରା ମଣିଷ ଯେଉଁ ଗୌରବ ହାସଲ କରିବା କଥା ଭାବେ ତାହା ଅତ୍ୟନ୍ତ ନିନ୍ଦନୀୟ ଏକ ବିକୃତ ମାନସିକତାଯୁକ୍ତ କାର୍ଯ୍ୟ। ବହୁ ଲୋକ ଏହି ଯୁଦ୍ଧରେ କେମିତି ନିହତ ହୁଅନ୍ତି ବା କେମିତି କ୍ଷତବିକ୍ଷତ ବିକଳାଙ୍ଗ ହୁଅନ୍ତି; ଏହି ଯୁଦ୍ଧ ଦ୍ୱାରା ଭୟ ଏବଂ ବିପଦ ସଞ୍ଚାର ହୁଏ; ଏଥିରେ କେମିତି ଆବାଳବୃଦ୍ଧବନିତା ନାହିଁ ନଥିବା କଦର୍ଥନାର ଶିକାର ହୁଅନ୍ତି; ଯୁଦ୍ଧ ଦ୍ୱାରା କିଭଳି ଦୁଃଖ, ଦୈନ୍ୟ ଏବଂ ଅପରାଧ ବୃଦ୍ଧି ପାଏ; ସୈନିକମାନେ କିଭଳି ଦେଶର ନରହନ୍ତା ଏହିଭଳି ବିବିଧ ପ୍ରସଙ୍ଗ ଏହି ୟୁଟୋପିଆ ଗ୍ରନ୍ଥରେ ସ୍ଥାନିତ। ତେବେ ୟୁଟୋପିଆବାଦୀମାନେ ଯୁଦ୍ଧକୁ ଘୃଣା କରନ୍ତି; ପ୍ରତ୍ୟାଖ୍ୟାନ ମଧ୍ୟ କରନ୍ତି। ଯୁଦ୍ଧରେ ଜିତିବାକୁ ସେମାନେ ଏକ ପାଶବିକ ତାକତ ବୋଲି ଭାବନ୍ତି। ଅହଂକାରୀଭାବେ ଅନ୍ୟର

ଜୀବନରେ ଦୁର୍ଭାଗ୍ୟ ସୃଷ୍ଟି କରିବ; କିନ୍ତୁ ଏହା ଠିକ୍ ନୁହେଁ। ସେଥିପାଇଁ ମୁର୍ 'ୟୁଟୋପିଆ' ଗ୍ରନ୍ଥର ବିଭିନ୍ନ ଅଧ୍ୟାୟରେ ରାଜାମାନେ କେମିତି ଭଲ ଭାବେ ପ୍ରଜାମାନଙ୍କୁ ଶାସନ କରିବା ଉଚିତ ତାହା କହିଛନ୍ତି। ଅନ୍ୟ ରାଜ୍ୟ ଉପରେ କର୍ତ୍ତୃତ୍ୱ ଜାହିର୍ କରିବାର ଆସକ୍ତିକୁ ପରିହାର କରିବା ପାଇଁ କହିଛନ୍ତି। ତାଙ୍କ ମତରେ ଜଣେ ରାଜାଙ୍କୁ ଯେଉଁ ରାଜ୍ୟ ମିଳିଥାଏ ତାହା ସେହି ରାଜାଙ୍କ ପାଇଁ ଯଥେଷ୍ଟ। ଏ କଥା ଉପଲବ୍ଧି କଲେ ଆଉ କ୍ଷୟକ୍ଷତି, ରକ୍ତପାତ, ଧନଜୀବନ ନଷ୍ଟ ହେବ ନାହିଁ। ତେଣୁ ଯୁଦ୍ଧତତ୍ତ୍ୱର ଯେଉଁ ଗୋପନୀୟ ଅଭିସନ୍ଧି ରହିଛି ତାହାକୁ ଅତି ସୁନ୍ଦର ଭାବରେ ମୁର୍ ତାଙ୍କ ୟୁଟୋପିଆ ଗ୍ରନ୍ଥରେ ବର୍ଣ୍ଣନା କରିଛନ୍ତି। ଏଠାରେ ୟୁଟୋପିଆବାଦ ବା ରାମରାଜ୍ୟବାଦ ସମ୍ପର୍କରେ ଏତେ କଥା କହିବାର ଗୋଟିଏ ଭିନ୍ନ ଉଦ୍ଦେଶ୍ୟ ରହିଛି। ସେହି ଉଦ୍ଦେଶ୍ୟଟି ହେଉଛି ମନୋରଞ୍ଜନ ଦାସଙ୍କ 'ନନ୍ଦିକା କେଶରୀ' ନାଟକରେ ଏହି ଯୁଦ୍ଧତତ୍ତ୍ୱ ବା ଯୁଦ୍ଧବାଦ ବା ଡେଷ୍ଟୋପିଆନିଜ୍ମ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି ରାଜକୁମାରୀ ନନ୍ଦିକା। ତେଣୁ ସେ ପ୍ରସଙ୍ଗରେ ପରେ ଆଲୋଚନା କରାଯିବ। 'ୟୁଟୋପିଆ'ରେ ଯାହା କୁହାଯାଏ, ତାହାର ଠିକ୍ ବିପରୀତ ପାଶ୍ୱର୍ର କଥା କହେ ଡେଷ୍ଟୋପିଆ (Dystopia)। ଏହା ହେଉଛି ମଧ୍ୟ ଏକ କଳ୍ପନାପ୍ରସୂତ ରାଜ୍ୟ ବା ସମାଜ ବା ରାଷ୍ଟ୍ର ସମ୍ବନ୍ଧୀୟ ବ୍ୟବସ୍ଥା; ଯେଉଁଠାରେ ଭୟଙ୍କର ଯନ୍ତ୍ରଣା, ବର୍ବରତାଯୁକ୍ତ ଅବିଚାର, ଅନ୍ୟାୟ, ଅତ୍ୟାଚାର, ଯାହା ଏକ ଭୟଙ୍କର ବା ବିକଟାଳ ମହାପ୍ରଳୟ ଆଡ଼କୁ ଏ ସୃଷ୍ଟିକୁ ନେଇଯାଏ- ତାହାକୁ ହିଁ ବୁଝାଏ। ଏହି ପ୍ରବନ୍ଧରେ ଯେଉଁ ଯୁଦ୍ଧବାଦର କଥା କୁହାଯାଉଛି ତାହା ହେଉଛି ଏମିତି ଏକ ମାନସିକତା ଯେଉଁ ମାନସିକତାର ଶିକାର ଆଜି ହେଇଛନ୍ତି ବିଭିନ୍ନ ସଭ୍ୟ ଶିକ୍ଷିତ ଦେଶସମୂହ। ସୃଷ୍ଟିର ଆଦିମ କାଳରୁ ଆଜି ପର୍ଯ୍ୟନ୍ତ ଅନେକ ଯୁଦ୍ଧ, ରକ୍ତପାତ ସଂଘଟିତ ହୋଇଛି। ତେଣୁ ପ୍ରତ୍ୟେକ ଯୁଦ୍ଧ ସଂଘଟନ ପଶ୍ଚାତରେ ମଣିଷର ନାରକୀୟ ବର୍ବରତା ହିଁ କାର୍ଯ୍ୟ କରୁଥାଏ। ସେଥିପାଇଁ କାର୍ଲ ମାର୍କ୍ସ ତାଙ୍କ materialstic interpretation of history ବା ଇତିହାସର ବସ୍ତୁକୈନ୍ଦ୍ରିକ ବ୍ୟାଖ୍ୟାନରେ କହନ୍ତି- "ଏପର୍ଯ୍ୟନ୍ତ ଯେତେ ଯୁଦ୍ଧ ପ୍ରଭୃତି ନାରକୀୟ କାଣ୍ଡ ଏ ପୃଥିବୀରେ ଘଟିଛି- ସେ ସବୁର ପଶ୍ଚାତରେ ବସ୍ତୁବାଦୀ ଲାଳସା ହିଁ ମଣିଷକୁ ସେଭଳି କାର୍ଯ୍ୟ କରିବା ପାଇଁ ପ୍ରରୋଚିତ କରିଛି।" ସେଥିପାଇଁ ସେ ଇତିହାସକୁ ବସ୍ତୁବାଦୀ ଦୃଷ୍ଟିରୁ ବ୍ୟାଖ୍ୟା କରିଥିଲେ। ତେବେ ଯୁଦ୍ଧବାଦରେ ଆମେ ଏହିସବୁ ପ୍ରସଙ୍ଗ ଦେଖିବାକୁ ପାଉ। ଯୁଦ୍ଧକୁ ନୈତିକତା ଦୃଷ୍ଟିରୁ କିଛି ଲୋକ ବିଚାର କରି ତାହାକୁ ଯଥାର୍ଥ ବୋଲି ଜ୍ଞାନ କରନ୍ତି। ତାକୁ ଏକ ସତ୍ୟ ଭାବରେ ଗ୍ରହଣ କରନ୍ତି। ସେମାନେ କହନ୍ତି ଯୁଦ୍ଧ ଆବଶ୍ୟକ; କିନ୍ତୁ ନନ୍ଦିକା ପରି ଚରିତ୍ରମାନେ (ଯେଉଁ ନନ୍ଦିକା ହୋଇପାରେ ଚାଷୀର ଝିଅ ବା ହୋଇପାରେ ସାମନ୍ତର କନ୍ୟା, ହୋଇପାରେ ରାଜାର ଦୁଲାଳୀ ବା ହୋଇପାରେ ତମ ଆମ ଭିତରେ ବଞ୍ଚୁଥିବା ଏକ ସାଧାରଣ ନାରୀ) ଯୁଦ୍ଧ ପରିବର୍ତ୍ତେ ଶାନ୍ତି ଚାହାନ୍ତି। ସେଥିପାଇଁ ଯୁଦ୍ଧବାଦର ଠିକ୍ ବିପରୀତ ମେରୁରେ ଶାନ୍ତିବାଦ ରହିଛି। ଶାନ୍ତିବାଦକୁ ଇଂରାଜୀରେ Pacifism କୁହାଯାଏ। ତେଣୁ ଶାନ୍ତିବାଦୀମାନେ ବିଶ୍ୱାସ କରନ୍ତି ଯେ ଯୁଦ୍ଧ ଏବଂ ହିଂସା ଏ ଦୁଇଟି ଆଦୌ ଅଗର୍ହିତ ନୁହେଁ। ଏ ଦୁଇଟି ଆଦୌ ବିଚାରଯୋଗ୍ୟ ନୁହେଁ। ଏ କଥା 'ୟୁଟୋପିଆ'ରେ ମଧ୍ୟ ବର୍ଣ୍ଣନା ହୋଇଥିବାର ଲକ୍ଷ୍ୟ କରାଯାଏ। 'ନନ୍ଦିକା କେଶରୀ' ନାଟକରେ ଯେଉଁ ନନ୍ଦିକା ଚରିତ୍ର ଜଣକ ରହିଛନ୍ତି, ସେ ହେଉଛନ୍ତି ରାଜକୁମାରୀ ନନ୍ଦିକା। ସୁବର୍ଣ୍ଣ କେଶରୀଙ୍କ କନ୍ୟା ନନ୍ଦିକାଙ୍କୁ ଆଧାର କରି ଓଡ଼ିଆ ସାହିତ୍ୟରେ ଏ ପର୍ଯ୍ୟନ୍ତ ଚାରୋଟି ରଚନା ଆମେ ଦେଖିବାକୁ ପାଉ। ପ୍ରଥମଟି ହେଉଛି ରାଧାନାଥଙ୍କର 'ନନ୍ଦିକେଶ୍ୱରୀ' କାବ୍ୟ, ଦ୍ୱିତୀୟଟି ହେଉଛି ଅଶ୍ୱିନୀ କୁମାର ଘୋଷଙ୍କ 'କେଶରୀ ଗଙ୍ଗ' ନାଟକ, ତୃତୀୟଟି ହେଉଛି ସଚ୍ଚି ରାଉତରାୟଙ୍କ 'ଅସମାପିକା' ଦୀର୍ଘ କବିତା ଏବଂ ଚତୁର୍ଥଟି ହେଉଛି ମନୋରଞ୍ଜନ ଦାସଙ୍କ 'ନନ୍ଦିକା କେଶରୀ' ନାଟକ। ତେବେ ପ୍ରଥମ ରଚନା 'ନନ୍ଦିକେଶ୍ୱରୀ' କାବ୍ୟ ସମ୍ପର୍କରେ ନଟବର ସାମନ୍ତରାୟ ତାଙ୍କ 'ଓଡ଼ିଆ ସାହିତ୍ୟର ଇତିହାସ' ଗ୍ରନ୍ଥରେ ୨୮୩ ପୃଷ୍ଠାରେ କହୁଛନ୍ତି ଯେ 'ରାଧାନାଥ ରାୟ କେବଳ ମିଥ୍ୟାର ଏକ ମନୋଜ୍ଞ ଆବରଣ ମାଧ୍ୟମରେ ସମଗ୍ର କାବ୍ୟକୁ ମଞ୍ଜୁଳ କରିଛନ୍ତି। ସୁବର୍ଣ୍ଣ କେଶରୀରଙ୍କ ସହ ମନ୍ତ୍ରୀ ବାସୁଦେବଙ୍କ ମନୋମାଳିନ୍ୟ, ବାସୁଦେବଙ୍କ ସାହାଯ୍ୟରେ ଚୋଡ଼ଗଙ୍ଗଦେବଙ୍କ ଓଡ଼ିଶା ଆକ୍ରମଣ ଓ ରାଜ୍ୟାଧିକାର- ଷ୍ଟାର୍ଲିନ ସାହେବଙ୍କ ଓଡ଼ିଶା ଇତିହାସର ଏତିକି ଉପାଦାନ ଥିଲା ରାଧାନାଥଙ୍କ ପକ୍ଷରେ ସେହି ମିଥ୍ୟା ପ୍ରତିଷ୍ଠାର ପ୍ରଧାନ ଅବଲମ୍ବନ। କେଶରୀ ରାଜବାଳା ନିଜେ ନନ୍ଦିକା ଓ ତାର ପ୍ରେମ ବିଶ୍ୱାସ, ଚୋଡ଼ଗଙ୍ଗଦେବଙ୍କ ପ୍ରତି ତା'ର ଅନୁରକ୍ତି, ପିତା ସୁବର୍ଣ୍ଣକେଶରୀଙ୍କ ପ୍ରାଣତୁଲ୍ୟ ଜୈତ୍ରମଣି ଅପହରଣ କରି ନିର୍ଜନ ରାତ୍ରିରେ ଚୋଡ଼ଗଙ୍ଗଙ୍କଠାରେ ପ୍ରେମ ଭିକ୍ଷା, ପରିଶେଷରେ ପ୍ରତ୍ୟାଖ୍ୟାନ ଓ ନନ୍ଦିକାର ମୃତ୍ୟୁ- ଏ ସବୁ ସଂପୂର୍ଣ୍ଣ ଅନୈତିହାସିକ ଘଟଣା/ସ୍ଥୂଳତଃ 'ନନ୍ଦିକେଶ୍ୱରୀ' କାବ୍ୟର ବିଷୟବସ୍ତୁ ହେଉଛି (କ) ଇତିହାସର କେତେକ

ଉପାଦାନ (ଖ) ଚୁଡ଼ଙ୍ଗ ଦହ ଓ ସୁବର୍ଣ୍ଣପୁର ନାମର ନବୀକରଣ (ଗ) କବିତାର ପ୍ରଥମ ଭାଗରେ ଥିବା ସୈନ୍ୟ ସମାବେଶ; ଚଣ୍ଡୀ ପ୍ରସାଦରେ ଜୈତ୍ରମଣିଲାଭ; ଚୋଡ଼ଗଙ୍ଗଙ୍କ ତପସ୍ୟା ଓ ଗଙ୍ଗାଙ୍କ ଠାରୁ ବର ଲାଭ; ଦ୍ୱିତୀୟ ଭାଗରେ ଥିବା ପ୍ରେମ ଆକାଂକ୍ଷା ଓ ମୃତ୍ୟୁ- ଏ ସମସ୍ତ ବିଦେଶୀ ସାହିତ୍ୟରୁ ଆହୃତ। ପ୍ରେମିକା ନନ୍ଦିକାର ଜୀବନ ଚରିତ୍ର ଏକମାତ୍ର କାବ୍ୟ ଉପଯୋଗୀ ଉପାଦାନ ଓ ଏହାରି ପ୍ରତି ରାଧାନାଥ ଯେ ପ୍ରଥମେ ଆକୃଷ୍ଟ ହୋଇଥିବେ, ଏଥିରେ ସନ୍ଦେହ ନାହିଁ। ଇତିହାସକୁ ନୂତନ ରୂପ ଦେବା ଓ ସ୍ଥାନ ବିଶେଷକୁ ନୂତନ ଅର୍ଥରେ ବିନିଯୋଗ କରିବା- କାବ୍ୟ ସୃଷ୍ଟିର ଏ ଦୁଇଟି କୌଶଳ ରାଧାନାଥ ପ୍ରଥମଥର ପାଇଁ ଏହି କୃତିରେ ପରୀକ୍ଷା କରିଛନ୍ତି। 'ନନ୍ଦିକା କେଶରୀ' ନାଟକ ୧୯୮୫ ମସିହାରେ ପ୍ରଥମେ ପ୍ରକାଶ ପାଏ। ଏହି ନାଟକର ଶେଷ ଆଡ଼କୁ 'ନନ୍ଦିକା କେଶରୀ' ସମ୍ପର୍କରେ ଯେଉଁ ଅଭିମତଟି ମନୋରଞ୍ଜନ ଦାସଙ୍କର ରହିଛି ସେଥିରେ ସେ ଇତିହାସ ସହିତ କିମ୍ବଦନ୍ତୀକୁ ମିଶାଇ ଏହି ନାଟକକୁ ରଚନା କରିଛନ୍ତି ବୋଲି କହିଛନ୍ତି। ତେବେ ଏହି ନାଟକରେ ନନ୍ଦିକା ଜୈତ୍ରମଣି ନେଇ ଚୋଡ଼ଗଙ୍ଗଦେବଙ୍କ ଶିବିରରେ ଉପସ୍ଥିତ ହୋଇ ତାଙ୍କ ପ୍ରଣୟ ଭିକ୍ଷା କରି ଶେଷରେ ଚୋଡ଼ଗଙ୍ଗଦେବଙ୍କ ଦ୍ୱାରା ପ୍ରଣୟ ପ୍ରତ୍ୟାଖ୍ୟାତା ହୋଇ- ଲଜ୍ଜା ଓ ଅନୁଶୋଚନାରେ କିଭଳି ହୀରାମୁଦି ମୁହଁରେ ଲଗାଇ ଆତ୍ମହତ୍ୟା କରିଥିଲେ- ସେହି କଥା କହିନାହାନ୍ତି ନାଟ୍ୟକାର ମନୋରଞ୍ଜନ ଦାସ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଟି ହେଉଛି ଯେ ମନୋରଞ୍ଜନ ଦାସ କହୁଛନ୍ତି "ମୋଟ ଉପରେ ନନ୍ଦିକାଙ୍କ ସମ୍ପର୍କରେ ଯେତେ କିମ୍ବଦନ୍ତୀ ବା ପ୍ରବାଦ ଅଛି, ତାହା ଅନ୍ୟ କୌଣସି ଉଦ୍ଦେଶ୍ୟରେ ନୁହେଁ... କେବଳ ପ୍ରଣୟ ପ୍ରାର୍ଥିନୀ ହୋଇ ନନ୍ଦିକା ପିତୃଗୃହ ଛାଡ଼ି ଯାଇଥିଲେ ଶତ୍ରୁ ଚୋଡ଼ଗଙ୍ଗଦେବଙ୍କ ଶିବିରକୁ... ଆଉ ସେଠାରେ ସେ ହୋଇଥିଲେ ଚୋଡ଼ଗଙ୍ଗଦେବଙ୍କ ଦ୍ୱରା ପ୍ରତ୍ୟାଖ୍ୟାତା। ଏ ନାଟକରେ କିମ୍ବଦନ୍ତୀର ଏହି କେନ୍ଦ୍ରବିନ୍ଦୁକୁ ସ୍ୱୀକାର କରାଯାଇନାହିଁ... ଏବଂ ତାହା ହିଁ ହେଉଛି 'ନନ୍ଦିକା କେଶରୀ'ର ବିଶ୍ଳେଷଣ" (ପୃଷ୍ଠା-୯୬)। ଏହି ପ୍ରବନ୍ଧରେ ଯେଉଁ ଶାନ୍ତିବାଦ ବା ରାମରାଜ୍ୟ ପ୍ରସଙ୍ଗ ଇତ୍ୟାଦିର କଥା କୁହାଯାଇଛି ସେହି ପ୍ରସଙ୍ଗ ସହିତ ମନୋରଞ୍ଜନ ଦାସଙ୍କର ବକ୍ତବ୍ୟର ସିଧାସଳଖ ସମ୍ପର୍କ ରହିଛି। ତାହା ହେଉଛି ୧୯୮୨ ମସିହାରେ ସେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ସାଂସ୍କୃତିକ ବିଭାଗ ପକ୍ଷରୁ ଗୋଟିଏ ସିନିୟର ଫେଲୋସିପ ପାଇ ଯେତେବେଳେ ପୋଲାଣ୍ଡର ରାଜଧାନୀ ୱାର୍ସୋରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ସେତେବେଳେ ଏକ ବିଶିଷ୍ଟ ସାଂସ୍କୃତିକ ପତ୍ରିକାର ପ୍ରତିନିଧି ମନୋରଞ୍ଜନ ଦାସଙ୍କର ସାକ୍ଷାତକାର ନେଇଥିଲେ। ସେହି ସାକ୍ଷାତକାର ସମୟରେ ସାମ୍ବାଦିକ ଜଣକ ପଚାରିଥିଲେ "ବିଶ୍ୱର ଏବର... ଏବଂ ସବୁ ସମୟର ବଡ଼ ସଙ୍କଟ ହେଉଛି ଯୁଦ୍ଧ। ଆଣବିକ ଯୁଦ୍ଧ ପାଇଁ ବିଭିନ୍ନ ଦେଶ ପକ୍ଷରୁ ବର୍ତ୍ତମାନ ଯେଉଁ ପ୍ରସ୍ତୁତିମାନ ଚାଲିଛି, ତାହା ଯେକୌଣସି ମୁହୂର୍ତ୍ତରେ ସମଗ୍ର ପୃଥିବୀକୁ ଯୁଦ୍ଧ ଓ ଧ୍ୱଂସ ଆଡ଼କୁ ଟାଣି ନେଇପାରେ। ଏବେ ଶାନ୍ତିର ବାର୍ତ୍ତା.... ଶାନ୍ତିର ଆବଶ୍ୟକତା ଯେ ଅଧିକ ପ୍ରୟୋଜନ ଏଥିରେ ମତଦ୍ୱୈଧ ଥାଇନପାରେ। ଏହି ପରିପ୍ରେକ୍ଷୀରେ ଭାରତର ସାହିତ୍ୟିକ... ବିଶେଷକରି ନାଟ୍ୟକାର.... ଜନସାଧାରଣଙ୍କୁ ଶାନ୍ତିର ବାର୍ତ୍ତା ଦେବା ପାଇଁ, ଶାନ୍ତି ସଚେତନ କରିବା ପାଇଁ ରଚନା ମାଧ୍ୟମରେ କିପରି ଭୂମିକା ଗ୍ରହଣ କରୁଛନ୍ତି ? ସେ ସମ୍ପର୍କରେ ଭାରତୀୟ ସାହିତ୍ୟରେ କି ଲେଖାମାନ ପ୍ରକାଶ ପାଇଛି?"

ଏହି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ମନୋରଞ୍ଜନ ଦାସ 'ନନ୍ଦିକା କେଶରୀ'ର ନବୀନ ବିଶ୍ଳେଷଣ କରିଛନ୍ତି ବୋଲି ଉଲ୍ଲେଖ କରିଛନ୍ତି ଏବଂ ସେହି ବିଶ୍ଳେଷଣଟି ହେଉଛି ନନ୍ଦିକା ଆଉ ପ୍ରଣୟ ନିବେଦନ ପାଇଁ ବା ପ୍ରେମ ନିବେଦନ ପାଇଁ ଶାସକ ଚୋଡ଼ଗଙ୍ଗଙ୍କ ଶିବିରକୁ ଯାତ୍ରା କରିନାହାନ୍ତି। ସେ ଯାତ୍ରା କରିଛନ୍ତି ଏ ଯୁଦ୍ଧଖୋର, ସାମ୍ରାଜ୍ୟଖୋର, ହିଂସାଖୋର, କାମନା ବାସନାସକ୍ତ ବିଶ୍ୱରେ ଶାନ୍ତି ସଂସ୍ଥାପନ ପାଇଁ। ଯୁଦ୍ଧର ସମୂଳ ଲୋପ ପାଇଁ ଏହି ନାଟକରେ ନନ୍ଦିକା ଉଦ୍ୟମ କରିଛନ୍ତି। ତେଣୁ ଏହି ନାଟକରେ ନନ୍ଦିକାକୁ ଶାନ୍ତି ସଂସ୍ଥାପନା ପାଇଁ ଅବିରତ ଆସ୍ପୃହାଶୀଳ ମଣିଷର ଏକ ଚେତନାଭାବେ ଗ୍ରହଣ କରାଯାଇପାରେ। ଯେଉଁ ଚେତନା ଏବେ ବି ଚାହେଁ ଏ ବିଶ୍ୱରୁ ଯୁଦ୍ଧ ଦୂର ହେଉ, ନରସଂହାର ଦୂର ହେଉ। ଏ ବିଶ୍ୱରୁ ବର୍ବରତା ଦୂର ହେଉ। ଏ ବିଶ୍ୱରୁ ଜଘନ୍ୟ ରକ୍ତପାତ ଦୂର ହେଉ। ସମସ୍ତେ ଶାନ୍ତିରେ ବଞ୍ଚନ୍ତୁ। ସମସ୍ତେ ଆନନ୍ଦମୟ ଜୀବନ ଯାପନ୍ତୁ। ସର୍ବତ୍ର ରାମରାଜ୍ୟର ବିସ୍ତାରଣ ଘଟୁ। 'ନନ୍ଦିକେଶ୍ୱରୀ' କାବ୍ୟ ରାଧାନାଥ ରାୟଙ୍କ ଦ୍ୱାରା ୧୮୮୭ରେ ରଚିତ ହୋଇଛି। ତା'ର ଠିକ୍ ଚାଳିଶ ବର୍ଷ ପରେ ରଚିତ ହୋଇଛି 'କେଶରୀ ଗଙ୍ଗ' (୧୯୨୭) ନାଟକ। ତା'ର ଠିକ୍ କୋଡ଼ିଏ ବର୍ଷ ପରେ ରଚିତ ହୋଇଛି ସଚ୍ଚିଦାନନ୍ଦ ରାଉତରାୟଙ୍କ 'ଅସମାପିକା' କବିତା। ଶେଷରେ ୧୯୮୫ ମସିହାରେ 'ନନ୍ଦିକାକେଶରୀ' ନାଟକ ମନୋରଞ୍ଜନ ଦାସଙ୍କ ଦ୍ୱାରା ରଚିତ ହୋଇଛି। ଅର୍ଥାତ୍ ଅସମାପିକା କବିତାଠାରୁ 'ନନ୍ଦିକାକେଶରୀ' ନାଟକ

ପର୍ଯ୍ୟନ୍ତ ସମୟଗତ ବ୍ୟବଧାନ ହେଉଛି ୩୮ ବର୍ଷ। ରାଧାନାଥଙ୍କ 'ନନ୍ଦିକେଶରୀ' କାବ୍ୟଠାରୁ ଆରମ୍ଭ କରି ମନୋରଞ୍ଜନ ଦାସଙ୍କ 'ନନ୍ଦିକା କେଶରୀ' ନାଟକ ପର୍ଯ୍ୟନ୍ତ- ନନ୍ଦିକାକୁ ନେଇ ଯେଉଁ ଯେଉଁ ବକ୍ତବ୍ୟ ବା କଥାବସ୍ତୁ ରହିଛି- ସେଥିରେ କିଛି ନା କିଛି ନବନ୍ୟାସ କରାଯାଇଛି। ତେବେ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ଅଶ୍ୱିନୀ କୁମାର ଘୋଷଙ୍କ 'କେଶରୀ ଗଙ୍ଗ' ନାଟକରେ ବାସୁଦେବଙ୍କ ଦ୍ୱାରା ଯେଉଁ ଯୁଦ୍ଧ ବିରୋଧୀ ସ୍ୱର ଉତ୍ତୋଳିତ ହୋଇଛି ତାହାର ଅନୁରୂପ ସ୍ୱର ଅନୁରଣିତ ହୋଇଛି 'ନନ୍ଦିକାକେଶରୀ' ନାଟକରେ ଚିତ୍ରିତ ହୋଇଥିବା ନନ୍ଦିକା ଚରିତ୍ର ମାଧ୍ୟମରେ। 'ନନ୍ଦିକେଶ୍ୱରୀ' କାବ୍ୟଠାରୁ ଆରମ୍ଭ କରି 'ନନ୍ଦିକା କେଶରୀ' ନାଟକ ପର୍ଯ୍ୟନ୍ତ ଐତିହାସିକ ଚରିତ୍ର ଭାବରେ ସୁବର୍ଣ୍ଣ କେଶରୀ, ବାସୁଦେବ ଏବଂ ଚୋଡ଼ଗଙ୍ଗ ଦେବଙ୍କୁ ଗ୍ରହଣ କରାଯାଇଛି। ତା'ସହିତ କିମ୍ବଦନ୍ତୀ ଚରିତ୍ର ଭାବରେ ନନ୍ଦିକା ଏବଂ ଜୈତ୍ରମଣି ପ୍ରସଙ୍ଗକୁ ତିନୋଟିଯାକ ରଚନାରେ ସ୍ଥାନ ଦିଆଯାଇଛି। 'ନନ୍ଦିକେଶ୍ୱରୀ' କାବ୍ୟରେ ନନ୍ଦିକା ପ୍ରେମଭିକ୍ଷା କରିବାପାଇଁ ପିତାଙ୍କର ଜୈତ୍ରମଣି ଚୋରେଇ ନେଇ ଚୋଡ଼ଗଙ୍ଗଦେବଙ୍କ ନିକଟରେ ଉପଗତ ହୋଇଛି; କିନ୍ତୁ ଚୋଡ଼ଗଙ୍ଗଦେବ ନନ୍ଦିକାଙ୍କୁ "ସେହି କୁଳେ ଜାତ ତୁହି କି ଦୁଃଶୀଳା?" ଏବଂ ଦେଶଦ୍ରୋହୀ, ରାଜଦ୍ରୋହୀ, ପିତୃଦ୍ରୋହୀ ପ୍ରଭୃତି ଅପଭାଷା ପ୍ରୟୋଗ କରି ଗାଳିଗୁଲଜ କରିଛନ୍ତି। ଶେଷରେ ଆତ୍ମକୃତ ପାପ ନନ୍ଦିକାଙ୍କୁ ଏତେ ବିକଟ ମନେ ହୋଇଛି ଯେ ତାଙ୍କର ସମସ୍ତ ମୋହଭାବ ଦୂର ହୋଇଛି ଏବଂ ସେ ହୀରାମୁଦିକୁ ଚୋଷି ପ୍ରାଣ ବିସର୍ଜନ କରିଛନ୍ତି। ନନ୍ଦିକାକୁ ଆଧାର କରି ମନୋରଞ୍ଜନ ଦାସ ଯେଉଁ ନାଟକ ରଚନା କରିଛନ୍ତି ତା'ର ପ୍ରଥମ ନିଦର୍ଶନ କେଶରୀ ଗଙ୍ଗ ନାଟକରେ ରହିଛି। ଅର୍ଥାତ୍ ଯୁଦ୍ଧବିରୋଧୀ ସ୍ୱରର ପ୍ରତ୍ୟକ୍ଷ ପ୍ରତିଫଳନ ଘଟିଛି 'କେଶରୀ ଗଙ୍ଗ' ନାଟକର ଚରିତ୍ର ବାସୁଦେବ ମଧ୍ୟରେ। ବାସୁଦେବ ହେଉଛନ୍ତି ଜଣେ ଜନ ହିତୈଷୀ ଦେଶ ଭକ୍ତ। ସଚ୍ଚା ରାଜଭକ୍ତ ଏବଂ ସକାରାତ୍ମକ ଚରିତ୍ର। ସୁବର୍ଣ୍ଣ କେଶରୀ ମଧ୍ୟ ଜଣେ ସନ୍ତାନବତ୍ସଳ ଚରିତ୍ର ଭାବରେ 'କେଶରୀ ଗଙ୍ଗ' ନାଟକରେ ଚିତ୍ରିତ। ଏହି ନାଟକରେ ହିଂସାର ପ୍ରତିହିଂସା ନେବା; କ୍ଷତ୍ରିୟ ଯେଉଁ ରମଣୀକୁ କାମନା କରେ ତାକୁ ବଳପୂର୍ବକ ବିବାହ କରିବା; ପାଶବିକ ବଳକୁ କ୍ଷତ୍ରିୟମାନେ ପ୍ରଧାନ ବଳ ବୋଲି ଜ୍ଞାନ କରିବା; ଯୁଦ୍ଧ ଦ୍ୱାରା ହିଁ ଅପମାନର ପ୍ରତିଶୋଧ ନେବା; ଯୁଦ୍ଧକୁ କ୍ଷତ୍ରିୟର ଏକମାତ୍ର ଆନନ୍ଦ ବୋଲି ବିବେଚନା କରିବା; ଯୁଦ୍ଧକୁ ମନୁଷ୍ୟର ସାହସ ଓ ବୀରତ୍ୱର ପରିଚୟ ବୋଲି ଘୋଷଣା କରିବା ପ୍ରଭୃତି ପ୍ରସଙ୍ଗ ବର୍ଣ୍ଣନା ପଶ୍ଚାତ୍‌ରେ ସେହି ଡେଷ୍ଟୋପିଆବାଦ ଭିତ୍ତିକ ପ୍ରାସଙ୍ଗିକତା ରହିଛି। ତା'ସହିତ ଯୁଦ୍ଧବାଦ ବା ଯୁଦ୍ଧତତ୍ତ୍ୱର ଦୃଷ୍ଟାନ୍ତ ମଧ୍ୟ ଏହି ପ୍ରସଙ୍ଗରେ ଅନ୍ତର୍ଭୁକ୍ତ। ଅନ୍ୟପଟେ ନନ୍ଦିକା ଏହି 'କେଶରୀ ଗଙ୍ଗ' ନାଟକରେ ଉତ୍କଳ ଏବଂ ଚୋଡ଼ଗଙ୍ଗଦେବଙ୍କ ମଧ୍ୟରେ ଏକ ଶାନ୍ତି ସୌହାର୍ଦ୍ଦ୍ୟପୂର୍ଣ୍ଣ ମୈତ୍ରୀ ବନ୍ଧନର ପ୍ରତିନିଧି ଭାବରେ କାର୍ଯ୍ୟ କରିଛନ୍ତି। ସେ ବି ଯୁଦ୍ଧ ଚାହିଁ ନାହାନ୍ତି। ଏହି ନାଟକରେ ଶାରୀରିକ ବଳକୁ ଆସୁରିକ ବଳ ବୋଲି ବିବେଚନା କରିବା; ରାଜାଙ୍କ ସକାଶେ, ରାଜ୍ୟ ସକାଶେ ଆତ୍ମ ବିସର୍ଜନ କରିବା, ରାଜା ରାଜା ମଧ୍ୟରେ ଶତ୍ରୁତା ନିବାରଣ ପାଇଁ ପ୍ରୟାସ କରିବା; ଯୋଦ୍ଧା ଯୋଦ୍ଧା ମଧ୍ୟରେ ମୈତ୍ରୀ ସ୍ଥାପନ କରିବା ପାଇଁ ଉଦ୍ୟମ କରିବା; କୃତଘ୍ନତା ଏବଂ ବିଶ୍ୱାସଘାତକତା ଭଳି ମାରାତ୍ମକ ଆଚରଣର ନିନ୍ଦା କରିବା ପ୍ରଭୃତି ପଶ୍ଚାତ୍‌ରେ ସେହି ରାମରାଜ୍ୟବାଦ ବା ଶାନ୍ତିବାଦର ସ୍ୱାକ୍ଷର ଅଙ୍କିତ ହୋଇଛି। ଏହି ନାଟକରେ ନନ୍ଦିକା ମୃତ୍ୟୁବରଣ କରିଛନ୍ତି। ନନ୍ଦିକାଙ୍କ ମୃତ୍ୟୁ ପରେ ଚୋଡ଼ଗଙ୍ଗଦେବ ତାଙ୍କ ଭୁଲ୍ ବୁଝିପାରିଛନ୍ତି। ଚୋଡ଼ଗଙ୍ଗଦେବଙ୍କ ମାଆ ମଧ୍ୟ ତାଙ୍କ ଭୁଲ୍ ବୁଝିପାରିଛନ୍ତି; କିନ୍ତୁ ନନ୍ଦିକା ଆଉ ଇହଧାମରେ ନାହାନ୍ତି। ଅଶ୍ୱିନୀ କୁମାର ଘୋଷ 'କେଶରୀ ଗଙ୍ଗ'ରେ ଯେଉଁ ପରିବର୍ତ୍ତନ ଘଟାଇଛନ୍ତି ତା'ର ସିଧାସଳଖ ପ୍ରଭାବ ମନୋରଞ୍ଜନ ଦାସଙ୍କ 'ନନ୍ଦିକାକେଶରୀ'ରେ ପଡ଼ିଛି। ତେବେ ଏଠାରେ 'ନନ୍ଦିକେଶ୍ୱରୀ' ନାମକରଣ ଯେଭଳି 'ନନ୍ଦିକା' ଏବଂ 'ଈଶ୍ୱରୀ' ବା 'ନନ୍ଦିକା' ଏବଂ 'କେଶରୀ' ଶବ୍ଦଦ୍ୱୟର ସନ୍ଧି ମାଧ୍ୟମରେ କେଶରୀ ବଂଶର କନ୍ୟା ଭାବରେ କେଶରୀବାଳା, ନନ୍ଦିକା ପରିଚିତି ଲାଭ କରିଛନ୍ତି, ସେପରି ପରିଚିତି 'ନନ୍ଦିକା କେଶରୀ' ନାଟକରେ ନାହିଁ। ଏଥିରେ 'ନନ୍ଦିକା' ଏବଂ 'କେଶରୀ' ଶବ୍ଦ ଦୁଇଟିକୁ ଅଲଗା ଅଲଗା କରି ନାଟକର ଶୀର୍ଷକ ନିର୍ଣ୍ଣୟ କରାଯାଇଛି। ଏହିଭଳି ସଂରଚନା ପଶ୍ଚାତରେ ନାଟ୍ୟକାର ନନ୍ଦିକାକୁ ଏକ ସ୍ୱୟଂ ସଂପୂର୍ଣ୍ଣ ଚରିତ୍ର ତଥା ଯୁଦ୍ଧ ବିରୋଧୀ ବା ଅଣସାମ୍ରାଜ୍ୟବାଦୀ ଚେତନା ଭାବରେ ତର୍କଣା କରିବା ପାଇଁ ଚେଷ୍ଟା କରିଛନ୍ତି।

ଏଠାରେ 'ନନ୍ଦିକା' ଏବଂ 'କେଶରୀ' ଶବ୍ଦଦ୍ୱୟକୁ ଏକତ୍ର ସଂଯୁକ୍ତ ବା ସନ୍ଧି ନକରିବାର ଅର୍ଥ ହେଉଛି ନନ୍ଦିକାକୁ ଏକ ଅବସ୍ଥା ବା ଏକ ସ୍ୱତନ୍ତ୍ର ସତ୍ତା (state of being) ଭାବରେ ବିଚାର କରିବା ସହିତ ରାଷ୍ଟ୍ରୀୟ ଚେତନା ବା ଅବସ୍ଥାରେ ପରିବର୍ତ୍ତନ ପାଇଁ ଏକ ଆତ୍ମତ୍ୟାଗୀ ନିଯୋଜିକା ଭାବରେ ନନ୍ଦିକାକୁ ଉପସ୍ଥାପିତ କରିବା। ନାଟ୍ୟକାର ମନୋରଞ୍ଜନ ଦାସଙ୍କ ଭାଷାରେ "ଏହି ନାଟକ ମାଧ୍ୟମରେ

ଐତିହାସିକ ଘଟଣାବଳୀର ସମୟ ନିର୍ଦ୍ଧାରଣ କରିବା ଲକ୍ଷ୍ୟ ନୁହେଁ। ମୋଟାମୋଟି ଭାବରେ ଏହା କୁହାଯାଇପାରିବ ଯେ, ଦ୍ୱାଦଶ ଶତକର ପ୍ରଥମ ଭାଗରେ ଚୋଡ଼ଗଙ୍ଗଦେବ କଳିଙ୍ଗରୁ ଆସି ଉତ୍କଳ ଆକ୍ରମଣ କରିଥିଲେ ଏବଂ ସେହି ଆକ୍ରମଣର ଏକ ଅଂଶବିଶେଷ ହେଉଛି ଏହି ନାଟକର ଘଟଣାବଳୀ ।" (ପୃଷ୍ଠା-୯୪)

କିମ୍ବଦନ୍ତୀ ଅନୁସାରେ ନନ୍ଦିକା ପ୍ରଣୟ ପ୍ରାର୍ଥିନୀ ହୋଇ ପିତାଙ୍କ ଗୃହ ଛାଡ଼ି ଚୋଡ଼ଗଙ୍ଗଦେବଙ୍କ ଶିବିରକୁ ଯାଇଥିଲେ। ସେଠାରେ ଚୋଡ଼ଗଙ୍ଗଦେବଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହେବା ପରେ ସେ ମୃତ୍ୟୁବରଣ କରିଥିଲେ। ଏଇ ପ୍ରଣୟ ନିବେଦନ ଏବଂ ପ୍ରତ୍ୟାଖ୍ୟାନ ଏହି ନାଟକର କେନ୍ଦ୍ରବିନ୍ଦୁ ନୁହେଁ। ଏହାକୁ କିମ୍ବଦନ୍ତୀର ଉତ୍ସ ଭାବରେ ଏଠାରେ ସ୍ୱୀକାର କରାଯାଇନାହିଁ; ବରଂ ଏହି କିମ୍ବଦନ୍ତୀର ଏକ ପ୍ରତିବିନ୍ୟାସ ସ୍ୱରୂପ 'ନନ୍ଦିକା କେଶରୀ'ରେ ନନ୍ଦିକାର ମନୋଭାବକୁ ନାଟ୍ୟକାର ବିଶ୍ଳେଷଣ ତଥା ପ୍ରତିଷ୍ଠା ଦେବା ପାଇଁ ଚେଷ୍ଟା କରିଛନ୍ତି। ଯୁଦ୍ଧବାଦୀମାନେ ସର୍ବଦା ଯୁଦ୍ଧ ଲୋଡ଼ନ୍ତି। ସେମାନେ ଧର୍ମ ନାଁରେ, ରାଷ୍ଟ୍ର ନାଁରେ, ରାଜତନ୍ତ୍ର ନାଁରେ ଯୁଦ୍ଧକୁ ଜୀବନର ମୂଳମନ୍ତ୍ର ବୋଲି ଜ୍ଞାନ କରନ୍ତି। ସେମାନେ ପ୍ରତିଶୋଧ ପରାୟଣ ହୁଅନ୍ତି। ପ୍ରତିହିଂସା ପରାୟଣ ହୁଅନ୍ତି। ଏଭଳିକି ପ୍ରଜାମାନଙ୍କୁ ନିର୍ମମ ପ୍ରତିଶ୍ରୁତି ଦେଇ ରକ୍ତପାତ ଘଟାଇ ସେଥିରେ ଏକ ପାଶବିକ ଆନନ୍ଦପ୍ରାପ୍ତ ହୁଅନ୍ତି; କିନ୍ତୁ ଯେଉଁମାନେ ୟୁଟୋପିଆନିଷ୍ଟ ବା ରାମରାଜ୍ୟବାଦୀ ଚିନ୍ତନର ସୂତ୍ରଧର- ସେମାନେ ଯୁଦ୍ଧ ବଦଳରେ ଶାନ୍ତି କାମନା କରନ୍ତି। ସେମାନେ ଡେଷ୍ଟୋପିଆନିଷ୍ଟ ଭଳି ଧ୍ୱଂସ ଚାହାନ୍ତି ନାହିଁ। ସେମାନେ କହନ୍ତି, "ପାଇଲେ ସୁବିଧା ସବୁ ବଦଳାଇ ଦେବା/ ଭବିଷ୍ୟତର ଇତିହାସ ନୂତନ ରଚିବା/ରାମରାଜ୍ୟ ଆଣି ଦେବା ଅନ୍ଧକାର ପରେ/ଆଲୋକ ଭସାଇ ଦେବା ପ୍ରତି ଘରେ ଘରେ/ଡରାଇ ଶାସିବା ନୀତି ବଦଳାଇ ଦେବା/ ପ୍ରଜାକୁଳ ମୁଖେ ଆମେ ହସ ଫୁଟାଇବା/ଶାସନରେ ଆଣିଦେବା ଅଭିନବ କ୍ରାନ୍ତି/ପ୍ରଗତିର ହାତ ଧରି ବିରାଜିବ ଶାନ୍ତି"। (ନନ୍ଦିକା କେଶରୀ: ପୃଷ୍ଠା-୨୫)

ସେଥିପାଇଁ ନନ୍ଦିକା ନିଜ ପିତା ସୁବର୍ଣ୍ଣ କେଶରୀଙ୍କର କଳଙ୍କିତ ଏକନାୟକ ସାମ୍ରାଜ୍ୟର ବିଲୋପ ପାଇଁ ଏକ ମାନବଧର୍ମୀ ରାଜତ୍ୱର ପ୍ରତିଷ୍ଠା ପାଇଁ ବାସୁଦେବଙ୍କ ସହିତ ହାତ ମିଳାଇ ଚୋଡ଼ଗଙ୍ଗଦେବଙ୍କ ଶିବିରକୁ ଯିବା ପାଇଁ ଚେଷ୍ଟା କରିଛନ୍ତି। ସେ ଭାବିନେଇଛନ୍ତି- "ହିଂସାର ଉର୍ଦ୍ଧ୍ୱରେ ଯେଉଁ ଦେବତାର ସ୍ଥାନ, ମାନବିକତାର ପରିପ୍ରକାଶ ଯେଉଁ ଆରାଧନାର ଲକ୍ଷ୍ୟ, ତାରି ଅନୁଗାମୀ ହେଉଛନ୍ତି ଚୋଡ଼ଗଙ୍ଗଦେବ ।" (ପୃଷ୍ଠା-୭୬)

ସେ ପୁଣି ଭାବି ନେଇଛନ୍ତି ସୁଦୂର କଳିଙ୍ଗ ନଗର ଛାଡ଼ି ଉତ୍କଳ ଆକ୍ରମଣ ପାଇଁ ଯେଉଁ ଚୋଡ଼ଗଙ୍ଗ ଆସିଛନ୍ତି, ଯୁଦ୍ଧ ଅଭିଯାନ ରାଜ୍ୟ ବିସ୍ତାର ତାଙ୍କର ଉଦ୍ଦେଶ୍ୟ ନୁହେଁ; ତେଣୁ ସେ ଯଦି ଉତ୍କଳକୁ ଶାସନ କରନ୍ତି, ତେବେ ସୁବର୍ଣ୍ଣ କେଶରୀଙ୍କ ଘୃଣଖିଆ ଶାସନ ଚାପରେ ଭାଙ୍ଗିପଡ଼ୁଥିବା ଉତ୍କଳ ଦେଶର ଅସୁମାରୀ ଉନ୍ନତି ଘଟିବ। ଏପରିକି ନନ୍ଦିକା ରାଣୀ ଅର୍ଥାତ୍ ତାଙ୍କ ନିଜ ମାଆଙ୍କ ପ୍ରତି ମଧ୍ୟ ଅଭିଯୋଗ ଆଣିଛନ୍ତି। ତା'ଙ୍କ ମାଆଙ୍କୁ ସେ କହିଛନ୍ତି "ତୁମେ ଯେ ଏକ ସ୍ୱତନ୍ତ୍ର ବ୍ୟକ୍ତିସତ୍ତାର, ତୁମର ଯେ ଭଲମନ୍ଦ ଚିନ୍ତା କରିବାର ଅଛି, ସେ କଥା କେବେ ତୁମ ମନକୁ ଆସିନାହିଁ। ରାଜନବରର ବିଳାସ ବ୍ୟସନ... କିପରି ସୁଖରେ ରହିବ, କିପରି ରାଜ୍ୟର ସବୁ ସମ୍ପଦ, ଭୋଗ, ଐଶ୍ୱର୍ଯ୍ୟ ପାଇଁ ଠୁଳ ହେବ, ସେୟା ହିଁ ରହିଛି ତୁମର ଏକମାତ୍ର କାମନା। ଛାଇ ପରି ସବୁଦିନ ତୁମେ ରହିଆସିଛ ବାପାଙ୍କ ପାଖେ ପାଖେ। ତୁମେ ରାଜ ସିଂହାସନର ଏକ ପ୍ରତିଧ୍ୱନି ମାତ୍ର! ତୁମର ଏସବୁ ବୁଝି ଲାଭ କ'ଣ?" ଏଠାରେ ନନ୍ଦିକା ଯେଉଁଭଳି ଭାବେ ପ୍ରଶ୍ନଶୀଳା ସେଥିରେ ସେହି ଶାନ୍ତିବାଦ ବା ୟୁଟୋପିୟାନିଜିମ୍‌ର ପ୍ରଭାବ ପଡ଼ିଛି। ନନ୍ଦିକା ଚାହାନ୍ତି ସାଧାରଣ ମଣିଷର କଥା... ଜୀବନର କଥା ସହିତ ସମକାଳ ହେବା ପାଇଁ। ସେଥିପାଇଁ ସେ କାଳିଆ, ପଞ୍ଚୁଆ ସହ ମିଶି ନାଚିଛନ୍ତି, ଗୀତ ଗାଇଛନ୍ତି, ଖେଳିଛନ୍ତି। ନନ୍ଦିକାଙ୍କ ଶାନ୍ତିକାମୀ ମାନସିକ ଚେତନା ଦ୍ୱାରା କାଳିଆ, ପଞ୍ଚୁଆ ଭୀଷଣ ଭାବେ ପ୍ରଭାବିତ ହୋଇଛନ୍ତି। ଏମିତିକି ସେମାନେ ଚୋଡ଼ଗଙ୍ଗ ଦେବଙ୍କ ସୈନ୍ୟ ଶିବିରରେ ପ୍ରବେଶ କରି 'ମଣିଷ ମଣିଷ ଭାଇ; ଅହିଂସା ପରମ ଧର୍ମ' ଆଦି ଧାରଣା ସୃଷ୍ଟି କରେଇଛନ୍ତି। ତଦ୍ୱାରା ଚୋଡ଼ଗଙ୍ଗ ଦେବଙ୍କର ସୈନ୍ୟମାନେ ଯୁଦ୍ଧ ନ କରିବାକୁ କ୍ରମଶଃ ଅବଗତ ହେବାରେ ଲାଗିଛନ୍ତି। ଚୋଡ଼ଗଙ୍ଗ ଦେବଙ୍କୁ ନନ୍ଦିକା ଏକ ନୂତନ ରାଷ୍ଟ୍ର ବ୍ୟବସ୍ଥା ପାଇଁ- "ଯେଉଁଠି ରାଜତନ୍ତ୍ର କଳଙ୍କ ନଥିବ... ଯେଉଁଠି ମାନବିକତାର ଚେତନାରେ ପ୍ରଜାକୁଳର ହେବ ସାମୁହିକ ବିକାଶ.... ଯେଉଁଠି ରହିବ ନାହିଁ ଶୋଷିତ ଆଉ ଶୋଷକ... କ୍ଷମତାର ଶକ୍ତି ଯେଉଁଠି ଶାସନର ଦ୍ୱାହି ଦେଇ ନିରସ୍ତ୍ର, ନିରୀହକୁ, ଦୁର୍ବଳକୁ, ନିଃସ୍ୱକୁ କରିବନି ଭୟ ଶଙ୍କିତ...। ଆଃ! କି ସୁନ୍ଦର ହେବ ମୋର ଆଜୀବନ ବାଞ୍ଛା.... ସ୍ୱପର ସେହି ଅଭ୍ୟର୍ଥନାରେ ସମଗ୍ର ନଗରବାସୀ.... ବିଶ୍ୱାସ କରନ୍ତୁ.... ସମସ୍ତ ନଗରବାସୀ ଉଚ୍ଛ୍ୱସିତ ପୁଲକରେ ଉନ୍ମତ୍ତ ହୋଇ ଉଠିବେ। ପାଛୋଟି ନେବେ ଆପଣଙ୍କୁ ସ୍ୱୟଂ ବିଭୂଷିତ କେଶରୀ ସିଂହାସନକୁ।"

(ପୃଷ୍ଠା: ୬୬-୬୭) ବୋଲି କହିଛନ୍ତି; କିନ୍ତୁ ଡେଷ୍ଟୋପିୟା ବା ଯୁଦ୍ଧବାଦ ଦ୍ୱାରା ପ୍ରଭାବିତ ତଥା ପରିଚାଳିତ ହୋଇ ଆସୁଥିବା ଚୋଡ଼ଗଙ୍ଗଙ୍କ ଭିତରେ ଏହି ଯୁଦ୍ଧ ବିରୋଧୀ ସ୍ୱର କ୍ରିୟାଶୀଳ ହୋଇପାରିନାହିଁ। "ବିନାଶକ୍ତି ପରିଚୟରେ ରାଜ୍ୟ ଶାସନ କ'ଣ ସମ୍ଭବ?" ବୋଲି ଚୋଡ଼ଗଙ୍ଗଦେବ ନନ୍ଦିକାକୁ ପ୍ରଶ୍ନ କରିଛନ୍ତି। ପୁଣି ପ୍ରଶ୍ନ କରିଛନ୍ତି- "ବିନା ଯୁଦ୍ଧରେ କ'ଣ ଦେଶବାସୀ ତାଙ୍କୁ ସ୍ୱୀକାର କରିବେ? ଏହା ସମ୍ଭବ ନୁହେଁ ।" ତେଣୁ ଚୋଡ଼ଗଙ୍ଗ ଦେବ କହିଛନ୍ତି "ପ୍ରଜାକୁଳ ଚିରଦିନ ପୂଜା କରିଛି ଶକ୍ତିକୁ/ଶଶିତ ଚିରଦିନ ଗ୍ରହଣ କରିଛି ଶକ୍ତିର ଅଭିଯାନକୁ" -ଯେତେବେଳେ ଚୋଡ଼ଗଙ୍ଗଦେବ ଏବଂ ନନ୍ଦିକା ମଧ୍ୟରେ ଏଭଳି ବାଦାନୁବାଦ ଘଟିଛି ସେତେବେଳେ ନନ୍ଦିକା ହତୋତ୍ସାହ ହୋଇଯାଇଛନ୍ତି। ତେଣୁ ଚୋଡ଼ଗଙ୍ଗଦେବ ବାରମ୍ବାର ଗୋଟିଏ ଶକ୍ତି କିଭଳି ଅନ୍ୟ ଶକ୍ତିକୁ ପରାଜିତ କଲେ ତାକୁ ବିଜୟୀ ଶକ୍ତିର ମାନ୍ୟତା ମିଳେ ସେ କଥା କହିଛନ୍ତି। ତେଣୁ ଚୋଡ଼ଗଙ୍ଗ ଦେବ ଏହାକୁ ଶାସନର ଚିରାଚରିତ ଗତି ଏବଂ ପଦ୍ଧତି ବୋଲି ଧରି ନେଇଛନ୍ତି। ତାଙ୍କ ମତରେ "ସେହି ପରିକଳ୍ପନା ନେଇ ଚୋଡ଼ଗଙ୍ଗ ଆସିଛି ସ୍ଥାପନ କରିବାକୁ ନୂତନ ସାମ୍ରାଜ୍ୟ"। (ପୃଷ୍ଠା:୬୯)

ଏହି ଯେଉଁ ପରିକଳ୍ପନା ଏହାକୁ ଡେଷ୍ଟୋପିୟାନିଜିମ୍ ବା ଯୁଦ୍ଧବାଦ କୁହାଯାଏ- ଯେଉଁଠି ଶାସକ ଯୁଦ୍ଧ ମାଧ୍ୟମରେ, ରକ୍ତପାତ ମାଧ୍ୟମରେ ଶାସନ କରିବାକୁ ଇଚ୍ଛା ପ୍ରକାଶ କରେ। ତା'ପରେ ନନ୍ଦିକାଙ୍କର ସମସ୍ତ ଯୁଦ୍ଧ ବିରୋଧୀ ତଥା ରାମରାଜ୍ୟବାଦୀ ସ୍ୱପ୍ନ ଓଲଟପାଲଟ ହୋଇଯାଇଛି। ତାଙ୍କର ଯେଉଁ ଲକ୍ଷ୍ୟ ଥିଲା, କଳ୍ପନା ଥିଲା, ଆକାଂକ୍ଷା ଥିଲା, ବିଶ୍ୱାସ ଥିଲା- ତାହା ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯାଇଛି। ବାସୁଦେବ ତାଙ୍କୁ ପ୍ରତାରିତ କରିଛନ୍ତି। ତେଣୁ ଶାନ୍ତି ପାଇଁ, ଯୁଦ୍ଧର ଅବସାନ ପାଇଁ ଯେଉଁଭଳି ଭାବରେ ଏକ ନୂତନ ମାନବିକ ସାମ୍ରାଜ୍ୟ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ନନ୍ଦିକା ଜୈତ୍ରମଣି ନେଇ ଚୋଡ଼ଗଙ୍ଗଙ୍କ ଶିବିରକୁ ଆସିଥିଲେ- ତାହା ମାଟିରେ ମିଶିଯାଇଛି। ଯେଉଁ ଉଦ୍‌ଘୋଷ ପ୍ରତ୍ୟେକ ୟୁଟୋପିୟାନିଷ୍ଟମାନେ ତୋଳନ୍ତି ସେଇ ନିର୍ଘୋଷ ତୋଳିଛନ୍ତି ନନ୍ଦିକା। ସେ କହିଛନ୍ତି "ଭୁଲ୍ ଅନ୍ୟମାନେ... ତୁମେ, ଗଙ୍ଗଦେବ, ସମସ୍ତେ। ତୁମ ମନରେ ସବୁ ନିଷ୍ପତ୍ତି କେବଳ ଗୋଟିଏ କଥା ପାଇଁ; ଅନ୍ୟ ପାଇଁ ନୁହେଁ। ନିଜ ପାଇଁ...ନିଜର ସ୍ୱାର୍ଥ ପାଇଁ....ଉତ୍‌ଥାନ ପାଇଁ... ଗୌରବ ପାଇଁ। ସେଥିପାଇଁ ତୁମ ମୁହଁରେ ପ୍ରତାରଣାର ଭାଷା" (ପୃଷ୍ଠା-୭୭)। ଏଭଳି ଛଳନା, ହିଂସା, ପ୍ରତାରଣା, ଶଠତା ଭିତରେ ନନ୍ଦିକା ନିଜକୁ ବିପର୍ଯ୍ୟସ୍ତ ମନେ କରିଛନ୍ତି। ସେ ଦେଖିଛନ୍ତି ତାଙ୍କ ପାଇଁ ବାସୁଦେବ ବି ବିଶ୍ୱାସଘାତକତା କରିଛି। ସ୍ୱପ୍ନ ଗଙ୍ଗଦେବ ବି ବିଶ୍ୱାସଘାତକତା କରୁଛନ୍ତି। ଏଇ ହେଉଛି ଗୋଟେ ବିଷାକ୍ତ କ୍ଷତଗ୍ରସ୍ତ ବ୍ୟବସ୍ଥା। ଏମାନଙ୍କ ଚେତନାରୁ ଆଲୋକ ଲିଭିଯାଇଛି। ତେଣୁ ଏଭଳି ଗୋଟିଏ ପରିବେଶ ମଧ୍ୟରେ ଶାନ୍ତିକାମୀ ନନ୍ଦିକାର ସ୍ଥାନ ନାହିଁ ବୋଲି ନନ୍ଦିକା ଧରିନେଇଛନ୍ତି ଏବଂ ଶେଷରେ ନିଜ ଆଙ୍ଗୁଠିରୁ ହୀରା ମୁଦିଟି ବାହାର କରି ତାକୁ ମୁହଁରେ ଲଗାଇ ତା'ର ବିଷାକ୍ତ ଜ୍ୱାଳାରେ ଆଖି ବୁଜିଦେଇଛନ୍ତି। ଶାନ୍ତି ପାଇଁ, ରାମରାଜ୍ୟ ପ୍ରତିଷ୍ଠା ପାଇଁ ଏବଂ ବିଶେଷକରି ଯୁଦ୍ଧର ବିଲୋପ ପାଇଁ ନନ୍ଦିକା ଏଠି ଏକ ଚେତନା ଭାବରେ କାର୍ଯ୍ୟ କରିଛନ୍ତି। ସେଥିପାଇଁ ନନ୍ଦିକା ଏଠି ଏକ ସ୍ୱତନ୍ତ୍ର ବ୍ୟକ୍ତି ସତ୍ତା/ଯିଏ ସ୍ୱୟଂକ୍ରିୟ ବି/ସ୍ୱୟଂସଞ୍ଚାଳିତ ବି ଏବଂ ସ୍ୱୟଂ ଶାସିତ ବି। ଏ ନାଟକରେ ନନ୍ଦିକା ରାଧାନାଥ ରାୟଙ୍କର ନନ୍ଦିକେଶ୍ୱରୀ ନୁହଁନ୍ତି। ସେ ନନ୍ଦିକା କେଶରୀ; ଅର୍ଥାତ୍ ନନ୍ଦିକା ଏଠି ଜଣେ ଉତ୍ତର ସଂରଚନାବାଦୀ ବ୍ୟକ୍ତି ସତ୍ତା/ଏକ ଚେତନା/ଏକ ମାନସିକତା। ସେ ମାନସିକତା ସୁବର୍ଣ୍ଣ କେଶରୀ ବା ନନ୍ଦିକା ହେଇପାରେ ବା ରାଜାର ଦୁଲାଳି ହେଇପାରେ ବା ସାମନ୍ତର କନ୍ୟା ହେଇପାରେ ବା ଚଷାଘରର ଝିଅ ହେଇପାରେ ବା ହେଇପାରେ କୌଣସି ଝିଅର ନାଁ ଅତୀତର, ଭବିଷ୍ୟତର, ବର୍ତ୍ତମାନର। ତେଣୁ ସେ ଚେତନା ରହିଛି, ରହିବ ସତ୍ୟ ଆଉ ମାନବିକତାର ପ୍ରତିଷ୍ଠା ପାଇଁ। ସେ ମୃତ୍ୟୁବରଣ କରିବା ପରେ ମଧ୍ୟ ତା'ର ମୃତ୍ୟୁ ନାହିଁ। ସିଏ ସମୟର ସୀମା ଅତିକ୍ରମ କରି ଆଗାମୀ ପୃଥିବୀରେ ଏକ ନୂତନ ନକ୍ସା ପ୍ରସ୍ତୁତ କରିବ। କେବଳ ନକ୍ସା ପ୍ରସ୍ତୁତ କରିବ ନାହିଁ ତାକୁ ସ୍ଥୂଳ ରୂପ ଦେବା ପାଇଁ ମଧ୍ୟ ସେ ପ୍ରୟାସ କରିବ। ଏବଂ ସେ ପ୍ରୟାସ ହେଉଛି- ଏଠି ଆଉ ଯୁଦ୍ଧ ହେବ ନାହିଁ। ଏଠି ତରବାରୀ ବା ବୋମାର ବିଜୟକୁ ପ୍ରକୃତ ବିଜୟ ବୋଲି ଘୋଷଣା କରାଯିବ ନାହିଁ। ଏଠି ରାମରାଜ୍ୟ ପ୍ରତିଷ୍ଠା ହେବ। ଏଠି ଶାନ୍ତିବାଦ ପ୍ରତିଷ୍ଠା ହେବ। ଏଠି ୟୁକ୍ରେନ୍ ରାଷ୍ଟ୍ର ଏବଂ ରୁଷ୍ ରାଷ୍ଟ୍ରମାନଙ୍କ ଭଳି ଯୁଦ୍ଧରେ କେହି ବ୍ୟାପୃତ ରହିବେ ନାହିଁ। ଏକ ଉତ୍ତରିତ ଚେତନା ଦ୍ୱାରା ସଭିଏଁ ପରସ୍ପର ପରସ୍ପରକୁ ଭଲପାଇବେ, ଶାନ୍ତି, ସୌହାର୍ଦ୍ଦ୍ୟ, ଭ୍ରାତୃତ୍ୱବୋଧରେ ସଭିଏଁ ଅଭିମନ୍ତ୍ରିତ ହେବେ। ସଭିଏଁ ମରଣ ଅପେକ୍ଷା ଜୀବନକୁ, ଯୁଦ୍ଧ ଅପେକ୍ଷା ଶାନ୍ତିକୁ, ଦ୍ରୋହ ଅପେକ୍ଷା ଭକ୍ତିକୁ, ଘୃଣା ଅପେକ୍ଷା ପ୍ରେମକୁ ଗୁରୁତ୍ୱ ଦେବେ।

'କେଶରୀ ଗଙ୍ଗ' ନାଟକ ହେଉ ବା 'ନନ୍ଦିକା କେଶରୀ' ନାଟକ; ଯେଉଁଠି ଯୁଦ୍ଧବାଦ ବା ଡେଷ୍ଟୋପିୟାନିଜମ୍ ଅଛି, ତାହା ଆଗାମୀ ପୃଥିବୀ ପାଇଁ ଆଉ କୌଣସି ଖୋରାକ୍

ଯୋଗାଇ ପାରିବ ନାହିଁ। ସେଥିପାଇଁ ଉଭୟ ଅଶ୍ୱିନୀ କୁମାର ଘୋଷ ଏବଂ ମନୋରଞ୍ଜନ ଦାସ ସେମାନଙ୍କ ନାଟକ ଦ୍ୱୟରେ ଯୁଦ୍ଧବିରୋଧୀ ସ୍ୱରକୁ ରୂପାୟିତ କରିବା ପାଇଁ ଚେଷ୍ଟା କରିଛନ୍ତି। ଯଦିଓ ଦୁଇଟିଯାକ ନାଟକରେ ନନ୍ଦିକାର ମୃତ୍ୟୁ ଘଟିଛି; କିନ୍ତୁ ଏ ମୃତ୍ୟୁ ନାଟକରେ ସ୍ଥାନିତ ବା କିମ୍ବଦନ୍ତୀରେ ପ୍ରଚଳିତ ହୋଇ ଆସୁଥିବା ଗୋଟିଏ ଅତୀତ, ବର୍ତ୍ତମାନ, ଭବିଷ୍ୟତ ଦ୍ୱାରା ପରିଚାଳିତ ସ୍ଥୂଳ ସତ୍ତାର ମୃତ୍ୟୁ- କିନ୍ତୁ ଏ ମୃତ୍ୟୁ ପ୍ରକୃତରେ ଚେତନାର ମୃତ୍ୟୁ ନୁହେଁ; ବରଂ ଏ ମୃତ୍ୟୁ ଗୋଟିଏ ଚେତନାରୁ ଆଉ ଗୋଟିଏ ଚେତନା ଆଡ଼କୁ ଉନ୍ମୀଳିତ, ସଂପ୍ରସାରିତ ତଥା ପରିଚାଳିତ। ଇଏ ଆଜି ତା'ର କ୍ରିୟାଶୀଳତାକୁ ଜାହିର ନ କଲେ ବି ଆଗାମୀ ଦିନରେ ବା ଆଗାମୀ ଭବିଷ୍ୟତରେ ନିଶ୍ଚୟ ମୂର୍ତ୍ତ ରୂପ ନେବ। ଅର୍ଥାତ୍ ଦ୍ୱାଦଶ ଶତକରେ ସ୍ଥାନ-କାଳ-ପାତ୍ର, ସମାଜନୀତି, ରାଜନୀତି, ଅର୍ଥନୀତିର ସୀମା ସରହଦକୁ ଅତିକ୍ରମ କରି ସ୍ଥାନପାତ୍ରକାଳଖଣ୍ଡ ଦେଇ ସେ ଆଗାମୀ ଦିନରେ ତା'ର ଇଚ୍ଛାକୁ, ତା'ର ଉଦ୍ଦେଶ୍ୟକୁ, ଅଭିପ୍ରାୟକୁ, ଲକ୍ଷ୍ୟକୁ ପୂରଣ କରିବ। ସେଥିପାଇଁ ଏଠି ନାଁ କେବଳ ନା ନନ୍ଦିକା/ନନ୍ଦିକେଶ୍ୱରୀ କିମ୍ବା ସୁବର୍ଣ୍ଣକେଶରୀଙ୍କ କନ୍ୟା ନନ୍ଦିକା ନୁହେଁ; ଏ ହେଉଛି ନନ୍ଦିକା। ଅର୍ଥାତ୍ ଏକ ଚେତନା। ଏକ ସ୍ୱୟଂକ୍ରିୟତା। ସିଏ କେଶରୀ କୂଳରେ ବି ନୁହେଁ/ଗଙ୍ଗ କୂଳରେ ବି ନୁହେଁ/ଯେଉଁଠି ସତ୍ୟ ଆଉ ମାନବିକତା ଅର୍ଥ ପୂର୍ଣ୍ଣ, ସେଇଠି ନନ୍ଦିକାର ଆବିର୍ଭାବ/ ତେଣୁ ନା.... ଯେତେବେଳେ ଜଣକର ନନ୍ଦିକା, ସେତେବେଳେ ଗୋଟିଏ ମାତ୍ର, ଗୋଟିଏ କାମ ତା'ର କରିବାକୁ ଥାଏ.... ନାଟକର ଶେଷ ଯାକେ ନନ୍ଦିକା ସେୟା ହିଁ କରିବେ ।" ତେଣୁ ଏ ନାଟକର ଶେଷ ନାହିଁ। ଏ ନାଟକ ଚାଲିଛି, ଚାଲିଥିବ, ଚାଲୁଥିବ। ଯେ ପର୍ଯ୍ୟନ୍ତ ଡେଷ୍ଟୋପିୟାନିଜିମ୍ ବା ଯୁଦ୍ଧବାଦର ସମୂଳ ରୂପାନ୍ତର ହୋଇନାହିଁ କିମ୍ବା ରାମରାଜ୍ୟବାଦ ବା ୟୁଟୋପିଆନିଜିମ ବା ଶାନ୍ତିବାଦ ବା ପେସିଫିଜିମ୍‌ର ପୂର୍ଣ୍ଣ ରୂପାୟନ ଘଟିନାହିଁ ସେ ପର୍ଯ୍ୟନ୍ତ।

**ସହାୟକ ଗ୍ରନ୍ଥସୂଚୀ :**


୧. More, Thomas, Utopia, Planet PDF, http://www.planetpdf.com

୨. Hawking, Stephen, Brief Answers to the Big Questions, John Murry, UK, 2018.

୩. Shepherd Simon & Wallis, Mick, (2013), Routledge, Milton Park, Abingdon.

୪. ଦାସ, ମନୋରଂଜନ, ନନ୍ଦିକା କେଶରୀ (୧୯୯୨), ଦ୍ୱିତୀୟ ସଂସ୍କରଣ, ନାଳନ୍ଦା, ବିନୋଦ ବିହାରୀ, କଟକ-୨।

୫. ଘୋଷ, ଅଶ୍ୱିନୀ କୁମାର, କେଶରୀ ଗଙ୍ଗ (୧୯୬୨) ତୃତୀୟ ସଂସ୍କରଣ, କଟକ ଟ୍ରେଡିଂ କମ୍ପାନୀ, କଟକ-୨।


●

ALOCHANA
ସମାଲୋଚନା
ପ୍ର ସ ଙ୍ଗ ନୂ ଆ

ପ୍ରଥମ ବର୍ଷ, ସଂଖ୍ୟା - ୦୫। ସେପ୍ଟେମ୍ବର-ଅକ୍ଟୋବର ୨୦୨୩
Volume No. 01। Issue No. 05। Sep - Oct 2023

Refereed Peer-Reviewed Jornal

BAGEESHA
ବାଗୀଶ

OPEN ACCESS
https://bageesha.in

# 'ଶବ୍ଦସିନ୍ଧୁ' : ଏକ ଆକଳନ

■ ଡ. ବିଜୟଲକ୍ଷ୍ମୀ ଦାଶ

ସହଯୋଗୀ ପ୍ରଫେସର୍, ଓଡ଼ିଆ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

"ଶବ୍ଦସିନ୍ଧୁ ପାଇଁ ଶବ୍ଦସଂଗ୍ରହ କାଳରେ ଶତପଥୀ ବିଶୁଦ୍ଧ ଘରୋଇ ଭାଷା ପ୍ରତି ଅଧିକ ଆସକ୍ତ ହୋଇ ପଡ଼ିଛନ୍ତି। ସେଥିପାଇଁ ସାଧାରଣ ଲୋକମାନଙ୍କ ସହ ମିଶିଛନ୍ତି। ଗଣ ଆଉ ଜଣର ମନଗହନକୁ ଆପଣେଇଛନ୍ତି। ନିଜକୁ ସମର୍ପି ଦେଇଛନ୍ତି। ଜାତିର ସାଇତା ସଂପଦକୁ ତା'ର ଅସଲ ରୂପରେ ଆମ୍ ପ୍ରତିଷ୍ଠା କରାଇଛନ୍ତି। ଶତପଥୀ ଭଲ ଭାବରେ ବୁଝିଛନ୍ତି ଭାଷାର ବାହାର ରୂପ ସବୁକିଛି ନୁହେଁ। ତାଙ୍କ ଭଳି ଜଣେ ପୋଖତ୍, ସମଝଦାର ଭାଷାବିଶେଷଜ୍ଞ ଶବ୍ଦର ଆବରଣକୁ ନିରାବରଣ କରି ତା'ର ରୂପ, ଭାବ ଓ ବାଗ ଢଙ୍ଗକୁ ଖୋଜିବାରେ ଚେଷ୍ଟା କରିଛନ୍ତି। ଶତପଥୀଙ୍କର ପ୍ରଧାନ ଉଦ୍ଦେଶ୍ୟ ଓଡ଼ିଆ ପୁଅର ମୁଖର ଭାଷା ..."

(୧)

ସ୍ୱବିଚାରଧାରାକୁ ସମଗ୍ର ସୃଷ୍ଟିର ପରିଧି ଭିତରେ ସତେଜ କରି ରଖିବା ସହଜ କଥା ନୁହେଁ। ବିଶେଷକରି ଭାଷା ସାହିତ୍ୟ ଓ ଅଭିଧାନ ପରି ନିହାତି ନିରସ, ଗମ୍ଭିଆ ବିଷୟରେ କିଛି ଲେଖିବାବେଳେ ସେଇ ସତେଜ କରିବା ସୂତ୍ରଟିକୁ ଜାବୁଡ଼ି ଧରିବା କଷ୍ଟକର ମନେହୁଏ। ନଟବର ଶତପଥୀ ନିଜ ଜୀବନର ଆରମ୍ଭରୁ ଆଜିଯାଏ, ଏପରିକି ଶବ୍ଦସିନ୍ଧୁରେ ଆପଣା ଆଦର୍ଶର ଛାପଟିକୁ ଅମଳିନ ରଖିବା ଲାଗି ରୀତିମତ ସାଧନା କରିଛନ୍ତି। ଅଦ୍ୟାବିଧି ସେ ପ୍ରକ୍ରିୟା ଅନ୍ତ ହୋଇ ନାହିଁ। ଏହାହିଁ ତାଙ୍କ ସୂକ୍ଷ୍ମ ଅବବୋଧର ବିଶେଷତ୍ୱ। 'ପୁରାଣ ପରିଶୀଳନ', 'ଭାଷାତତ୍ତ୍ୱର ରୂପଚିତ୍ର', 'ସାହିତ୍ୟ ଓ ବାସ୍ତବବାଦ', 'ଅସମାପ୍ତ ଆଲୋଚନା', 'ଅସମାପ୍ତ ଦ୍ୱିତୀୟ', 'ତୃତୀୟ ନେତ୍ର', 'ସାରଳା ଶବ୍ଦ ଓ ସୂକ୍ତିକୋଷ ଓ ଶବ୍ଦସିନ୍ଧୁରେ ଶତପଥୀଙ୍କ ଭାଷା ସଂଯୋଜନା ଓ ରଚନାରୀତି' ସାଧାରଣ ଧାରାଠାରୁ ସ୍ୱତନ୍ତ୍ର। ଏଥିପାଇଁ ତାଙ୍କୁ କିଛି କମ୍ ସାଧନା କରିନାହାନ୍ତି। ସାଧାରଣ ଲୋକମୁଖର ଭାଷାକୁ 'ଶବ୍ଦସିନ୍ଧୁ'ର ଭାଷା ଭାବରେ ସ୍ୱୀକୃତି ଦେବାପାଇଁ ଯଥାସମ୍ଭବ ପ୍ରୟାସ କରିଛନ୍ତି। ଏଥିପାଇଁ ବହୁ ଶ୍ରମ ସ୍ୱୀକାର କରିଛନ୍ତି। ସମାଲୋଚନାର ପାତ୍ର ମଧ ହୋଇଛନ୍ତି। ତଥାପି ଆପଣାର ଲକ୍ଷ୍ୟରୁ ଓହରି ନାହାନ୍ତି। ଏଯାବତ୍ ପ୍ରକାଶିତ ଓଡ଼ିଆ ଅଭିଧାନ ବା ଶବ୍ଦକୋଷ ମଧ୍ୟରେ ଏକ ଉତ୍କୃଷ୍ଟ ବ୍ୟାବହାରିକ ଶବ୍ଦକୋଷ ରୂପେ ସବୁ ଶ୍ରେଣୀର ପାଠକ, ଆଲୋଚକ, ଗବେଷକଙ୍କୁ ଉପହାର ସ୍ୱରୂପ ଭେଟି ଦେଇଛନ୍ତି।

ରେଭେନ୍ସା ମହାବିଦ୍ୟାଳୟ ଓ ଶାନ୍ତିନିକେତନରେ ପାଠପଢ଼ା ଶେଷକରି ଓଡ଼ିଶାରେ ଆପଣାର ବୃତ୍ତି ଓ ସାଧନାନିଷ୍ଠ ଜୀବନର ଆରମ୍ଭ ସମୟରେ ହିଁ ତାଙ୍କର ସ୍ୱାତନ୍ତ୍ର୍ୟ ଅନ୍ୟମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରି ଦେଇଥିଲା। ଶତପଥୀଙ୍କ କଥନରୀତି ରସିକତାପୂର୍ଣ୍ଣ। ତାଙ୍କ ଭାଷାପ୍ରୀତିର ପ୍ରଥମ ସଙ୍କେତ ଦେଖିବାକୁ

ମିଳିଥିଲା, 'ଭାଷାତତ୍ତ୍ୱର ରୂପଚିତ୍ର'ର ଅନୁଶୀଳନ ଓ ଆଲୋଚନା ଭିତରେ। ଓଡ଼ିଆ ଭାଷାର ଐଶ୍ୱର୍ଯ୍ୟର ବାହକ 'ଶବ୍ଦସିନ୍ଧୁ' ଶବ୍ଦକୋଷର ପ୍ରଥମ ସଂସ୍କରଣ ୨୦୦୮ ମସିହାରେ ଦୁଇଖଣ୍ଡରେ ପ୍ରକାଶିତ ହୋଇଥିଲା। ସେ ସମୟରେ ଏହି ନବଅଭିଧାନର ଶବ୍ଦସଂଖ୍ୟା ଥିଲା ଏକ ଲକ୍ଷ ପାଞ୍ଚ ହଜାର। ମାତ୍ର ୨୦୦୫ ମସିହାରେ ଏ.କେ. ମିଶ୍ର, ପବ୍ଲିଶର୍ସଙ୍କ ଦ୍ୱାରା ଯେଉଁ ପରିମାର୍ଜିତ ଓ ପରିବର୍ଦ୍ଧିତ ସଂସ୍କରଣ 'ଶବ୍ଦସିନ୍ଧୁ'ର ପ୍ରକାଶ ପାଇଲା; ଏଥିରେ ଶବ୍ଦସଂଖ୍ୟା ଥିଲା ଏକ ଲକ୍ଷ ପଚାଶ ହଜାର। ଶବ୍ଦସିନ୍ଧୁର ପୃଷ୍ଠାସଂଖ୍ୟା ୧୯୫୦। ଏଇ ସଂଶୋଧିତ ସଂସ୍କରଣଟି ଗୋଟିଏ ଖଣ୍ଡରେ ପ୍ରକାଶ ପାଇଛି। ପ୍ରଚଳିତ ସମସ୍ତ ଓଡ଼ିଆ ଅଭିଧାନ ବା ଶବ୍ଦକୋଷଠାରୁ ଏହା ଏକ ବ୍ୟତିକ୍ରମ ।

(୨)

ଶବ୍ଦସିନ୍ଧୁ ପାଇଁ ଶବ୍ଦସଂଗ୍ରହ କାଳରେ ଶତପଥୀ ବିଶୁଦ୍ଧ ଘରୋଇ ଭାଷା ପ୍ରତି ଅଧିକ ଆସକ୍ତ ହୋଇ ପଡ଼ିଛନ୍ତି। ସେଥିପାଇଁ ସାଧାରଣ ଲୋକମାନଙ୍କ ସହ ମିଶିଛନ୍ତି। ଗଣ ଆଉ ଜଣର ମନଗହନକୁ ଆପଣେଇଛନ୍ତି। ନିଜକୁ ସମର୍ପି ଦେଇଛନ୍ତି। ଜାତିର ସାଇତା ସଂପଦକୁ ତା'ର ଅସଲ ରୂପରେ ଆତ୍ମ ପ୍ରତିଷ୍ଠା କରାଇଛନ୍ତି। ଶତପଥୀ ଭଲ ଭାବରେ ବୁଝିଛନ୍ତି ଭାଷାର ବାହାର ରୂପ ସବୁକିଛି ନୁହେଁ। ତାଙ୍କ ଭଳି ଜଣେ ପୋଖତ୍, ସମଝଦାର ଭାଷାବିଶେଷଜ୍ଞ ଶବ୍ଦର ଆବରଣକୁ ନିରାବରଣ କରି ତା'ର ରୂପ, ଭାବ ଓ ବାଗ ଢଙ୍ଗକୁ ଖୋଜିବାରେ ଚେଷ୍ଟା କରିଛନ୍ତି। ଶତପଥୀଙ୍କର ପ୍ରଧାନ ଉଦ୍ଦେଶ୍ୟ ଓଡ଼ିଆ ପୁଅର ମୁଖର ଭାଷା ସଂଗ୍ରହ କରିବା। ଅଭିଧାନର ମୁଖବନ୍ଧରେ ସେ ଏହା ସ୍ପଷ୍ଟ କରିଛନ୍ତି ଅଭିଧାନ ପ୍ରସ୍ତୁତିର ଶୁଭକାର୍ଯ୍ୟର ଆରମ୍ଭ ସଂପର୍କରେ ।

"୧୯୯୮ ଟିଟିଲାଗଡ଼ର ଡିଏଭି କଲେଜରେ ଅନୁଷ୍ଠିତ ହେଲା 'ଓଡ଼ିଆ ଅଧ୍ୟାପକ ସମ୍ମେଳନ'। ସେଇଠି ଅଧ୍ୟାପକମାନଙ୍କ ପରାମର୍ଶକ୍ରମେ ଓଡ଼ିଆରେ ଗୋଟିଏ 'ବ୍ୟବହାରିକ ଅଭିଧାନ' ଏବଂ 'ଓଡ଼ିଆ ଭାଷାର ବ୍ୟାକରଣ' ଅଧ୍ୟାପକ ସମ୍ମେଳନ ତରଫରୁ ପ୍ରସ୍ତୁତି ପାଇଁ ପ୍ରସ୍ତାବ ଆସିଲା। କମିଟି ଗଢ଼ାହେଲା। ସଂଗଠନର ମୁଁ ଥିଲି ସାଧାରଣ ସଂପାଦକ। କର୍ଣ୍ଣଧାର। କିନ୍ତୁ କମିଟିର କର୍ଣ୍ଣ ଧରିବା ସମ୍ଭବ ହେଲା ନାହିଁ ବହୁ ଚେଷ୍ଟା ପରେ ମଧ୍ୟ। ବିରକ୍ତିରୁ ମନେ କଲି, କାହା ପଛରେ ଗୋଡ଼ାଇବା ଅପେକ୍ଷା ନିଜେ ଚେଷ୍ଟା କରିବା କ'ଣ ଭଲ ନୁହେଁ? ମୋର ଆତ୍ମବିଶ୍ୱାସ ବହୁତ। କୌଣସି କାମପାଇଁ ମୁଁ କାହାରିକୁ ଅପେକ୍ଷା କରେ ନାହିଁ, ଏକୁଟିଆ ବାହାରିପଡ଼େ ।" ଏହାହିଁ ଶବ୍ଦସିନ୍ଧୁ ପ୍ରକାଶର ମୂଳ ହେତୁ ।

ଏହା ପରେ ଶତପଥୀ ଖବରକାଗଜ ମାଧ୍ୟମରେ ଓଡ଼ିଶାର ବିଭିନ୍ନାଞ୍ଚଳରୁ ଶବ୍ଦ ସଂଗ୍ରହ ନିମନ୍ତେ ଅନୁରୋଧ କଲେ। ସହଯୋଗ କଲେ ଶତପଥୀଙ୍କର ଇଂଜିନିୟର ବନ୍ଧୁ ଅକ୍ଷୟ କୁମାର ମିଶ୍ର, ଡକ୍ଟର ଗୋପବନ୍ଧୁ ଦାଶ ଓ ଅଧ୍ୟାପକ ନିତ୍ୟାନନ୍ଦ ପ୍ରଧାନ। ସଭିଙ୍କର ସହଯୋଗ ଓଡ଼ିଆ ଜାତିକୁ ଏକ ମହାର୍ଘ ସଂପାଦ ଦେଇପାରିଲା ।

(୩)

ଅଭିଧାନର ବୈଶିଷ୍ଟ୍ୟ ଓ ବ୍ୟାପକ ପରିସର ସଂପର୍କରେ ଶତପଥୀ ସୂଚନା ଦେବାକୁ ଯାଇ କହିଛନ୍ତି-

(କ) ଶବ୍ଦର 'ବ୍ୟବହାରଗତ ରୀତି, ଅଞ୍ଚଳ ଭେଦରେ ବିଭାଗୀକରଣ ଉପରେ ଗୁରୁତ୍ୱ ଦେଇଛନ୍ତି। ଶବ୍ଦ ବ୍ୟବହାର ରୀତିରେ ପ୍ରତ୍ୟୟର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିଛନ୍ତି। ପ୍ରାଚୀନ ଓ ଆଧୁନିକ ପ୍ରତ୍ୟୟ- 'ନ୍ତ', 'ନ୍ତି', 'ନି', 'କଂଇ', 'କଇ', 'କାଣି'ର ବ୍ୟବହାର ମାଧ୍ୟମରେ ଭାଷାର ସ୍ୱାତନ୍ତ୍ର୍ୟ ପ୍ରତିପାଦନ କରିଛନ୍ତି ।

(ଖ) ମୂଳ ଶବ୍ଦରେ ଉପସର୍ଗ ବ୍ୟବହାର କରି ଶବ୍ଦର ଅର୍ଥକୁ କିପରି ପରିବର୍ତ୍ତନ କରାଯାଇପାରେ ତାହା ଦେଖାଇଛନ୍ତି ।

ଅଧା – ଦେ.ବିଂ. – ଦେଶଜ ବିଶେଷଣ ଶବ୍ଦ

ଅଧି – ମୋଟାମୋଟି ଅଧେ

ଏକ ଧାତୁ ଓ ଉପସର୍ଗ ମୂଳ ଶବ୍ଦ ଗୋଟିଏ ସ୍ଥାନରେ ସ୍ଥାନିତ ହୋଇ ଭିନ୍ନ ଶବ୍ଦ ଓ ଅର୍ଥ ସୃଷ୍ଟି କରୁଛନ୍ତି ।

ଅଧାଅଧି, ଅଧାଆଳୁଅ, ଅଧାକମିଜ, ଅଧାକାଣ୍ଡିଆ, ଅଧାକାଛି, ଅଧାଚନ୍ଦ୍ର, ଅଧାଛାଇ, ଅଧାଜନ୍ତୁ, ଅଧାପିନ୍ଧା, ଅଧାମେଲା, ଅଧାସରି ।(୨) (ଶବ୍ଦସିନ୍ଧୁ, ପୃ.୩୪)

(ଗ) ଶବ୍ଦର ବର୍ଗୀକରଣ ବା ଅଞ୍ଚଳ ଭେଦରେ କିପରି କରାଯାଥାଏ ସଂକେତ ମାଧ୍ୟମରେ ସୂଚନା ଦେଇଛନ୍ତି।

ଯଥା- ବୌଶ – ବୌଦ୍ଧ ଶବ୍ଦକୋଷ | ଅଭିଧାନ ସଂକେତ
ସା – ସାନ୍ତାଳୀ
ଦେଜ୍ଞା – ଦେଶିଆ ଜ୍ଞାନକୋଷ
ଦଓ - ଦକ୍ଷିଣାଞ୍ଚଳୀୟ ଓଡ଼ିଆ
ପ - ପରଜା | ଭାଷା ସଂକେତ
ଜ/ଜର୍ମା – ଜର୍ମାନୀ

(ଘ) ଅଭିଧାନରେ ଭାଷା କୋର୍ଡ୍ ବ୍ୟବହାର କରିଛନ୍ତି। ଅର୍ଥାତ୍ କେତେକ ଶବ୍ଦ ପରେ ୧ ରୁ ୧୧ ସଂଖ୍ୟା ଅନବଚ୍ଛିନ୍ନ ଭାବେ ଲେଖାଅଛି। ପ୍ରତ୍ୟେକ ସଂଖ୍ୟା ଗୋଟିଏ ଗୋଟିଏ ଭାଷାର ସଂକେତକୁ ଦର୍ଶାଉଛି ।

ଯଥା – ୧. ଅଗ୍ରିଆ
୨. କୁରୁମାଳି
୩. ବାଥୁଡ଼ି

ବ୍ୟାକରଣର କୋର୍ଡ୍ ମଧ୍ୟ ବ୍ୟବହାର କରାଯାଇଛି ।

ବି – ବିଶେଷ୍ୟ

ବିଂ – ବିଶେଷଣ

ଅକ୍ଷ – ବିଶେଷ୍ୟ - ପଶାକାଠି (ଅକ୍ଷ୍ - ଅ)

ଅକ୍ଷତ – ବିଶେଷଣ – କ୍ଷତ ହୋଇନଥିବା (ଅ/ନ - କ୍ଷତ୍)

(ଙ) ଗ୍ରନ୍ଥ / ଲେଖକଙ୍କ ନାମ ସଂକେତ ରହିଛି ।

ଅବି - ଅମ୍ବିକା ବିଳାସ

ଅବି - ଅବକାଶ ଚିନ୍ତା

ଗୋପ - ଗୋପୀନାଥ ମହାନ୍ତି

(ଚ)ଶବ୍ଦ ଉପରେ ୧, ୨, ୩ ସଂକେତ ଦେଇ ଅଳ୍ପ ସ୍ଥାନରେ ବହୁ ଶବ୍ଦ ଦେବାର ପ୍ରୟାସ ଶତପଥୀଙ୍କ ପାଇଁ ନିହାତି ପ୍ରଶଂସନୀୟ।

ଯଥା - ଅ୧, ଅ୨,ଅ୩ ଇତ୍ୟାଦି

କିମ୍ବା ଅକଳ୧, ଅକଳ୨, ଅକଳ୧, ଅକାଟ (ଟୁ)୧, ଅକାଟୁ୨, ଅଟ୧, ଅଟ୨, ଅଟକ୧, ଅଟକ୨ ।

(ଛ)ଶବ୍ଦର ଅର୍ଥ କେଉଁ ଗ୍ରନ୍ଥରୁ ଆହରଣ କରାଯାଇଛି ମୂଳ ଗ୍ରନ୍ଥ ସହ ଗ୍ରନ୍ଥକର୍ତ୍ତାଙ୍କ ନାମୋଲ୍ଲେଖ କରିଛନ୍ତି ।

(ଜ)ଅଭିଧାନର ବର୍ଣ୍ଣବିଧି, ଅ - ହ ବର୍ଣ୍ଣ ଅକ୍ଷର କ୍ରମରେ ସ୍ଥାନ ପାଇଛି। 'କ' ପରେ 'କ୍ଷ'କୁ ସ୍ଥାନ ଦେଇଛନ୍ତି ।

ଅ, ଆ, ଇ, ଈ, ଉ, ଊ, ଏ, ଐ, ଓ, ଔ, କ, କ୍ଷ, ଖ, ଗ, ଘ, ଙ, ଚ, ଛ, ଜ, ଝ, ଞ, ଟ, ଠ, ଡ, ଢ, ଣ, ତ, ଥ, ଦ, ଧ, ନ, ପ, ଫ, ବ, ଭ, ମ, ଯ, ର, ଳ, ଶ, ଷ, ସ, ହ ।

(ଝ) କେବଳ ଅବର୍ଗ୍ୟ 'ବ' 'ୱ' ଭାବରେ ଗୃହୀତ। ଏହି ବର୍ଣ୍ଣରେ ବିଦେଶୀ ଶବ୍ଦ ଯଥା- ୱିକେଟ୍, ୱାକ୍ଅପ୍ ପରି ଶବ୍ଦ ଏହି ଅଭିଧାନରେ 'ୱ' ଆଦ୍ୟ ନ ହୋଇ ଉଇକେଟ୍, ଉଆକପ୍ ରଖାଯାଇଛି। କିନ୍ତୁ ପ୍ରହରାଜଙ୍କ ଭାଷାକୋଷରେ 'ୱ' ନାମକ ଏକ ସ୍ୱତନ୍ତ୍ର ଲିପି ସୃଷ୍ଟି କରିଛନ୍ତି। ଅବର୍ଗ୍ୟ 'ବ'ର ସ୍ୱତନ୍ତ୍ର ଲିପି ବା ବର୍ଣ୍ଣ ଓଡ଼ିଆ ଭାଷାରେ ନାହିଁ। ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ : ଏକ ଆକଳନର ସମୀକ୍ଷାରେ ସମୀକ୍ଷକ ଗୌରାଙ୍ଗ ଚରଣ ଦାଶ ଏହାକୁ ସ୍ପଷ୍ଟ କରିଛନ୍ତି। ସେ କହୁଛନ୍ତି ଭାଷାତତ୍ତ୍ୱର ନିୟମ ଅନୁସାରେ କୌଣସି ସ୍ୱରବର୍ଣ୍ଣରେ ଅନ୍ୟ କୌଣସି ମାତ୍ରା ବା ଫଳାଯୁକ୍ତ ହେବା ଦୋଷଦୁଷ୍ଟ (ପାଣିନି - ଅଷ୍ଟାଧ୍ୟାୟୀ)। ଏ ତ୍ରୁଟି ସଂପର୍କରେ ସଂପୂର୍ଣ୍ଣ ଭାବରେ ସଚେତନ ଥାଇ ମଧ୍ୟ ସଂକଳକ ଉକ୍ତ ନୂତନ ବର୍ଣ୍ଣର ସୃଷ୍ଟି ସଂପର୍କରେ ଏକ ଦୀର୍ଘ ଆଲୋଚନା ଉପସ୍ଥାପନ କରିଛନ୍ତି। ଆପଣାର ଯୁକ୍ତିକୁ ପ୍ରଭାବଶାଳୀ କରିବା ପାଇଁ ଅନ୍ୟ ଯେଉଁ ଭାରତୀୟ ଭାଷାଗୁଡ଼ିକରେ 'ଅବଗର୍ବ' ପାଇଁ ସ୍ୱତନ୍ତ୍ର ଲିପି ନାହିଁ ଏବଂ ସଂପୃକ୍ତ ଭାଷାର ତ୍ତ୍ୱବିଦ୍‌ମାନଙ୍କ ଦ୍ୱାରା ଲିଖିତ ନୂତନ ଲିପିକୁ ବୈଧାନିକ ଭାବରେ ଗ୍ରହଣ କରାଯାଇଛି। ତାହାର ଉଦାହରଣ ପ୍ରଦାନ କରିଛନ୍ତି। ମାତ୍ର ଏତେ ଯୁକ୍ତି ଓ ଗୌର ଚନ୍ଦ୍ରିକାର ଅବତାରଣା ନକରି, ଅବଗର୍ବ୍ୟ ଆଦ୍ୟ ଶବ୍ଦଗୁଡ଼ିକୁ 'ଉଆ', 'ଓଆ' ଓ 'ଓଏ' ଭାବରେ ଉଲ୍ଲେଖ କରିଥିଲେ ବୋଧହୁଏ ସଂକଳକଙ୍କୁ ବିଶେଷ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ି ନଥାନ୍ତା। ଯଥା-

ୱେବଷ୍ଟର > ଓଏବଷ୍ଟର

ୱାରେଣ୍ଟ > ଉଆରେଣ୍ଟ ଇତ୍ୟାଦି ।(୩)

ଶତପଥୀ ଶବ୍ଦସିନ୍ଧୁରେ 'ୱ' ନରଖି ୱିକେଟ୍ – ଉଇକେଟ୍, ୱାକପ୍ > ଉଆକପ୍ କରିଛନ୍ତି। ଇଂରାଜୀ ତଥା ବୈଦେଶିକ ଭାଷାଗୁଡ଼ିକରେ 'ଉଆ' ଧ୍ୱନି ଆରମ୍ଭରେ ଉଚ୍ଚାରିତ ହେଉଥିବା ଶବ୍ଦଗୁଡ଼ିକୁ ଓଡ଼ିଆ ଶବ୍ଦମାଳାର 'ଅବର୍ଗ୍ୟବ' ବର୍ଣ୍ଣ ଆଦ୍ୟ ଶବ୍ଦ ସ୍ଥାନରେ ବ୍ୟବହାର କରିବା ଯୁକ୍ତିଯୁକ୍ତ ଓ ବୈଜ୍ଞାନିକ ବିଧିସମ୍ମତ ।

(ଞ)ଓଡ଼ିଆରେ ଶବ୍ଦର ମଧ୍ୟ ବା ଶେଷରେ ଥିବା 'ଡ' ଓ 'ଢ' ତଳେ ବିନ୍ଦୁ (ଡ଼, ଢ଼) ଦେଇ ଆଦ୍ୟ 'ଡ' ଓ 'ଢ'ଠାରୁ ଉଚ୍ଚାରଣର ପାର୍ଥକ୍ୟ ଦେଖାଇଥାଆନ୍ତି। ଶତପଥୀ ଏଇ ଅଭିଧାନରେ 'ଡ଼' ଓ 'ଢ଼' ବର୍ଣ୍ଣ ଗ୍ରହଣ କରାଯାଇନାହିଁ ।

(ଟ)ଶବ୍ଦର ଅର୍ଥ ସହ ବ୍ୟବହାର ରୀତି ଦର୍ଶାଇବା ପାଇଁ କାବ୍ୟ, କବିତା, ଗଦ୍ୟ, ଢଗଢ଼ମାଳି, ଛଟା, ଲୋକଗୀତ, ପ୍ରବାଦ ପ୍ରବଚନରୁ ଉଦାହରଣ ପ୍ରଦାନ କରିଛନ୍ତି ।

(ଠ)ଓଡ଼ିଆ ଅଭିଧାନମାନଙ୍କରେ ି, ୀ, (ଇ, ଈ) ଏବଂ 'ଶ', 'ଷ, 'ସ' ଯୁକ୍ତ ଶବ୍ଦଗୁଡ଼ିକ ପାଇଁ କୌଣସି ଶୃଙ୍ଖଳା ନାହିଁ। ତରୁଣ ଶବ୍ଦକୋଷ (୧) ଓ ଶବ୍ଦତତ୍ତ୍ୱବୋଧ ଅଭିଧାନ(୨)ରେ ଛାଉଣି – ଛାଉଣୀ, ଗଉଣି – ଗଉଣୀ ଏ ପ୍ରକାର ବିଭ୍ରାଟକୁ ଦୃଷ୍ଟିରେ ରଖି ଶତପଥୀ ଏ ଅଭିଧାନରେ ସ୍ପଷ୍ଟ କରିଛନ୍ତି ।

–ତଦ୍‌ଭବ ବା ଦେଶଜ ଶବ୍ଦ ସର୍ବତ୍ର 'ଇ' କାରାନ୍ତ ହୋଇଥାଏ।

–ଦେଶଜ ସ୍ତ୍ରୀଲିଙ୍ଗବାଚକ ଶବ୍ଦ ସାଙ୍ଗକୁ ବିଦେଶାଗତ ଶବ୍ଦର ସ୍ତ୍ରୀ ବାଚକରେ 'ଇ' କାରକୁ ଗ୍ରହଣ କରିଛନ୍ତି। ସୁନ୍ଦରି/ ରୀ, ଡାଆଣି / ଣୀ, ଡାକ୍ତରାଣି, ନଉକରାଣି ।

–ସମସ୍ତ ବିଦେଶୀଗତ ଶବ୍ଦ 'ସ' ବର୍ଣ୍ଣ ହୋଇଥାଏ। ଚସମା, ଚପରାସି, ଇଂଲିସ୍, ସହିଦ୍, ଅବସୋସ ।

କିନ୍ତୁ ଶ୍ରୀଧର ଦାସଙ୍କ ନବଅଭିଧାନରେ ଚଷମା : ବି. ପ୍ରଚକ୍ଷୁ Spectacles (ପୃ.୨୦୦)

ଚପରାସୀ : ଯା.ବି. (ଯାବନିକ ଶବ୍ଦ, ବିଶେଷ୍ୟ) ଅର୍ଦ୍ଦଳି Orderly (ପୃ.୧୯୬) ଭାବେ ଗ୍ରହଣ କରିଛନ୍ତି।(୪)

–ଦେଶଜ ଶବ୍ଦକୁ ମଧ୍ୟ ସ-ବର୍ଣ୍ଣ ଅନ୍ତର୍ଭୁକ୍ତ କରିଛନ୍ତି। ଚଉସମ, ଚଉସରି, ଧରସର, ସରମ।

(ଡ)ଦୁଇ ହଜାରରୁ ଅଧିକ ରଢ଼ି, ଢଗଢ଼ମାଳି, ପ୍ରବାଦ ପ୍ରବଚନ ଦୃଷ୍ଟାନ୍ତ ଦେଇଛନ୍ତି।

(ଢ)ପୂର୍ବାଞ୍ଚଳ, ପଶ୍ଚିମାଞ୍ଚଳ, ଦକ୍ଷିଣାଞ୍ଚଳ, ଉତ୍ତରାଞ୍ଚଳ

ଏବଂ ପ୍ରମୁଖ ଆଦିବାସୀ ଭାଷାରେ ବ୍ୟବହୃତ ଶବ୍ଦର ଅର୍ଥ ପ୍ରକାଶ କରିଛନ୍ତି ।

(ଣ) ୧୮୦ଟି ଲୁପ୍ତ ଶବ୍ଦକୁ ଚିତ୍ର ମାଧ୍ୟମରେ ଦର୍ଶାଇଛନ୍ତି। ଯଥା- ଅଟାଳ, ଅଢ଼ା, ଅଣକ, ଅଲୁଗୁଣି, କାଟେଣୀ, ଘୁମ, ଘୋରଣା, ଠେକା।

(ତ) ୧୬ଟି ପରିଶିଷ୍ଟ ଅଭିଧାନରେ ସନ୍ନିବିଷ୍ଟ।

–ଭାଷାତାତ୍ତ୍ୱିକ ଶବ୍ଦାବଳୀର ସଂଜ୍ଞା (ସ୍ୱରାଗମ, କେନ୍ଦ୍ରମ ବର୍ଗ)

–ସାର୍ଥକ ଶବ୍ଦ ସହିତ ନିରର୍ଥକ ଶବ୍ଦ ମିଶାଇ ଯୁଗ୍ମଶବ୍ଦର ତାଲିକା ମୁଁ ସାଗମାଗ ଗୁଡ଼ାଏ ଖାଏ ନାହିଁ।

ସାଗ – ସାର୍ଥକ ଶବ୍ଦ

ମାଗ - ନିରର୍ଥକ ଶବ୍ଦ।

ଏହି ପରିଶିଷ୍ଟକୁ ୪ ଭାଗରେ ବିଭକ୍ତ କରିଛନ୍ତି।

–ପରନିରର୍ଥକତା ବ୍ୟଂଜକ (ଖାଲମାଲ)

–ପୂର୍ବ ନିରର୍ଥକତା ବ୍ୟଂଜକ (ଆସ ପାଶ)

–ପୁନରୁକ୍ତି ମୂଳକ (ଖାଁ ଖାଁ, କାଉଁ କାଉଁ)

–ଯୁଗ୍ମ ରୂପକ (ପିତା : ପୁତ୍ର, ପରମାତ୍ମା : ଦୀବାତ୍ମା)

ଯୁଗ୍ମଶବ୍ଦର ଅର୍ଥ ନଗେନ୍ଦ୍ର ନାଥ ପ୍ରଧାନଙ୍କ 'ଓଡ଼ିଆ ନିର୍ଗୁଣ ସାହିତ୍ୟର ଭୂମିକା' ଗ୍ରନ୍ଥରୁ ସଂଗ୍ରହ କରିଛନ୍ତି ବୋଲି ସୂଚନା ପ୍ରଦାନ କରିଛନ୍ତି ।

- ସଂଖ୍ୟାସୂଚିତ ପରିଭାଷା ଯେମିତି ପଞ୍ଚାଙ୍ଗ (ସ୍ନାନ, ଜପ, ତର୍ପଣ, ହୋମ, ଅତିଥି ସେବା) ଏକ ବ୍ରହ୍ମ (ମୋକ୍ଷ, ନିର୍ବାଣ) ଭଳି ଶବ୍ଦ ଏକରୁ ଆରମ୍ଭ କରି ଚୌଷଠୀରେ ସାରିଛନ୍ତି ।

- ସଂସ୍କୃତ ଧାତୁର ଅପଭ୍ରଷ୍ଟ ରୂପରେ ଯେଉଁ ଶବ୍ଦ ଗଠିତ, ତା'ର ତାଲିକା ଦେଇଛନ୍ତି।

- ଶବ୍ଦର ଉତ୍ସ ଓ ବିବର୍ତ୍ତନ, ସଂସ୍କୃତ ଓ ଓଡ଼ିଆ ଭାଷା ମଧ୍ୟରେ ବ୍ୟାକରଣଗତ ପ୍ରଭେଦକୁ (ଧ୍ୱନି, ରୂପ, ବାକ୍ୟ ଓ ଅନ୍ୟାନ୍ୟ ବିଶେଷତ୍ୱ) ଦର୍ଶାଇଛନ୍ତି ।

- ଓଡ଼ିଆ ସ୍ୱର ଓ ବ୍ୟଂଜନ ବର୍ଣ୍ଣର ଉଚ୍ଚାରଣ ସ୍ଥାନ ଟେବୁଲ୍ ମାଧ୍ୟମରେ ଦେଖାଇଛନ୍ତି ।

- ୟୁରୋଭାରତୀୟ ଭାଷା ପରିବାର, ଭାଷା ସଂକେତ, ଇଣ୍ଡୋରୋମାନିକ୍ ଅକ୍ଷର, ପୁରୁଣା ବହିର ସଂକେତ ('/' – ଏକ ଅଣା – ୧), ଆଇପିଏ ସଂକେତ ଚିହ୍ନ, ଭିନ୍ନଭିନ୍ନ ସଂକେତ ବା ଅନକ୍ଷର (ଞ- ତାରା, ଧୂମକେତୁ, ଠସ୍ମ ମଙ୍ଗଳ), ଧ୍ୱନିତାତ୍ତ୍ୱିକ ଚିହ୍ନ, ଜ୍ୟୋତିଷ ରାଶିଚକ୍ରର ଚିହ୍ନ, ପରିମାଣ ଏକକର ଚିହ୍ନ ଦେଖାଇଛନ୍ତି ।

- ଭାଷାତାତ୍ତ୍ୱିକ ଓଡ଼ିଆ ଶବ୍ଦର – ଇଂରାଜୀ ରୂପ ଦେଇଛନ୍ତି ।

- ଓଡ଼ିଆ ଭାଷାରେ ଏଯାବତ୍ ପ୍ରକାଶ ପାଇଥିବା ଅଭିଧାନ, ଜ୍ଞାନକୋଷର ତାଲିକା ସହିତ ଓଡ଼ିଆ ବ୍ୟାକରଣ ଓ ଭାଷାପାଇଁ ଉଦ୍ଦିଷ୍ଟ ପୁସ୍ତକ ତାଲିକା ମଧ୍ୟ ସଂଲଗ୍ନ କରିଛନ୍ତି ।

(୪)

ଶବ୍ଦସିନ୍ଧୁର ଆଲୋଚନା ଅବକାଶରେ ମୋର ହୃଦ୍‌ବୋଧ ହୋଇଛି ଯେ, ଶତପଥୀ ବୈଧାନିକ ବିଜ୍ଞାନସମ୍ମତ ପଦ୍ଧତିକୁ ଆପଣେଇଛନ୍ତି। ଯାହା ସମକାଳିକ ଶବ୍ଦ ତାକୁ ଯେପରି ଗ୍ରହଣ କରିଛନ୍ତି – କାଳକ୍ରମିକ ଶବ୍ଦ ଓ ସଂକେତକୁ ମଧ୍ୟ ଗ୍ରହଣ କରିଛନ୍ତି। "ନୋ-ଆଷ୍ଟେର୍ ସାମୁଏଲ୍ ଜୋନ୍‌ସନ୍‌ଙ୍କ ପରି ସେ ଆଦୌ ବିଚାର କରିନାହାନ୍ତି ଯେ ମାନବ ଭାଷା (Standard Lang.ର ଶୁଦ୍ଧତା ରକ୍ଷା କରିବା ଜଣେ ଅଭିଧାନକାରର ଅନ୍ୟତମ କର୍ତ୍ତବ୍ୟ।" (ଓଡ଼ିଆ ଲିପି ଓ ଭାଷା, ପୃ.୩୦) ଖଗେଶ୍ୱର ମହାପାତ୍ରଙ୍କର ଏହି ଯୁକ୍ତିକୁ ଶତ-ପ୍ରତିଶତ ଗ୍ରହଣ କରିପାରିବା ନାହିଁ। ଶତପଥୀ ଗ୍ରାମ୍ୟ ବା ଲୋକକଥିତ ଶବ୍ଦଗୁଡ଼ିକୁ ଉପଲକ୍ଷ୍ୟ କରି ଭାଷାର ମାନକ ବା ଶୁଦ୍ଧତା ପୂର୍ବ ନିରୂପଣ କରିଥାନ୍ତେ ତା'ହେଲେ ମହାପାତ୍ରଙ୍କ ଯୁକ୍ତିର ବଳିଷ୍ଠତା ରହିଥାନ୍ତା। ଗୋପାଳକୃଷ୍ଣ ପ୍ରହରାଜ, ପଣ୍ଡିତ ଗୋପୀନାଥ ନନ୍ଦଶର୍ମା, ଦେଶୀୟ ବା ଲୋକମୁଖର ଶବ୍ଦ ସଂକଳନ କ୍ଷେତ୍ରରେ ଯେଉଁ ଆଦର୍ଶ ଗ୍ରହଣ କରିଥିଲେ, ଶତପଥୀ ସେହି ଆଦର୍ଶକୁ ଅଧିକ ବିକଶିତ କରିଛନ୍ତି। ପାଠକ ଓ ଗବେଷକମାନଙ୍କୁ ବୁଝାଇ ଦେଇଛନ୍ତି। "ଅଭିଧାନ : ଶବ୍ଦାର୍ଥ ଯୋଗାଇ ଦିଏ ନାହିଁ, ଭାଷା ପେଡ଼ିର ଭାନୁମତୀ ବି ଦେଖେଇ ଦିଏ ।" ଅଭିଧାନର ଚର୍ଚ୍ଚା କେତେ ପ୍ରଶସ୍ତ ଓ ପରିବ୍ୟାପ୍ତ ତାହା ପାଠକଙ୍କ ହାତରେ ଛାଡ଼ି ଦେଇଛନ୍ତି। ଶତପଥୀଙ୍କ ପରି ଜଣେ ଏକନିଷ୍ଠ ତ୍ୟାଗୀ ସାଧକଙ୍କର ଓଡ଼ିଆ ଜାତିପାଇଁ ଏହା ସବୁଠାରୁ ମୂଲ୍ୟବାନ ଉପହାର।

**ସହାୟକ ପୁସ୍ତକ** :

୧. ଶତପଥୀ, ନଟବର, ଶବ୍ଦସିନ୍ଧୁ, ଏ.କେ. ମିଶ୍ର ପବ୍ଲିଶର୍ସ୍, ପ୍ରାଇଭେଟ୍ ଲିମିଟେଡ୍, କଟକ ।

୩. ଦାଶ, ଗୌରାଙ୍ଗ ଚରଣ, ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ: ଏକ ଆକଳନ, କୋଣାର୍କ, ୮୭ତମ ସଂଖ୍ୟା, ଜାନୁୟାରୀ- ୧୯୯୩ ।

୪. ଦାସ, ଶ୍ରୀଧର, ନବଅଭିଧାନ, ଗ୍ରନ୍ଥମନ୍ଦିର, କଟକ, ପରିମାର୍ଜିତ ମୁଦ୍ରଣ, ୨୦୦୧, ପୁନଃମୁଦ୍ରଣ – ୨୦୦୬, ୨୦୧୫ ।


●

ସାକ୍ଷାତକାର

# ବାଗୀଶ ବରେଣ୍ୟ

ବାଗୀଶର ଚଳିତ ସଂଖ୍ୟାର '**ବାଗୀଶ ବରେଣ୍ୟ**'ରେ ଆମେ ଆପଣମାନଙ୍କୁ ଭେଟି ଦେଉଛୁ ବିଶିଷ୍ଟ ସମାଲୋଚକ ଓ ଗବେଷକ ପ୍ରଫେସର ନଟବର ଶତପଥୀଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର।

**ପ୍ରଫେସର ନଟବର ଶତପଥୀ** (୯ ଜୁନ୍, ୧୯୪୮): ଜନ୍ମ ସ୍ଥାନ: କେନ୍ଦ୍ରାପଡ଼ାର ନରହରିପୁର। ପିତା ଗୋପୀନାଥ, ମାତା: ଇନ୍ଦୁମତୀ। ଶାନ୍ତିନିକେତନରୁ ଓଡ଼ିଆ ସାହିତ୍ୟରେ ସ୍ନାତକୋତ୍ତର। ଜୀବନର ଦୀର୍ଘ ସମୟ ସେ ଉତ୍ସର୍ଗ କରିଦେଇଛନ୍ତି ଅଧ୍ୟାପନା ଓ ଗବେଷଣାରେ। ଓଡ଼ିଶାର ବିଭିନ୍ନ ସରକାରୀ କଲେଜ ଓ ବିଶ୍ୱବିଦ୍ୟାଳୟରେ ସେ ଅଧ୍ୟାପନା କରିଛନ୍ତି। ବ୍ୟକ୍ତିଗତ ପ୍ରଚେଷ୍ଟାରେ ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ତାଙ୍କ ଯୋଗଦାନ ଚିରସ୍ମରଣୀୟ। ସେ ଜଣେ ଅମାୟୀକ ବ୍ୟକ୍ତିତ୍ୱ। ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ 'ଓଡ଼ିଆ ପୁରାଣ ସାହିତ୍ୟ' ସଂପର୍କୀୟ ଗବେଷଣା କରି ସେ ପିଏଚ୍.ଡି ଉପାଧିପ୍ରାପ୍ତ। ସ୍ରଷ୍ଟା ଜୀବନର ପ୍ରାରମ୍ଭରେ କବିତା ଓ ଏକାଙ୍କିକା ରଚନା। ୧୯୭୬ରୁ ୧୯୮୦ ମଧ୍ୟରେ ତାଙ୍କର ୫ଟି ଏକାଙ୍କିକା 'ସପ୍ତର୍ଷି'ରେ ପ୍ରକାଶିତ ଏବଂ ୩ଟି ରାଉରକେଲା ଓ ବଲାଙ୍ଗୀରରେ ଅଭିନୀତ। ୧୯୭୫ ମେ ମାସ ୧୪ ତାରିଖରେ 'ପ୍ରତିମୂର୍ତ୍ତି' ପଥପ୍ରାନ୍ତର ନାଟକ ରାଉରକେଲାର ଆମବାଗାନରେ ଅଭିନୀତ। ପ୍ରକାଶିତ ଗ୍ରନ୍ଥଗୁଡ଼ିକ ମଧ୍ୟରେ ରହିଛି: 'ପୁରାଣ ପରିଶୀଳନ' (୧୯୯୨ ଗବେଷଣା ନିବନ୍ଧ), 'ସାରଳା ସୂକ୍ତିକୋଷ' (୧୯୯୭), 'ଅସମାପ୍ତ ଆଲୋଚନା (୧ମ-୧୯୯୬) 'ଭାଷାତତ୍ତ୍ୱର ରୂପଚିତ୍ର' (୧୯୯୩), 'ତୃତୀୟ ନେତ୍ର' (୨୦୦୭), 'ଅସମାପ୍ତ ଆଲୋଚନା' (୨ୟ); 'ସାହିତ୍ୟ ଓ ବାସ୍ତବବାଦ' ଆଦିପୁସ୍ତକ ତାଙ୍କ ସର୍ଜନମାନସର ବଳିଷ୍ଠ ନିଦର୍ଶନ। 'ଭଗବାନଙ୍କୁ ଖୋଜିବା ଚାଲ' (୧୯୯୫),



'ପତାକା ଓ ପ୍ରତୀକ' (୨୦୦୭) ଏବଂ 'ଜନ୍ମମାଟି' କିଶୋର ଗଳ୍ପ ସଂକଳନ ଏବଂ ଓଡ଼ିଆ ଅଭିଧାନ 'ଶବ୍ଦସିନ୍ଧୁ'(୨୦୦୯)ର ସଂକଳକ। ସମ୍ବାଦପତ୍ରର ସ୍ତମ୍ଭକାର ଭାବରେ ମଧ୍ୟ ତାଙ୍କ ପରିଚୟ ରହିଛି। ଏହା ବ୍ୟତୀତ ଓଡ଼ିଆ ଭାଷତତ୍ତ୍ୱ ଆଲୋଚନାରେ ରହିଛି ତାଙ୍କ ବିଶେଷ ଯୋଗଦାନ ।

୧. ସାହିତ୍ୟରେ ଆଲୋଚନା ବା ସମାଲୋଚନା କହିଲେ ଆପଣ କ'ଣ ବୁଝନ୍ତି ?

ଉତ୍ତର : ସମାଲୋଚନା କହିଲେ ମୁଁ ବୁଝେ ସାହିତ୍ୟର ନାନ୍ଦନିକ ବା କଳାତ୍ମକ ଗୁଣ ଆବିଷ୍କାର କରିବା। ଏହି ଗୁଣ ପ୍ରକୃତରେ ସର୍ଜନାତ୍ମକ ଦିଗ। ସାହିତ୍ୟିକ ଜଣେ ସର୍ଜନଶୀଳ ବ୍ୟକ୍ତି ହେତୁ ଯଦି ପ୍ରଶ୍ନ ହୁଏ ଯେ ସେ କ'ଣ ସୃଜନ କରନ୍ତି? ଆମେ ଏହି ସର୍ଜନ ଗୁଣ ବା ଶକ୍ତିକୁ ବ୍ରହ୍ମଶକ୍ତି ରୂପେ ଚିହ୍ନୁ, ଏଣୁ ସାହିତ୍ୟିକ ବ୍ରହ୍ମଶକ୍ତି ତୁଲ୍ୟ। ଅପାରେ କାବ୍ୟ ସଂସାରେ... ବୋଲି ଯାହା କୁହାଯାଏ, ତାର ଉଦ୍ଦେଶ୍ୟ କ'ଣ? ସ୍ରଷ୍ଟା ଯାହା ସୃଷ୍ଟି କରେ ତାହା ବିଶ୍ୱମୟ ଆନନ୍ଦର ହେତୁ ସ୍ୱରୂପ। ଜଣେ ସମୀକ୍ଷକ ସ୍ରଷ୍ଟାଙ୍କର ଏଇ ସର୍ଜନ ଶକ୍ତି ଆବିଷ୍କାର କରିଥାଏ ବୋଲି କହିବା। ଏଇ ଗୁଣଟି ନାନ୍ଦନିକ ବା କଳାତ୍ମକ। ଗୋପୀନାଥ ମହାନ୍ତିଙ୍କ ବହିଟିଏ ଅଛି 'କଳାଶକ୍ତି', ସେଇଟି ପଢ଼ିଲେ ମନରେ ଆସେ ଅସୀମ ତୃପ୍ତି, କାରଣ ସେ ଜଣେ ସ୍ରଷ୍ଟାର ଭୂମିକାରେ ରହି ଯେତେ ବାଗରେ ଚିତ୍ତ ଆଚ୍ଛନ୍ନତା ଅନୁଭବ କରିଛନ୍ତି ସେ କଥା ଲେଖିଛନ୍ତି। ତତ୍ତ୍ୱକୁ ଅନୁଭବରେ ମିଶାଇଛନ୍ତି। ସମୀକ୍ଷକ ସେହିପରି ଲେଖକଙ୍କର ଅବବୋଧକୁ ସ୍ପଷ୍ଟ ରୂପେ ବୁଝି ପାରିଲେ ସମୀକ୍ଷାରେ ସଫଳ ହେବେ। କୃତିକୁ ବୁଝିବା ହିଁ ସମୀକ୍ଷକର କାମ, ତା'ପରେ ସେ ନିଜର ଅବବୋଧ ଅନୁସାରେ ସମୀକ୍ଷା କରିବେ। ସମୀକ୍ଷା ବେଳେ ସେ ବାରଆଡୁ ଉଦାହରଣ ଦେବେ, ଗଭୀର ମନନ କ୍ଷେତ୍ର ସୃଷ୍ଟି କରିବେ।

୨. ଅଦ୍ୟାବଧି ଆପଣଙ୍କର ଅନେକ ଆଲୋଚନାତ୍ମକ ଲେଖା ଓଡ଼ିଶା ଓ ଓଡ଼ିଶା ବାହାରେ ଅନେକ ପ୍ରସିଦ୍ଧ ପତ୍ରପତ୍ରିକାରେ ପ୍ରକାଶିତ ହୋଇସାରିଛି। ଏପରିକି ଆପଣଙ୍କ ଅନେକ ଆଲୋଚନାତ୍ମକ ପୁସ୍ତକ ମଧ୍ୟ ପ୍ରକାଶିତ। ତେବେ ଆପଣ ନିଜର ଆଲୋଚନାରେ କେଉଁ ଦିଗ ପ୍ରତି ବିଶେଷ ଗୁରୁତ୍ୱ ଦେଇଥାନ୍ତି ଓ କାହିଁକି ?

ଉତ୍ତର : କୌଣସି ବିଷୟକୁ ନେଇ ସମାଲୋଚନା କରିବା ବେଳେ ମୁଁ ପ୍ରାୟତଃ ମାର୍କସୀୟ ଦୃଷ୍ଟିକୋଣରୁ ବିଚାର କରେ। ପାଠକେ ଜାଣିଥିବେ ହୁଏତ ଯେ ମାର୍କସୀୟ ବିଚାରରେ ଜୀବନର ଭିତ୍ତି ଯେଉଁ ସମାଜ ତାର ଗଠନଟି କିପରି ଓ ସେଥିରେ କେଉଁମାନଙ୍କ ଭୂମିକା ସାମାଜିକ ଦର୍ଶନକୁ ନିୟନ୍ତ୍ରଣ କରେ। ମୋର କେବଳ ଅବବୋଧ ନୁହେଁ, ସାହିତ୍ୟିକ ପ୍ରତ୍ୟକ ସ୍ୱୀକାର କରିବେ ଯେ ସମାଜର ସଂଗଠନ ଓ ତାର ବହୁତ ତଳ ମୂଲ୍ୟବୋଧ ପ୍ରତ୍ୟେକ ବ୍ୟକ୍ତିକୁ ପ୍ରଭାବିତ କରେ। ସେଇ ପ୍ରଭାବ ଅନୁସାରେ ଜଣେ ଲେଖକ ପ୍ରସ୍ତୁତ କରନ୍ତି, ଚରିତ୍ର(ପ୍ରଥମେ)। ଚରିତ୍ରକୁ ତାର ମନୋଭାବ ବା ସଂସ୍କାର ବା ଦୃଷ୍ଟିଭଙ୍ଗୀ କ୍ରମେ ବିଷୟ ପ୍ରସ୍ତୁତ କରନ୍ତି। ତେବେ ମୋର ଆଲୋଚନାରେ ସାମାଜିକ ଶ୍ରେଣୀ ବା ସ୍ତର ଅନୁସାରେ ଚରିତ୍ର ବର୍ଗର ବିଶ୍ଳେଷଣ କରାଯାଇଛି। ଉଦାହରଣ ସ୍ୱରୂପ କାହ୍ନୁଚରଣଙ୍କ 'ଶାସ୍ତି' ଉପନ୍ୟାସ, ମୋ ବିଚାରରେ ଓଡ଼ିଆ ଉପନ୍ୟାସ ମଧ୍ୟରେ ଦ୍ୱିତୀୟ ବା ତୃତୀୟ ସ୍ଥାନରେ ରହିବ। ପ୍ରଥମଟି 'ମାଟିମଟାଳ', ହୁଏତ ଦ୍ୱିତୀୟରେ 'ପରଜା' ବା 'ଶାସ୍ତି'। ମାତ୍ର ଆମର ଆଲୋଚକ ଓ ପ୍ରଫେସରମାନେ କହିଲେ- ସବୁ ଚରିତ୍ର ଶାସ୍ତି ପାଇଛନ୍ତି। ଏହା ସମ୍ଭବ କି? ଅନେକ ସାମାଜିକ ସଂସ୍କାର, ବିଧବା ବିବାହକୁ ସ୍ୱୀକୃତି ଏପରି ଅବାନ୍ତର ଯୁକ୍ତି କରିଛନ୍ତି। ମୁଁ ଲେଖିଲି 'କାହ୍ନୁ ଚରଣଙ୍କ ହତ୍ୟାକାରୀ: କଳା ଓ ଆଦର୍ଶର ଦ୍ୱନ୍ଦ୍ୱ'। ମୋ ବିଚାରରେ କଳାତ୍ମକ କୃତି ସମୟର ବହୁ ଉର୍ଦ୍ଧ୍ୱକୁ ଉଠେ। ସମସ୍ୟା ବିଧବା ବିବାହ ବା ସେପରି ବିଷୟରେ ନାହିଁ, ସମସ୍ୟା ହେଉଛି ଭାତ ଓ ହାତ ଭିତରେ। ଯଥାକ୍ରମେ ଚିନ୍ତେଇ ଓ ସନିଆ - ସାମନ୍ତ ଓ ଶ୍ରମିକ ମଧ୍ୟରେ। ଏକ ଦୀର୍ଘ ଆଲୋଚନା ଝଙ୍କାରରେ ପ୍ରକାଶ ପାଇଥିଲା ବହୁପୂର୍ବେ। କିଏ ପଢ଼ିଲେ? କ'ଣ ବୁଝିଲେ? ଓଡ଼ିଆ ସାହିତ୍ୟ ସମାଲୋଚନା ଅବୁଝା ମୁର୍ଦାରଙ୍କ ମିଳନ ପେଣ୍ଠ।

୩. ଆପଣ ଦୀର୍ଘ ସମୟ ଧରି ଆଲୋଚନା ସାହିତ୍ୟ କ୍ଷେତ୍ରରେ ସକ୍ରିୟ ଅଛନ୍ତି। ଏମିତିକି ଆପଣ ଓଡ଼ିଆ ସମାଲୋଚନା ସାହିତ୍ୟର ବଦଳୁଥିବା ଗତିଧାରାକୁ ଦେଖିଛନ୍ତି। ତେବେ ଆମେ ଜାଣିବାକୁ ଚାହିଁବୁ, ବିଗତ

**ଦଶନ୍ଧିର ସମାଲୋଚନା ସାହିତ୍ୟ ଓ ବର୍ତ୍ତମାନର ସମାଲୋଚନା ସାହିତ୍ୟ ମଧ୍ୟରେ କେଉଁ ସବୁ ପରିବର୍ତ୍ତନ ଲକ୍ଷ୍ୟ କରନ୍ତି ?**

ଉତ୍ତର : ଓଡିଆରେ ସମାଲୋଚନା ବହୁ ଦୁର୍ବଳ। ପ୍ରଫେସର ଦାଶରଥୀ ଦାସ ଓ ପ୍ରଫେସର ବାବାଜୀ ପଟ୍ଟନାୟକଙ୍କ ବ୍ୟତୀତ ଅନ୍ୟମାନଙ୍କୁ ଗଣିପାରୁନାହିଁ। ପ୍ରଫେସର ନିତ୍ୟାନନ୍ଦ ଶତପଥୀ ଓ ତାଙ୍କ ସ୍କୁଲ ସରଳାର୍ଥ ପରି ସମାଲୋଚନା ଏହାକୁ ଥାଣୁ କରିଦେଲେ। ସାହିତ୍ୟ ର ସାମାଜିକ ଓ ସାଂସ୍କୃତିକ ଭିତ୍ତିଭୂମିକୁ ଛାଡି ସରଳାର୍ଥ ଓ ଉଦ୍ଧୃତିପ୍ରବଣ ଲେଖାରେ ତିରୋହିତ କରିଦେଲେ। ସବୁଜରୁ ସାଂପ୍ରତିକ କ'ଣ? ଦୀର୍ଘ ପରିଚୟାତ୍ମକ ବ୍ୟାଖ୍ୟା ବ୍ୟତୀତ ଆଉ କ'ଣ ଅଛି? ଅବଶ୍ୟ ଏହାର ଭିନ୍ନ ଆବଶ୍ୟକତା ଅଛି - ଛାତ୍ର ବା ନୂଆ ସାହିତ୍ୟିକମାନଙ୍କ ପାଇଁ। ସ୍ୱର୍ଗତ ଚିତ୍ତରଞ୍ଜନ ଦାସ, ଦାଶରଥୀ ଦାସ ପ୍ରମୁଖ ବିଷୟକୁ ବହୁ ଦୃଷ୍ଟିରୁ ଗଭୀରକୁ ଯାଇ ଯେଉଁ ପରମ୍ପରା ପ୍ରସ୍ତୁତ କରିଥିଲେ, ତାହା କେହି ପଢ଼ିଲେ ନାହିଁ ବା ସେଥିରୁ ପ୍ରେରଣ ପାଇଲେ ନାହିଁ। ବହୁ ପଢ଼ିଲେ ସମାଲୋଚନାରେ ପଶିହୁଏ, ଏ ବହୁ କାମ କରିବ କିଏ?

**୪. ବର୍ତ୍ତମାନ ସମୟରେ ଅନେକ ମୌଳିକ ସାହିତ୍ୟ ସୃଷ୍ଟି ହେଉଛି। ଯାହାର ସଂଖ୍ୟା ସମାଲୋଚନା ସାହିତ୍ୟ ଅପେକ୍ଷ ଖୁବ୍ ବେଶୀ। ଏ ଭିଡ଼ ଭିତରେ ସମାଲୋଚନା ସାହିତ୍ୟ ଅଣନିଶ୍ୱାସୀ ହେଲା ଭଳି ମୋର ପ୍ରତୀତ ହୁଏ। ଏ କ୍ଷେତ୍ରରେ ଆପଣଙ୍କ ମତ କ'ଣ ?**

ଉତ୍ତର : ନିଶ୍ଚୟ। ମାଳମାଳ ନିରର୍ଥକ କବିତା ଓ ଦୃଷ୍ଟିହୀନ କଳାରହିତ କ୍ଷୁଦ୍ରଗଳ୍ପ ଭିତରେ ସମାଲୋଚନା ପଥହରା। ଗତ କେତେବର୍ଷ ଭିତରେ ଅଧ୍ୟାପନାକୁ ଆସିଥିବା ଯୁବକମାନେ ନୋଟ ବହି ପଢ଼ି ପଢ଼ିବା ସାରି ଦେଉଛନ୍ତି। ମୋର ଗୋଟିଏ ଅଭିଜ୍ଞତା କହୁଛି। କୌଣସି ଏକ ଶିକ୍ଷକ ନିଯୁକ୍ତି ସାକ୍ଷାତକାରରେ ଜନୈକ ପ୍ରାର୍ଥୀ କହିଲେ, ସେ ପରଜା ଉପନ୍ୟାସ ଉପରେ ଗବେଷଣା କରି ଡିଗ୍ରୀ ପାଇଛନ୍ତି। ମୁଁ ତାଙ୍କୁ ଚାରି-ପାଞ୍ଚଟି ପ୍ରଶ୍ନ ପଚାରିଲି। ସେ କହି ପାରିଲେ ନାହିଁ। ମୁଁ ଚକିତ ହେଲି। ସେ କହିଲେ ଯେ ସେ ପରଜା ଉପନ୍ୟାସ ପଢ଼ି ନାହାଁନ୍ତି। ବିଭିନ୍ନ ନୋଟ ବହି ପଢ଼ି ସେ ଲେଖିଛନ୍ତି। ଏହା ସତ୍ୟ ହୋଇଥିଲେ ସାଂଘାତିକ। ସତ୍ୟ ହୋଇଥିବ। ତେବେ ପ୍ରଶ୍ନ- ତାଙ୍କର ଗାଇଡ୍ ଓ ପରୀକ୍ଷକମାନେ କିପରି ସୁପାରିଶ କରିଥିଲେ? ଦୋଷୀ ସମସ୍ତେ। ଓଡ଼ିଆରେ ଏହି ପରି ହେଉଛି। ପିଏଚ୍.ଡ଼ି ପରୀକ୍ଷକ ଭାବେ ଅନ୍ତତଃ ତିନୋଟି ଗବେଷକଙ୍କ କ୍ଷେତ୍ରରେ ମୁଁ ଦେଖିଛି। ସମ୍ବଲପୁର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଦୁଇଟି ନିବନ୍ଧ ମୁଁ କାଟିଥିଲି। ଦିଗଦର୍ଶକମାନେ ମୋତେ ଯେପରି କହିଲେ - ଛାଡ, ଜଣେ କହିଲେ - ଗବେଷକ ବହୁ ଦରିଦ୍ର, ତା'ର ସାମର୍ଥ୍ୟ ନାହିଁ। ଆଉ ଜଣେ ବିଶ୍ୱବିଦ୍ୟାଳୟରୁ ମୋ ରିପୋର୍ଟ ନେଇ ଆସି ମୋ ଘରେ ପହଞ୍ଚିଲେ। ବହୁ ତର୍କ ପରେ ମୁଁ ୨୦ଟି ପ୍ରଶ୍ନ ଓ କେଉଁ ବହି ପଢ଼ିବାକୁ ହେବ ତା'ର ତାଲିକା ଦେଇ କହିଲି- ପ୍ରଶ୍ନର ଉତ୍ତର ଠିକ୍ ଲେଖିଲେ ମୁଁ ସୁପାରିଶ କରିବି। ତାହା ହିଁ ହେଲା। କିନ୍ତୁ ମୋର ଜଣେ ପ୍ରଫେସର ଅନ୍ୟ ଜଣେ ପରୀକ୍ଷକ ଥିଲେ, ସେ ଆଖି ବୁଜି ସୁପାରିଶ କରିଦେଲେ।

**୫. ଆପଣ ଓଡ଼ିଆ ସାହିତ୍ୟର ବିବିଧ ପ୍ରସଙ୍ଗ ଓ କ୍ଷେତ୍ରରେ ନିଜର ଲେଖନୀ ଚାଳନା କରିଆସିଛନ୍ତି। ତେବେ ଏସବୁ ମଧ୍ୟରୁ ସାହିତ୍ୟର କେଉଁ କ୍ଷେତ୍ରରେ(କବିତା, କଥା ସାହିତ୍ୟ, ଲୋକସାହିତ୍ୟ ଅନ୍ୟାନ୍ୟ) ଆଲୋଚନାତ୍ମକ ଲେଖା ପ୍ରସ୍ତୁତ କରିବାରେ ଆପଣଙ୍କୁ ଆନନ୍ଦ ମିଳେ ଓ କାହିଁକି?**

ଉତ୍ତର : ମୁଁ ଲୋକସାହିତ୍ୟରେ ଆଦୌ ଆଗ୍ରହୀ ନୁହେଁ। କବିତାକୁ ନେଇ ଅଧିକ ଆଲୋଚନା କରିଛି। ଉପନ୍ୟାସ, ଗଳ୍ପ ମଧ ଆଲୋଚନା କରିଛି। କିଶୋରୀଚରଣଙ୍କ ସବୁ କୃତି ଗଳ୍ପ ଓ ଉପନ୍ୟାସ (ସେ ବିଷୟକ ବହି ପ୍ରକାଶ ପାଇବ ଏବେ ), ଶାନ୍ତନୁ ଆଚାର୍ଯ୍ୟ, ଚନ୍ଦ୍ର ଶେଖର ରଥ, ରାମଚନ୍ଦ୍ର ବେହେରା, ସଦାନନ୍ଦ ତ୍ରିପାଠୀ ପ୍ରମୁଖ ଗାଳ୍ପିକଙ୍କ ଗପ ବିଷୟରେ ଲେଖିଛି। ଚନ୍ଦ୍ର ଶେଖରଙ୍କ 'ଜାଇ କୁମ୍ଭାଦଶୀ' ଏକ ଅଦ୍ଭୁତ ଗଳ୍ପ। ମୋତେ ସ୍ୱର୍ଗତ ମହାପାତ୍ର ନୀଳମଣି ସାହୁ କହିଲେ, ତୁମେ ପଢ଼ିଛ? ମୁଁ ତାଙ୍କୁ ମୋ ସମାଲୋଚନାଟି ଦେଲି। ସେ ବିସ୍ମିତ ହେଲେ। ଅଦ୍ୱୈତ ଦର୍ଶନକୁ ଗାଳ୍ପିକ ଯେପରି ଗଳ୍ପରେ ବର୍ଣ୍ଣନା କରିଛନ୍ତି ତାହା କ୍ୱଚିତ ପାଠକ ବୁଝିବେ। ସମାଲୋଚନାର କାମ ହେଉଛି ଲେଖକ ଓ ପାଠକ ମଧ୍ୟରେ ସମନ୍ୱୟ ସ୍ଥାପନ କରିବା। ପାଠକ ଧୀରାମତି, ଉନ୍ମୁଖ ବାସ୍ତବତା ଆବିଷ୍କାର ପାଇଁ କିନ୍ତୁ ତାଙ୍କର ଅବରୋଧ ମଧ୍ୟରେ ଅନେକ କଥା ପଶିପାରେ ନାହିଁ। ସମାଲୋଚନର କାମ ହେଉଛି କୃତିକୁ ବୁଝେଇବା, ଅନ୍ତର୍ନିହିତ ଗୋପନ ତଥ୍ୟଟିକୁ ଧରାଇବା। ପାଠକ ସେଇଟି ପାଇଲେ କୃତାର୍ଥ ହୁଏ। ଏଣୁ ସମାଲୋଚନା ପାଠକକୁ କୃତାର୍ଥ କରିବାର ଏକ କଳା।

**୬. ଆପଣ ଦୀର୍ଘ ସମୟ ଧରି ବିଭିନ୍ନ ବିଶ୍ୱବିଦ୍ୟାଳୟରେ**

ଜଣେ ଦକ୍ଷ ପ୍ରଫେସର ଓ ଗବେଷଣା ନିର୍ଦ୍ଦେଶକ ଭାବେ କାର୍ଯ୍ୟ ନିର୍ବାହ କରିଛନ୍ତି। ବର୍ତ୍ତମାନ ବିଶ୍ୱବିଦ୍ୟାଳୟମାନଙ୍କରେ ହେଉଥିବା ଗବେଷଣାକୁ ଯଦି ମୂଲ୍ୟାଙ୍କନ କରାଯାଏ ମୋ ମତରେ ଅନେକାଂଶରେ ଏହା ଉପାଧି ସର୍ବସ୍ୱ ମନେହୁଏ। ଏ କ୍ଷେତ୍ରରେ ଆପଣଙ୍କ ମତାମତ କ'ଣ ?

ଉତ୍ତର : ରେଭେନ୍ସାରେ ହେଉଥିବା ଗବେଷଣା ବିଷୟରେ ଉପରେ କହିଲି। ସେଇଠି ଥିବା ଅଧ୍ୟାପକ - ଅଧ୍ୟାପିକାମାନେ ନୂଆ। ସାଧନ କରୁଛନ୍ତି। ଆଶା ଖୁବ ଶୀଘ୍ର ସେମାନେ ଆମକୁ ଦିଗଦର୍ଶନ ଦେବେ।


୭. ଜଣେ ବରିଷ୍ଠ ଆଲୋଚକ ଭାବେ ବର୍ତ୍ତମାନର ନୂଆ ପିଢ଼ିର ଅଲୋଚକମାନଙ୍କୁ ଆପଣ କ'ଣ ବାର୍ତ୍ତା ଦେବେ ?.

ଉତ୍ତର : ନୂଆପିଢିର ପିଲାଙ୍କୁ ମୋର ପରାମର୍ଶ- ସେମାନେ ମୂଳ ଲେଖା ପଢ଼ନ୍ତୁ। ବହୁତ ପଢ଼ନ୍ତୁ। ସମାଲୋଚନାର ତତ୍ତ୍ୱ ବି ପଢ଼ନ୍ତୁ। ଇଂରାଜୀ, ବଙ୍ଗଳା, ହିନ୍ଦୀ (ଏହି ତିନୋଟି ଭେଦରେ ବୁଝିହେବ) ଲେଖା ପଢ଼ନ୍ତୁ। ପଢ଼ିଲେ ନର, ନ ପଢ଼ିଲେ ବାନର।

ଉପସ୍ଥାପକ : ବିକେଶ ସାହୁ, ସଂପାଦକ

## ପ୍ରମୁଖ ସମ୍ମାନ ଓ ପୁରସ୍କାର

- ବିଷୁବ ପୁରସ୍କାର, ୨୦୧୬ (ପ୍ରଜାତନ୍ତ୍ର ପ୍ରଚାର ସମିତି ପ୍ରଦତ୍ତ ପୁରସ୍କାର)
- ଝଙ୍କାର ସାହିତ୍ୟ ସମ୍ମାନ
- ସାରଳା ସମ୍ମାନ - ୨୦୧୭ (ସାରଳା ସାହିତ୍ୟ ସଂସଦଦ୍ୱାରା ପ୍ରଦତ୍ତ)
- ଗୋପୀନାଥ ନନ୍ଦ ପ୍ରବନ୍ଧ ଓ ସମାଲୋଚନା ସମ୍ମାନ, ୨୦୧୦ (ଉତ୍କଳ ସାହିତ୍ୟ ସମାଜଦ୍ୱାରା ପ୍ରଦତ୍ତ ସମ୍ମାନ)
- କଥା ଭାରତ ସମ୍ମାନ - ୨୦୧୬ (ଜୟ ଭାରତ ଫାଉଣ୍ଡେସନଦ୍ୱାରା ପ୍ରଦତ୍ତ)
- କାବ୍ୟ ସମ୍ମାନ
- ପ୍ରଫେସର ଶ୍ରୀଧର ଦାସ ସମ୍ମାନ
- କ୍ଷେତ୍ରବାସୀ ସାହିତ୍ୟ ବିଦ୍ୟା ସମ୍ମାନ






# କଦମ୍ବବନ

(କାହାଣୀ)

ଗାଳ୍ପିକ : ସୁବ୍ରତ କୁମାର ସେନାପତି
ପ୍ରକାଶକ : ପେନ୍ ଇନ୍ ବୁକ୍
ପ୍ରଥମ ପ୍ରକାଶ : ୨୦୨୩
ପୃଷ୍ଠା - ୧୨୪, ମୂଲ୍ୟ - ୧୯୯ ଟଙ୍କା


ସମକାଳୀନ ଓଡ଼ିଆ କଥା ସାହିତ୍ୟର ଜଣେ ଚିହ୍ନା ମୁହଁ ହେଉଛନ୍ତି ସୁବ୍ରତ କୁମାର ସେନାପତି। କବିତା ଲେଖୁଥିବା ମଣିଷଟି କେତେବେଳେ ଗଳ୍ପ ଲେଖିବସିଲେ, ଗଳ୍ପକୁ ନେଇ ପୁଣି ପରିଚୟ ସୃଷ୍ଟିକଲେ - ସେ କଥା ଭାବିବସିଲେ ମୁଁ ଆଶ୍ଚର୍ଯ୍ୟ ହୁଏ। କବିତା ଆଉ ଗଳ୍ପ ଉଭୟ ବିଭାଗରେ ତାଙ୍କର ସିଦ୍ଧି ଉଦାହରଣୀୟ। "ମଣିଷ ଅନ୍ତର ତଳର ଅବଦମିତ ପୀଡ଼ା ଆଉ ପୁଲକ ଭିତରେ ଡାଳମାଙ୍କୁଡ଼ି ଖେଳୁଥାଏ ତାଙ୍କ କାହାଣୀର ଆତ୍ମା। ନାନାଦି ସାଂସାରିକ ବିଫଳତା ଭିତରେ ମଧ ତାଙ୍କ ଚରିତ୍ରମାନେ ଜୀବନ ପ୍ରତି ନିରାସକ୍ତ ନୁହନ୍ତି; ଅପ୍ରାପ୍ତିର ଅସରା ଲୁହବର୍ଷାରେ ବି ତାଙ୍କ ଗଳ୍ପବଣରେ ସେ କଦମ୍ବର କୁହୁକ କିମିଆ ଫୁଟାଇବାର ସାମର୍ଥ୍ୟ ରଖନ୍ତି। ତୃତୀୟଲିଙ୍ଗୀ ମଣିଷଙ୍କ ପୀରତି ଓ ପରାଣକୁ ବେଶ୍ ସଫଳତାର ସହ ସେ ତାଙ୍କର ଅନେକ କାହାଣୀରେ ଉକୁଟାଇଛନ୍ତି।" ତାଙ୍କ ପ୍ରତି ଉଦ୍ଦିଷ୍ଟ ପ୍ରକାଶକ ଶୁଭ୍ରାଂଶୁ ପଣ୍ଡା ମହୋଦୟଙ୍କ ଏ ଅଭିବ୍ୟକ୍ତି ତାଙ୍କ ପାଇଁ । ସୂଚନାଯୋଗ୍ୟ ଯେ ପୂର୍ବରୁ ତାଙ୍କର ଯଥାର୍ଥ ପ୍ରଥମ ଗଳ୍ପ ସଂକଳନ 'ନିଷିଦ୍ଧବନ' ପଶ୍ଚିମା ପ୍ରକାଶନଦ୍ୱାରା ପ୍ରକାଶିତ ହୋଇ ବହୁ ଲୋକପ୍ରିୟତା ହାସଲ କରିପାରିଛି। ତାଙ୍କ ଗାଳ୍ପିକ ଜୀବନର ସ୍ୱୀକୃତି ସ୍ୱରୂପ 'କଥା ନବପ୍ରତିଭା ପୁରସ୍କାର' (୨୦୧୨) ସମେତ 'ସୃଜନଝର ଗଳ୍ପ ସମ୍ମାନ' ଓ 'ବ୍ରହ୍ମପୁର ସାହିତ୍ୟ ପରିଷଦ ଯୁବପ୍ରତିଭା ସମ୍ମାନ' ଆଦି ପୁରସ୍କାର। ବାସ୍ତବରେ ତାଙ୍କ ଗଳ୍ପ ରଚନାର ଶୈଳୀ ଏକ ନୂଆ ସମ୍ଭାବନାର ପରିଚାୟକ।

'କଦମ୍ବବନ' ତାଙ୍କର ଦ୍ୱିତୀୟ କଥାସ୍ତବକ। ୧୫ଟି କାହାଣୀରେ ଏହା ସମୃଦ୍ଧ। ଉକ୍ତ ସଂକଳନ ଉପରେ ନିଜର ମତ ଉପସ୍ଥାପନ ପୂର୍ବକ କଥାକାର ଶକ୍ତି ମହାନ୍ତି ଯାହା କୁହନ୍ତି - "ସୁବ୍ରତଙ୍କ ଅନେକ ପ୍ଲଟ ବାସ୍ତବତାର ଚୌହଦୀରେ ଘେରା ଓ ଆଉକିଛି ଆମ ଆଖିରୁ ଅହରହ ଖସି ଯାଉଥିବା ନୂଆ ଧରଣର କାହାଣୀ।ଯେମିତି ପାରିବାରିକ ଝଡ଼,ଫୁଲ ମାନଙ୍କୁ ନେଇ ଆମେ ହରାଇଥିବା କୋମଳତା, ଗାଆଁ ଜହ୍ନରାତିକୁ ଝୁରି ମରୁଥିବା ସହରୀ ଯାଯାବରଙ୍କ କଥା, ଯୌନତାରେ ନାନ୍ଦନିକତା ଖୋଜୁଥିବା ବୋହେମିଆନ ପ୍ରେମିକର କଥା ଅବା ଆଧୁନିକ ସମାଜରୁ ବାସନ୍ଦ ଭୋଗୁଥିବା ତୃତୀୟଲିଙ୍ଗୀ ମଣିଷଙ୍କ ପାଇଁ ଅନେକେ ଦେଖାଉଥିବା ଛଳନାର ସମବେଦନା। ପ୍ଲଟ ପରେ ରହିଲା ଚରିତ୍ର।ଆମ ଚାରିପାଖରେ ଭର୍ତ୍ତି ଚରିତ୍ର ହିଁ ସୁବ୍ରତଙ୍କୁ ବାଛି ନିଅନ୍ତି ତାଙ୍କ କଥା କହିବାକୁ।ଏକୁଟିଆ ମଣିଷ ଭିତରେ ଥିବା ଥାକଥାକ ଚରିତ୍ରରେ ବି ସୁବ୍ରତ ନିଜେ ସବାର ହୋଇ

ନିଜ ମନକଥା କହିଛନ୍ତି। ଖାଲି କାହାଣୀଟିଏ କହିଦେବାର ନୁହେଁ, କହିବାର ବାଗ ହିଁ ହେଲା ଗପ, ଯାହାକୁ ସୁବ୍ରତ ଧରି ରଖିବାର ସଫଳ ପ୍ରୟାସ କରିଛନ୍ତି। ତେଣୁ ଆମର ଆସନ୍ତାକାଲିରେ ପ୍ରଚୁର ଘଟଣା, ଦୁର୍ଘଟଣା ଓ ଗାଳ୍ପିକମାନଙ୍କ ହାତରେ କ୍ୟାମେରା।କ୍ୟାମେରା କେଉଁଠି ରଖିଲେ ଘଟଣା ନୂଆ ଦିଶିବ, ସେଇଟା ସୁବ୍ରତଙ୍କୁ ମାଲୁମ୍। ତେଣୁ ସେ ନିଜକୁ ନୂଆ ବାଗରେ ବ୍ୟକ୍ତକରି ଚାଲିଛନ୍ତି। ଏଥିରେ ବୟସ, ଯୌବନ, ପିଢ଼ି ଏସବୁର କିଛି କାମ ନାହିଁ। ଅନୁଭବର ତୀବ୍ରତା ହିଁ ଭଲଗପ ପାଇଁ ଲୋଡ଼ା। ବାସ୍ତବିକ ଏହି ଅଭିବ୍ୟକ୍ତି ସୁବ୍ରତ ସେନାପତି ଓ ତାଙ୍କ 'କଦମ୍ବବନ' ପ୍ରତି ଯଥାର୍ଥ ମନେହୁଏ।

- ସଂପାଦକ, ବାଗୀଶ

●




ନିକଟରେ ପ୍ରକାଶିତ ରିତମ୍ ମିଶ୍ରଙ୍କ ଦ୍ୱିତୀୟ ଆଲୋଚନା ପୁସ୍ତକ

## ମାହାଙ୍ଗାର ସାରସ୍ୱତ ସାଧକ

ପ୍ରକାଶକ : ବିଜୟିନୀ ପବ୍ଲିକେଶନ୍ସ

ଆଗ୍ରହୀ ପାଠକ-ପାଠିକା ପୁସ୍ତକଟି ସଂଗ୍ରହ କରିପାରିବେ ।

### ଘୋ ଷ ଣା

- ପତ୍ରିକାରେ ପ୍ରକାଶିତ ଲେଖାର ସତ୍ତ୍ୱ ସଂପୂର୍ଣ୍ଣ ଭାବେ ସମ୍ପୃକ୍ତ ଲେଖକ/ଲେଖିକାଙ୍କର । ତେଣୁ କୌଣସି ଲେଖାରେ ଯଦି କୌଣସି ତଥ୍ୟ ବା ତତ୍ତ୍ୱଗତ ବିଭ୍ରାନ୍ତି ଥାଏ; ତେବେ ଏଥି ପାଇଁ ଲେଖକ/ଲେଖିକା ସଂପୂର୍ଣ୍ଣ ଭାବେ ଦାୟୀ ରହିବେ ।
- ଆମେ ସ୍ୱୀକାର କରୁଛୁ ଯେ ପତ୍ରିକାର କେତେକାଂଶରେ ବ୍ୟାକରଣ ଓ ସମ୍ପାଦନାଗତ(ଯାନ୍ତ୍ରିକ) ତ୍ରୁଟି ରହୁଛି । ଏଥି ପାଇଁ ଆମେ କ୍ଷମାପ୍ରାର୍ଥୀ । ଆମେ ଯଥାସାଧ ଚେଷ୍ଟା କରିବୁ ପତ୍ରିକାଟିକୁ ତ୍ରୁଟିଶୂନ୍ୟ ଭାବେ ପ୍ରକାଶ କରିବାପାଇଁ ।
- ଲେଖକ/ଲେଖିକାମାନଙ୍କୁ ଅନୁରୋଧ - ଯେଉଁ ଲେଖାଟି ଆପଣ ପ୍ରକାଶନ ପାଇଁ ପଠାଉଛନ୍ତି ପ୍ରଥମେ ଆପଣ ନିଜେ ଏହାକୁ ଠିକ୍ ଭାବେ ପଢ଼ି ଆବଶ୍ୟକୀୟ ସଂଶୋଧନ କରିନିଅନ୍ତୁ । ଯାହା ଫଳରେ ଲେଖାଟି ଶୀଘ୍ର ପ୍ରକାଶନ ପାଇଁ ଯୋଗ୍ୟ ବିବେଚିତ ହେବ ।

- ସମ୍ପାଦକ

BAGEESHA | VOLUME N0. 01 | ISSUE N0. 05 | SEP-OCT 2023




B.K House, Ground Floor Women's College Lane
Nayagarh- 752069
E-mail : bageesha.magazine@gmail.com
Phone No. 9337166172

EDITOR : BIKESH SAHU